# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ସେପ୍ଟେମ୍ବର ୧୬/୨୦୨୨ (୧୪ ପୃଷ୍ଠା) | Sambalpur, Friday, September 16/2022 | Page 14 | ₹ 7.00 | ★★

୧୮ଶ ଭାଗ ୨୭୦ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 270 | ମୂଲ୍ୟ ₹୭/-




**ନ୍ୟୁଡ୍ ଫଟୋର ଫୋରେନ୍ସିକ ଯାଞ୍ଚ ହେବ**

ରଣବୀର ସିଂଙ୍କ ନ୍ୟୁଡ୍ ଫଟୋକୁ କେହି ବିକୃତ କରିଥିବା ଅଭିନେତା ଜଣକ କହିଛନ୍ତି। ପୋଲିସ ଫଟୋକୁ ଫୋରେନ୍ସିକ ଯାଞ୍ଚ ପାଇଁ ପଠାଇଛି।

୧୦

୧୪

**ଫେଡରରଙ୍କ ଅବସର ଘୋଷଣା**

ସୁଇସ୍ ଷ୍ଟାର ଖେଳାଳି ରୋଜର ଫେଡରର ପ୍ରଫେସନାଲ ଟେନିସ୍‌ରୁ ଅବସର ନେଉଥିବା ସମ୍ପର୍କରେ ସୂଚନା ଦେଇଛନ୍ତି।



## ଆଜି ସୂର୍ଯ୍ୟକିରଣ ଏୟାର ଶୋ

**ପ୍ରସ୍ତୁତ କୁଆଖାଇ ନଦୀପଠା**

- ସରିଲା ରିହର୍ସାଲ, କଳା ପ୍ରଦର୍ଶନ କରିବ ହକ୍ ବିମାନ
- ୯ ବିମାନ ଉଡ଼ିବ, ୨ ଷ୍ଟାଣ୍ଡବାଏରେ ରହିବ
- ସୁରକ୍ଷା ପାଇଁ ୪୫ ସେକ୍ସନ୍ ଫୋର୍ସ

ଭୁବନେଶ୍ୱର(ବ୍ୟୁରୋ)/ବାରଙ୍ଗ,୧୫।୯ (ଡି.ଏନ୍.ଏ.): ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଭୁବନେଶ୍ୱର ଜରିପାଟଣାସ୍ଥିତ ବାଲିଯାତ୍ରା ପଡ଼ିଆର କୁଆଖାଇ ନଦୀପଠାରେ ବାୟୁସେନା ପକ୍ଷରୁ ସୂର୍ଯ୍ୟକିରଣ ଏୟାର ଶୋ' ଶୁକ୍ରବାର ଅନୁଷ୍ଠିତ ହେବ। ଏ ନେଇ ଗୁରୁବାର କୁଆଖାଇ ନଦୀପଠାରେ ବାୟୁସେନାର ୯ଟି ଲଢୁଆ ବିମାନ ଏୟାର ଶୋ' ପାଇଁ ରିହର୍ସାଲ କରିଥିଲେ। ଏଥିସହ ଶୃଙ୍ଖଳିତ ଏୟାର ଶୋ' ପାଇଁ କମିଶନରେଟ ପୋଲିସ, ଭାରତୀୟ ବାୟୁସେନା ପକ୍ଷରୁ ବାଲିଯାତ୍ରା ପଡ଼ିଆ ସମେତ ଆଖପାଖ ଅଞ୍ଚଳର ସ୍ଥିତି ଅନୁଧାନ କରାଯାଇଥିଲା। ଭାରତୀୟ ବାୟୁସେନାର ଲଢୁଆ ବିମାନର ଶକ୍ତି ସହ ଏଥିପ୍ରତି ଲୋକଙ୍କ ଥିବା ଦୃଢ଼ ବିଶ୍ୱାସ ଏବଂ ଉତ୍ସାହକୁ ଦ୍ୱିଗୁଣିତ କରିବା ପାଇଁ ଏହି ଶୋ' କରାଯାଉଛି। ତେବେ ଏଥିପାଇଁ ବାୟୁସେନା ପକ୍ଷରୁ ୧୧ଟି ଲଢୁଆ ହକ୍ ବିମାନକୁ କର୍ଣ୍ଣାଟକର ବିଦାରରୁ ଅଣାଯାଇଛି। ଏପରିକି ବାୟୁସେନାର ଏକ ସ୍ୱତନ୍ତ୍ର ଟିମ୍ ଆବଶ୍ୟକ ସାମଗ୍ରୀ ଆଣି ବିମାନ ଏଏନ୍-୩୨ରେ ଭୁବନେଶ୍ୱରରେ ବୁଧବାର ପହଞ୍ଚିଥିଲେ। ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ପ୍ରକୃତି ସୁରକ୍ଷା ପ୍ରତିବଦ୍ଧତା



ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍ଇ)ର ଓପନିଂ ବେଲ୍ ରିଂ ଉତ୍ସବରେ ଗୁରୁବାର ମୁଖ୍ୟ ଅତିଥି ଭାବେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଏସ୍ଇ ଅଧ୍ୟକ୍ଷ ଏସ୍.ଏସ୍. ମୁନ୍ଦ୍ରା ବେଲ୍ ବଜାଉଛନ୍ତି। **(ରିପୋର୍ଟ: ପୃଷ୍ଠା-୩)**

## ସ୍ୱାମୀଙ୍କୁ ବଞ୍ଚାଇବାକୁ ଗୁଳିରେ ମଲେ ସ୍ତ୍ରୀ

- ଦାଦାବଟି ନ ଦେବାରୁ ହତ୍ୟାକାଣ୍ଡ
- ବନ୍ଧୁକଧାରୀ ଅଭିଯୁକ୍ତ ଫେରାର

ନୂଆପଡ଼ା ଅଫିସ,୧୫।୯

ରାତି ଅଧରେ ଦାଦାବଟି ମାଗିବାକୁ ଆସିଲେ। ବନ୍ଧୁକ ଦେଖାଇ ଘର ମୁରବିଙ୍କୁ ଭୟଭୀତ କରାଇଲେ। ବନ୍ଧୁକଧାରୀଙ୍କ ଦାବି ମୁତାବକ ୧୦ ହଜାର ଟଙ୍କା ଦେବାରେ ଅସହାୟତା ପ୍ରକାଶ କରିବାରୁ ରକ୍ତମୁଖା ହୋଇଉଠିଲେ ଅଭିଯୁକ୍ତ। ଦବାଇ ଦେଲେ ଟ୍ରିଗର। ହେଲେ ସେହି ସମୟରେ ବନ୍ଧୁକଧାରୀ ଏବଂ ସ୍ୱାମୀଙ୍କ ମଝିକୁ ଚାଲି ଆସିଲେ ସ୍ତ୍ରୀ। ବନ୍ଧୁକରୁ ଫୁଟିଥିବା ଗୁଳି ମହିଳାଙ୍କ ଶରୀରରେ ବାଜି ବାହାରିପଡ଼ିଲା ଅନ୍ତବୁଜୁଳା ଏବଂ ଘଟଣାସ୍ଥଳରେ ଟଳିପଡ଼ିଲେ ସେ। ନୂଆପଡ଼ା ଜିଲା କୋମନା ଥାନା ନୂଆଗାଁ ପଞ୍ଚାୟତର ଠୁଟିବର ଗ୍ରାମରେ ବୁଧବାର ରାତିରେ ସିନେମା ଷ୍ଟାଇଲ୍‌ରେ ଘଟିଛି ଏଭଳି ଏକ ଲୋମହର୍ଷଣକାରୀ ହତ୍ୟାକାଣ୍ଡ। ମୃତା ମହିଳା ଜଣକ ହେଲେ କୁମୁଦିନୀ ଶବର (୪୦)। ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ନୀଳାମ୍ବର ସୁନା ଫେରାର ହୋଇଯାଇଥିବାବେଳେ ପୋଲିସ ତନାଘନା ଆରମ୍ଭ କରିଛି।

ପୋଲିସ ସୂଚନା ଅନୁଯାୟୀ, ଠୁଟିବର ଗ୍ରାମରେ ରୁହନ୍ତି ଶରତ ଚନ୍ଦ୍ର ସାହୁ (୬୪), ସ୍ତ୍ରୀ କୁମୁଦିନୀ, ପୁଅ ରାଜେନ୍ଦ୍ର (୧୩) ଓ ଝିଅ ଟେଭାସିନୀ (୧୦)। ବୁଧବାର ସମସ୍ତେ ଖାଇସାରି ଶୋଇଥିବାବେଳେ ରାତି ପ୍ରାୟ ୧୧ଟାରେ ଗ୍ରାମର ନୀଳାମ୍ବର ସୁନା କବାଟ ପିଟିଥିଲେ। ଶରତ କବାଟ ଖୋଲିବା ବେଳକୁ ଏକ ଦେଶୀ ବନ୍ଧୁକ ଧରି ଛିଡ଼ା ହୋଇଥିବା ନୀଳାମ୍ବର ୧୦ ହଜାର ଟଙ୍କା ବଟି ମାଗିଥିଲେ। ତେବେ ଗରିବ ହୋଇଥିବାରୁ ଅସହାୟତା ପ୍ରକାଶ କରିଥିଲେ ଶରତ। ଏଥିରେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତ ଜଣକ ଗୁଳି ଫୁଟାଇଦେବାକୁ ଧମକ ଦେଇଥିଲେ। ଏହି ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ନୀଳାମ୍ବର ଅତ୍ୟଧିକ ଉତ୍ତ୍ୟକ୍ତ ହୋଇ ଶରତଙ୍କୁ ଗୁଳି କରିବା ସମୟରେ କୁମୁଦିନୀ ସାମ୍ନାକୁ ଚାଲି ଆସିଥିଲେ। ବନ୍ଧୁକରୁ ବାହାରିଥିବା ଗୁଳି ତାଙ୍କ ପଛପଟ ଅଣ୍ଟା ଉପର ଦେଇ ପେଟ ଭିତରେ ପଶିଯାଇ ଫୁଟିବାରୁ ଅନ୍ତବୁଜୁଳା ବାହାରି ଆସିଥିଲା। କୁମୁଦିନୀ ତଳେ ପଡି ଛଟପଟ ହେଉଥିବାବେଳେ ନୀଳାମ୍ବର ଫେରାର ହୋଇଯାଇଥିଲେ। ସୂଚନା ପାଇ ପୋଲିସ ପହଞ୍ଚି ସଙ୍କଟାପନ୍ନ କୁମୁଦିନୀଙ୍କୁ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ଗୁରୁବାର ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏ ସଂକ୍ରାନ୍ତରେ ନୂଆପଡ଼ା ଏସ୍‌ଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକ କୁହନ୍ତି, ବୁଧବାର ରାତିରେ ଠୁଟିବର ଗାଁରେ ☞ ପୃଷ୍ଠା-୪

## ୨ ଦଳିତ ଭଉଣୀଙ୍କୁ ଗଣବଳାତ୍କାର, ହତ୍ୟା

**ୟୁପିର ଲଖିମପୁର ଖେରିରେ ଆଉ ଏକ ବର୍ବରତା**

**ଓଢ଼ଣୀରେ ... ମାରିବା ପରେ ଗଛରେ ଝୁଲାଇ ଦେଇଥିଲେ: ୬ ଅଭିଯୁକ୍ତ ଗିରଫ**

ଲଖିମପୁର ଖେରି(ପି.ଟି.),୧୫।୯

କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରା ଟେନିଙ୍କ ପୁଅ ଆଶିଷ ମିଶ୍ରାଙ୍କ ଚାଷୀ ହତ୍ୟାକୁ ନେଇ ଦୁର୍ନାମ ମୁଣ୍ଡାଇଥିବା ଉତ୍ତର ପ୍ରଦେଶର ଲଖିମପୁର ଖେରି ଏବେ ପୁଣି ଚର୍ଚ୍ଚାରେ। ଏଥରର ଘଟଣା ସଭ୍ୟ ସମାଜର ମୁଣ୍ଡ ଆହୁରି ତଳକୁ କରିଦେଇଛି। ଏକ ଦଳିତ ପରିବାରର ଦୁଇ ସ୍ୱଳ୍ପବୟସ୍କା ଭଉଣୀଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି। ଦୁହିଁଙ୍କ ମୃତଦେହ ଏକ ଆଖୁ କ୍ଷେତରୁ ଠାବ କରାଯାଇଛି। ଏନେଇ ସ୍ଥାନୀୟ ପୋଲିସ ୬ ଅଭିଯୁକ୍ତଙ୍କୁ ଗିରଫ କରିଛି।

ପୋଲିସ ସୂତ୍ରରୁ ଜଣାପଡ଼ିଛି ଯେ, ହତ୍ୟା ଓ ବଳାତ୍କାରର ଶିକାର ହୋଇଥିବା ବଡ଼ ଭଉଣୀଙ୍କ ବୟସ ୧୭ ଓ ସାନଙ୍କ ବୟସ ୧୫ ବର୍ଷ। ଅଭିଯୁକ୍ତମାନେ ଏହି ବର୍ବର କାଣ୍ଡ ଭିଆଇବା ପରେ ବୁଧବାର ସେମାନଙ୍କ ଘର ନିକଟରୁ ପ୍ରାୟ ୧ କି.ମି. ଦୂରରେ ଝୁଲାଇ ଦେଇଥିଲେ। ବିରୋଧୀ ଦଳଗୁଡ଼ିକ ଏହାକୁ ନେଇ ଶାସକ ଭାଜପାକୁ ଟାର୍ଗେଟ କରିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି, ବଳାତ୍କାରୀଙ୍କୁ ମୁକ୍ତ କରି ସ୍ୱାଗତ କରୁଥିବା ଲୋକଙ୍କଠାରୁ ମହିଳାଙ୍କ ସୁରକ୍ଷା ଆଶା କରିବା ବୃଥା। ଭାଜପା ଗୁଜରାଟର ଗୋଧ୍ରା ଦଙ୍ଗା ବେଳେ ବିଲ୍‌କିସ୍ ବାନୋଙ୍କୁ ବଳାତ୍କାର ଓ ତାଙ୍କ ପରିବାର ସଦସ୍ୟମାନଙ୍କୁ ହତ୍ୟା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ୧୧ ଜଣଙ୍କୁ ନିକଟରେ ଜେଲ୍‌ରୁ ଖଲାସ କରାଯିବା ଘଟଣା ସହ ଏହାକୁ ଯୋଡ଼ି ରାହୁଲ ଏପରି ସମାଲୋଚନା କରିଛନ୍ତି। ଇତିମଧ୍ୟରେ ଲଖିମପୁର ଖେରିର ପୀଡ଼ିତା ଦ୍ୱୟଙ୍କ ସମ୍ପର୍କୀୟମାନେ ସେମାନଙ୍କ ପରିବାରର ଜଣକୁ ସରକାରୀ ଚାକିରି, ପର୍ଯ୍ୟାପ୍ତ କ୍ଷତିପୂରଣ ପ୍ରଦାନ ସହ ମୃତକଙ୍କ ଶେଷକୃତ୍ୟ ପୂର୍ବରୁ ୬ ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡ ଦିଆଯାଉ ବୋଲି ଦାବି କରିଛନ୍ତି। ☞ ପୃଷ୍ଠା-୪

## ରାଜ୍ୟ ସରକାରଙ୍କୁ ୧୧୫ କୋଟି ଦାଖଲ ନିର୍ଦ୍ଦେଶ

**ଓଟିଏମ୍ ପୁନରୁଦ୍ଧାର ମାମଲା**

କଟକ ଅଫିସ,୧୫।୯

ଓଟିଏମ୍ ପୁନରୁଦ୍ଧାର ସମ୍ପର୍କିତ ମାମଲାର ଶୁଣାଣି ଗୁରୁବାର ହାଇକୋର୍ଟରେ ହୋଇଛି। ମୁଖ୍ୟ ବିଚାରପତି ଏସ୍ ମୁରଲୀଧରଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ମାସକ ମଧ୍ୟରେ ୧୧୫ କୋଟି ଟଙ୍କା ଅଫିସିଆଲ ଲିକ୍ୟୁଡେଟରଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅକ୍ଟୋବର ୧୮କୁ ଧାର୍ଯ୍ୟ କରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଓଟିଏମ୍ ପୁନରୁଦ୍ଧାର ସମ୍ପର୍କିତ ମାମଲାର ଶୁଣାଣି ବେଳେ ଓଟିଏମ୍ କର୍ମଚାରୀଙ୍କ କ୍ୱାର୍ଟର୍ସଗୁଡ଼ିକରେ ବିଦ୍ୟୁତ୍ ସଂଯୋଗ ପ୍ରସଙ୍ଗକୁ ନେଇ ଶୁଣାଣି ହୋଇଥିଲା। ଗୋଟିଏ ମିଟରରେ ୯୦ଟି କ୍ୱାର୍ଟର୍ସକୁ ବିଦ୍ୟୁତ ସଂଯୋଗ କରାଯାଇଥିବା ଉପରେ କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପ୍ରତ୍ୟେକ କ୍ୱାର୍ଟର୍ସକୁ ଗୋଟିଏ ଲେଖାଏ ମିଟର ଲଗାଇବା ସହ ବିଦ୍ୟୁତ୍ ସଂଯୋଗ ବାବଦରେ କର୍ମଚାରୀଙ୍କ ସମସ୍ୟାକୁ ତୁରନ୍ତ ସମାଧାନ କରିବା ପାଇଁ ଅଫିସିଆଲ ଲିକ୍ୟୁଡେଟରଙ୍କୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ☞ ପୃଷ୍ଠା-୪

## ଅବସର ନେଲେ ନମିତା

**ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ମହିଳା ହକି ତାରକା ଅଲିମ୍ପିଆନ ନମିତା ଟପ୍ପୋ ଗୁରୁବାର ଅବସର ଘୋଷଣା କରିଛନ୍ତି। ଭାରତୀୟ ଦଳର ଜଣେ ଦକ୍ଷ ମିଡ୍‌ଫିଲ୍ଡରଭାବେ ବେଶ୍ ସୁନାମ ଅର୍ଜନ କରିଥିବା ନମିତା ଆହତ ସମସ୍ୟା ଯୋଗୁ ମାତ୍ର ୨୭ ବର୍ଷରେ ଏହି କଠିନ ନିଷ୍ପତ୍ତି ନେଇଛନ୍ତି।**



ନମିତା ଟପ୍ପୋ

ଭୁବନେଶ୍ୱର, ୧୫।୯ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର ତାରକା ଅନ୍ତର୍ଜାତୀୟ ମିଡ୍‌ଫିଲ୍ଡର ନମିତା ଟପ୍ପୋ ଗୁରୁବାର ହକିକୁ ଅଲ୍‌ବିଦା ଜଣାଇଛନ୍ତି। ଆହତ ସମସ୍ୟା ଲାଗି ରହିବା ଯୋଗୁ ମାତ୍ର ୨୭ ବର୍ଷ ବୟସରେ ତାଙ୍କୁ ଏହି କଠିନ ନିଷ୍ପତ୍ତି ନେବାକୁ ପଡ଼ିଛି। ପାଦରେ ଆଘାତଜନିତ ସମସ୍ୟା ଲାଗି ରହିଲା। ଦୀର୍ଘଦିନ ହେବ ଖେଳି ନ ପାରିବାରୁ ମୁଁ ଅବସର ନିଷ୍ପତ୍ତି ନେଲି ବୋଲି ଅଲିମ୍ପିଆନ ନମିତା ପ୍ରକାଶ କରିଛନ୍ତି।

ରାଉରକେଲା ପାନପୋଷ କ୍ରୀଡ଼ା ଛାତ୍ରାବାସର ଅନ୍ୟତମ ଶ୍ରେଷ୍ଠ ସୃଷ୍ଟି ହେଉଛନ୍ତି ନମିତା। ୨୦୦୭ରେ ସେ ରାଜ୍ୟ ଦଳ ପକ୍ଷରୁ ଖେଳିବା ଆରମ୍ଭ କରିଥିଲେ। ଘରୋଇ ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ ଯୋଗୁ ତାଙ୍କୁ ୨୦୧୧ରେ ବ୍ୟାଙ୍କକରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ଭାରତୀୟ ବାଳିକା ଦଳରେ ସାମିଲ କରାଯାଇଥିଲା। ସେଠାରେ ଭାରତ ବ୍ରୋଞ୍ଜ ପଦକ ହାସଲ କରିଥିଲା। କଠିନ ମନୋଭାବ ଏବଂ ଉତ୍ସର୍ଗିକୃତ ମନୋଭାବ କେବେହେଲେ ବେକାର ଯାଏନାହିଁ। ଏହା ପ୍ରମାଣ କରିଥିଲେ ନମିତା। ଜାତୀୟ କ୍ୟାମ୍ପ ହେଉ କିମ୍ବା ଘରୋଇ ସର୍କିଟରେ ସ୍ଥିର ପ୍ରଦର୍ଶନ ଦେବାରୁ ତାଙ୍କୁ ୨୦୧୨ରେ ସିନିୟର ଦଳରେ ସ୍ଥାନ ମିଳିଥିଲା। ଏହିବର୍ଷ ଡବଲିନରେ ଅନୁଷ୍ଠିତ ଏଫ୍ଆଇଏଚ୍ ଚାମ୍ପିୟନ୍ସ ଚ୍ୟାଲେଞ୍ଜ୍‌ରେ ସେ ଭାରତ ପକ୍ଷରୁ ପ୍ରଥମଥର ପାଇଁ ପ୍ରତିନିଧିତ୍ୱ କରିଥିଲେ। ଏହା ପରବର୍ଷ ସେ ଜର୍ମାନୀର ମନଚେନ୍‌ଗ୍ଲାଡ୍‌ବ୍ୟାକ୍‌ରେ ଅନୁଷ୍ଠିତ ଏଫ୍ଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ ପାଇଁ ଭାରତୀୟ ଦଳରେ ସାମିଲ ହୋଇଥିଲେ। ଏହି ପ୍ରତିଯୋଗିତାରେ ଭାରତୀୟ ଦଳ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଏହାପରେ ଆଉ ପଛକୁ ଫେରି ଚାହିଁ ନ ଥିଲେ ନମିତା। ୨୦୧୩ରେ ଏଫ୍ଆଇଏଚ୍ ମହିଳା ୱାର୍ଲ୍ଡ ଲିଗ୍ ରାଉଣ୍ଡ-୨ରେ ସ୍ୱର୍ଣ୍ଣ ଏବଂ ସେହିବର୍ଷ ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳର ସେ ସଦସ୍ୟା ଥିଲେ। ୨୦୧୩ରେ ମହିଳା ଏସିଆ କପ୍, ୨୦୧୪ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ୍ୟ ସେ ଖେଳିଥିଲେ। ୨୦୧୪ ଏସିଆନ ଗେମ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳ ପକ୍ଷରୁ ସେ ପ୍ରତିନିଧିତ୍ୱ କରିଥିଲେ। ୨୦୧୬ ରିଓ ଅଲିମ୍ପିକ୍ସ ଖେଳି ଅଭିଜ୍ଞତା ଆହରଣ କରିଥିଲେ ଏହି ତାରକା ମିଡ୍‌ଫିଲ୍ଡର। ୨୦୧୭ରେ ମହିଳା ଏସିଆ କପ୍‌ରେ ରୌପ୍ୟ ଏବଂ ୨୦୧୮ରେ ଏସିଆନ ଗେମ୍ସରେ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳର ମଧ୍ୟ ସେ ସଦସ୍ୟା ଥିଲେ।











ବି୭୪୭ ଜୁମ୍ବୋ ଜେଟ୍‌ରେ ଚିତାର ମୁହଁ ଅଙ୍କାଯାଇଛି।

## ବିମାନରେ ଆସୁଛନ୍ତି ଚିତା

- ନାମିବ୍ୟାରେ ବି୭୪୭ ଜୁମ୍ବୋ ଜେଟ୍
- ୮ ଚିତାଙ୍କୁ ଭାରତ ଆଣିବ
- ୧୭ରେ ଜୟପୁରରେ ପହଞ୍ଚିବେ

ୱିଣ୍ଡହୋକ୍,(ନାମିବ୍ୟା) ୧୫।୯

ଖୁବ୍‌ଶୀଘ୍ର ଭାରତରେ ଦୌଡ଼ିବେ ଚିତା। ୧୯୫୨ରେ ଦେଶରୁ ବିଲୁପ୍ତ ଘୋଷଣା କରାଯାଇଥିବା ଚିତା ନାମିବ୍ୟାରୁ ଭାରତ ଆଣିବାକୁ ପ୍ରସ୍ତୁତି ଚାଲିଛି। ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନକୁ ଅଣାଯିବାକୁ ଥିବା ୮ ଚିତା ପାଇଁ ସ୍ୱତନ୍ତ୍ର ବିମାନର ବ୍ୟବସ୍ଥା କରାଯାଇଛି। ବି୭୪୭ ଜୁମ୍ବୋ ଜେଟ୍‌ରେ ଚିତାର ମୁହଁ ଅଙ୍କାଯାଇଛି। ଏହି ବିମାନ ନାମିବ୍ୟା ରାଜଧାନୀ ୱିଣ୍ଡହକ୍‌ରେ ପହଞ୍ଚିଛି।

ଆନ୍ତଃ ମହାଦେଶୀୟ ସ୍ଥାନାନ୍ତରଣ ଯୋଜନାରେ ୫ ଅଣ୍ଡିରା



ଚିତା ଏବଂ ୩ ମାଈ ଚିତା ଆସନ୍ତା ୧୭ ତାରିଖରେ କାର୍ଗୋ ଏୟାରକ୍ରାଫ୍ଟ ଯୋଗେ ରାଜସ୍ଥାନର ଜୟପୁରରେ ପହଞ୍ଚିବେ। ସେଠାରୁ ସେମାନଙ୍କୁ ହେଲିକପ୍ଟର ଯୋଗେ କୁନୋ ଜାତୀୟ ଉଦ୍ୟାନକୁ ନିଆଯିବ। ବିମାନ ଯୋଗେ ଭାରତ ଆସିବା ପର୍ଯ୍ୟନ୍ତ ଚିତା ଖାଲିପେଟରେ ରହିବେ। ଦୀର୍ଘ ଯାତ୍ରାବେଳେ ପ୍ରାଣୀଙ୍କଠାରେ ବାନ୍ତି ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ଏଥିଯୋଗୁ ସେମାନଙ୍କଠାରେ ଅନ୍ୟ ସ୍ୱାସ୍ଥ୍ୟଗତ ଜଟିଳତା ଦେଖାଯିବାର ଆଶଙ୍କା ଥିବାରୁ ଏହି ପଦକ୍ଷେପ ନିଆଯାଇଥିବା ଜଙ୍ଗଲ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଦଶନ୍ଧି ଧରି ଚାଲିଥିବା ଏହି ପ୍ରକଳ୍ପର ଶେଷ ପର୍ଯ୍ୟାୟ କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ସମ୍ପନ୍ନ ହେବ। ☞ ପୃଷ୍ଠା-୪



ଇଜିପ୍ଟରେ ଖ୍ରୀଷ୍ଟପୂର୍ବ ୧୩୭୦ରୁ ୧୩୩୦ ମଧ୍ୟରେ ରାଣୀ ନେଫେର୍‌ଟିଟିଙ୍କ ଶାସନ ଚାଲିଥିଲା। ନିଜ ସୌନ୍ଦର୍ଯ୍ୟ ପାଇଁ ପରିଚିତ କିଙ୍ଗ୍ ଅଖେନାଟୋନ୍‌ଙ୍କ ସ୍ତ୍ରୀ ନେଫେର୍‌ଟିଟିଙ୍କ ମମିକୁ ଠାବ କରାଯାଇଥିବା ପ୍ରତ୍ନତତ୍ତ୍ୱବିତ୍ ଜାହି ହୱାସ୍ ଦାବି କରିଛନ୍ତି। ଏହାକୁ ସେ ଡଟର୍ସ ଅଫ୍ ନିଲ୍ ଏକ୍‌ଜିବିଶନରେ ପ୍ରଦର୍ଶନ ପାଇଁ ଯୋଜନା କରିଛନ୍ତି।

## ସଂକ୍ଷେପରେ

### ଅସ୍ତ୍ରଶସ୍ତ୍ର ସହ ୧୩ ଉଗ୍ରପନ୍ଥୀଙ୍କ ଆତ୍ମସମର୍ପଣ

**ଇମ୍ଫାଲ,୧୫।୯:** ମଣିପୁରର ୧୩ ଜଣ ଉଗ୍ରପନ୍ଥୀ ଗୁରୁବାର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କ ନିକଟରେ ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରିଛନ୍ତି। କଙ୍ଗ୍ଲେଇପାକ୍ କମ୍ୟୁନିଷ୍ଟ ପାର୍ଟି-ପିପୁଲ୍ସ ୱାର ଗ୍ରୁପ୍‌ର ୧୨ ଜଣ ଏବଂ କଙ୍ଗ୍ଲେଇ ୱାୱୋଲ କୁନ୍ନା ଲୁପ୍ ସେମାନଙ୍କ ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଓ ଅନ୍ୟାନ୍ୟ ଉପକରଣ ସରକାରଙ୍କ ନିକଟରେ ଜମା କରିଛନ୍ତି। ନିକଟ ଅତୀତରେ ବିଭିନ୍ନ ଉଗ୍ରପନ୍ଥୀ ସଂଗଠନର ବହୁ କ୍ୟାଡର ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଅନ୍ୟମାନେ ସେମାନଙ୍କ ପ୍ରସଙ୍ଗର ସମାଧାନ ନିମନ୍ତେ ସରକାରଙ୍କ ସହ ଆଲୋଚନା ପାଇଁ ଆଗେଇ ଆସିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

### ଦଲେର ମେହନ୍ଦୀଙ୍କୁ ଜାମିନ



**ଚଣ୍ଡିଗଡ଼,୧୫।୯:** ୨୦୦୩ର ମାନବ ଚାଲାଣ ମାମଲାରେ ଜେଲ୍‌ରେ ଥିବା ପଞ୍ଜାବୀ ଗାୟକ ଦଲେର ମେହନ୍ଦୀଙ୍କୁ ପଞ୍ଜାବ ହରିୟାଣା ହାଇକୋର୍ଟ ଗୁରୁବାର ଜାମିନ ମଞ୍ଜୁର କରିଛନ୍ତି। ନିଜ ଟ୍ରୁପ୍‌ର ସଦସ୍ୟ ଭାବେ ମିଥ୍ୟା ପରିଚୟ ଦେଇ ଦଲେର କେତେଜଣଙ୍କୁ ବେଆଇନ ଭାବେ ବିଦେଶ ପଠାଇଥିଲେ। ମାନବ ଚୋରାଚାଲାଣ ମାମଲାରେ ପଟିଆଲା କୋର୍ଟ ତାଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ଗତ ଜୁଲାଇ ୧୪ରେ ୨ ବର୍ଷ ଜେଲଦଣ୍ଡାଦେଶ ଦେଇଥିଲେ। ଦଲେର ଓ ତାଙ୍କ ଭାଇ ସମଶେର ସିଂଙ୍କ ବିରୋଧରେ ମୋଟ ୩୧ଟି ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ପଟିଆଲା କୋର୍ଟ ୨୦୧୮ ମାର୍ଚ୍ଚ ୧୬ରେ ଦଲେରଙ୍କୁ ଜେଲ ଦଣ୍ଡାଦେଶ ଦେଇଥିଲେ ହେଁ ସେ ଜାମିନରେ ଆସିଥିଲେ।

### ଆସାମର ୮ ଉଗ୍ରପନ୍ଥୀ ସଂଗଠନ ସହ କେନ୍ଦ୍ରର ଶାନ୍ତି ଚୁକ୍ତି

**ନୂଆଦିଲ୍ଲୀ,୧୫।୯(ପି.ଟି.):** କେନ୍ଦ୍ର ଏବଂ ଆସାମ ସରକାର ଗୁରୁବାର ଆସାମର ୮ ଆଦିବାସୀ ଉଗ୍ରପନ୍ଥୀ ସଂଗଠନ ସହ ଶାନ୍ତି ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି। ଏହି ତ୍ରିପାକ୍ଷିକ ଚୁକ୍ତିନାମାରେ ସ୍ୱାକ୍ଷର କରିଥିବା ଉଗ୍ରପନ୍ଥୀ ସଂଗଠନ ମଧ୍ୟରେ ଅଛନ୍ତି ଅଲ୍ ଆଦିବାସୀ ନ୍ୟାଶନାଲ ଲିବରେଶନ ଆର୍ମି ଆଦିବାସୀ କୋବ୍ରା ମିଲିଟାଣ୍ଟ ଅଫ୍ ଆସାମ, ବିର୍ଶା କମାଣ୍ଡୋ ଫୋର୍ସ, ସାନ୍ତାଳ ଟାଇଗର ଫୋର୍ସ ଏବଂ ଆଦିବାସୀ ପିପୁଲ୍ସ ଆର୍ମି। ଚୁକ୍ତିନାମା ସ୍ୱାକ୍ଷର ବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏବଂ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଂଗଠନଗୁଡ଼ିକ ୨୦୧୨ରୁ ଅସ୍ତ୍ରବିରତି କରିବା ସହ ନିର୍ଦ୍ଦିଷ୍ଟ କ୍ୟାମ୍ପରେ ରହିଆସୁଥିଲେ। ଏହି ରାଜିନାମା ଫଳରେ ଆସାମରେ ଶାନ୍ତି ଓ ସଦ୍‌ଭାବନାର ଏକ ନୂଆ ଯୁଗ ଆରମ୍ଭ ହେବ ବୋଲି ବିଶ୍ୱଶର୍ମା କହିଛନ୍ତି। କେବଳ ପରେଶ ବରୁଆଙ୍କ ନେତୃତ୍ୱାଧୀନ ଉଲ୍‌ଫା ଏବଂ କମତାପୁର ଲିବରେଶନ ଅର୍ଗାନାଇଜେଶନକୁ ବାଦ୍ ଦେଲେ ରାଜ୍ୟରେ ସକ୍ରିୟ ଥିବା ଅନ୍ୟ ସମସ୍ତ ବିଦ୍ରୋହୀ ଗୋଷ୍ଠୀ ସରକାରଙ୍କ ସହ ଶାନ୍ତି ଚୁକ୍ତିନାମାରେ ସାମିଲ ହୋଇଛନ୍ତି।



## ଶେଫାଳି ନେଦରଲାଣ୍ଡ୍‌ସରେ ଆମେରିକା ରାଷ୍ଟ୍ରଦୂତ

ଭାରତୀୟ ବଂଶୋଦ୍ଭବ ତଥା ଆମେରିକୀୟ ରାଜନୈତିକ କାର୍ଯ୍ୟକର୍ତ୍ତା ଶେଫାଳି ରାଜଦାନ ଦୁଗଲ୍‌ଙ୍କୁ ୟୁଏସ୍ ସିନେଟ୍ ନେଦରଲାଣ୍ଡ୍‌ସ ପାଇଁ ରାଷ୍ଟ୍ରଦୂତ ଚୟନ କରିଛି। ୫୦ ବର୍ଷୀୟା ଶେଫାଳିଙ୍କ ପ୍ରାର୍ଥୀତ୍ୱ ଧ୍ୱନିମତରେ ଆମେରିକା ସିନେଟ୍‌ରେ ପାରିତ ହୋଇଥିଲା। ଶେଫାଳୀ ଜଣେ କଶ୍ମୀରୀ ପଣ୍ଡିତ। ହରିଦ୍ୱାରରେ ତାଙ୍କ ଜନ୍ମ ହୋଇଥିବାବେଳେ ମାତ୍ର ୨ ବର୍ଷ ବୟସରେ ସେ ପରିବାର ସହ ପେନ୍‌ସିଲଭାନିଆର ପିଟସବର୍ଗକୁ ପଳାଇଯାଇଥିଲେ। ମିଆମି ୟୁନିଭର୍ସିଟିରେ ସ୍ନାତକ ଏବଂ ନ୍ୟୁୟର୍କ ୟୁନିଭର୍ସିଟିରେ ସେ ସ୍ନାତକୋତ୍ତର ହାସଲ କରିଥିଲେ। ରାଜନୀତି ବ୍ୟତୀତ ଶେଫାଳି ଜଣେ ମହିଳା ଅଧିକାର ଆଇନଜୀବୀ ମଧ୍ୟ। ୟୁନାଇଟେଡ୍ ଷ୍ଟେଟ୍‌ସ ହୋଲୋକଷ୍ଟ ମେମୋରିଆଲ ମ୍ୟୁଜିୟମ କାଉନ୍‌ସିଲରେ ସେ ପୂର୍ବରୁ ରାଷ୍ଟ୍ରପତୀୟ ପ୍ରତିନିଧି ଭାବେ କାର୍ଯ୍ୟ କରିଛନ୍ତି।

## ନୋରାଙ୍କୁ ୫ ଘଣ୍ଟା ଜେରା

ମନିଲଣ୍ଡରିଂ ମାମଲାରେ ସମ୍ପୃକ୍ତ ମଧ୍ୟସ୍ଥ ସୁକେଶ ଚନ୍ଦ୍ରଶେଖରଙ୍କ ସହ ଲିଙ୍କ୍ ଯୋଗୁ ଦିଲ୍ଲୀ ପୋଲିସର ଆର୍ଥିକ ଅପରାଧିକ ଶାଖା ଗୁରୁବାର ବଲିଉଡ୍ ଅଭିନେତ୍ରୀ ନୋରା ଫତେହିଙ୍କୁ ଜେରା କରିଛି। ନୋରାଙ୍କୁ ପ୍ରାୟ ୫ ଘଣ୍ଟା ଧରି ପୋଲିସ ପଚରାଉଚରା କରିଥିଲା। ଏହା ପୂର୍ବରୁ ନୋରା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କାର୍ଯ୍ୟାଳୟରେ ହାଜର ହୋଇଥିଲେ। ସୁକେଶ ପୂର୍ବରୁ ନୋରାଙ୍କ ଭିଣୋଇ ବବିଙ୍କୁ ୬୫ ଲକ୍ଷ ଟଙ୍କାର ଏକ ବିଏମ୍‌ଡବ୍ଲ୍ୟୁ କାର୍ ଉପହାର ଦେଇଥିବା ବବି ସ୍ୱୀକାର କରିଥିଲେ। ସୁକେଶଙ୍କ ସହଯୋଗୀ ପିଙ୍କି ଇରାନୀ ଏବଂ ବବିଙ୍କୁ ଏକାଠି ଜେରା କରାଯାଇଛି। ତେବେ ନୋରା କେବେ ସୁକେଶ କିମ୍ବା ପିଙ୍କିଙ୍କୁ ସାକ୍ଷାତ କରି ନ ଥିବା କହିଛନ୍ତି। ସେ କେବଳ ହ୍ୱାଟସ୍‌ଆପ୍ ଯୋଗେ ସୁକେଶଙ୍କ ସହ ସମ୍ପର୍କରେ ଥିଲେ ବୋଲି କହିଛନ୍ତି। ଘଟଣାରେ ସୁକେଶ ଗିରଫ ହୋଇ ଜେଲରେ ଅଛନ୍ତି। ବହୁ ହାଇପ୍ରୋଫାଇଲ ବ୍ୟକ୍ତିଙ୍କଠାରୁ ସେ ଟଙ୍କା ଠକେଇ କରିଥିବା ତାଙ୍କ ନାଁରେ ଅଭିଯୋଗ ରହିଛି।



# ପୁଟିନ୍‌ଙ୍କୁ ହତ୍ୟା ଉଦ୍ୟମ

## କାର୍ ବିସ୍ଫୋରଣରେ ଉଡ଼ାଇବାକୁ ହୋଇଥିଲା ଷଡ଼ଯନ୍ତ୍ର: ରିପୋର୍ଟ

**ମସ୍କୋ,୧୫।୯**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ନିକଟରେ ହତ୍ୟା ଉଦ୍ୟମ କରାଯାଇଥିବା ନେଇ କ୍ରେମ୍‌ଲିନ ପକ୍ଷରୁ ଦାବି କରାଯାଇଛି। ରୁଷୀୟ ସେନା ୟୁକ୍ରେନ୍‌ଠାରୁ ପରାଜିତ ହୋଇଥିବା ଦର୍ଶାଇ ଦେଶର ରାଜନେତାମାନଙ୍କ ଏକ ଗୋଷ୍ଠୀ ୬୯ ବର୍ଷୀୟ ଷ୍ଟ୍ରଙ୍ଗମ୍ୟାନ୍‌ଙ୍କ ଇସ୍ତଫା ଦାବି କରିବାର କିଛିଦିନ ପରେ ଏହି ଖବର ସାମ୍ନାକୁ ଆସିଛି।

ୟୁରୋ ୱିକ୍ଲି ନ୍ୟୁଜରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ନିକଟରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ହତ୍ୟା ଉଦ୍ୟମ କରାଯାଇଥିଲା। କିନ୍ତୁ ସୌଭାଗ୍ୟବଶତଃ ସେ ଏଥିରୁ ବର୍ତ୍ତିଯାଇଥିଲେ ବୋଲି ୟୁରୋ ୱିକ୍ଲି ନ୍ୟୁଜ୍ ବୁଧବାର ଜେନେରାଲ ଜିଭିଆର୍ ଟେଲିଗ୍ରାମ ଚ୍ୟାନେଲରେ ପ୍ରକାଶ କରିଛି। ତେବେ ନିର୍ଦ୍ଦିଷ୍ଟ ଭାବେ କେଉଁ ଦିନ ଏହି ହତ୍ୟା ଉଦ୍ୟମ ହୋଇଥିଲା ସେନେଇ ଉକ୍ତ ଆଉଟ୍‌ଲେଟ୍ କିଛି ସ୍ପଷ୍ଟ କରିନାହିଁ। ଗତ ଫେବୃୟାରୀ ୨୪ରେ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ପରଠାରୁ ପୁଟିନଙ୍କ ସ୍ୱାସ୍ଥ୍ୟ ଓ ଜୀବନ ପ୍ରତି ବିପଦ ଥିବା ନେଇ ଅନେକ ଗୁଜବ ସୃଷ୍ଟି ହେବାରେ ଲାଗିଛି। ୨୦୧୭ରେ ତାଙ୍କୁ ୫ ଥର ହତ୍ୟା ଉଦ୍ୟମ ହୋଇଥିବା ନେଇ ପୁଟିନ ନିଜେ ମଧ୍ୟ ପୂର୍ବରୁ ସାଧାରଣରେ ପ୍ରଘଟ କରିଥିଲେ। ଟେଲିଗ୍ରାମ ଚ୍ୟାନେଲରୁ ମିଳିଥିବା ତଥ୍ୟାନୁସାରେ ପୁଟିନ୍‌ଙ୍କୁ କାର୍ ବିସ୍ଫୋରଣରେ ଉଡ଼ାଇଦେବା ପାଇଁ ଷଡ଼ଯନ୍ତ୍ର ହୋଇଥିଲା। ତାଙ୍କ ବିଳାସପୂର୍ଣ୍ଣ ଗାଡ଼ିର ଆଗ ବାମ ଚକ ବିସ୍ଫୋରଣସ୍ଥଳକୁ ମାଡ଼ିଯାଇଥିବାବେଳେ ଏଥିରୁ ଧୂଆଁ ବାହାରିଥିଲା। ତେବେ ଚାଳକ ସୁରକ୍ଷିତ ଭାବେ କାର୍‌କୁ ଅନ୍ୟତ୍ର ଡ୍ରାଇଭ୍ କରି ନେଇଯାଇଥିଲେ। ଫଳରେ ପୁଟିନ ଏହି ଆକ୍ରମଣରୁ ବର୍ତ୍ତିଯାଇଥିଲେ। ଏହି ଘଟଣାରେ ଅନେକ ଲୋକଙ୍କୁ ଗିରଫ କରାଯାଇଥିବା ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେହିପରି ନ୍ୟୁଜ୍‌ଡଟ୍‌କୋ ଡଟ୍ ଏୟୁ ଭଳି ଅନ୍ୟ ନ୍ୟୁଜ୍ ଆଉଟ୍‌ଲେଟ୍‌ଗୁଡ଼ିକ ମଧ୍ୟ ଏହି ଘଟଣା ସମ୍ପର୍କରେ ରିପୋର୍ଟ ପ୍ରକାଶ କରିଛନ୍ତି। ପୁଟିନ୍ ନିଜ ସରକାରୀ ବାସଭବନକୁ ଫେରୁଥିବାବେଳେ କିଛି କି.ମି. ଦୂରରେ ଏକ ଆମ୍ବୁଲାନ୍ସ ତାଙ୍କ ପ୍ରଥମ ସୁରକ୍ଷା ଗାଡ଼ିର ପଥ ଅବରୋଧ କରିଥିଲା। ଦ୍ୱିତୀୟ ସୁରକ୍ଷା ଗାଡ଼ି ନ ଅଟକି ଆଗକୁ ମାଡ଼ିଯାଇଥିଲା। ଅନ୍ୟ ଜଣେ ସ୍ଥାନୀୟ ଡେପୁଟି କହିଛନ୍ତି, ମସ୍କୋ ସେଣ୍ଟ ପିଟର୍ସବର୍ଗର ୬୫ ମହାନଗର ପ୍ରତିନିଧିଙ୍କ ସମେତ ଆଉ କେତେଜଣ ନେତା ପୁଟିନ୍‌ଙ୍କ ଇସ୍ତଫା ଦାବିରେ ପିଟିଶନରେ ସ୍ୱାକ୍ଷର କରିଥିବାବେଳେ ଏହି ରିପୋର୍ଟ ପ୍ରକାଶ ପାଇଛି।



ଭ୍ଲାଡିମିର ପୁଟିନ୍

▸▸ ରୁଷିଆର ୟୁକ୍ରେନ୍ ଆକ୍ରମଣ ପରେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଓ ଚାଇନା ପ୍ରତିପକ୍ଷ ଶି ଜିନ୍‌ପିଙ୍ଗ୍ ଗୁରୁବାର ଉଜ୍‌ବେକିସ୍ତାନର ସମରକନ୍ଦ୍‌ରେ ପ୍ରଥମ ଥର ପାଇଁ ପରସ୍ପରକୁ ଭେଟିଛନ୍ତି। ଏହି ଅବସରରେ ପୁଟିନ୍ କହିଛନ୍ତି, ୟୁକ୍ରେନ୍ ଯୁଦ୍ଧକୁ ନେଇ ଜିନ୍‌ପିଙ୍ଗ୍ ଅସନ୍ତୁଷ୍ଟ ଥିବା ପରି ମନେହେଉଛି। ତେବେ ସଂଘର୍ଷ ସଙ୍କଟ ପରିପ୍ରେକ୍ଷୀରେ ସନ୍ତୁଳିତ ଆଭିମୁଖ୍ୟ ପାଇଁ ଜିନ୍‌ପିଙ୍ଗ୍‌ଙ୍କୁ ପୁଟିନ୍ ଧନ୍ୟବାଦ ଦେଇଛନ୍ତି।

▸▸ ପ୍ରାୟ ସପ୍ତାହେ ହେଲା ୟୁକ୍ରେନୀୟ ସୈନ୍ୟ ନିଜ ଭୂଭାଗକୁ ରୁଷିଆ ଦଖଲରୁ ମୁକ୍ତ କରିବାରେ ଲାଗିଛନ୍ତି। ସମ୍ପୃକ୍ତ ଅଞ୍ଚଳରୁ ରୁଷୀୟ ସୈନ୍ୟ ଛତ୍ରଭଙ୍ଗ ଦେଇ ପଳାୟନ କରିଥିଲେ ହେଁ ଆକାଶମାର୍ଗରୁ ପାଲଟା ଆକ୍ରମଣ କରିଛନ୍ତି। ଦକ୍ଷିଣ ୟୁକ୍ରେନ୍‌ର କ୍ରିଭି ରିହ ସହର ନିକଟସ୍ଥ ଏକ ଡ୍ୟାମ୍‌କୁ ରୁଷିଆ ପକ୍ଷରୁ ମିଶାଇଲ ମାଡ଼ କରାଯାଇଛି। ଫଳରେ ସହରର ଅନେକ ଅଞ୍ଚଳ ଜଳମଗ୍ନ ହୋଇଯାଇଛି। ପ୍ରଭାବିତଙ୍କୁ ଉଦ୍ଧାର ପାଇଁ ରେସ୍କ୍ୟୁ ଅପରେଶନ ଚାଲିଛି। ୬ ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଏହି ସହର ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ଜନ୍ମସ୍ଥାନ। ଆକ୍ରମଣକୁ ନିନ୍ଦା କରି ଜେଲେନ୍‌ସ୍କି କହିଛନ୍ତି, ରୁଷିଆ ହେଉଛି ଆତଙ୍କବାଦୀଙ୍କ ରାଷ୍ଟ୍ର। ଯୁଦ୍ଧଭୂମିରେ ପରାଜିତ ହେବା ପରେ ନାଗରିକଙ୍କୁ କ୍ଷତି ପହଞ୍ଚାଇବା ଲାଗି ପ୍ରତିପକ୍ଷ ସୈନ୍ୟ କୌଣସି ପ୍ରକାର ପନ୍ଥା ଆପଣାଇପାରନ୍ତି।



## ସୀମା ସଂଘର୍ଷ ପରେ ଆଜି ମୋଦି-ଜିନ୍‌ପିଙ୍ଗ୍ ପ୍ରଥମ ଭେଟ



ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।(ଫାଇଲ୍ ଫଟୋ)

**ନୂଆଦିଲ୍ଲୀ,୧୫।୯**

୨୦୨୦ରେ ପୂର୍ବ ଲଦାଖରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ପରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ଶୁକ୍ରବାର ପ୍ରଥମ ଥର ପାଇଁ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ପ୍ରଧାନମନ୍ତ୍ରୀ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ସମିଟ୍‌ରେ ଯୋଗଦେବା ଲାଗି ଗୁରୁବାର ଉଜ୍‌ବେକିସ୍ତାନର ସମରକନ୍ଦ ସହରକୁ ଯାଇଛନ୍ତି। ଏହି ସମିଟ୍‌ରେ ଜିନ୍‌ପିଙ୍ଗଙ୍କ ସମେତ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଯୋଗଦେବେ।

ଏସ୍‌ସିଓ ସମିଟ୍‌ରେ ବିଭିନ୍ନ ଆଞ୍ଚଳିକ, ଅନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ଆଲୋଚନା କରିବେ ବୋଲି ପ୍ରଧାନମନ୍ତ୍ରୀ ଉଜ୍‌ବେକିସ୍ତାନ ଗସ୍ତରେ ଯିବା ପୂର୍ବରୁ କହିଛନ୍ତି। ଏଥିସହିତ ସାଙ୍ଘାଇ ସହଯୋଗ ସଂଗଠନର ସମ୍ପ୍ରସାରଣ ଉପରେ ମଧ୍ୟ ସେ ଗୁରୁତ୍ୱ ଦେବେ। ଏସ୍‌ସିଓରେ ବହୁବିଧ ସହଯୋଗ ବଢ଼ାଇବା ଉପରେ ସେ ମତ ବିନିମୟ କରିବେ ବୋଲି ମୋଦି କହିଛନ୍ତି। ସମିଟ୍ ଅବସରରେ ପ୍ରଧାନମନ୍ତ୍ରୀ ବିଭିନ୍ନ ନେତାଙ୍କ ସହ ଦ୍ୱିପାକ୍ଷିକ ବୈଠକରେ ଯୋଗଦେବେ ବୋଲି ଆଶା କରାଯାଉଛି। ପୂର୍ବ ଲଦାଖରେ ଦୁଇବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଦୁଇ ଦେଶର ସୈନ୍ୟ ମୁହାଁମୁହିଁ ସ୍ଥିତିରେ ରହିବା ପରେ ଚଳିତ ସପ୍ତାହରେ ହଟ୍ ସ୍ପ୍ରିଙ୍ଗ୍ ଅଞ୍ଚଳରୁ ସେନା ପ୍ରତ୍ୟାହାର ହୋଇଛି। ଲଦାଖରେ ମୁହାଁମୁହିଁ ସ୍ଥିତି ଆରମ୍ଭ ହେବା ପରଠାରୁ ମୋଦି ଏବଂ ଜିନ୍‌ପିଙ୍ଗ ପରସ୍ପର ସହ କଥା ହୋଇ ନ ଥିଲେ। ତେବେ ମୋଦି ଓ ଜିନ୍‌ପିଙ୍ଗଙ୍କ ମଧ୍ୟରେ ବୈଠକ ହେବ କି ନାହିଁ ତାହା ଚାଇନା ସ୍ପଷ୍ଟ କରିନାହିଁ। ମୋଦି ଓ ପୁଟିନ୍‌ଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନାରେ ବାଣିଜ୍ୟ ସମେତ ରୁଷୀୟ ସାର ଏବଂ ଖାଦ୍ୟ ଯୋଗାଣ ପ୍ରସଙ୍ଗ ସ୍ଥାନ ପାଇବ ବୋଲି ଆଶା କରାଯାଉଛି।



ବ୍ରିଟେନର ଦିବଂଗତ ମହାରାଣୀ ଏଲିଜାବେଥ ୨ୟଙ୍କ ମରଶରୀରକୁ ଗୁରୁବାର ଲଣ୍ଡନର ବକିଂହାମ୍ ପ୍ୟାଲେସରୁ ପାର୍ଲାମେଣ୍ଟ ହାଉସ୍‌କୁ କଫିନରେ ନିଆଯାଉଛି।

## ଚାଇଲ୍ଡ ପର୍ନୋଗ୍ରାଫି ମାମଲାରେ ଆର୍. କେଲି ଦୋଷୀ

**ଶିକାଗୋ,୧୫।୯**

ଆମେରିକାର ପ୍ରଖ୍ୟାତ ଗାୟକ ତଥା ନିର୍ଦ୍ଦେଶକ ଆର୍.କେଲି ଚାଇଲ୍ଡ ପର୍ନୋଗ୍ରାଫି ପ୍ରଯୋଜନା ସହ ଝିଅମାନଙ୍କୁ ଯୌନ ସମ୍ପର୍କ ପାଇଁ ଉସୁକାଇବା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। କେଲିଙ୍କ ସହର ଶିକାଗୋସ୍ଥିତ ଏକ ଫେଡେରାଲ କୋର୍ଟରେ ପ୍ରାୟ ମାସେ ଧରି ଶୁଣାଣି ଚାଲିବା ପରେ ବିଚାରପତି ବୁଧବାର ଏହି ରାୟ ଶୁଣାଇଛନ୍ତି।

ଏକଦା ବିଶ୍ୱର ଆର୍ ଆଣ୍ଡ ବି ଷ୍ଟାର୍ସଙ୍କ ମଧ୍ୟରେ ପରିଗଣିତ ହେଉଥିବା ତଥା ୩ ଥର ଗ୍ରାମି ପୁରସ୍କାର ବିଜେତା ରବର୍ଟ ସିଲ୍‌ଭେଷ୍ଟର କେଲି ଏକ ଯୌନ ଅପରାଧ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଜେଲରେ ୩୦ ବର୍ଷ ଦଣ୍ଡାଦେଶ ଭୋଗୁଥିବାବେଳେ ଏବେ ତାଙ୍କୁ ଆଉ ଏକ ବଡ଼ ଆଇନଗତ ଝଟ୍‌କା ଲାଗିଛି। କେଲିଙ୍କ ବିରୋଧରେ ଥିବା ୧୩ ମାମଲାରୁ ୬ଟିରେ ଅଭିଯୋଜନକାରୀ ପକ୍ଷ ଜିତିଛନ୍ତି। କିନ୍ତୁ ୨୦୦୮ର ଏକ ଚାଇଲ୍ଡ ପର୍ନୋଗ୍ରାଫି (ଶିଶୁଙ୍କୁ ନେଇ ଯୌନ ଉଦ୍ଦୀପକ ଚଳଚ୍ଚିତ୍ର ନିର୍ମାଣ) ମାମଲାରେ କେଲି ଓ ତାଙ୍କର ଦୁଇଜଣ ପୂର୍ବତନ ସହଯୋଗୀଙ୍କ ବିରୋଧରେ ଦୋଷ ପ୍ରମାଣିତ ହୋଇପାରି ନାହିଁ। କେଲିଙ୍କ ପୂର୍ବତନ ବିଜିନେସ୍ ମ୍ୟାନେଜର ଡେରେଲ ମ୍ୟାକ୍‌ଡେଭିଡ୍ ଏବଂ ପ୍ରାକ୍ତନ କର୍ମଚାରୀ ମିଲ୍ଟନ ଜୁନ୍ ବ୍ରାଉନ୍ ଦୋଷମୁକ୍ତ ହୋଇଛନ୍ତି। ସଂଘୀୟ ଅଦାଲତରେ ୧୨ ବିଚାରପତି ଦୁଇଦିନ ମଧ୍ୟରେ ପ୍ରାୟ ୧୧ ଘଣ୍ଟା ଧରି ରାୟ ଶୁଣାଇଥିଲେ। ପୂର୍ବରୁ କେଲି ୩୦ ବର୍ଷ ଦଣ୍ଡ ଭୋଗୁଥିବାବେଳେ ଏହି ମାମଲାରେ ଆଉ ୧୦ ବର୍ଷ ଦଣ୍ଡବିଧାନ ହୋଇପାରେ।

**ପୂର୍ବରୁ ଭୋଗୁଛନ୍ତି ୩୦ ବର୍ଷ ଜେଲ ଦଣ୍ଡ**



## କାନାଡାରେ ହିନ୍ଦୁମନ୍ଦିର ଭଙ୍ଗାରୁଜା

**ଟରଣ୍ଟୋ,୧୫।୯:** କାନାଡ଼ାର ଖଲିସ୍ତାନୀ ଉଗ୍ରପନ୍ଥୀମାନେ ଟରଣ୍ଟୋରେ ଥିବା ବିଏପିଏସ୍ ସ୍ୱାମୀନାରାୟଣନ ମନ୍ଦିରକୁ ବିକୃତ କରିଦେଇଛନ୍ତି। ସେମାନଙ୍କର ଭାରତ ବିରୋଧୀ ଘୃଣିତ ଅପରାଧକୁ ସେଠାରେ ଥିବା ଭାରତୀୟ ମିଶନ ଦୃଢ଼ ନିନ୍ଦା କରିଛି। ଅପରାଧୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଭାରତୀୟ ଉଚ୍ଚାୟୁକ୍ତ ପକ୍ଷରୁ କାନାଡା କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରାଯାଇଛି। କାନାଡାର ଖଲିସ୍ତାନୀ ଉଗ୍ରପନ୍ଥୀମାନେ ସ୍ୱାମୀନାରାୟଣନ ମନ୍ଦିରରେ ଭଙ୍ଗାରୁଜା କରିବା ଘଟଣାକୁ ସମସ୍ତେ ନିନ୍ଦା କରିବା ଉଚିତ ବୋଲି କାନାଡା ଏମ୍‌ପି ଚନ୍ଦ୍ର ଆର୍ଯ୍ୟ କହିଛନ୍ତି।

## କଶ୍ମୀର ରାଲି ପୂର୍ବରୁ ଆଜାଦଙ୍କୁ ଆତଙ୍କବାଦୀଙ୍କ ଧମକ

**ଶ୍ରୀନଗର,୧୫।୯**

କଂଗ୍ରେସ ଛାଡ଼ିଥିବା ପୂର୍ବତନ ନେତା ଗୁଲାମ ନବୀ ଆଜାଦଙ୍କ କଶ୍ମୀର ରାଲି ପୂର୍ବରୁ ତାଙ୍କୁ ଏକ ଆତଙ୍କବାଦୀ ସଂଗଠନ ଧମକ ଦେଇଛି। ଏଭଳି ଧମକପୂର୍ଣ୍ଣ ପୋଷ୍ଟର ବିଭିନ୍ନ ସ୍ଥାନରେ ଲଗାଯିବା ସହ ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଛି। ଲଶ୍କର-ଇ-ତୋଇବା ସହ ସମ୍ପୃକ୍ତ ରେଜିଷ୍ଟାନ୍ସ ଫ୍ରଣ୍ଟ ନାମକ ଆତଙ୍କବାଦୀ ସଂଗଠନ ଏଭଳି ଧମକ ଦେଇଥିବା ଜଣାପଡ଼ିଛି। ଜଣେ ଦେଶଦ୍ରୋହୀଙ୍କ ହୃଦୟରେ କେବେ ଆନୁଗତ୍ୟ ନାହିଁ। ସେ ନିଜକୁ ବିଶ୍ୱସ୍ତ ବୋଲି ମିଥ୍ୟା ଅଭିନୟ କରୁଥିବା ପୋଷ୍ଟରରେ ଲେଖାଯାଇଛି। ଏଥିସହିତ ଆଜାଦଙ୍କୁ ଜଣେ ରାଜନୈତିକ ବହୁରୂପୀ ବୋଲି ସେଥିରେ ଉଲ୍ଲେଖ କରାଯାଇଛି। କଶ୍ମୀର ରାଜନୀତି ପ୍ରତି ଆଜାଦଙ୍କ ଆଗ୍ରହ ଏକ ଯୋଜନାବଦ୍ଧ ଅଭିଯାନ। କଂଗ୍ରେସ ଛାଡ଼ିବା ପୂର୍ବରୁ ସେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଏବଂ ଏନ୍‌ଏସ୍‌ଏ ଅଜିତ ଡୋଭାଲଙ୍କୁ ଭେଟିଥିଲେ ବୋଲି ପୋଷ୍ଟରରେ ଲେଖାଯାଇଛି।

## ସିଜେଆଇଙ୍କ ନୂଆ ତାଲିକା ବ୍ୟବସ୍ଥାରେ ଖଣ୍ଡପୀଠ ଅସନ୍ତୁଷ୍ଟ

**ନୂଆଦିଲ୍ଲୀ,୧୫।୯**

ଦୀର୍ଘବର୍ଷ ଧରି ସୁପ୍ରିମକୋର୍ଟରେ ପଡ଼ିରହିଥିବା ହଜାର ହଜାର ମାମଲାର ଦ୍ରୁତ୍ ଫଇସଲା ଲାଗି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ୟୁ.ୟୁ. ଲଳିତ ମାମଲାଗୁଡ଼ିକର ଶୁଣାଣି ପାଇଁ ନୂଆ ତାଲିକାଭୁକ୍ତ ବ୍ୟବସ୍ଥା କାର୍ଯ୍ୟକାରୀ କରିଥିବାବେଳେ ଏହାକୁ ନେଇ ଏକ ଖଣ୍ଡପୀଠ ଅସନ୍ତୋଷ ପ୍ରକାଶ କରିଛନ୍ତି। ସର୍ବୋଚ୍ଚ ଅଦାଲତର ତୃତୀୟ ସର୍ବବରିଷ୍ଠ ବିଚାରପତି ସଞ୍ଜୟ କିଷନ କୌଲଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏକ ଆପରାଧିକ ମାମଲାରେ ରାୟ ପ୍ରଦାନ କଲାବେଳେ କହିଥିଲେ, ନୂଆ ତାଲିକା ବ୍ୟବସ୍ଥା ଯୋଗୁ ଅପରାହ୍ନରେ ଅନେକ ମାମଲା ଶୁଣାଣି ପାଇଁ ରହିଥିବାରୁ ସେଗୁଡ଼ିକୁ ପର୍ଯ୍ୟାପ୍ତ ସମୟ ଦିଆଯାଇପାରୁ ନାହିଁ। ନୂଆ ବ୍ୟବସ୍ଥାରେ ସୁପ୍ରିମକୋର୍ଟ ବିଚାରପତିମାନେ ଦୁଇଟି ଶିଫ୍ଟରେ କାର୍ଯ୍ୟ କରୁଛନ୍ତି। ପ୍ରତି ସୋମବାର ଓ ଶୁକ୍ରବାର ୩୦ ଜଣ ବିଚାରପତି ଏକାଠି ଦୁଇଜଣ ଲେଖାଏ ବସି ନୂଆ ପିଆଇଏଲ୍ ସମେତ ପ୍ରତି ବେଞ୍ଚର ୬୦ରୁ ଊର୍ଦ୍ଧ୍ୱ ମାମଲାର ବିଚାର କରୁଛନ୍ତି। ସେହିପରି ମଙ୍ଗଳବାର, ବୁଧବାର ଓ ଗୁରୁବାର ସକାଳ ଶିଫ୍ଟରେ ବିଚାରପତିମାନେ ୩ ଜଣ ଲେଖାଏ ବସି ବହୁବର୍ଷ ଧରି ପଡ଼ିରହିଥିବା ପୁରୁଣା ମାମଲାଗୁଡ଼ିକର ସବିଶେଷ ଶୁଣାଣି କରିବା ବ୍ୟବସ୍ଥା ହୋଇଛି। ଏହା ପରେ ଅପରାହ୍ନରେ ୨ ଜଣ ଲେଖାଏ ବିଚାରପତି ଗୋଟିଏ ବେଞ୍ଚରୁ ଅନ୍ୟ ବେଞ୍ଚକୁ ସ୍ଥାନାନ୍ତର ହୋଇଥିବା ମାମଲା ଓ ନୂଆ ମାମଲାଗୁଡ଼ିକର ଶୁଣାଣି କରିବାକୁ କୁହାଯାଇଛି। ଗତମାସ ୨୭ରେ ଜଷ୍ଟିସ୍ ଲଳିତ ସିଜେଆଇ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ନୂଆ ତାଲିକା ବ୍ୟବସ୍ଥା କାର୍ଯ୍ୟକାରୀ କରିବାରୁ ଇତିମଧ୍ୟରେ ମୋଟ ୫,୦୦୦ ମାମଲାର ଫଇସଲା ହୋଇପାରିଛି।



## ନୀତୀଶଙ୍କ 'ବେଗୁସରାଇ' ମୁଣ୍ଡବ୍ୟଥା

**ପାଟନା,୧୫।୯**

ବେଗୁସରାଇ ଗୁଳିକାଣ୍ଡ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ମୁଣ୍ଡବ୍ୟଥା ବଢ଼ାଇ ଦେଇଛି। ମଙ୍ଗଳବାର ସନ୍ଧ୍ୟାରେ ବେଗୁସରାଇରେ ଘଟିଥିବା ଏହି ଘଟଣାରେ ଜଣେ ୩୦ ବର୍ଷୀୟ ଯୁବକ ନିହତ ହୋଇଥିବାବେଳେ ଅନ୍ୟ ୧୧ ଆହତ ହୋଇଛନ୍ତି। ଦୁର୍ବୃତ୍ତମାନେ ବାଇକରେ ଆସି ଜିଲାର ୧୦ଟି ସ୍ଥାନରେ ଆଖିବୁଜା ଗୁଳି ଚଳାଇ ଆତଙ୍କ ଖେଳାଇ ଦେଇଥିଲେ। ଏହି ଘଟଣା ପାଇଁ ବିରୋଧୀ ଦଳ ଭାଜପା ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଦାୟୀ କରିଛି। ମହାଗଠବନ୍ଧନ ସରକାର ଯୋଗୁ ବିହାରରେ ଜଙ୍ଗଲରାଜ ଫେରିଥିବା ଭାଜପା କହିଛି। କର୍ତ୍ତବ୍ୟରେ ଅବହେଳା ପାଇଁ ବୁଧବାର ବେଗୁସରାଇର ୭ ପୋଲିସ ଅଫିସରଙ୍କୁ ନିଲମ୍ବନ କରାଯାଇଛି। ସନ୍ଦିଗ୍ଧଙ୍କ ସମ୍ପର୍କରେ ସୂଚନା ଦେଲେ ୫୦ ହଜାର ଟଙ୍କା ପୁରସ୍କାର ମିଳିବ ବୋଲି ଘୋଷଣା କରାଯାଇଛି। ୫ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ଆଇନ ଶୃଙ୍ଖଳା ରକ୍ଷା ପାଇଁ ସେଠାକୁ ୩ କମ୍ପାନୀ ବିହାର ସ୍ୱତନ୍ତ୍ର ସହାୟକ ପୋଲିସ (ବିଏସ୍‌ଏପି), ବିହାର ସ୍ୱତନ୍ତ୍ର ଟାସ୍କଫୋର୍ସର ଗୋଟିଏ ୟୁନିଟକୁ ପଠାଯାଇଛି। ଗୁଳିକାଣ୍ଡ ଘଟଣାର ସବୁ ଦିଗରୁ ତଦନ୍ତ କରିବା ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ଏହି ଘଟଣା ପଛରେ ଷଡ଼ଯନ୍ତ୍ର ରହିଥିବା ନୀତୀଶ ଅଭିଯୋଗ କରିଛନ୍ତି। କାରଣ ପଛୁଆ ବର୍ଗ ଏବଂ ମୁସଲମାନ ସମ୍ପ୍ରଦାୟଙ୍କୁ ଟାର୍ଗେଟ କରି ଗୁଳି କରାଯାଇଥିଲା। ମହାଗଠବନ୍ଧନ ସରକାର ଆସିବା ପରେ ଆଇନ ଶୃଙ୍ଖଳା ସ୍ଥିତି ବିଗୁଡୁଥିବା ବେଗୁସରାଇ ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ ଅଭିଯୋଗ କରିଥିଲେ। ୨ ବନ୍ଧୁକଧାରୀ ଦୋକାନକୁ ଟାର୍ଗେଟ କରି ମଲିପୁର ଚୌକରେ ଗୁଳି ଚଳାଇବା ପରେ ବାରାଉଣୀ ଥର୍ମାଲ ଚୌକ, ଟେଘ୍ରା, ବଚ୍ଛୱାରା ଏବଂ ରାଜେନ୍ଦ୍ର ବ୍ରିଜ୍‌ରେ ଲୋକଙ୍କ ଉପରକୁ ଗୁଳିମାଡ଼ କରିଥିଲେ।



ନୀତୀଶ କୁମାର

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୧,୫୬,୮୯,୪୩୬ | ୬୫,୨୩,୮୮୮ | ୫୯,୪୮,୬୩,୨୫୯ |
| ଭାରତ | ୪,୪୫,୧୬,୪୭୯ | ୫,୨୮,୨୫୦ | ୪,୩୯,୪୧,୮୪୦ |
| ଓଡ଼ିଶା | ୧୩,୩୧,୧୩୯ | ୯୧୮୫(+୫୩) | ୧୩,୨୦,୪୫୦ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worllometers.info/coronavirus/ ଏବଂ ଓଡ଼ିଶା ସରକାର




# ଲୋକଙ୍କ ପାଇଁ କାମ କଲେ ଥକ୍କା ଲାଗେନି: ନବୀନ

**ଗୋଟିଏ ଦିନରେ ୧୮ ବୈଠକ**

**ଭୁବନେଶ୍ୱର୧୫,୯(ବ୍ୟୁରୋ)**

ଆସନ୍ତା ନଭେମ୍ବର ୩୦ରୁ ଡିସେମ୍ବର ୪ ତାରିଖ ଯାଏ ଭୁବନେଶ୍ୱରରେ ମେକ ଇନ ଓଡିଶା କନକ୍ଲେଭ-୨୦୨୨ ଅନୁଷ୍ଠିତ ହେବ। ଏହାର ଅବ୍ୟବହିତ ପୂର୍ବରୁ ବୁଧବାର ମୁମ୍ବାଇରେ ଦେଶର ବଡ ବଡ ଶିଳ୍ପପତିଙ୍କ ସହ ନବୀନ ଆଲୋଚନା କରି ସେମାନଙ୍କୁ କନକ୍ଲେଭକୁ ଆମନ୍ତ୍ରଣ କରିଛନ୍ତି। ଦିନ ସାରା ମୁଖ୍ୟମନ୍ତ୍ରୀ ୧୮ଟି ବୈଠକରେ ବିଭିନ୍ନ ପୁଞ୍ଜିପତିଙ୍କ ସହ ଆଲୋଚାନ କରିଛନ୍ତି। ଏହା ପରେ ସେ ସନ୍ଧ୍ୟାରେ ଅନୁଷ୍ଠିତ ଇନଭେଷ୍ଟର୍ସ ମିଟରେ ଉଦ୍‌ବୋଧନ ଦେଇଥିଲେ। ଦିନ ତମାମ ବିଭିନ୍ନ ଶିଳ୍ପପତିଙ୍କ ସହ ବୈଠକ ପରେ ଥକ୍କି ଯାଇଛନ୍ତି କି ବୋଲି ଫାଇଭ୍-ଟି ସଚିବ ଭି.କେ. ପାଣ୍ଡିଆନ୍ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଲୋକଙ୍କ ପାଇଁ କାମ କଲେ ଥକ୍କା ଲାଗେନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ବାର୍ତ୍ତାଳାପର ଭିଡିଓକୁ ସଚିବ(୫-ଟି ) ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ସେୟାର କରିଛନ୍ତି। ବ୍ୟସ୍ତତା ଭିତରେ ମଧ୍ୟ ଜନସେବା ମାନସିକତା ତାଙ୍କୁ କ୍ଳାନ୍ତ କରିପାରି ନଥିଲା। ମୁଖ୍ୟମନ୍ତ୍ରୀଙ୍କ ପ୍ରତିକ୍ରିୟା ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି।



କୁଆଖାଇ ନଦୀପଠାସ୍ଥିତ ଭୁବନେଶ୍ୱର ବାଲିଯାତ୍ରା ପଡ଼ିଆରେ ଭାରତୀୟ ବାୟୁସେନା ପକ୍ଷରୁ ଶୁକ୍ରବାର ସକାଳେ ହେବାକୁ ଥିବା ସୂର୍ଯ୍ୟ କିରଣ ଶୋ' ପାଇଁ ଗୁରୁବାର ରିହର୍ସାଲ ସମୟରେ ଆକାଶରେ ୯ଟି ବିମାନ କୌଶଳ ପ୍ରଦର୍ଶନ କରୁଛନ୍ତି।

# ହାଇଟେକ୍ ସର୍ଭେରେ ବିଳମ୍ବ

**୫ ଜିଲାରେ ଜମି କିଣାବିକା ବିଭ୍ରାଟ**

**କଟକ ଅଫିସ,୧୫।୯**

ଜମିଜମା ସଂକ୍ରାନ୍ତୀୟ ନକ୍ସାର ସ୍ଥିତି, ଅବସ୍ଥିତିକୁ ଗ୍ଲୋବାଲ ପୋଜିଶନିଂ ସିଷ୍ଟମ(ଜିପିଏସ୍) ଓ ଇଲେକ୍ଟ୍ରୋନିକ୍ସ ଟୋଟାଲ ଷ୍ଟେଶନ (ଇଟିଏସ୍) କରାଯିବା ଲକ୍ଷ୍ୟରେ ରାଜ୍ୟରେ ହାଇଟେକ୍ ସର୍ଭେ (ହାଇବ୍ରିଡ୍) ସିଷ୍ଟମ ଭଳି ପଦକ୍ଷେପ ହାତକୁ ନିଆଯାଇଛି। ଏହାଦ୍ୱାରା ରେକର୍ଡ ଅଫ୍ ରାଇଟ୍‌ସ (ଆର୍‌ଓଆର୍) ସଂରକ୍ଷିତ ସମସ୍ୟା ଦୂର ହେବା ସହ ଲାଟିଚ୍ୟୁଡ୍(ଅକ୍ଷାଂଶ) ଓ ଲଙ୍ଗିଚ୍ୟୁଡ୍(ଦ୍ରାଘିମା) ଅମେଳକ ଯୋଗୁ ଉପୁଜୁଥିବା ସମସ୍ୟାର ମଧ୍ୟ ସମାଧାନ ହୋଇପାରିବ। ଉନ୍ନତ ବୈଷୟିକ ଜ୍ଞାନ କୌଶଳ ମାଧ୍ୟମରେ ପ୍ରସ୍ତୁତ ଗ୍ଲୋବାଲ ପୋଜିଶନିଂ ଦ୍ୱାରା ଯେ କୌଣସି ବ୍ୟକ୍ତି ନିଜ ଜମିର ସ୍ଥିତି ଓ ଅବସ୍ଥିତି ଜାଣିବା ପାଇଁ ରାଜସ୍ୱ କାର୍ଯ୍ୟାଳୟ ନ ଯାଇ ଡିଜିଟାଲ ଫର୍ମାଟରେ ଯେ କୌଣସି ସ୍ଥାନରେ ରହି ଜାଣିପାରିବେ। ହେଲେ ଏହି ହାଇଟେକ୍ ସର୍ଭେ ବ୍ୟବସ୍ଥା କାର୍ଯ୍ୟକାରୀ ହେବାରେ ଅହେତୁକ ବିଳମ୍ବ ଘଟୁଥିବା କାରଣରୁ ରାଜ୍ୟ ସରକାରଙ୍କ ଲକ୍ଷ୍ୟ ସାଧିତ ହୋଇପାରୁ ନାହିଁ। ଏପରି କି ପାଇଲଟ ପ୍ରୋଜେକ୍ଟ ଭାବେ ନିଆଯାଇଥିବା ୫ ଜିଲାରେ ଏବେ ଦାଖଲ ଖାରଜ ହୋଇପାରୁ ନ ଥିବାରୁ ଲୋକମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ପୂର୍ବରୁ ଭୂଲେଖ ଆଇନରେ ଥିବା ପ୍ରତି ୨୫ବର୍ଷରେ ଥରେ ସେଟେଲମେଣ୍ଟ କାର୍ଯ୍ୟ ଯୋଗୁଁ ସରକାର ଅଧିକ ଖର୍ଚ୍ଚାନ୍ତ ହେବା ସହ ମଣିଷଦ୍ୱାରା ବ୍ୟବହୃତ ଚେନ୍ ମାପ ଓ ସରକାରଙ୍କ ଦ୍ୱାରା ସ୍ଥାପିତ ତ୍ରିଶୁଳି, ତ୍ରିଖୁଟି ସ୍ଥାନାନ୍ତର ଯୋଗୁଁ ଠିକ୍ ମାପ ନ ମିଳିବା ଯୋଗୁଁ ଜମି ସଂକ୍ରାନ୍ତ ମାମଲା ସମାଧାନ ହେବାକୁ ବର୍ଷ ବର୍ଷ ବିତି ଯାଇଥାଏ। ଏପରିକି ଗୋଟିଏ ସେଟେଲମେଣ୍ଟରେ ହୋଇଥିବା ଜମିର ସ୍ଥିତି ୨୫ ବର୍ଷ ପରେ ପୁନଃ ସେଟେଲମେଣ୍ଟ ବେଳେ ସ୍ଥାନ, ଚିହ୍ନ, ବଦଳି ଯାଇଥାଏ, ଯାହାକି ଉଭୟ ସରକାର ଓ ଜନସାଧାରଣଙ୍କ ପାଇଁ ଅଡୁଆ ସୃଷ୍ଟି ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ସମସ୍ତ ଭୂଲେଖ ବିଭାଗକୁ ଜିପିଏସ୍ କରାଯାଇ ପୂର୍ବରୁ ଥିବା ଅସଙ୍ଗତି ଦୂର ନିମନ୍ତେ ୨୦୧୨ରେ ରାଜ୍ୟ ସରକାର ରାଜ୍ୟର ୫ଟି ଜିଲାକୁ ପାଇଲଟ ପ୍ରକଳ୍ପ ଭାବେ ଗ୍ରହଣ କରିଛନ୍ତି। ସେଗୁଡ଼ିକ ହେଲା ଦେବଗଡ, ସମ୍ବଲପୁର, ସୁବର୍ଣ୍ଣପୁର, ସୁନ୍ଦରଗଡ ଓ ବଲାଙ୍ଗୀର। ତଦନୁଯାୟୀ ବମ୍ବେର ଏକ ଘରୋଇ ସଂସ୍ଥା ଏମ୍‌ଏସ୍‌ଆଇଆଇସି ଟେକ୍ନୋଲୋଜିସ ପ୍ରାଇଭେଟ ଲିମିଟେଡ ସହ ରାଜ୍ୟ ସରକାରଙ୍କ ଚୁକ୍ତି ହୋଇଛି। ଚୁକ୍ତି ଅନୁଯାୟୀ ସମ୍ପୃକ୍ତ ସଂସ୍ଥା ୨୦୧୩ରୁ କାର୍ଯ୍ୟ ଆରମ୍ଭ କରି ୨୦୧୫ରେ ଶେଷ କରିବାର ଥିଲା। କିନ୍ତୁ ୨୦୨୨ ଶେଷ ହେବାକୁ ବସିଥିବାବେଳେ ହାଇଟେକ୍ ସର୍ଭେ କାମ ଶେଷ ହେବାତ ଦୂରର କଥା, ୫୦ ପ୍ରତିଶତ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ୫ଟି ଜିଲାର ୬,୬୩୬ ଗ୍ରାମରେ ଆରମ୍ଭ ହୋଇଥିବା କାର୍ଯ୍ୟରେ ମାତ୍ର ୬୯୫ ଗ୍ରାମର ନକ୍ସା ଏବଂ ଆର୍‌ଓଆର୍ ପ୍ରକାଶନ ହୋଇପାରିଛି। ଅନ୍ୟପକ୍ଷରେ ଉପରୋକ୍ତ ୫ ଜିଲାରେ ୨୦୧୨ ରୁ ମ୍ୟୁଟେଶନ କାର୍ଯ୍ୟକୁ ସ୍ଥଗିତ ରଖାଯାଇଛି। ଫଳରେ ଜମି କିଣାବିକାରେ ଜନସାଧାରଣ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ୨ୟ ପର୍ଯ୍ୟାୟରେ କଟକ, ଖୋର୍ଦ୍ଧା, ଗଞ୍ଜାମ ଓ କେନ୍ଦୁଝର ଜିଲାକୁ ହାଇଟେକ ସର୍ଭେରେ ସାମିଲ କରିବା ଲକ୍ଷ୍ୟରେ ୨୦୧୩ରେ ରାଜ୍ୟ ସରକାର ଏମ୍.ଏସ୍. ଟ୍ରାଇକାର୍ଡ ନାମକ ସଂସ୍ଥା ସହ ଚୁକ୍ତି କରିଥିଲେ ହେଁ ସେହିବର୍ଷ ସମ୍ପୃକ୍ତ ସଂସ୍ଥା କାର୍ଯ୍ୟ ଛାଡ଼ି ପଳାଇଯିବାରୁ ସମ୍ପୃକ୍ତ ୪ ଜିଲାରେ ଏଯାଏ ହାଇଟେକ୍ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଫଳରେ ଏହି ବ୍ୟବସ୍ଥା ରାଜ୍ୟରେ କେତେଦୂର ସଫଳ ହେବ, ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଭୂ-ଅଭିଲେଖ ଓ ସର୍ବେକ୍ଷଣ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ତଥା ସଚିବ ବ୍ରହ୍ମାନନ୍ଦ ବେହେରାଙ୍କୁ ଯୋଗାଯୋଗ କରାଯିବାରୁ ଘଟଣାକୁ ସ୍ୱୀକାର କରିବା ସହ ବିଭାଗୀୟ ପରିଚାଳନାଗତ ତ୍ରୁଟି ଯୋଗୁଁ କାର୍ଯ୍ୟରେ ବିଳମ୍ବ ହେଉଛି। କଟକ, ଖୋର୍ଦ୍ଧା, ଗଞ୍ଜାମ ଓ କେନ୍ଦୁଝର ଜିଲାର ସର୍ଭେ ପାଇଁ ନୂତନ କାର୍ଯ୍ୟ ନିର୍ବାହୀ ସଂସ୍ଥା ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା କହିଛନ୍ତି।

# ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ବେଲ୍ ବଜାଇଲେ ନବୀନ

**ଭୁବନେଶ୍ୱର,୧୫।୯(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ) କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ସେଠାରେ ବିଏସ୍‌ଇ ଅଧ୍ୟକ୍ଷ ଏସ୍.ଏସ୍. ମୁନ୍ଦ୍ରାଙ୍କୁ ସାକ୍ଷାତ କରିବା ସହ ପୂର୍ବାହ୍ନ ୧୦ଟା ୫୯ରେ ଷ୍ଟକ୍ ଏକ୍ସଚେଞ୍ଜରେ ବେଲ୍ ବଜାଇଛନ୍ତି । ଓପନିଂ ବେଲ୍ ରିଂ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ବେଲ୍ ବଜାଇଛନ୍ତି । ଦଲାଲ ଷ୍ଟ୍ରିଟ୍‌ରେ ଥିବା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜକୁ ନବୀନଙ୍କର ଏହା ଥିଲା ପ୍ରଥମ ଗସ୍ତ । ସାଧାରଣତଃ ଷ୍ଟକ୍ ଏକ୍ସଚେଞ୍ଜରେ କୌଣସି କମ୍ପାନୀର ଲିଷ୍ଟିଂ ହେଲେ କିମ୍ବା ଆଇପିଓ ଇସ୍ୟୁ ହେଲେ କମ୍ପାନୀର କର୍ମକର୍ତ୍ତା ଓ ପ୍ରମୋଟର ବେଲ୍ ରିଂ କରିଥାନ୍ତି । ଏଥିସହ କୌଣସି ବିଶିଷ୍ଟ ବ୍ୟକ୍ତିଙ୍କୁ ବିଏସ୍‌ଇ ବେଲ୍ ବଜାଇ ସ୍ୱାଗତ କରିଥାଏ । ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ବେଲ୍ ବଜାଇବାରେ ନବୀନ ହେଉଛନ୍ତି ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ।

# +୨ ସ୍ପଟ୍ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ

**ଭୁବନେଶ୍ୱର,୧୫।୯(ବ୍ୟୁରୋ)**

୨୦୨୨-୨୩ଶିକ୍ଷାବର୍ଷରେ ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +୨ ନାମ ଲେଖା ପାଇଁ ଗୁରୁବାର ସ୍ପଟ ମେଧା ତାଲିକା ପ୍ରକାଶ ପାଇଛି। ଏଥିରେ ମନୋନୀତ ଛାତ୍ରୀଛାତ୍ର ୧୬ ତାରିଖ ସନ୍ଧ୍ୟା ୫ଟା ମଧ୍ୟରେ ସମ୍ପୃକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପଞ୍ଜୀକରଣ କରିବେ। ୧୭ ତାରିଖ ପୂର୍ବାହ୍ନ ୧୧ଟାରେ ସ୍ପଟ ନାମଲେଖା ପାଇଁ ଚୂଡ଼ାନ୍ତ ମେଧା ତାଲିକା ସମ୍ପୃକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରକାଶ ପାଇବ। ଏଥିରେ ମନୋନୀତ ହୋଇଥିବା ଛାତ୍ରୀଛାତ୍ର ୧୭ ତାରିଖ ଅପରାହ୍ନ ୧୨ଟାରୁ ୨୦ ତାରିଖ ଅପରାହ୍ନ ୪ଟା ଭିତରେ ନାମ ଲେଖାଇବେ। ରାଜ୍ୟରେ ୨,୦୬୫ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳା, ବିଜ୍ଞାନ, ବାଣିଜ୍ୟ, ସଂସ୍କୃତ ଓ ଧନ୍ଦାମୂଳକ ଶିକ୍ଷାରେ ନାମ ଲେଖାଇବା ପାଇଁ ୫,୦୭୮୨୨ ସିଟ୍ ରହିଛି। ଦୁଇଟି ପର୍ଯ୍ୟାୟରେ ୩,୬୪,୫୫୦ ସିଟ୍ ପାଇଁ ନାମଲେଖା ସରିଥିବା ବେଳେ ଏବେ ୧,୪୩,୨୭୨ଟି ସିଟ୍ ବଳକା ପଡ଼ିଛି। ସେଥିମଧ୍ୟରୁ କଳାରେ ୪୭,୫୭୩ ସିଟ୍ ଖାଲି ପଡ଼ିଥିବା ବେଳେ ବିଜ୍ଞାନରେ ୫୮,୯୯୧ ବାଣିଜ୍ୟରେ ୨୩,୨୬୪, ସଂସ୍କୃତରେ ୭,୪୧୧ ଏବଂ ଧନ୍ଦାମୂଳକ ଶିକ୍ଷାରେ ୬,୦୩୩ ସିଟ୍ ବଳକା ପଡ଼ିଛି।

# ପଥଚାରୀଙ୍କ ପାଇଁ ରାଜ୍ୟ, ଜାତୀୟ ରାଜପଥରେ ହେବ ସ୍ୱତନ୍ତ୍ର ଟ୍ରାକ୍

**ଭୁବନେଶ୍ୱର,୧୫।୯(ବ୍ୟୁରୋ)**

ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ରହିବ ସ୍ୱତନ୍ତ୍ର ଟ୍ରାକ୍, ଯେଉଁଥିରେ କେବଳ ପଥଚାରୀ ଚାଲିବେ। ଠିକ୍ ସେମିତି ସାଇକେଲ ଚାଳକଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ଟ୍ରାକ୍ ରହିବ। ହେଲେ ସେହି ରାସ୍ତାରେ ଯାନବାହନ ଯାଇପାରିବ ନାହିଁ। ରାଜ୍ୟର ସବୁ ସଡ଼କରେ ଏଭଳି ଡିଜାଇନ ରହିବ। ଦୁର୍ଘଟଣା ରୋକିବା ଲାଗି ପରିବହନ ବିଭାଗ ରାଜ୍ୟ ମୋଟର ଭେଇକିଲ୍ ଆକ୍ଟ ୧୯୯୩ରେ ସଂଶୋଧନକରି ଏହି ନିୟମ ଲାଗୁ କରିବାକୁ ଯାଉଛନ୍ତି। ସେଥିପାଇଁ ବିଭାଗ ଡ୍ରାଫ୍ଟ ପଲିସି ପ୍ରସ୍ତୁତ କରିଛି। ଜାତୀୟ ଓ ରାଜ୍ୟ ରାଜପଥରେ ପଥଚାରୀ ଏବଂ ସାଇକେଲ ଚାଳକ ଯାଉଥିବାରୁ ଅଧିକାଂଶ ସମୟରେ ଭିଡ଼ ହେଉଛି। ଏହାଛଡ଼ା ଯାନବାହନର ଦ୍ରୁତଗତି ଯୋଗୁ ପଥଚାରୀ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ଏହାକୁ ରୋକିବା ଲାଗି ପରିବହନ ବିଭାଗ ଡ୍ରାଫ୍ଟ ପଲିସି ପ୍ରସ୍ତୁତକରି ପୂର୍ତ୍ତ ବିଭାଗ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷ(ଏନ୍‌ଏଚ୍‌ଏଆଇ) ପାଖକୁ ମତାମତ ପାଇଁ ପଠାଇଥିବା ଜଣାପଡ଼ିଛି। କେବଳ ସେତିକି ନୁହେଁ, ଯେଉଁସବୁ ସ୍ଥାନରେ ନୂଆ ରାସ୍ତା ହେବ, ସେଠାରେ ଠିକାଦାର ପଥଚାରୀଙ୍କ ପାଇଁ ସ୍ୱତନ୍ତ୍ର ଟ୍ରାକ୍ କରିବେ। ଡିଜାଇନରେ ରାସ୍ତା ତିଆରି କରିବେ, ନଚେତ୍ ପ୍ରକଳ୍ପ ମୂଲ୍ୟର ଏକ ପ୍ରତିଶତକୁ ଫାଇନ ଆକାରରେ କଟାଯାଇ ରୋଡ୍ ସେଫ୍‌ଟି ଫଣ୍ଡରେ ଜମା କରାଯିବ ବୋଲି ଡ୍ରାଫ୍ଟ ପଲିସିରେ କୁହାଯାଇଛି। ସେହିପରି ଜାତୀୟ ରାଜପଥରେ ପ୍ରତି ୨ କିଲୋମିଟର ବ୍ୟବଧାନରେ ପଥଚାରୀ ରାସ୍ତା ପାରହେବା ଲାଗି ଫୁଟ୍ ଓଭରବ୍ରିଜ୍, ସବ୍‌ୱେ ଓ କ୍ରସ୍ ୱେର ବ୍ୟବସ୍ଥା କରିବାକୁ କୁହାଯାଇଛି। ଏଭଳି ଯୋଜନାକୁ ସଡ଼କ ସୁରକ୍ଷା କର୍ମୀ ସ୍ୱାଗତ କରିଥିବା ବେଳେ ରାସ୍ତାକଡ଼ରେ ଜବରଦଖଲ ଉଚ୍ଛେଦ ବଡ଼ ଚାଲେଞ୍ଜ ହେବ ବୋଲି ମତ ରଖିଛନ୍ତି। ତେବେ ଏ ନେଇ ପରିବହନ ବିଭାଗର ପ୍ରତିକ୍ରିୟା ମିଳିପାରି ନାହିଁ। ରାଜ୍ୟର ପ୍ରତି ସ୍ଥାନରେ ସଡ଼କ ପରିବହନଜନିତ ତ୍ରୁଟି ପାଇଁ ଅକାଳରେ ହଜାର ହଜାର ଲୋକଙ୍କ ଦୁର୍ଘଟଣାରେ ପ୍ରାଣ ଯାଉଛି। କେଉଁଠି ରାସ୍ତା ଉପରେ ପାର୍କିଂ ତ ଆଉ କେଉଁଠି ସାଇକେଲ ଟ୍ରାକ୍‌ରେ ବାଇକ୍ ଗଡୁଛି। ରଙ୍ଗ୍ ଡ୍ରାଇଭ୍ ମଧ୍ୟ ପ୍ରାଣଘାତୀ ସାବ୍ୟସ୍ତ ହେଉଛି। ରାଜ୍ୟରେ ଯଥେଷ୍ଟ ଫୁଟ୍ ଓଭର ବ୍ରିଜ୍ ଯଦିଓ ନାହିଁ, ଯେଉଁସବୁ ସ୍ଥାନରେ ଅଛି ସେଠାରେ ଲୋକ ସେତେଟା ବ୍ୟବହାର କରୁନାହାନ୍ତି। ଜାତୀୟ ରାଜପଥକୁ ସଂଯୋଗ କରୁଥିବା ସର୍ଭିସ ରୋଡ୍ ମଧ୍ୟ ଦୁର୍ଘଟଣାର ମୁଖ୍ୟ କାରଣ ପାଲଟିଥିବା ଆଲୋଚନା ହେଉଛି।



**ଆଜିର ମନ୍ତବ୍ୟ**

"ଅମୃତ କାଳର ଆଗାମୀ ୨୫ ବର୍ଷ ପାଇଁ ଭାରତ ଅନେକ ମାଇଲଖୁଣ୍ଟ ଅତିକ୍ରମ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଦେଶର ଏହି ବିକାଶ ଯାତ୍ରାରେ ଆମେରିକା ଗୁରୁତ୍ୱପୂର୍ଣ୍ଣ ସହଭାଗୀ ଭୂମିକା ଗ୍ରହଣ କରିବ।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁଚ୍ଛା କଥା**
**ତୁଚ୍ଛା କଥାରେ ଏତେ ହୀନସ୍ତା।**

କଥା ନିହାତି ମାମୁଲି, ଅର୍ଥହୀନ ପରନ୍ତୁ ସେଇ କଥାରେ ମାତି ସମସ୍ତେ ଅସ୍ତବ୍ୟସ୍ତ, ହଇରାଣ ହରକତ। ସାଧାରଣତଃ ଅଯଥା ବା ମୂଲ୍ୟହୀନ କଥାକୁ ଅଧିକ ଗୁରୁତ୍ୱ ଦେବା ଉଚିତ ହୋଇ ନ ଥାଏ। ମୂଲ୍ୟହୀନ କଥା ଶୁଣି ମନ ଖରାପ କରିବାରେ ଲାଭ କିଛି ମିଳୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ତୁଚ୍ଛାକୁ ରଙ୍କୁଣୀ ଫୁଲୁଛି**
**ଗୋଦର ଗୋଡ଼କୁ ଲୁହା ଶିକୁଳି**
**ଗାଁ ଚାରିପାଖେ ବୁଲୁଛି।**

ଉତ୍ସାହଜନକ ପରିବେଶରେ ବ୍ୟକ୍ତି ଉଦ୍‌ବୁଦ୍ଧ ହେବା ସ୍ୱାଭାବିକ। କିନ୍ତୁ ଅନେକ କ୍ଷେତ୍ରରେ କିଛି ବ୍ୟକ୍ତି ତୁଚ୍ଛାକୁ ଫୁଲି ଉଠନ୍ତି ବା ବାହ୍ୟ ଆଡମ୍ବର ଦେଖେଇ ହୁଅନ୍ତି, ଯାହାକି ଅନ୍ୟ ଆଖିରେ ନିହାତି ଅସୁନ୍ଦର ଲାଗିଥାଏ। ବେଢଙ୍ଗିଆ ନାରୀ ବେଶପଟା ହୋଇ ଚାରିଆଡେ ବୁଲି ନିଜକୁ ଦେଖେଇ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲିଃ

# ପୂର୍ବତନ ବିଧାୟକ ଗୋପନାରାୟଣ ଦାସଙ୍କ ପରଲୋକ

**ବାଲେଶ୍ୱର ଅଫିସ,୧୫।୯**



ପୂର୍ବତନ ବିଧାୟକ ଗୋପନାରାୟଣ ଦାସ

ବାଲେଶ୍ୱର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଗୋପନାରାୟଣ ଦାସ(୭୪)ଙ୍କ ଗତ ବୁଧବାର ବିଳମ୍ବିତ ରାତିରେ ପରଲୋକ ହୋଇଛି। ତାଙ୍କର ବ୍ରେନ ଷ୍ଟ୍ରୋକ ହେବାରୁ ପରିବାର ଲୋକେ କଟକ ବଡ଼ ମେଡିକାଲ ନେଉଥିବାବେଳେ ଅଧା ବାଟରେ ମୃତ୍ୟୁ ହୋଇଯାଇଥିଲା। ମରଶରୀର ବାଲେଶ୍ୱର ଗୋପାଳଗାଁସ୍ଥିତ ବାସଭବନରେ ଗୁରୁବାର ପହଞ୍ଚିବା ପରେ କଂଗ୍ରେସ ନେତାଙ୍କ ସମେତ ବିଭିନ୍ନ ଦଳର ରାଜନେତା, ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ସ୍ୱର୍ଗତ ଦାସ ୧୯୮୫ରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଛାତ୍ର ଜୀବନରୁ କଂଗ୍ରେସ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜନୀତିରେ ଅଂଶଗ୍ରହଣ କରିଥିଲେ। ପରେ ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନ ଶିକ୍ଷା ସମାପ୍ତ କରି ବାଲେଶ୍ୱରରେ ଆଇନଜୀବୀ ଭାବେ କାର୍ଯ୍ୟ କରିଥିଲେ। ୧୯୭୩ରେ କାଉନସିଲର ଭାବେ ନିର୍ବାଚନ ଜିଣି ରାଜନୈତିକ ଜୀବନ ଆରମ୍ଭ ହୋଇଥିଲେ। ୧୯୮୦ରୁ ୧୯୮୫ ବାଲେଶ୍ୱର ସଦର ବ୍ଲକ ଚେୟାରମ୍ୟାନ ଏବଂ ପରବର୍ତ୍ତୀ ସମୟରେ ବାଲେଶ୍ୱର ନିର୍ବାଚନମଣ୍ଡଳୀରୁ କଂଗ୍ରେସ ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରି ୧୯୮୫ରୁ ୧୯୯୦ ପର୍ଯ୍ୟନ୍ତ ବିଧାୟକ ଭାବେ ଦାୟିତ୍ୱ ତୁଲାଇଥିଲେ। ସେହିଭଳି ଜିଲା କଂଗ୍ରେସ କମିଟି ସଭାପତି ଭାବେ ଦାୟିତ୍ୱ ନିର୍ବାହ ସହ କଂଗ୍ରେସ ସରକାର ସମୟରେ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମର ଚେୟାରମ୍ୟାନ ଭାବେ ୧୯୯୬ରୁ ୨୦୦୦ମସିହା ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇଥିଲେ। ଏଥିସହ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ସଙ୍ଗଠନ ସହିତ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଜଡ଼ିତ ଥିଲେ।

# ହୃଦ୍‌ଘାତରେ ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ମୃତ୍ୟୁ

**ଜଗନ୍ନାଥପ୍ରସାଦ,୧୫।୯(ଡି.ଏନ.ଏ.)**

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ଜାତୀୟ କଂଗ୍ରେସର ବରିଷ୍ଠ ନେତା ରାଜା ସାହେବ ସରୋଜ କୁମାର ଭଞ୍ଜଦେଓ (୭୦)ଙ୍କର ଗୁରୁବାର ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ସକାଳେ ସେ ଛାତିରେ ଯନ୍ତ୍ରଣା କରିଥିଲେ। ତାଙ୍କୁ ପରିବାର ଲୋକେ କଟକ ନେଉଥିବା ବେଳେ ନୟାଗଡଠାରେ ଗୁରୁତର ହୋଇପଡିଥିଲେ। ସେଠାରୁ ଏକ ଆମ୍ବୁଲାନ୍ସ ଯୋଗେ କଟକ ବଡ ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। କଟକରୁ ତାଙ୍କ ମରଶରୀର ଭୁବନେଶ୍ୱର ବାସ ଭବନକୁ ଅଣାଯାଇଥିଲା। ସ୍ୱର୍ଗତ ଭଞ୍ଜଦେଓ ୧୯୮୦ ଠାରୁ କଂଗ୍ରେସରେ ଯୋଗଦେଇ ପ୍ରତ୍ୟକ୍ଷ ରାଜନୀତି ଆରମ୍ଭ କରିଥିବା ବେଳେ ସେତେବେଳେ ଆସ୍କା ଲୋକ ସଭା ଏମ୍‌ପି ଥିବା ରାମ ରଥଙ୍କ ପ୍ରତିନିଧି ଭାବେ କାର୍ଯ୍ୟ କରିଥିଲେ। ସ୍ୱର୍ଗତ ଦେଓ କଂଗ୍ରେସରୁ ନିର୍ବାଚନ ଲଢ଼ି ୧୯୮୪ରେ ବ୍ଲକ ଅଧ୍ୟକ୍ଷ ଥିଲେ। ବହୁବର୍ଷ ଧରି ପିସିସି ସଭ୍ୟ ପଦବୀରେ ମଧ୍ୟ ରହିଥିଲେ। ମୃତ୍ୟୁ ଖବର ପାଇ ବ୍ଲକ କଂଗ୍ରେସ ସଭାପତି ବିଦ୍ୟାଧର ପ୍ରଧାନ, ପୂର୍ବତନ ବିଧାୟକ ଡମ୍ବରୁଧର ସେଠୀ, ପୂର୍ବତନ ପିସିସି ସଭ୍ୟ ଚରଣ ବେହେରା ଓ ଚନ୍ଦ୍ର ପ୍ରଧାନ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଚନ୍ଦ୍ର ମଙ୍ଗଳ ସଂଯୋଗରୁ ଆର୍ଥିକ ଅଭିବୃଦ୍ଧି ସହ ପାରିବାରିକ ଜୀବନ ପ୍ରୀତିପ୍ରଦ ରହିବ। ପିଲାଙ୍କ ସ୍ୱାସ୍ଥ୍ୟ ସମସ୍ୟା ନେଇ ମାନସିକ ସ୍ଥିତି ବିପନ୍ନ ହୋଇପାରେ। ଘରଭଡ଼ାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହେବାର ଆଶଙ୍କା ରହିଛି। କଳକାରଖାନାରେ କିମ୍ବା ନିଜ ଦପ୍ତରରେ ଶ୍ରମିକମାନଙ୍କୁ ଉଚିତ ମାର୍ଗରେ ଚଳାଇବାରେ ସମର୍ଥ ହେବେ।

**ବୃଷ** – ଅର୍ଥ ଓ ସମ୍ମାନ ମିଳିବା ଦିଗରେ ବିଶେଷ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ରାଜନୈତିକ କ୍ଷେତ୍ରରେ ସାଙ୍ଗଠନିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଘରେ ବନ୍ଧୁମିଳନ ସହିତ ଖୁସିର ଆସର ଜମିପାରେ।

**ମିଥୁନ** – ଦୀର୍ଘଦିନରୁ ଆପଣ ମନେମନେ ଚିନ୍ତା କରିଥିବା କାମଗୁଡ଼ିକ ଆଜି ବାସ୍ତବରେ ଓଲଟା ହେବ। ବନ୍ଧୁମାନଙ୍କ ମେଳରେ ଆଜିର ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରୀତିପ୍ରଦ ହେବ। ଅଫିସ କାମର କେତେକ ଘଟଣା ବିଷୟରେ ଜାଣିଶୁଣି ଚୁପ୍ ରହିବାକୁ ବାଧ ହେବେ। ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି।

**କର୍କଟ** – କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଆବଶ୍ୟକତା ପୂରଣ କରିବା ଦିଗରେ ଋଣ ସୂତ୍ରରେ ଅର୍ଥଲାଭ କରିବେ। କଠିନଶ୍ରମ ଓ ଅଧ୍ୟବସାୟ ବଳରେ ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ ବନ୍ଧୁମିଳନରୁ ଖୁସି ରହିବେ।

**ସିଂହ** – ବିଭିନ୍ନ ସମସ୍ୟା ମଧ୍ୟରେ କୌଣସି ନିଶ୍ଚିତ କାର୍ଯ୍ୟପନ୍ଥା ଗ୍ରହଣ କରିପାରିବେ ନାହିଁ। ଯେତେ ଭଲ କଥା କହିଲେ ମଧ୍ୟ ବନ୍ଧୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିବେ। ଆଜିର ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଉପସ୍ଥିତି ବୁଦ୍ଧି ପ୍ରୟୋଗ କରି କାମ ହାସଲ କରିବେ। ଶତ୍ରୁତା ଯୋଗୁ ବିଚଳିତବୋଧ କରିବେ ଓ କାର୍ଯ୍ୟ ଠିକ୍ ସମୟରେ ସମ୍ପନ୍ନହେବା କଷ୍ଟକର ହୋଇପଡିବ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବେ ଏବଂ ଆବଶ୍ୟକ ସାହାଯ୍ୟ ମଧ୍ୟ କରିବେ। ଯେତେ ଭଲ କାମ କଲେ ମଧ୍ୟ ସମାଲୋଚିତ ହୋଇପାରନ୍ତି।

**ତୁଳା** – ଯେତେ ଉପାୟ ଅବଲମ୍ବନ କଲେ ମଧ୍ୟ ଲୋକସମ୍ପର୍କ ବୃଦ୍ଧି ପାଇବା ଦୁଷ୍କର ହୋଇପଡ଼ିବ। ଅପରାହ୍ନେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ। ସ୍ୱାସ୍ଥ୍ୟରେ ସାମାନ୍ୟ ଉନ୍ନତି ଦେଖାଯିବ, ଫଳରେ ଟେନସନ୍ କିଛି ମାତ୍ରାରେ କମିଯାଇପାରେ।

**ବିଛା** – କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ପ୍ରଶଂସିତ ହେବେ। ଦୀର୍ଘଦିନରୁ ଅପେକ୍ଷା କରିଥିବା କାମ ସମ୍ପର୍କରେ କିଛି ଆଶାଜନକ ଖବର ପାଇ ସାମୟିକ ଖୁସି ହୋଇଯିବେ। ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ଅଧିକ ସମୟ କଟିବ। ସଂଗଠନ, ରାଜନୀତି, ପ୍ରଶାସନ ପାଇଁ ଆଜି ଦିନଟି ବହୁତ ଭଲ।

**ଧନୁ** – କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡ଼ି ସହକର୍ମୀଙ୍କ ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝି ପାରିବେନି। ଆଜିର ଦୂରଯାତ୍ରା ସଫଳ ହେବ ଓ ଆଶା ମଧ୍ୟ ପୂରଣ ହେବ। ଅଭାବ ନ ଥିଲେ ମଧ୍ୟ ପାରିବାରିକ କ୍ଷେତ୍ରରେ ଅସ୍ଥିରତା ହିଁ ମାନସିକ ଅଶାନ୍ତିର କାରଣ ହୋଇପାରେ। ପରିଜନ ସହ ଭ୍ରମଣ ସୁଯୋଗ ପାଇ ଏକ ପ୍ରକାର ଖୁସି ରହିବେ।

**ମକର** – କାମ ହାସଲ ହେବା କାରଣରୁ ମାନସିକ ସ୍ଥିତି ଭଲ ରହିବ। ଧନିଷ୍ଠା ନକ୍ଷତ୍ର ଜାତ ବ୍ୟକ୍ତିମାନେ ଦ୍ୱନ୍ଦ୍ୱରେ ପଡି ପରିବାରର ପ୍ରତ୍ୟେକ ସଦସ୍ୟଙ୍କ କଥାକୁ ଠିକ୍ ଭାବେ ବୁଝି ପାରିବେନି। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ, ନଚେତ୍ ଅଦଳବଦଳ ହୋଇ ଯାଇପାରେ। ବନ୍ଧୁଙ୍କ ଫେରିବାର ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପଡିବେ।

**କୁମ୍ଭ** – ଅଫିସରେ ପ୍ରିୟ କଥା କହି ସମସ୍ୟା ସୁଧାରି ନେବେ। ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ ମାତ୍ର ବ୍ୟବସାୟରେ ସଫଳତା ହାସଲ କରିବେ। ମାନସିକ ସ୍ତରରେ ଯନ୍ତ୍ରଣା ଅନୁଭବ କରିବେ। ଲେଖାପଢ଼ା, କଳା, ସାହିତ୍ୟ, ସାଧନା କ୍ଷେତ୍ରରେ ଖୁସି ଅନୁଭବ କରିପାରନ୍ତି।

**ମୀନ** – କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଦୀର୍ଘ ପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଆଜିହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।


# classifieds

**Everyday**
0674-2580101, 2549302

**real estate**

**SALE**

Re-sale 3BHK flat-1500sqft. BJB Nagar, near BJB College Arts Block & 3BHK 1250sqft. flat Vivekanandamarg, Nageswartangi, Bhubaneswar. 9348321062, 7008118575. D-73719

Bhubaneswar Khorda near 100ft. road available ଘରବାଡ଼ିଜମି immediate registration, possession book @ 3lacs. 9078263828. D-1520

Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272. D-73296

Low cost plot sqft. 180/- to 290/- near ସାକ୍ଷୀଗୋପାଳ, ପୁରୀ, କଟକ, IIT ଅରଗୁଳ ପାଖରେ immediate possession road ସହିତ ମିଳୁଛି। 9692213354. D-73971

Residential gharabari plot with boundary wall inside 7 Family Complex, Safety, Secured, Brahmin Culture Family Stayed, 6 K.M. from Nakhara, Cuttack. 7809525452. D-73967

Bhubaneswar Infosys-2 ପାଖରେ 2000sqft. plot sale 17,00,000/- (65 plot available). 9938016295. D-74116

Layout approval (30'road) ସହିତ Bank Finance ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି (100% clean) plot @9,00,000/-ରେ କିଣନ୍ତୁ। OD GROUP. 9437033320. D-74112

SBI Colony ପାଖ କେଶୁରାରେ immediate ଘରକରି ରହିବା ପାଇଁ ଘରବାରି ପ୍ଲଟ୍ ମିଳୁଛି। 9692213354. D-73970

Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ। 7008297827, 9692999455. D-74105

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-74109

ଭୁବନେଶ୍ୱର ଗଙ୍ଗପଡ଼ା NH-5 ରୁ 500 mtr ଦୂରରେ BDA yellowzone ଘରବାରି boundary plot ମିଳୁଛି। 7978676652, 7848882166. D-74111

ଫୁଲନଖରା ଓମ୍‌ଫେଡ ଛକ ପାଖରେ immediate ଘର କରିବା ପ୍ଲଟ୍ ବିକ୍ରିହେବ। 9090556060. D-73872

**healthcare**

Ashirvaad Saloon and SPA getgood massage for your health tha best therapy. 7077181074. D-73969

Newly open full body massage ladies and gents. 8327740003, 8093860513. D-73968

Newly opened full body massage center by expert therapist. 7381172169. D-73643

Hearbal full body relax massage by trend ledy therapist. 6371676208. D-73644

New open full body massage ladies & gents available. 8093726714. D-73638

Newly open Spa offer @799/-, positively health benefits, Kalpana- 7846814019. D-73642

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73966

Newly open Spa positively health benefit with expert. Contact: 7749976301. D-73870

**business**

Save on Electricity bills. Forget power interruptions. Install Nexus Brand Solar Panels, inverters. Contact REMS LLP, Satyavihar, Bhubaneswar. 7606862090. 9777065888. D-73640

(ଟାଇମ୍ ଟୁ ଟ୍ରେଡ୍) ଏହା ଏକ ପଞ୍ଜୀକୃତ କମ୍ପାନୀ, ଆପଣ ଏହା ସହିତ ଯୋଡିହୁଅନ୍ତୁ ଏବଂ ଲାଭ ଉଠାନ୍ତୁ। ପ୍ରତ୍ୟେକ ଦିନ- ୧୦୦/-ରୁ ୧୦୦୦୦୦/- ପର୍ଯ୍ୟନ୍ତ ଏବଂ ତା'ଠାରୁ ଅଧିକ ରୋଜଗାର କରନ୍ତୁ। ବିନା ମାର୍କେଟ ରିସ୍କରେ ଆମ ସହ ଯୋଗାଯୋଗ କରନ୍ତୁ- 9090888033, 9090888044, 9090888055, 9090888066, 06742915001. D-73869

**AFFIDAVIT**

By virtue of an affidavit before Notary Public, Angul, Natabar Senapati has declare that his name has been wrongly mentioned as Natabar Behera in Pension Book, Bank Pass Book, School Certificates instead of Natabar Senapati. Further Natabar Behera and Natabar Senapati is the same and one person vide Affidavit dt. 31.07.2009. D-1532

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**ପ୍ରଥମ ପୃଷ୍ଠାରୁ...**

## ଆଜି ସୂର୍ଯ୍ୟକିରଣ...

ଭୁବନେଶ୍ୱରରେ ଏହି ଶୋ' ପ୍ରଥମଥର ପାଇଁ ଅନୁଷ୍ଠିତ ହେଉଥିବାରୁ ଏହାକୁ ନେଇ ଲୋକମାନେ ବେଶ୍ ଉତ୍ସାହିତ ଅଛନ୍ତି। ବୁଧବାର ଦୁଇଟି ହକ୍ ବିମାନ ବାଲିଯାତ୍ରା ପଡ଼ିଆ ଉପରେ ବୁଲି ମ୍ୟାପିଂ ଓ ଚେକିଂ କରି ଫେରିଥିଲେ। ଗୁରୁବାର ବାୟୁସେନା ପକ୍ଷରୁ ଫୁଲ ଡ୍ରେସ୍ ରିହର୍ସାଲ ହୋଇଥିଲା। ଏହି ରିହର୍ସାଲ ଦେଖିବା ପାଇଁ ଲୋକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଏହି ଅଭ୍ୟାସ କାର୍ଯ୍ୟକ୍ରମରେ ବାୟୁସେନାର ୯ଟି ହକ୍ ବିମାନ ସାମିଲ ହୋଇ ବିଭିନ୍ନ ଚିତ୍ତାକର୍ଷକ କୌଶଳ ପ୍ରଦର୍ଶନ କରିଥିଲେ। ଏଥିସହ ସୈନିକ ସ୍କୁଲର ଏଏନ୍‌ସିସି କ୍ୟାଡେଟ୍, ବିଭିନ୍ନ ସ୍କୁଲର ସ୍କାଉଟ୍ସ ଆଣ୍ଡ ଗାଇଡ୍ସର ଛାତ୍ରୀଛାତ୍ରମାନେ ମଧ୍ୟ ପୋଲିସକୁ ସହାୟତା କରିଥିଲେ। ବିଶେଷକରି ଆରୋହେଡ୍ ଫର୍ମେଶନ, ଡାଇମଣ୍ଡ ଫର୍ମେଶନ, ସୂର୍ଯ୍ୟକିରଣ ଫର୍ମେଶନ ଆଦି କୌଶଳ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ତେବେ ଏହି ଶୋ'କୁ ଗ୍ରୁପ କ୍ୟାପଟେନ ଜି.ଏସ୍.ଝେଲନ ଲିଡ୍ କରୁଥିବା ସୂଚନା ମିଳିଛି। ଏହି ଏୟାର ଶୋ'ରେ ବାୟୁସେନାର ବୀର ଯବାନମାନେ ଭୂମିଠାରୁ ପାଖାପାଖି ୫ଶହ ଫୁଟ ଉର୍ଦ୍ଧ୍ୱରେ ଏବଂ ଘଣ୍ଟା ପ୍ରତି ପ୍ରାୟ ୧୬୦୦ କିମି ବେଗରେ କୌଶଳ ପ୍ରଦର୍ଶନ କରିଥିଲେ। ଶୁକ୍ରବାର ପୂର୍ବାହ୍ନ ୧୦ଟା ସମୟରେ ଏହି ଏରୋବାଟିକ ଶୋ' ଆରମ୍ଭ ହେବ। ତେବେ ଶୁକ୍ରବାର ମୋଟରେ ୧୧ଟି ବିମାନ ଆସିବାକୁ ଥିବାବେଳେ ସେଥିମଧ୍ୟରୁ ୯ଟି ପ୍ରଦର୍ଶନ କରିବେ ଏବଂ ଅନ୍ୟ ୨ଟି ବିମାନକୁ ଷ୍ଟାଣ୍ଡବାଏରେ ରଖାଯିବ। ପ୍ରାୟ ୨୦ରୁ ୨୫ ମିନିଟ୍ ଧରି ଏହି ଶୋ ଚାଲିବ। ଏହି ଶୋ'କୁ ଦେଖିବା ପାଇଁ ଏଥିରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସମେତ ଭିଭିଆଇପି ଏବଂ ବିଶିଷ୍ଟ ବ୍ୟକ୍ତି ଯୋଗଦେବାକୁ ଥିବାବେଳେ ୧୨ଶହରୁ ଉର୍ଦ୍ଧ୍ୱ ଲୋକ ବସି ଦେଖିବାର ବ୍ୟବସ୍ଥା ହୋଇଛି। ଏଥିସହ ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ନେଇ ପ୍ରଶାସନ ପକ୍ଷରୁ କୁଆଖାଇର ଉଭୟ ପାର୍ଶ୍ୱରେ ପୋଲିସର କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏ ନେଇ ଡିସିପି ପ୍ରତୀକ ସିଂ ଖବରଦାତା ସମ୍ମିଳନୀ ଜରିଆରେ କହିଛନ୍ତି, ସୂର୍ଯ୍ୟକିରଣ ଶୋ' ଦେଖିବାକୁ ଆସିବାକୁ ଥିବା ସମସ୍ତଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ରାସ୍ତାରୁ ଟ୍ରାଫିକ ବ୍ୟବସ୍ଥା ଆରମ୍ଭ କରି ପାର୍କିଂ, କୁଆଖାଇ ନଦୀର ଉଭୟ ପାର୍ଶ୍ୱରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଓଡ୍ରାଫ୍ ଟିମ ଓ ସ୍ପେଶାଲ ଟିମ୍ ରଖାଯାଇଛି। ସୁରକ୍ଷା ପାଇଁ ୪୫ ସେକ୍ସନ୍ ଫୋର୍ସ, ୩ଜଣ ଅତିରିକ୍ତ ଡିସିପି, ୯ ଏସିପି, ୨୧ ଇନ୍‌ସ୍ପେକ୍ଟର/ସୁବେଦାର, ୫୦ ଏସ୍‌ଆଇ/ଏଏସ୍‌ଆଇ, ୧୦୦ ହୋମଗାର୍ଡ ମୁତୟନ କରାଯିବାର ବ୍ୟବସ୍ଥା କରାଯାଇଛି। ଏପରିକି ନଦୀର ଉଭୟ ପାର୍ଶ୍ୱରେ କଡ଼ାକଡ଼ି ବ୍ୟବସ୍ଥା କରାଯାଇଛି ବୋଲି ଡିସିପି ସିଂ କହିଛନ୍ତି।

## ୨ ଦଳିତ ଭଉଣୀଙ୍କୁ...

ଲଖିମପୁର ଖେରି ଏସ୍‌ପି ସଞ୍ଜୀବ ସୁମନ ପ୍ରାଥମିକ ତଦନ୍ତ ଆଧାରରେ ଖବରଦାତାମାନଙ୍କୁ କହିଛନ୍ତି, ଦୁଇ ଝିଅ ବୁଧବାର ଅପରାହ୍ନରେ ଅଭିଯୁକ୍ତ ଜୁନୈଦ ଓ ସୋହାଇଲଙ୍କ ସହ ନିଜ ଘର ଛାଡ଼ିଥିଲେ। ଏହା ପୂର୍ବରୁ ଦୁହିଁଙ୍କୁ ଅପହରଣ କରାଯାଇଥିବା ନେଇ ସେମାନଙ୍କ ମା' ଅଭିଯୋଗ ଆଣିଥିଲେ। ଜୁନୈଦ ଓ ସୋହାଇଲ ବଳାତ୍କାର ପରେ ତଣ୍ଟିଚିପି ହତ୍ୟା କରିଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ଦୁଇ ଭଉଣୀଙ୍କ ସହ ଅଭିଯୁକ୍ତ ଦ୍ୱୟଙ୍କ ସମ୍ପର୍କ ରହିଥିଲା। ଦୁଇ ଭଉଣୀ ସେମାନଙ୍କୁ ବିବାହ ପାଇଁ ବାଧ କରିବାରୁ ଅଭିଯୁକ୍ତ ଦ୍ୱୟ ମାରିଦେଇଥିଲେ। ଗିରଫ ହୋଇଥିବା ଅନ୍ୟ ଅଭିଯୁକ୍ତମାନେ ହେଲେ ହଫିଜର ରହମାନ, କରିମୁଦ୍ଦିନ, ଆରିଫ ଓ ଛୋଟୁ। ପୋଲିସ ଗୁରୁବାର ସକାଳ ୮ଟା ୩୦ରେ ଧରିବାକୁ ଯାଉଥିବାବେଳେ ସେମାନେ ଫେରାର ହେବାକୁ ଉଦ୍ୟମ କରିଥିଲେ। ପୋଲିସ ଏନ୍‌କାଉଣ୍ଟର ବେଳେ ଜୁନୈଦଙ୍କ ଗୋଡ଼ରେ ଗୁଳି ବାଜିଥିଲା ତାଙ୍କ ନିଟକରୁ ଏକ ବାଇକ୍, ଦେଶୀ ପିସ୍ତଲ ଓ ଅନ୍ୟ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ଆଇନଶୃଙ୍ଖଳା) ପ୍ରଶାନ୍ତ କୁମାର କହିଛନ୍ତି, ପୀଡ଼ିତାଙ୍କ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ସେମାନେ ଦୁହିଁଙ୍କ ଶେଷକୃତ୍ୟ କରିବେ। ଏସ୍‌ପି ସଞ୍ଜୀବ ସୁମନ ଆହୁରି କହିଛନ୍ତି, ଅନ୍ୟ ଅଭିଯୁକ୍ତମାନଙ୍କ ପୋଷାକଗୁଡ଼ିକୁ ପରୀକ୍ଷା ପାଇଁ ପଠାଯାଇଛି। ମୃତଦେହ ବ୍ୟବଚ୍ଛେଦର ସମ୍ପୂର୍ଣ୍ଣ ଭିଡିଓଗ୍ରାଫି କରାଯାଇଥିଲା।

ପୀଡ଼ିତାଙ୍କ ବାପା ଜଣେ ଭୂମିହୀନ ଶ୍ରମିକ। ପୋଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ସେ ସନ୍ତୋଷ ବ୍ୟକ୍ତ କରିଛନ୍ତି। ପୀଡ଼ିତାଙ୍କ ମା' ନିଘାସନ କୋଟ୍‌ୱାଲି ଥାନାରେ ବୁଧବାର ରାତିରେ ଘଟଣା ସମ୍ପର୍କରେ ଏତଲା ଦେଇଥିଲେ। ତାଙ୍କ ଅଭିଯୋଗ ହେଲା, ପଡ଼ୋଶୀ ଛୋଟୁଙ୍କ ସହ କେତେଜଣ ଅଚିହ୍ନା ଯୁବକ ୩ଟି ବାଇକ୍‌ରେ ଆସିଥିଲେ। ସେମାନେ ଦୁଇ ଝିଅଙ୍କୁ ଟାଣି ନେଉଥିବାବେଳେ ପ୍ରତିରୋଧ କରିବାରୁ ସେମାନେ ତାଙ୍କୁ ଗୋଇଠା ମାରିଥିଲେ। ଏଥିସହ ଦୁଇ ଝିଅଙ୍କୁ ଉଠାଇ ନେଇଥିଲେ। ପରେ ଦୁହିଁଙ୍କ ମୃତଦେହ ଗାଁ ବାହାର ଆଖୁ କ୍ଷେତର ଏକ ଗଛରେ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ଏହି ବିଷୟ ପ୍ରଘଟ ହେବା ପରେ ଗ୍ରାମବାସୀମାନେ ନିଘାସନ କ୍ରସିଂରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗାଁରେ ଆଇନଶୃଙ୍ଖଳା ସୁନିଶ୍ଚିତକରିବା ଲାଗି ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଲକ୍ଷ୍ନୌରୁ ଘଟଣାସ୍ଥଳକୁ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ପଠାଯାଇଥିବା ଏଡିଜିପି କୁମାର ସୂଚନା ଦେଇଛନ୍ତି।

ଘଟଣାକୁ ନେଇ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ମଧ୍ୟ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀ କହିଛନ୍ତି, ସରକାର ଭୁଲ୍ ବିଷୟ ଉପରେ ଗୁରୁତ୍ୱ ଦେଉଥିବାରୁ ୟୁପିରେ ଅପରାଧୀମାନେ ଭୟଶୂନ୍ୟ ହୋଇ ମୁକୁଳା ବୁଲୁଛନ୍ତି। ସରକାର ନିଜ ନୀତିରେ ସଂସ୍କାର ଆଣିବା ଦରକାର। ଅନ୍ୟପକ୍ଷେ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଓ ବ୍ରଜେଶ ପାଠକ କହିଛନ୍ତି, ସରକାର ପୀଡ଼ିତଙ୍କ ପରିବାର ସହ ଅଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ଘଟଣାକୁ ନେଇ ରାଜନୀତି କରା ନ ଯାଉ।

## ରାଜ୍ୟ ସରକାରଙ୍କୁ ୧୧୫...

ହାଇକୋର୍ଟ ପୂର୍ବ ଶୁଣାଣିରେ କମ୍ପାନୀର କେତେଜଣ କର୍ମଚାରୀଙ୍କ କେତେ ଟଙ୍କା ବକେୟା ରହିଛି ତା'ର ତାଲିକା କରିବା ନିମନ୍ତେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ନିଯୁକ୍ତ କରିବାକୁ ହାଇକୋର୍ଟ କହିଥିଲେ। ଓଟିଏମ୍ ପାଇଁ ରାଜ୍ୟ ସରକାର ପ୍ରାଥମିକ ପର୍ଯ୍ୟାୟରେ ୩୦ କୋଟି ଟଙ୍କା ଜମା କରିଥିବା ନେଇ ଆଡଭୋକେଟ ଜେନେରାଲ ଅଦାଲତଙ୍କୁ ଅବଗତ କରାଇଥିଲେ। ସେହିପରି ଇଡ୍‌କୋ ମଧ୍ୟ ୫କୋଟି ଟଙ୍କା ଡିପୋଜିଟ୍ କରିଛି। ଉଲ୍ଲେଖଯୋଗ୍ୟ ଯେ, ଓଟିଏମ୍‌କୁ ରାଜ୍ୟ ସରକାର ଅଧିଗ୍ରହଣ କରନ୍ତୁ ବୋଲି ଆବେଦନକାରୀ ଅଦାଲତଙ୍କୁ ନିବେଦନ କରିଥିଲେ। ସୂଚନାଯୋଗ୍ୟ, ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ୧୯୪୬ରେ ଓଟିଏମ୍ କମ୍ପାନୀର ଭିତ୍ତିପ୍ରସ୍ତର ସ୍ଥାପନ କରିବା ପରେ ଏଠାରେ ୧୯୫୦ରୁ କପଡ଼ା ଉତ୍ପାଦନ ଆରମ୍ଭ ହୋଇଥିଲା। ୧୯୮୦ ପର୍ଯ୍ୟନ୍ତ ଏହା ଘରୋଇ କମ୍ପାନୀ ଅଧୀନରେ ପରିଚାଳିତ ଥିଲା। ୧୯୮୧ରେ ଏହା ରାଜ୍ୟ ସରକାରଙ୍କ ଅଧୀନକୁ ଯାଇଥିଲେ ବି ଲାଭ ଦିଗରେ ଅଗ୍ରଗତି କରିପାରୁ ନ ଥିଲା। ୧୯୮୬ପରଠାରୁ କ୍ଷତି ଆରମ୍ଭ ହୋଇ ୨୦୦୧ ଜୁଲାଇ ୩୧ ତାରିଖରେ ଓଟିଏମ୍ ଗେଟରେ ତାଲା ପଡ଼ିଥିଲା। ଓଟିଏମ୍ ବନ୍ଦ ହେବା ବେଳକୁ ପାଖାପାଖି ୩,୭୦୦ ଶ୍ରମିକ କାର୍ଯ୍ୟ କରୁଥିଲେ। ହାଇକୋର୍ଟରେ ମାମଲା ବିଚାରାଧୀନ ଥିବା ବେଳେ ଇତି ମଧ୍ୟରେ ୭ଶହରୁ ଉର୍ଦ୍ଧ୍ୱ ଓଟିଏମ କର୍ମଚାରୀଙ୍କ ମୃତ୍ୟୁ ହୋଇସାରିଲାଣି।

## ସ୍ୱାମୀଙ୍କୁ ବଞ୍ଚାଇବାକୁ...

ଦାଦାବଟିକୁ କେନ୍ଦ୍ରକରି ଗୁଳିକାଣ୍ଡରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ନୀଳାମ୍ବର ସୁନା ନାମକ ଜଣେ ଯୁବକଙ୍କ ନାମରେ ଥାନାରେ ଅଭିଯୋଗ ହୋଇଛି। ଅଭିଯୁକ୍ତ ଫେରାର ଅଛି। ଭବାନୀପାଟଣାରୁ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଆସିବା ପରେ ତଦନ୍ତ କରାଯିବ। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ଏସ୍‌ଡିପିଓ ସୂଚନା ଦେଇଛନ୍ତି।

## ଅଭିଯୁକ୍ତଙ୍କ ନାମରେ ଏକାଧିକ ମାମଲା

ଠୁଟିବର ଗୁଳିକାଣ୍ଡ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ନୀଳାମ୍ବର ସୁନାଙ୍କ ନାମରେ ହତ୍ୟା ସମେତ ଏକାଧିକ ଆପରାଧିକ ମାମଲା ରହିଛି। ଗତ କିଛି ମାସ ତଳେ ନୂଆଗାଁ ପଞ୍ଚାୟତ ତୁକଲାପଡ଼ାରେ ଘଟିଥିବା ଏକ ହତ୍ୟା ମାମଲାରେ ସେ ଜେଲ ଯାଇ କିଛିଦିନ ତଳେ ଜାମିନରେ ବାହାରିଥିଲେ। ସେ ଲୋକଙ୍କୁ ଡରାଇ ଧମକାଇ ଦାଦାବଟି ଆଦାୟ କରୁଥିଲେ। ପ୍ରତିବାଦ କଲେ ମରଣାନ୍ତକ ଆକ୍ରମଣ କରୁଥିଲେ। ଦୁଇଦିନ ତଳେ ସେ ଗ୍ରାମରେ ବନ୍ଧୁକ ଧରି ଆତଙ୍କ ସୃଷ୍ଟି କରିଥିଲେ। ଏପରି କି ବୁଧବାର ନିଜ କକା ଇନ୍ଦ୍ର ସୁନାଙ୍କ ସହ ଗଣ୍ଡଗୋଳ କରି ହତ୍ୟା ଧମକ ଦେଇଥିଲେ। ଏ ନେଇ ଇନ୍ଦ୍ର କୋମନା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଭଳି ଜଣେ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ହୁଏତ ଏଭଳି ଘଟଣା ଘଟି ନ ଥାନ୍ତା ବୋଲି ଗ୍ରାମର ବହୁ ପୁରୁଖା ଲୋକ କହିଛନ୍ତି। ଅନ୍ୟପଟେ ଏଭଳି ଏକ ହତ୍ୟାକାଣ୍ଡ ପରେ ଗ୍ରାମରେ ଆତଙ୍କ ଖେଳିଯାଇଥିବାବେଳେ ଭୟରେ ଅଭିଯୁକ୍ତଙ୍କ ବିରୋଧରେ କେହି ପାଟି ଖୋଲିବାକୁ ସାହସ କରୁନାହାନ୍ତି।

## ବିମାନରେ ଆସୁଛନ୍ତି...

ସେପ୍ଟେମ୍ବର ୧୭ ଜନ୍ମଦିନ ଅବସରରେ ପ୍ରଧାନମନ୍ତ୍ରୀ ବଟନ ଦବାଇ ଚିତାବାଘଗୁଡ଼ିକୁ କୁନୋ ପାର୍କରେ ଛାଡ଼ିବେ। ଆଫ୍ରିକୀୟ ଚିତା ପ୍ରୋଜେକ୍ଟ ୨୦୦୯ରେ ଆରମ୍ଭ ହୋଇଥିଲା। ଗତବର୍ଷ ନଭେମ୍ବର ସୁଦ୍ଧା ମଧ୍ୟପ୍ରଦେଶର କୁନୋ ପାର୍କକୁ ଏହି ଚିତା ଅଣାଯିବାର ଯୋଜନା ଥିଲା। ହେଲେ କୋଭିଡ୍-୧୯ ଯୋଗୁ ଏଥିରେ ବିଳମ୍ବ ହୋଇଥିଲା। ଚିତାଙ୍କ କୁନୋ ପାର୍କରେ ଉପଯୁକ୍ତ ପରିବେଶ ରହିଛି। ସେଠାରେ ଚିଙ୍କାରା, ଛିଟାଥିବା ହରିଣ, ବ୍ଲାକ୍‌ବକ୍ ଆସି ରହିଥିବାରୁ ଚିତା ସେମାନଙ୍କୁ ଶିକାର କରିପାରିବ ଏବଂ ଜଙ୍ଗଲ ପରିବେଶରେ ବଢ଼ିପାରିବ। ମହାରାଜା ରାମାନୁଜ ପ୍ରତାପ ସିଂ ଦେଓ ୧୯୪୭ରେ ଏକ ଚିତା ଛୁଆକୁ ଗୁଳି କରି ଶିକାର କରିଥିଲେ। ୧୯୪୮ ପରେ ଆଉ ଭାରତରେ ଚିତାକୁ ଦେଖିବାକୁ ମିଳି ନ ଥିଲା। ୧୯୫୨ରେ ଏସୀୟ ଚିତାକୁ ଭାରତରେ ବିଲୁପ୍ତ ଘୋଷଣା କରାଯାଇଥିଲା।

## ୧୬ ଘଣ୍ଟା ଉଡ଼ିବ ଜମ୍ବୋ ଜେଟ୍

ନାମିବ୍ୟାରୁ ୮ ଚିତାଙ୍କୁ ଭାରତ ଆଣିବା ପାଇଁ ସ୍ୱତନ୍ତ୍ର ବିମାନ ବି୭୪୭ ଜମ୍ବୋ ଜେଟ୍ ବ୍ୟବସ୍ଥା କରାଯାଇଛି। ବିମାନର ମୁଖ୍ୟ କ୍ୟାବିନ୍‌ରେ ଚିତାଙ୍କ ପାଇଁ ପିଞ୍ଜରା ରହିଛି। ତେବେ ସମସ୍ତ ଚିତା ପରସ୍ପରର ମିଶିବା ଭଳି ସୁବିଧା ମଧ୍ୟ କରାଯାଇଛି। ଚିତା ମୁହଁ ଭଳି ଚିତ୍ରିତ ହୋଇଥିବା ଏହି ଜେଟ୍ ନନ୍‌ଷ୍ଟପ୍ ବା କୌଣସି ସ୍ଥାନରେ ବିନା ରହଣିରେ ଏକାଥରେ ୧୬ ଘଣ୍ଟା ଉଡ଼ାଣ କରିବ। ଚିତାଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖାଯାଇ ଏହି ବିମାନ ବାଟରେ ଇନ୍ଧନ ପାଇଁ କେଉଁଠି ଅଟକିବ ନାହିଁ ବୋଲି କୁହାଯାଇଛି। ଏୟାର ଟ୍ରାଞ୍ଜିଟ୍ ପିରିୟଡ୍‌ରେ ଚିତାକୁ କିଛି ଖାଇବାକୁ ଦିଆଯିବ ନାହିଁ। ପ୍ରଥମେ ଏନ୍‌କ୍ଲୋଜର ମଧ୍ୟରେ ଏହି ଚିତା ରହିବେ। ପରେ ସେମାନଙ୍କୁ ଜଙ୍ଗଲରେ ଛଡ଼ାଯିବ। ଭାରତରେ ଚିତାବଂଶର ପୁନରୁଦ୍ଧାର ପାଇଁ ୧୯୭୦ ଦଶକରୁ ସରକାର ଉଦ୍ୟମ କରୁଛନ୍ତି।

**ଓଡ଼ିଶାକୁ ପ୍ରଥମ ପର୍ଯ୍ୟାୟରେ ମିଳିବ ୫-ଜି ସେବା**

ପୁରୀ ଅଫିସ,୧୫।୯: ଓଡ଼ିଶାକୁ ପ୍ରଥମ ପର୍ଯ୍ୟାୟରେ ୫-ଜି ସେବା ମିଳିବ। ଗୁରୁବାର ପୁରୀ ଗସ୍ତରେ ଆସିଥିବା କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି। ରେଳମନ୍ତ୍ରୀ କହିଛନ୍ତି ରେଡିଏଶନକୁ ନେଇ କୌଣସି ସମସ୍ୟା ନାହିଁ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଗାଇଡଲାଇନ୍ ଅନୁଯାୟୀ ୫-ଜି ସେବା ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ। କ୍ଷତିକାରକ ରେଡିଏଶନର ମାତ୍ରା ଯାହା ରହିଛି, ତଦନୁଯାୟୀ ୫-ଜିରେ ୧୦ଗୁଣା କମ୍ ରେଡିଏଶନ ଜେନେରେଟ୍ ହେବ। ଏଣୁ ୫-ଜି ସେବା ଦ୍ୱାରା ଉତ୍ପନ୍ନ ରେଡିଏଶନ କାହାରିକୁ ପ୍ରଭାବିତ କରିବ ବୋଲି ଭାବିବା ଉଚିତ୍ ହେବ ନାହିଁ। ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବିକାଶ ୫-ଜି ପ୍ରମୁଖ ଭୂମିକା ନେବ ଓ ସମୟ ସାପେକ୍ଷ ହେବ। ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ଦିଗରେ ମଧ ଏହି ସେବା ସୁଯୋଗ ସୃଷ୍ଟି କରିବ।

# ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ୍ | ନ ଲଗାଇଲେ ୫ରୁ ୧୦ ହଜାର ଜରିମାନା

## ଅକ୍ଟୋବର ପହିଲାରୁ ହେବ ଯାଞ୍ଚ କଡ଼ାକଡ଼ି

ଭୁବନେଶ୍ୱର,୧୫।୯(ବ୍ୟୁରୋ)

ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ୍ (ଏଚ୍‌ଏସ୍‌ଆର୍‌ପି) ନ ଲଗାଇଥିଲେ ଜରିମାନା ଗଣିବାକୁ ହେବ । ଯେଉଁ ଯାନବାହନର ଶେଷ ନମ୍ବର ୧,୨,୩, ୪ ହୋଇଥିବ ଏବଂ ସେମାନେ ଯଦି ସେପ୍ଟେମ୍ବର ୩୦ ସୁଦ୍ଧା ଏଚ୍‌ଏସ୍‌ଆର୍‌ପି ଲଗାଇ ନ ଥିବେ ତେବେ ୫ରୁ ୧୦ ହଜାର ଟଙ୍କା ଯାଏ ଜରିମାନା ଦେବାକୁ ହେବ। ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ) ଏବଂ ପୋଲିସ ପକ୍ଷରୁ ମିଳିତ ଭାବେ ଅକ୍ଟୋବର ୧ ତାରିଖରୁ ଯାଞ୍ଚ କଡ଼ାକଡ଼ି କରାଯିବ ।

ଯେଉଁ ଗାଡ଼ିଗୁଡ଼ିକ ୨୦୧୯ ଏପ୍ରିଲ ୧ ତାରିଖ ପୂର୍ବରୁ ପଞ୍ଜୀକରଣ ହୋଇଛି ସେଗୁଡ଼ିକରେ ଏଚ୍‌ଏସ୍‌ଆର୍‌ପି ଲଗାଇବା ବାଧ୍ୟତାମୂଳକ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଯେଉଁ ଯାନବାହନର ଶେଷ ନମ୍ବର ୧,୨,୩ ଓ ୪ ଥିବ ସେଗୁଡ଼ିକ ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ଏଚ୍‌ଏସ୍‌ଆର୍‌ପି କରିବାକୁ କୁହାଯାଇଥିଲା। ଚଳିତ ମାସ ଶେଷ ଯାଏ କୌଣସି ଯାନବାହନରୁ ଜରିମାନା ଆଦାୟ କରାଯିବ ନାହିଁ ବୋଲି ଏସ୍‌ଟିଏ ପକ୍ଷରୁ କୁହାଯାଇଛି। ଏହା ପରେ ଇ-ଚାଲାଣ ଓ ଜରିମାନା ଆଦାୟ ହେବ। ପରିବହନ ଯୁଗ୍ମ କମିଶନର ଦୀପ୍ତି ରଞ୍ଜନ ପାତ୍ର କହିଛନ୍ତି ଯେ ସେପ୍ଟେମ୍ବର ୧୩ ତାରିଖ ସୁଦ୍ଧା ୧୦,୬୫,୩୧୨ ଗାଡ଼ି ମାଲିକ ଏଚ୍‌ଏସ୍‌ଆର୍‌ପି ପାଇଁ ସ୍ଲଟ୍ ବୁକ୍ କରିଛନ୍ତି। ସେଥିରୁ ୫,୯୩,୭୧୭ ଗାଡ଼ିରେ ଏଚ୍‌ଏସ୍‌ଆର୍‌ପି ଲାଗି ସାରିଛି। ସ୍ଲଟ୍ ବୁକ୍ କରିଥିବା ଗାଡ଼ି ମାଲିକ ଯଦି ଏହି ସମୟ ମଧ୍ୟରେ ଏଚ୍‌ଏସ୍‌ଆର୍‌ପି ନ ଲଗାଇବେ ତେବେ ସେମାନଙ୍କୁ ମୋଟର ଯାନ ଆଇନ ୧୯୮୮ର ସେକ୍ସନ ୧୯୨ ଅନୁଯାୟୀ ୫ରୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଭରଣା କରିବାକୁ ପଡ଼ିବ ବୋଲି ସେ ସତର୍କ କରାଇ ଦେଇଛନ୍ତି। ପୁରୁଣା ଗାଡ଼ିରେ ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ ଲଗାଇବା ପାଇଁ ୨୦୨୨ ଅଗଷ୍ଟ ୩୧ ତାରିଖକୁ ଡେଡ୍‌ଲାଇନ ରଖାଯାଇଥିଲା। ପରେ ଏହାକୁ ୧ ମାସ ପାଇଁ ବୃଦ୍ଧି କରାଯାଇଛି। ଏହି ସମୟ ଅତିକ୍ରମ ହେଲେ ଗାଡ଼ି ମାଲିକଙ୍କ ଉପରେ ଜରିମାନା ଲାଗୁ ହେବ। ଯେଉଁ ଯାନବାହନଗୁଡ଼ିକର ପଞ୍ଜୀକରଣ ନମ୍ବର ଶେଷ ଅକ୍ଷର ୧ ଓ ୨ ରହିଛି ସେମାନଙ୍କ ପାଇଁ ଏଚ୍‌ଏସ୍‌ଆର୍‌ପି ଲଗାଇବା ନିମନ୍ତେ ଅଗଷ୍ଟ ୩୧ ତାରିଖ ଧାର୍ଯ୍ୟ କରାଯାଇଥିବା ବେଳେ ୩ ଓ ୪ ସେପ୍ଟେମ୍ବର ୩୦, ୫ ଓ ୬ ଅକ୍ଟୋବର ୩୧ ଏବଂ ୭ ଓ ୮ ନଭେମ୍ବର ୩୦ ଏବଂ ୯ ଓ ୦ ଶେଷ ନମ୍ବର ଥିବା ଗାଡ଼ିଗୁଡ଼ିକ ପାଇଁ ୨୦୨୨ ଡିସେମ୍ବର ୩୧କୁ ଶେଷ ସମୟ ଧାର୍ଯ୍ୟ କରାଯାଇଛି। ଶେଷ ତାରିଖ ଯାଏ ଅପେକ୍ଷା ନ କରି ଗାଡ଼ିମାଲିକମାନେ ଯଥା ଶୀଘ୍ର ନିଜ ଗାଡ଼ିରେ ଏଚ୍‌ଏସ୍‌ଆର୍‌ପି ଲଗାଇବାକୁ ପରାମର୍ଶ ଦିଆଯାଇଛି।

ଯାନ ନିର୍ମାତାଙ୍କ ଦ୍ୱାରା ସ୍ୱୀକୃତ ସଂସ୍ଥା ବ୍ୟତୀତ ଅନ୍ୟ କୌଣସି ଡିଲର କିମ୍ବା ବ୍ୟକ୍ତି ଯଦି ଏଚ୍‌ଏସ୍‌ଆର୍‌ପି ଯୋଗାଣ କରିବା ଜଣାପଡ଼ିବ ତେବେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପରିବହନ କମିଶନର ଅରୁଣ ବୋଥ୍ରା କହିଛନ୍ତି। ଗାଡ଼ିରେ ଏଚ୍‌ଏସ୍‌ଆର୍‌ପି କେବଳ ଗାଡ଼ି ନିର୍ମାତାଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ସଂସ୍ଥା କିମ୍ବା ଭେଣ୍ଡର ଲଗାଇବେ। ଯାନବାହନ ନିର୍ମାତା ଏହି ନମ୍ବର ପ୍ଲେଟ ଯୋଗାଇ ଦେବେ। ଗାଡ଼ିମାଲିକମାନେ ନମ୍ବର ପ୍ଲେଟ୍ ଲଗାଇବା ପାଇଁ ଅନ୍‌ଲାଇନ ପୋର୍ଟାଲ ଜରିଆରେ ବୁକ୍ କରିପାରିବେ। ଏହାଦ୍ୱାରା ସ୍ୱଚ୍ଛତା ବଜାୟ ରହିପାରିବ। ଡିଲରମାନେ ଅଧିକ ଟଙ୍କା ଦାବି କରିପାରିବେ ନାହିଁ। ଯାନ ନିର୍ମାତାମାନେ ସେହି ପୋର୍ଟାଲକୁ ସ୍ୱୀକୃତି ଦେବା ସହ ଗାଡ଼ି ମାଲିକମାନେ କେଉଁ ଡିଲର, କେଉଁ ଜାଗାରେ ଓ କେତେବେଳେ ନମ୍ବର ପ୍ଲେଟ୍‌କୁ ଲଗାଇବେ ତାହା ସୂଚିତ କରିବେ। ଡିଲରମାନେ ନମ୍ବର ପ୍ଲେଟ୍ ବଦଳାଇବା ପାଇଁ କେତେ ଟଙ୍କା ନେଉଛନ୍ତି ତାହା ଏକ ଡିସ୍‌ପ୍ଲେ ବୋର୍ଡରେ ଉଲ୍ଲେଖ କରିବେ। ଏଚ୍‌ଏସ୍‌ଆର୍‌ପି ଲଗାଇବା ପରେ ଭେଣ୍ଡରମାନେ ପରିବହନ ଲେଜର କୋଡ୍ ପରିବହନ ବିଭାଗ ୱେବ୍‌ସାଇଟ 'ବାହାନ' ପୋର୍ଟାଲ ସହିତ ଅପ୍‌ଡେଟ ହୋଇଛି କି ନାହିଁ ତାହା ନିଶ୍ଚିତ କରିବେ। ନମ୍ବର ପ୍ଲେଟ୍ ପାଇଁ ବୁକ୍ କରିଥିବା ଗାଡ଼ି ମାଲିକଙ୍କୁ ଏସ୍‌ଏମ୍‌ଏସ୍ ଜରିଆରେ ସମସ୍ତ ସୂଚନା ପ୍ରଦାନ କରିବେ। ଯଦି କୌଣସି ଯାନର ବୈଧ ପଞ୍ଜୀକରଣ ସାର୍ଟିଫିକେଟ ନ ଥିବ କିମ୍ବା ଟିକସ ବାକି ରହିଥିବ ତେବେ ସେମାନଙ୍କୁ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ଲଗାଇବାକୁ ଅନୁମତି ମିଳିବ ନାହିଁ। ପରିବହନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି କରାଯାଇଥିବା ଏହି ନିର୍ଦ୍ଦେଶନାମା ଅନୁଯାୟୀ ପଦକ୍ଷେପ ନେବାକୁ ରାଜ୍ୟର ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ)ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

କୋଷ୍ଠକାଠିନ୍ୟ ରୋଗର ଅନ୍ତୁଡ଼ିଶାଳ
ଯେଉଁଥିପାଇଁ ଅନେକ ବେମାରୀ ହୋଇଥାଏ
ଆୟୁର୍ବେଦିକ
କାୟମଚୂର୍ଣ୍ଣ
ପୁରାତନ ଆୟୁର୍ବେଦିକ ଜ୍ଞାନ ଆଧାରରେ ବୈଦ୍ୟ ଶ୍ରୀ ରସିକଭାଇ ଶେଠ୍‌ଙ୍କ ଦ୍ୱାରା ପ୍ରସ୍ତୁତ ଏକ ଅଦ୍ୱିତୀୟ ସୂତ୍ର । କାୟମଚୂର୍ଣ୍ଣ ବିପଦଶୂନ୍ୟ ଆୟୁର୍ବେଦିକ ଗୁଳ୍ମ ଯୋଗେ ପ୍ରସ୍ତୁତ ହୋଇଥାଏ । ଏହା କୋଷ୍ଠକାଠିନ୍ୟ ଓ ଏହା ଦ୍ୱାରା ସୃଷ୍ଟ ଅନ୍ୟାନ୍ୟ ରୋଗକୁ ଦୂର କରିଥାଏ ଓ ଆପଣଙ୍କୁ ଦିନଭରି ଉତ୍‌ଫୁଲ୍ଲିତ ରଖେ ।
✓ ଅଧିକ ପ୍ରଭାବଶାଳୀ
✓ ସୁରକ୍ଷିତ
✓ ଅଭ୍ୟାସରେ ପଡ଼େ ନାହିଁ
କୋଷ୍ଠକାଠିନ୍ୟ
ଏସିଡିଟି, ଗ୍ୟାସ, ବଦହଜମୀ, ମୁଣ୍ଡବିନ୍ଧା, ପାଟି ଘା', ପେଟ ଓ ଛାତି ପୋଡ଼ା, ଆମ୍ବିଳା ହାକୁଡ଼ି, ଭୋକ ନ ହେବା, ଥକାପଣ, ତ୍ୱଚା ବିକାର
100% AYURVEDIC
KAYAM CHURNA
KAYAM TABLET
SHETH BROS.
କାୟମ ଟାବ୍‌ଲେଟ ମଧ ଉପଲବ୍ଧ
• କାୟମଚୂର୍ଣ୍ଣ ୫୦ ଓ ୨୦୦ ଗ୍ରାମ ପ୍ୟାକ୍‌ରେ ମଧ ଉପଲବ୍ଧ ।
• କାୟମ ଟାବ୍‌ଲେଟ ୧୦ ଟାବ୍‌ଲେଟର ବ୍ଲିଷ୍ଟର ପ୍ୟାକ୍‌ରେ ମଧ ଉପଲବ୍ଧ ।
ଶୋଇବାବେଳେ ସେବନ କରନ୍ତୁ ଏବଂ ଗୋଟିଏ ସୁସ୍ଥ ଦିବସ ପାଇଁ ପ୍ରସ୍ତୁତ ହୋଇଯାଆନ୍ତୁ ।
ଶେଠ୍ ବ୍ରଦର୍ସ, ଭାବନଗରଙ୍କ ଏକ ଉତ୍ପାଦ

# ଦୁଇ ମହିଳାଙ୍କ ସମେତ ୭ ଗିରଫ

ପାରଳାଖେମୁଣ୍ଡି/ଆର୍.ଉଦୟଗିରି, ୧୫।୯(ଡି.ଏନ.ଏ.)

ଗଜପତି ଜିଲ୍ଲା ମୋହନା ବ୍ଲକ ଅଡ଼ବା ଥାନାରେ ଭଙ୍ଗାରୁଜା ସହ ପୋଲିସକୁ ମାଡ଼ ମାରିବା ଘଟଣାରେ ଦୁଇ ମହିଳାଙ୍କ ସମେତ ୭ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଝରଣାପୁର ଗ୍ରାମର ପରୀ ଭୂୟାଁ (୪୫), ରେଙ୍ଗି ରଇତ (୬୫), ସୁନିଏଲ ମଣ୍ଡଳ (୨୪), ଡାନିଏଲ ଭୂୟାଁ (୪୧), କୁଞ୍ଜାକୁଆ ଗ୍ରାମର ଲଜାର ରଇତ (୪୫), ସିଆଲିଲିଟି ଗ୍ରାମର ରେମବାକୋ ଜାନୀ (୪୦) ଓ ଜୟନ ରାଇକା (୩୭)। ଥାନାରେ ଲଙ୍କାକାଣ୍ଡ ବେଳର ଭିଡିଓ କ୍ଲିପ୍ ସବୁ ଯାଞ୍ଚ କରାଯାଇ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇଛି। ଗୁରୁବାର ୭ ଅଭିଯୁକ୍ତଙ୍କୁ ଚନ୍ଦ୍ରଗିରି ବଜାରରୁ ଗିରଫ କରାଯାଇଛି ବୋଲି ମୋହନା ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଜୟରାମ ଶତପଥୀ ସୂଚନା ଦେଇଛନ୍ତି । ସେମାନଙ୍କୁ କୋର୍ଟ ଚାଲାଣ ପରେ ଆର୍. ଉଦୟଗିରି ଜେଲକୁ ପଠାଇ ଦିଆଯାଇଛି। ଥାନାରେ ଭଙ୍ଗାରୁଜା ଓ ପୋଲିସକୁ ମାଡ଼ ଘଟଣାରେ ୩୦୦ ଜଣ ଅଭିଯୁକ୍ତଙ୍କର ତାଲିକା ପ୍ରସ୍ତୁତ କରାଯାଇଛି । ସେମାନଙ୍କ ବିରୋଧରେ ସରକାରୀ ସମ୍ପତ୍ତି ନଷ୍ଟ କରିବା ଓ କର୍ତ୍ତବ୍ୟରତ ପୋଲିସଙ୍କୁ ମାଡମାରିବା ଭଳି ସଙ୍ଗୀନ ଦଫା ଲାଗିଛି। ଏ ନେଇ ନଂ.୧୧୧/୨୨ରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି। ଖୁବଶୀଘ୍ର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କୁହାଯାଇଛି ।

**ଥାନାରେ ପୋଲିସକୁ ମାଡ଼ ଘଟଣା**

# ଝିଅ କଳା ବୋଲି ତଡ଼ି ଦେଲେ ବାପା

## ଘର ଆଗରେ ଭୋକ ଉପାସରେ ମା', ଝିଅ

ରୂପସା/ବସ୍ତା/ଲଙ୍ଗଳେଶ୍ୱର, ୧୫।୯(ଡି.ଏନ.ଏ.)

ଝିଅର ରଙ୍ଗ କଳା ବୋଲି ବାପା ନିଷ୍ଠୁରତାର ସୀମା ଟପିଯାଇଛନ୍ତି। ଝିଅ ସହ ମା'ଙ୍କୁ ଘରୁ ତଡି ଦେଇଛନ୍ତି। ସେମାନେ ଅସହାୟ ଅବସ୍ଥାରେ ଘର ସମ୍ମୁଖରେ ଭୋକ ଉପାସରେ ବସି ରହିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ତାଡ଼ଦା ଗ୍ରାମରେ।

ତାଡ଼ଦା ଗ୍ରାମର ଚନ୍ଦନ ଦାସ ୨୦୧୩ରେ ବସ୍ତା ଥାନା ଅଧୀନ ଜନ୍ତିକାପାଳ ଗ୍ରାମର ଜ୍ୟୋତ୍ସ୍ନା ଦାସଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ତେବେ ବିବାହର ୨ ବର୍ଷ ପରେ ଜ୍ୟୋତ୍ସ୍ନାଙ୍କର ଝିଅଟିଏ ଜନ୍ମ ହୋଇଥିଲା। ଝିଅର ରଙ୍ଗ କଳା ହୋଇଥିବାରୁ ପରିବାର ଲୋକଙ୍କ ରୋଷର ଶିକାର ହୋଇଥିଲେ ଜ୍ୟୋତ୍ସ୍ନା। ପରିବାର ଲୋକେ ଝିଅ ହେଉ ବୋଲି ଚାହୁଁ ନ ଥିଲେ। ଝିଅ ପୁଣି କଳା ହୋଇଥିବାରୁ ସବୁ ଦୋଷ ଜ୍ୟୋତ୍ସ୍ନାଙ୍କ ମୁଣ୍ଡରେ ଲଦି ଦିଆଯାଇଥିଲା। ସେହିଦିନଠାରୁ ଆରମ୍ଭ ହୋଇଥିଲା ଶାରୀରିକ ଏବଂ ମାନସିକ ନିର୍ଯାତନା। ଏମିତିକି ଗାଁଦାଣ୍ଡରେ ମା, ଝିଅଙ୍କୁ ଗୋଡ଼ାଇ ଗୋଡ଼ାଇ ସ୍ୱାମୀ, ଶାଶୁ, ନଣନ୍ଦ ମିଶି ମାଡ଼ ମାରୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏମିତିକି ତାଙ୍କୁ ଖାଇବା ପିଇବାକୁ ମଧ ଦେଉ ନ ଥିଲେ। ଗଣେଶ ପୂଜା ଦିନ ଜ୍ୟୋତ୍ସ୍ନାଙ୍କ ୭ ବର୍ଷର ଝିଅ ଦିପାଲୀଙ୍କ ଦେହ ଅସୁସ୍ଥ ହେବାରୁ ଜଣେ ଗ୍ରାମବାସୀଙ୍କ ସହାୟତାରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଝିଅର ଦେହ ସୁସ୍ଥ ହେବା ପରେ ଜ୍ୟୋତ୍ସ୍ନା ବୁଧବାର ସକାଳେ ଘରକୁ ଫେରିଥିଲେ।



ଘର ସମ୍ମୁଖରେ ମା', ଝିଅ।

ମାତ୍ର ସ୍ୱାମୀ ଚନ୍ଦନ ତାଙ୍କୁ ଘରକୁ ଯିବାକୁ ନ ଦେଇ ଗେଟ୍‌ରେ ତାଲା ପକାଇ ଦେଇଥିଲେ। ଫଳରେ ଉଭୟ ମା', ଝିଅ ଅଖିଆ ଅପିଆ ଗେଟ୍ ସମ୍ମୁଖରେ ବସି ରହିଥିଲେ। ରାତିରେ ଭୟ ଲାଗିବାରୁ ଘର ନିକଟରେ ଥିବା ଶିବ ମନ୍ଦିରରେ ସେମାନେ ଆଶ୍ରୟ ନେଇଥିଲେ। ଗୁରୁବାର ସକାଳେ ମା, ଝିଅ ଶିବ ମନ୍ଦିରରୁ ଆସି ଘରକୁ ପଶିବା ପାଇଁ ଚେଷ୍ଟା କରିବାରୁ ଚନ୍ଦନ ତାଙ୍କୁ ମାଡ଼ ମାରିବା ସହିତ ଘର ଗେଟ୍‌ରେ ତାଲା ପକାଇ ପଳାଇଯାଇଥିଲେ। ତେବେ କୁନି ଝିଅକୁ ଧରି କାନ୍ଦି କାନ୍ଦି ନ୍ୟାୟ ପାଇଁ ଅପେକ୍ଷାରେ ବସିଛନ୍ତି ଜ୍ୟୋତ୍ସ୍ନା। ଦୀର୍ଘଦିନ ଧରି ଚନ୍ଦନ ତାଙ୍କ ସ୍ତ୍ରୀଙ୍କୁ ଅଲଗା ରଖିଛନ୍ତି। ଗାଁ ଭଦ୍ରଲୋକ ଓ ବାପଘର ଲୋକଙ୍କୁ ନେଇ ବିଭିନ୍ନ ସମୟରେ ଆପୋଷ ସମାଧାନ କରାଯାଇ ଥିଲେ ହେଁ କୌଣସି ସୁଫଳ ମିଳିନି।

# ହାତୀମୃତ୍ୟୁ ଘଟଣାରେ ୬ ଗିରଫ

ରାଉରକେଲା ଅଫିସ,୧୫।୯

ରାଉରକେଲା ବନଖଣ୍ଡ ଅଧୀନ ବାଙ୍କି ଅଞ୍ଚଳରେ ଏକ ହାତୀ ମୃତ୍ୟୁ ଘଟଣାରେ ବନ ବିଭାଗ ୬ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନାଗ ଟିଗା(୩୯), କରମ ଟିଗା(୫୮), ବିଶ୍ରା ଓରାମ(୪୧), ଅଜୟ ଓରାମ(୨୮), ସଲନ ଓରାମ(୩୦) ଏବଂ ବିଶି ଓରାମ(୩୨)। ସେମାନଙ୍କଠାରୁ ୪ଟି ଟେଣ୍ଟା ଓ ୨ଟି ହାତୀଦାନ୍ତ ଜବତ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ତେବେ ଧାନ ଫସଲ ନଷ୍ଟ କରିବାରୁ ଅଭିଯୁକ୍ତମାନେ ଉକ୍ତ ହାତୀକୁ ମାରି ଦେଇଥିବା ଜଣାପଡିଛି। ଗୁରୁବାର ରାଉରକେଲା ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବନ ଅଧିକାରୀ ଯଶୋବନ୍ତ ସେଠୀ ଏ ନେଇ ସୂଚନା ଦେଇଛନ୍ତି।

ବନ ଅଧିକାରୀ ସେଠୀଙ୍କ ସୂଚନା ଅନୁସାରେ, ଗତ ୯ ତାରିଖ ରାତି ୧୧ଟାରେ ଏକ ଦନ୍ତା ହାତୀ ବାଙ୍କି ଗ୍ରାମକୁ ପଶି ଆସିବାରୁ ଗ୍ରାମବାସୀ ତାକୁ ଘଉଡ଼ାଇଥିଲେ। ମାତ୍ର ହାତୀଟି ଗ୍ରାମର କିଛି ଦୂରକୁ ଯାଇ ପୁଣି



ଗିରଫ ଅଭିଯୁକ୍ତ ଏବଂ ଜବତ ହାତୀଦାନ୍ତ, ମାରଣାସ୍ତ୍ର।

ରାତି ୨ଟାରେ ଆସି ଉକ୍ତ ଗ୍ରାମର କରମ ଟିଗାଙ୍କ ଧାନକ୍ଷେତରେ ପଶିଥିଲା। ଏହି ସମୟରେ ପୂର୍ବରୁ ସେଠାରେ ଜଗି ରହିଥିବା ଅଭିଯୁକ୍ତମାନେ ହାତୀକୁ ଟେଣ୍ଟାରେ ଆକ୍ରମଣ କରିଥିଲେ। ଫଳରେ ଗୁରୁତର ହାତୀଟି ସେଠାରୁ କିଛି ବାଟ ଯାଇ ତଳେ ପଡିଥିଲା। ହାତୀ ଦେହରୁ ପ୍ରଚୁର ରକ୍ତସ୍ରାବ ହେବାରୁ ଘଟଣାସ୍ଥଳରେ ତାର ମୃତ୍ୟୁ ହୋଇଥିଲା। ହାତୀ ମୃତ୍ୟୁ ହୋଇଥିବା ଜାଣି ଅଭିଯୁକ୍ତମାନେ ହାତୀ ଦେହରୁ ୪ଟି ଟେଣ୍ଟାକୁ ବାହାର କରି ଧାନକ୍ଷେତ ନିକଟ ଏକ ପୋଖରୀରେ ଫିଙ୍ଗି ଦେଇଥିଲେ। ପରଦିନ ଅର୍ଥାତ୍ ୧୦ ତାରିଖ ସକାଳେ ଖବର ପାଇ ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ, ରେଞ୍ଜ୍ ଅଫିସର ଅଜୟ ଖେସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଏ ନେଇ ବନ ବିଭାଗ ପକ୍ଷରୁ ଏକ ମାମଲା (ନଂ.୭୦।୨୨) ରୁଜୁ କରି ତଦନ୍ତ କରି ୬ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ସୂଚନାଯୋଗ୍ୟ, ବର୍ଷେ ତଳେ ଅଭିଯୁକ୍ତ କରମ ଏକ ହାତୀକୁ ଆକ୍ରମଣ କରିଥିଲେ ବୋଲି ଜଣାପଡିଛି।

**■ ଦୁଇ ଦାନ୍ତ ସହ ୪ ଟେଣ୍ଟା ଜବତ**
**■ ଫସଲ ନଷ୍ଟ କରିବାରୁ ମାରିଦେଲେ**

BADRIPRASAD College of Nursing
(Approved by Odisha Nurses & Midwives Registration Council under DMET, Govt. of Odisha, affiliated to Sambalpur University)
B.Sc. NURSING 4 Years
Course Eligibility: Passed +2 Science with PCB
& English for General 45%
for SC/ST 40%
Admission Open 2022-23
WHY CHOOSE US
• Highly Qualified, Knowledgeable & Experienced Principal & Adviser
• Enriched Library with new Books, Journals & modern aides
• Well Equiped Laboratories
• Well setup classroom with every modern amenities
• Pratical Training at Government Hospital D.H.H. Bargarh, (Transportation included)
• Highly Qualified & Experienced Faculties
• In Campus Hostel Facility for Boys & Girls
CAMPUS : AMBAPALI, WARD NO. 17, BARGARH - 768028
CITY OFFICE : BADRIPRASAD JAIPRAKASH, INFRONT OF HOTEL GANAPATHI, BARGARH
Email : badriprasad.nursing@gmail.com
7504241329, 7978356289
9668505011

# ବଢୁଛି ଇ-ଯାନ ଚାହିଦା

ଭୁବନେଶ୍ୱର,୧୫।୯(ବ୍ୟୁରୋ)



**■ ତୈଳଦର ବୃଦ୍ଧି, ରିହାତି ବଢାଇଛି ଆଗ୍ରହ**
**■ ବର୍ଷକରେ ବିକ୍ରି ହୋଇଛି ୧୪ ହଜାର**

ପେଟ୍ରୋଲ ଓ ଡିଜେଲ ଦର ହୁ ହୁ ହୋଇ ବଢୁଛି। ତୈଳ ଦର ବୃଦ୍ଧି ଯୋଗୁ ଲୋକମାନେ ଇ-ଯାନ କ୍ରୟ ପ୍ରତି ଆଗ୍ରହ ଦେଖାଉଛନ୍ତି। ସହରାଞ୍ଚଳ ପ୍ରଦୂଷଣ ହ୍ରାସ କରିବା ପାଇଁ ରାଜ୍ୟ ସରକାର ମଧ ଇ- ଯାନକୁ ପ୍ରୋତ୍ସାହନ ଦେବା ସକାଶେ ଇଲେକ୍ଟ୍ରିକ ଭେହିକଲ ପଲିସ-୨୦୨୧ କାର୍ଯ୍ୟକାରୀ କରିଛନ୍ତି। ପରିବହନ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ୨୦୨୦-୨୧ରେ ସମୁଦାୟ ପଞ୍ଜୀକୃତ ହୋଇଥିବା ଯାନରୁ ୦.୭୧ ପ୍ରତିଶତ ଇ-ଯାନ ପଞ୍ଜୀକୃତ ହୋଇଥିବା ବେଳେ ୨୦୨୧-୨୨ରେ ଏହା ବୃଦ୍ଧି ପାଇ ୨.୮୧ ପ୍ରତିଶତରେ ପହଞ୍ଚିଛି। ୨୦୨୧-୨୨ରେ ରାଜ୍ୟରେ ମୋଟ ୭ ଲକ୍ଷ ୮ ହଜାର ୫୦୦ ଗାଡି ପଞ୍ଜୀକୃତ ହୋଇଛି। ସେଥିରୁ ୧୪ ହଜାର ୪୧୧ ଇଲେକ୍ଟ୍ରିକ ଭେହିକଲ ରହିଛି। ତେବେ ପଞ୍ଜୀକୃତ ହୋଇଥିବା ଯାନରୁ ୮୦ ପ୍ରତିଶତ ଦୁଇଚକିଆ ଯାନ ରହିଛି ବୋଲି ପରିବହନ ବିଭାଗର ଜଣେ ଅଧିକାରୀ କହିଛନ୍ତି।

ସରକାରୀ ପ୍ରୋତ୍ସାହନ ଏବଂ ତେଲ ଦର ବୃଦ୍ଧି ଯୋଗୁ ଲୋକମାନେ ଇ-ଯାନ କିଣିବାକୁ ପସନ୍ଦ କରୁଛନ୍ତି। ତେବେ ଏହି ଯାନ ଚାର୍ଜିଂ ଷ୍ଟେଶନ କରାଗଲେ ବିକ୍ରି ଆହୁରି ବଢ଼ିବ ବୋଲି ସେ କହିଛନ୍ତି। ଗତ ୪ ମାସ ମଧ୍ୟରେ ଯାନ କ୍ରେତାମାନଙ୍କୁ ସବ୍‌ସିଡି ଆକାରରେ ପ୍ରାୟ ୧୫ ଲକ୍ଷ ଟଙ୍କା ଦିଆଗଲାଣି ବୋଲି ସେ କହିଛନ୍ତି।

ଇ-ଯାନ କ୍ରୟ କରିଥିବା ସୁଦର୍ଶନ ସାହୁ କହିଛନ୍ତି ଯେ ଯାନବାହନ ଦାମ ଅଧିକ ରହିଛି। ସରକାର କମ୍ପାନୀଗୁଡ଼ିକୁ ଟିକସ ଛାଡ କଲେ ଦର କମିବ। ସାଧାରଣ ଲୋକ ଏହାକୁ କିଣି ପାରିବେ। ଏହାଛଡ଼ା ଏହି ଯାନକୁ ଚାର୍ଜ କରିବାକୁ କୌଣସି ସୁବିଧା ନାହିଁ। ଗାଡ଼ିର ସୁରକ୍ଷା ନେଇ ମଧ ଆଶଙ୍କା ରହିଛି। ଏସବୁର ସୁବିଧା କରାଗଲେ ଇ-ଯାନ କିଣିବାକୁ ଲୋକଙ୍କ ଆଗ୍ରହ ବଢ଼ିବ।

ଏଠାରେ ସୂଚନାଯୋଗ୍ୟ ଯେ ଇ-ଭେହିକଲକୁ ପ୍ରୋତ୍ସାହନ ଦେବା ସକାଶେ ଇଲେକ୍ଟ୍ରିକ ଭେହିକଲ ପଲିସିରେ ସବ୍‌ସିଡି ବ୍ୟବସ୍ଥା ରହିଛି। ୨ ଚକିଆ ପାଇଁ ଯାନ ମୂଲ୍ୟର ୧୫ ପ୍ରତିଶତ ଅର୍ଥାତ୍ ୫ ହଜାର ଟଙ୍କା ରିହାତି ଦେବାକୁ ସରକାର ନିଷ୍ପତ୍ତି ନେଇଥିବା ବେଳେ ୩ ଚକିଆ ଯାନ ପାଇଁ ୧୫ ପ୍ରତିଶତ ଓ ସର୍ବାଧିକ ୧୦ ହଜାର ଟଙ୍କା ଏବଂ ୪ ଚକିଆ ଯାନ ପାଇଁ ୫୦ ହଜାର ଟଙ୍କା ରିହାତି ଦେବେ । ୨୦୨୫ ମଧ୍ୟରେ ଯେଉଁମାନେ ଇଲେକ୍ଟ୍ରିକ ଯାନ କିଣିବେ ସେମାନଙ୍କୁ ଉକ୍ତ ରିହାତି ପ୍ରଦାନ କରାଯିବ। ଯେଉଁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଅଧୀନରେ ଯାନ ପଞ୍ଜୀକୃତ ହୋଇଥିବ ସେହି ଅଞ୍ଚଳର କ୍ରେତାଙ୍କୁ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଉକ୍ତ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ୨୦୨୧ ସେପ୍ଟେମ୍ବର ପହିଲା ପରେ କିଣିଥିଲେ ଉକ୍ତ ସବ୍‌ସିଡି ରାଶି ମିଳିବ ।

ସରକାରୀ କର୍ମଚାରୀମାନଙ୍କ ପାଇଁ ଇ-ଯାନ କ୍ରୟ ସକାଶେ ସରକାର ସୁଧବିହୀନ ଆଡ୍‌ଭାନ୍ସ ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଯେଉଁ ସରକାରୀ କର୍ମଚାରୀ ଇ-ଭେହିକଲ କିଣିବେ ତାଙ୍କୁ ବିନା ସୁଧରେ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଏ ନେଇ ଅର୍ଥ ବିଭାଗ ପକ୍ଷରୁ ଗାଇଡ୍‌ଲାଇନ ଜାରି କରାଯାଇଛି। ଆସନ୍ତା ୨୦୨୫ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସରକାରୀ କର୍ମଚାରୀମାନଙ୍କୁ ଆଡ୍‌ଭାନ୍ସ ଆକାରରେ ଅର୍ଥ ଯୋଗାଇ ଦିଆଯିବ। ରାଜ୍ୟ ସରକାରଙ୍କ ଗ୍ରୁପ୍-ଏ ଓ ଗ୍ରୁପ୍-ବି କର୍ମଚାରୀଙ୍କୁ ଇଲେକ୍ଟ୍ରିକ ଅପରେଟେଡ ମୋଟର କାର ପାଇଁ ଆଡଭାନ୍ସ ମିଳିବ। ତେବେ ଏହି ଆଡ୍‌ଭାନ୍ସ ଇ-ଯାନ ମୂଲ୍ୟର ୭୫% ଅଥବା ସର୍ବାଧିକ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରଦାନ କରାଯିବ। ସେହିପରି ଇଲେକ୍ଟ୍ରିକ ମୋଟରସାଇକେଲ, ସ୍କୁଟର, ସ୍କୁଟି ଇତ୍ୟାଦି ପାଇଁ ରାଜ୍ୟ ସରକାର ଗ୍ରୁପ୍-ସି ଓ ଡି କର୍ମଚାରୀଙ୍କୁ ସୁଧବିହୀନ ଆଡଭାନ୍ସ ଯୋଗାଇ ଦେବେ। ଉକ୍ତ ଯାନ କ୍ରୟ ପାଇଁ ମୂଲ୍ୟର ୭୫ ପ୍ରତିଶତ ଅଥବା ସର୍ବାଧିକ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆଡ୍‌ଭାନ୍ସ ମିଳିବ।

# ରାଜ୍ୟ ଚାରୁକଳା ପୁରସ୍କାର: ରୋନିବାଳା ମହାପାତ୍ରଙ୍କ ମନୋନୟନ ସ୍ଥଗିତ

ଭୁବନେଶ୍ୱର,୧୫।୯(ବ୍ୟୁରୋ): ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ୨୦୨୨ ମସିହା ପାଇଁ 'ରାଜ୍ୟ ଚାରୁକଳା ପୁରସ୍କାର' ବୁଧବାର ଘୋଷଣା କରାଯାଇଥିଲା। କିନ୍ତୁ ଦିନକ ପରେ ଅର୍ଥାତ୍ ଗୁରୁବାର ଏକାଡେମୀ ପକ୍ଷରୁ ପରିବର୍ତ୍ତିତ ବିଜ୍ଞପ୍ତି ପ୍ରକାଶ ପାଇଛି। ପାରମ୍ପରିକ ଚିତ୍ରକଳା ପାଇଁ ମନୋନୀତ ହୋଇଥିବା ରୋନିବାଳା ମହାପାତ୍ରଙ୍କ ନାମ ଅନିର୍ବାର୍ଯ୍ୟ କାରଣ ଦର୍ଶାଇ ସ୍ଥଗିତ କରାଯାଇଥିବା ସେଥିରେ ଉଲ୍ଲେଖ କରାଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସଙ୍କ ଦ୍ୱାରା ଏକାଡେମୀ ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଉପ-ସଭାପତି ଶ୍ରୀନିବାସ ପଢିଆରୀ, କାର୍ଯ୍ୟକାରୀ କମିଟି ସଦସ୍ୟ ମହେନ୍ଦ୍ର ପ୍ରସାଦ ମହାପାତ୍ର, ଗଜେନ୍ଦ୍ର ପ୍ରସାଦ ସାହୁ, ଅକ୍ଷୟ କୁମାର ସାମଲ ଓ ଶ୍ୟାମ ସୁନ୍ଦର ମେହେରଙ୍କ ଉପସ୍ଥିତିରେ ଏହି ପୁରସ୍କାର ଘୋଷଣା କରାଯାଇଥିଲା। କେଉଁ କାରଣ ପାଇଁ ଏଭଳି ହଠାତ୍ ଜଣଙ୍କ ନାମ ସ୍ଥଗିତ ରଖାଗଲା, ସେ ନେଇ ବିଜ୍ଞପ୍ତିରେ କୌଣସି ସୂଚନା ଦିଆଯାଇନାହିଁ। ତେବେ ଓଡ଼ିଶା ଲଳିତ କଳା ଏକାଡେମୀ ଭଳି ଏକ ପ୍ରତିଷ୍ଠିତ ସରକାରୀ ଅନୁଷ୍ଠାନ ଏଭଳି ଖାମଖିଆଲ ଭାବେ ସମ୍ମାନ ଘୋଷଣା କରି ସ୍ଥଗିତ ରଖିବା ପ୍ରତିଭାଙ୍କ ପାଇଁ ଘୋର୍ ଅସମ୍ମାନ ବୋଲି କୁହାଯାଉଛି। ଏ ନେଇ ଏକାଡେମୀ ସଚିବ ପଞ୍ଚାନନ ସାମଲ କହିଛନ୍ତି, କିଛି କାରଣ ପାଇଁ ତାଙ୍କ ନାମ ସ୍ଥଗିତ ରଖାଯାଇଛି। ପରବର୍ତ୍ତୀ କାର୍ଯ୍ୟକାରୀ ସମିତି ବୈଠକରେ ଏ ନେଇ ଆଲୋଚନା କରାଯାଇ ପୁନଃ ନିଷ୍ପତ୍ତି ଜଣାଯିବ।

SMiLE JAYADURGA CHEMICALS
(AN ISO 9001-2015 Certified)
Deals Raw Materials of:
• White Phenyle
• Black Phenyle
• Green Phenyle
• Liquid detergent
• Detergent Powder
• Packaging Materials
• Hand Wash
• Dish Wash
• Toilet Cleaner
• Glass Cleaner
• Sanitizer
• Agarbati
Free Training on all products
Other Chemicals
• Bleaching Powder • Alum
• Castic Soda • Acetic Acid
• HCL Acid • Dolomite Powder
• Sulphuric Acid • French chalk powder
Plot No.843, Palasuni, Bhubaneswar-751010
Mob.No.-9938069796, 9861049796

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB),
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ମହର୍ଷି କଲେଜ ରୋଡ୍, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭

ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ

ଏତଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ମୃତକ ଋଣଗ୍ରହୀତାଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କୁ ନିମ୍ନଦର୍ଶିତ ତାରିଖରେ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି ସହିତ ସୁଧ କଥିତ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ମୃତକ ଋଣଗ୍ରହୀତାଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଅଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ ଦଖଲ ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା/ମୃତକ ଋଣଗ୍ରହୀତାଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡ଼ିକ ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ଆନୁସଙ୍ଗିତ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ ଇତ୍ୟାଦି ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍ୱାରା ଋଣଗ୍ରହୀତା/ମୃତକ ଋଣଗ୍ରହୀତାଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

| ଆକାଉଣ୍ଟର ନାମ/ଋଣଗ୍ରହୀତା/ମୃତକ ଋଣଗ୍ରହୀତାଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କ ନାମ ଏବଂ ଠିକଣା | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
| --- | --- | --- | --- | --- |
| ଋଣଗ୍ରହୀତା: ଶ୍ରୀ ମହେଶ ଦାସ, ପିତା: ଶ୍ରୀ ରଜନୀ କାନ୍ତ ଦାସ ଏବଂ ମୃତକ ଋଣଗ୍ରହୀତା ସଞ୍ଜୁକ୍ତା ଦାସଙ୍କ ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀ ମହେଶ ଦାସ, ପିତା: ଶ୍ରୀ ରଜନୀ କାନ୍ତ ଦାସ, ୨) ଶ୍ରୀ ରାଜେଶ ଦାସ, ପିତା: ଶ୍ରୀ ରଜନୀ କାନ୍ତ ଦାସ, ୩) ଶ୍ରୀ ରଜନୀ କାନ୍ତ ଦାସ, ସମସ୍ତଙ୍କ ଠିକଣା- କ୍ୱାର୍ଟର ନଂ.: ୨ଆର୍‌ଏ-୩୦, ରୋଡ୍ ନଂ.: ୩, ୟୁନିଟ୍-୯, ଭୁବନେଶ୍ୱର-୭୫୧୦୦୧ | ସଞ୍ଜୁକ୍ତା ଦାସଙ୍କ ନାମରେ ଥିବା ଫ୍ଲାଟ୍ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ଥାନା: ଚନ୍ଦକା, ଥାନା-୨୧, ତହସିଲ: ଭୁବନେଶ୍ୱର, ଏସ୍‌ଆରଓ: ଖଣ୍ଡଗିରି, ମୌଜା: ହରିପୁର, ଖାତା ନଂ.: ୧୩୪/୬୦, ପ୍ଲଟ୍ ନଂ.: ୪୯୪, କ୍ଷେତ୍ର: ଏକର୨.୬୫୦ଡିସିମିଲି, ପ୍ଲଟ୍ ନଂ.: ୫୪୦, କ୍ଷେତ୍ର: ଏକର୦.୨୪୦ ଡିସିମିଲି, ଉଭୟ ପ୍ଲଟ୍‌ର କିସମ: ଘରବାରି, ୧ଟି ଖାତା, ୧ଟି ମୌଜା, ୨ଟି ପ୍ଲଟ୍, ସମୁଦାୟ କ୍ଷେତ୍ର: ଏକର୨.୮୯୦ଡିସିମିଲି, କ୍ଷେତ୍ର: ଏକର୦.୧୦୩ଡିସିମିଲି ଜମିରେ ବ୍ଲକ୍-ସି, ଶୁଭଦ୍ରା ନିବାସ ନିର୍ମିତ ଏବଂ ଅବିଭକ୍ତ ଆନୁପାତିକ ଅବିଭାଜିତ ଅଂଶ ଯାହାର ପରିମିତ କ୍ଷେତ୍ର: ଏକର୦.୦୦୩.୬୬ ଡିସିମିଲି | ୧୬.୦୬.୨୦୨୨ | ୧୩.୦୯.୨୦୨୨ | ୦୧.୦୬.୨୦୨୨ ସୁଦ୍ଧା ଟ.୩୨,୦୮,୬୩୫/- + ତତ୍‌ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଏବଂସେବାବଦ ଦେୟ ଇତ୍ୟାଦି |

ସହିତ ୨ ବିଏଚ୍‌କେ, ଫ୍ଲାଟ୍ ନଂ.: ୪୮୨, ବ୍ଲକ୍-ସି, ୭ମ ମହଲା, ଶୁଭଦ୍ରା ନିବାସ, ସମୁଦାୟ ସୁପର ବିଲ୍ଟ ଅପ୍ ଏରିଆ: ୧୧୧୬ ବର୍ଗଫୁଟ, ଆପାର୍ଟମେଣ୍ଟର ନାମ "ସୁଦର୍ଶନ ବାଟିକା", ଯେଉଁଥିରେ ଗ୍ଲେଜଡ୍ ଟାଇଲ ଫ୍ଲୋରିଂ, ଲୋଡ୍ ବିଅରିଙ୍ଗ ଫ୍ରେମ୍‌ଡ ଷ୍ଟ୍ରକଚର୍ ଏବଂ ସଞ୍ଜୁକ୍ତା ଦାସଙ୍କ ନାମରେ ଥିବା ଗୋଟିଏ କାର ପାର୍କିଂ ସ୍ଥାନ ଅନ୍ତର୍ଭୁକ୍ତ।

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୫.୦୯.୨୦୨୨
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ,
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର

ହେ ଭଗବାନ ! ଆମର ବାକ୍ୟ ସବୁ ଏବେ ବି ଅଜ୍ଞାନାଚ୍ଛନ୍ନ । ସେ ସବୁକୁ ଆଲୋକିତ କର । ଆମ ଅଭୀପ୍ସା ଏବେ ବି ମଳିନ– ତାକୁ ଶୁଦ୍ଧି କର । ଆମର କର୍ମ ଏବେ ବି ଅସମର୍ଥ –ତାକୁ ସାମର୍ଥ୍ୟପୂର୍ଣ୍ଣ କର । **–ଶ୍ରୀମା**



# ପ୍ରକୃତି ସୁରକ୍ଷା ପ୍ରତିବଦ୍ଧତା



ହିନ୍ଦୌ ଇବ୍ରାହିମ୍

ପ୍ରାକୃତିକ ପରିବେଶ ପାଇଁ ଏହା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷ। ଚଳିତ ବର୍ଷ ଡିସେମ୍ବରରେ ମଣ୍ଟ୍ରିଲରେ ହେବାକୁ ଥିବା ବିଶ୍ୱ ନେତାମାନଙ୍କ ଚୁକ୍ତିଗୁଡ଼ିକ ୨୦୨୦ ପର ଗ୍ଲୋବାଲ ବାୟୋଡାଇଭର୍ସିଟି ଫ୍ରେମ୍‌ୱାର୍କ ବା ବୈଶ୍ୱିକ ଜୈବବିବିଧତା ଢାଞ୍ଚାର ଭାଗ୍ୟ ନିର୍ଦ୍ଧାରଣ କରିବ। ଏହା ଏକ ମହତ୍ତ୍ୱପୂର୍ଣ୍ଣ ପରିଣାମଦାୟୀ ଚୁକ୍ତି ଯାହା ଆଗାମୀ ଦଶନ୍ଧି ପାଇଁ ପରିବେଶଗତ କାର୍ଯ୍ୟକ୍ରମ ସ୍ଥିର କରିବ। ସମ୍ଭବତଃ ୧ ମିଲିୟନ ପ୍ରଜାତିର ଉଦ୍ଭିଦ ଓ ପ୍ରାଣୀଙ୍କ ଭବିଷ୍ୟତ ଅନିଶ୍ଚୟତା ମଧ୍ୟରେ ରହିଛି। ସେହିପରି ଅନେକ କୋଟି ଲୋକଙ୍କ ଜୀବନ ଜୀବିକା ମଧ୍ୟ ସଙ୍କଟରେ ରହିଛି। ଜୈବବିବିଧତା କହିଲେ କେବଳ ଗଛ, ପକ୍ଷୀ, ମାଛ କିମ୍ବା କୀଟପତଙ୍ଗ ସଂଖ୍ୟାକୁ ବୁଝାଏ ନାହିଁ। ଏହି ନିଶ୍ଚିତ ରୂପେ ଗୁରୁତ୍ୱ ରଖେ, କିନ୍ତୁ ସେମାନଙ୍କ ସହ ଆମେ ଏବଂ ଅନେକ ପ୍ରଜାତି ଜୀବ ନିର୍ଭର କରୁଥିବା ପରିସଂସ୍ଥାଗୁଡ଼ିକର ବ୍ୟାପକ ସମନ୍ୱୟ ରକ୍ଷା କରିବା ବି ଗୁରୁତ୍ୱପୂର୍ଣ୍ଣ। ଏହା ବ୍ୟତୀତ ପରିବେଶଗତ ଆଲୋଚନାରେ ନିର୍ଦ୍ଦିଷ୍ଟ ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ଆଦିବାସୀମାନଙ୍କୁ ଏଥିରେ ସାମିଲ କରିବା ଆବଶ୍ୟକ। କାହିଁ କେତେ ଯୁଗରୁ ପୈତୃକ ଭୂମି ସହ ସମ୍ପର୍କ ରଖିଆସିଥିବା ଅନେକ ଆଦିବାସୀ ବର୍ଗର ଲୋକଙ୍କ ମଧ୍ୟରୁ ଚାଦ୍‌ର ମବୋରୋରୋ ଅନ୍ୟତମ। ଏମାନଙ୍କ ମଧ୍ୟରୁ ମୁଁ ଜଣେ। ପ୍ରକୃତିର ପ୍ରବନ୍ଧକ ଭାବେ ଆମେ ପ୍ରମାଣିତ ହୋଇଛୁ, ତଥାପି ଆମ ପ୍ରକୃତି ଉତ୍ତରାଧିକାର ଧୀରେ ଧୀରେ କ୍ଷୀଣ ହୋଇଆସୁଛି। ଅନ୍ୟ ଅଞ୍ଚଳ ତୁଳନାରେ ଆମ ଭୂମିରେ ଜଙ୍ଗଲ ଧ୍ୱଂସ ବହୁତ କମ୍ ହେଉଛି। ଏହା ବନସ୍ପତିରେ ଭରପୂର। ଏଠାରେ ବନ୍ୟଜନ୍ତୁ ଅତ୍ୟଧିକ ସଂଖ୍ୟାରେ ରହିଛନ୍ତି। ଖାଦ୍ୟ ଶୃଙ୍ଖଳ ବେଶ୍ ମଜଭୁତ। ଏଠାରେ ପ୍ରକୃତିର ଜୀବନୀ ଶକ୍ତି ଏଯାବତ ବିଲୋପ ହୋଇନାହିଁ। ବିଶ୍ୱର ଗ୍ରୀଷ୍ମମଣ୍ଡଳୀୟ ଜଙ୍ଗଲ, କଳା ଉର୍ବର ମୃତ୍ତିକା ଓ ଚିରହରିତ ବନର ଏକ ତୃତୀୟାଂଶ ଏବଂ ବୈଶ୍ୱିକ ଜୈବବିବିଧତାର ୮୦ ପ୍ରତିଶତ କାର୍ବନ ଧାରଣକରି ରଖୁଥିବା ପରିସଂସ୍ଥା ଆଦିବାସୀ ଅଞ୍ଚଳରେ ଦେଖାଯାଏ। ଆଦିବାସୀ ଲୋକଙ୍କ ପାଇଁ ତାଙ୍କ ଭୂମି ହିଁ ସବୁ କିଛି। ଏହା ଖାଦ୍ୟ, ଆଶ୍ରୟ ଏବଂ ଔଷଧର ଉତ୍ସ । ଏହି ଭୂମି ଆମ ସଂସ୍କୃତି ଓ ଇତିହାସର ସ୍ରୋତ। ପିଢ଼ି ପରେ ପିଢ଼ି ଆମେ ଆମ ଭୂମିରେ ରହିବାର କଳା ଭଲ ଭାବେ ଶିକ୍ଷା କରିଆସିଛୁ। ଆମ ଭୂମିକୁ କିଭଳି ସୁରକ୍ଷିତ ଓ ସଂରକ୍ଷିତ ରଖାଯାଇପାରିବ ତାହା ବି ଆମେ ଜାଣିଛୁ। ଏହାର ଯତ୍ନ କିପରି ନେବାକୁ ହୁଏ ତାହା ମଧ୍ୟ ଶିଖିଛୁ। ଏହାର ବିଧ୍ୱଂସକ ଭାବେ ଆମେ କେବେ ବି ପ୍ରକଟିତ ହୋଇନାହୁଁ।

ପୃଥିବୀର କଲ୍ୟାଣରେ ଆଦିବାସୀ ଲୋକଙ୍କ ସ୍ୱତନ୍ତ୍ର ଅବଦାନକୁ ବିଜ୍ଞାନ ଦୀର୍ଘଦିନରୁ ନିଶ୍ଚିତ କରିଆସିଛି। ୨୦୧୯ରେ, ଇଣ୍ଟର ଗଭର୍ନମେଣ୍ଟାଲ ପ୍ୟାନେଲ ଅନ୍ କ୍ଲାଇମେଟ ଚେଞ୍ଜ (ଆଇପିସିସି) ଜୋର ଦେଇଥିଲା ଯେ, ଏକ ଦୀର୍ଘ ଇତିହାସ ସହ ଜଡ଼ିତ ଆଦିବାସୀ ସମାଜର ଜ୍ଞାନ, କୌଶଳ ଓ ତର୍କ ବିଶ୍ୱତାପନ ଏବଂ ଏହାର ପ୍ରଭାବ ନିୟନ୍ତ୍ରଣ କରିବାରେ ଗୁରୁତ୍ୱପୂର୍ଣ୍ଣ। ଜୈବବିବିଧତା ସଂରକ୍ଷଣ ଲାଗି ଇଣ୍ଟର ଗଭର୍ନମେଣ୍ଟାଲ ସାଇନ୍ସ ପଲିସି ପ୍ଲାଟ୍‌ଫର୍ମ ଅନ୍ ବାୟୋଡାଇଭର୍ସିଟି ଆଣ୍ଡ୍ ଇକୋସିଷ୍ଟମ ସର୍ଭିସ(ଆଇପିବିଇଏସ୍) ମଧ୍ୟ ସମାନ ନିଷ୍କର୍ଷରେ ପହଞ୍ଚିଛି। ଆଇପିବିଇଏସ୍ ବୈଶ୍ୱିକ ସଂରକ୍ଷଣ କ୍ଷେତ୍ରରେ ଆଦିବାସୀଙ୍କ ଯୋଗଦାନର ଗୁରୁତ୍ୱ ଉପରେ ଜୋର୍ ଦେଇଛି।



ଆଦିବାସୀଙ୍କ ବିଚାର ଓ ତର୍କକୁ ବିଶ୍ୱ ସ୍ତରରେ ମିଳୁଥିବା ଅଧିକ ସ୍ୱୀକୃତି ଗତବର୍ଷ ଗ୍ଲାସ୍‌ଗୋରେ ଅନୁଷ୍ଠିତ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ(କପ୍୨୬)ରେ ପ୍ରକାଶ ପାଇଥିଲା। ସେଠାରେ ଆଦିବାସୀ ଲୋକ ଏବଂ ସ୍ଥାନୀୟ ଗୋଷ୍ଠୀଙ୍କ ପ୍ରକୃତି ସଂରକ୍ଷଣ ସହ ଜଳବାୟୁ ପଦକ୍ଷେପକୁ ସହଯୋଗ କରିବା ପାଇଁ ଅନେକ ଦେଶ ଓ ପ୍ରାଇଭେଟ ଡୋନର୍‌ମାନେ ୧.୭ ବିଲିୟନ ଡଲାର ସହଯୋଗ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହା ଥିଲା ଦୂର ଦୂରାନ୍ତରେ ତଥା ସଂଘବଦ୍ଧ ଭାବେ ରହୁଥିବା ବିଭିନ୍ନ ବର୍ଗର ଲୋକମାନଙ୍କ ପାଇଁ ଏକ ଅପ୍ରତ୍ୟାଶିତ ପ୍ରତିବଦ୍ଧତା। ଆଦିବାସୀଙ୍କ ବିଚାର ଓ ଜ୍ଞାନକୁ ବିଶ୍ୱନେତାଙ୍କ ପକ୍ଷରୁ ମିଳିଥିବା ସ୍ୱୀକୃତିକୁ ଆମେ ସ୍ୱାଗତ କରୁଥିବାବେଳେ ଆମ ସଞ୍ଚାଳନକାରୀ ଭୂମିକାକୁ ଏହାଠାରୁ ଅଧିକ ଅନୁମୋଦନ ଦରକାର। ସବୁଠୁ ପ୍ରଭାବୀ ଅଭିଭାବକ ଭାବେ ପ୍ରକୃତିର ସଞ୍ଚାଳନ ଜାରି ରଖିବା ଲାଗି ଆମକୁ ଦରକାର ଆମ ପୈତୃକ ଭୂମିର ମାଲିକାନା। କିନ୍ତୁ ଆଦିବାସୀମାନେ ଲଗାତର ବଳପୂର୍ବକ ଭାବେ ବିସ୍ଥାପିତ ହୋଇଚାଲିଛନ୍ତି। ଏଣୁ ଆମ ପାଇଁ ଭୂସମ୍ପତ୍ତି ସଂସ୍କାର ଓ ସୁରକ୍ଷିତ ଭୂଅଧିକାରଗୁଡ଼ିକ ମହତ୍ତ୍ୱପୂର୍ଣ୍ଣ। ନଚେତ ବାହାର ଲୋକଙ୍କ ବିସ୍ଥାପନ, କୃଷିଭିତ୍ତିକ ସମ୍ପ୍ରସାରଣ ଏବଂ ଶିଳ୍ପଜାତ ଦ୍ରବ୍ୟ ଉତ୍ତୋଳନ, ଅଞ୍ଚଳର ଶୁଷ୍କକରଣ ଏବଂ ସର୍ବଶେଷରେ ରୋଗ ଆମ ଭୂମି ପ୍ରତି ଥିବା ଐତିହାସିକ ସମ୍ବନ୍ଧକୁ ସମାପ୍ତ କରିଦେବ।

ବିଭିନ୍ନ ଦେଶର ସରକାର ଆଦିବାସୀଙ୍କ ଭୂମି ସଞ୍ଚାଳନ ଲାଗି ପ୍ରତିବଦ୍ଧତା ପ୍ରକାଶ କରିବା ଉଚିତ। ଚଳିତ ଦଶନ୍ଧିର ଶେଷ ସୁଦ୍ଧା ବିଶ୍ୱର ୩୦ ପ୍ରତିଶତ ଭୂମି ଓ ସମୁଦ୍ରର ସୁରକ୍ଷା କରିବା ଲାଗି ୩୦x ୩୦ ଯୋଜନା ଏକ ଉତ୍ତମ ବିଚାର। କିନ୍ତୁ ଏହା ଆଦିବାସୀ ଲୋକ ଏବଂ ସ୍ଥାନୀୟ ସମୁଦାୟଙ୍କ ଭାଗୀଦାରିରେ କରିବାକୁ ଚେଷ୍ଟା କରିବା ଆବଶ୍ୟକ। ଅର୍ଥାତ୍, ଆମ ଭୂମିଗତ ଅଧିକାରକୁ ସମ୍ପୂର୍ଣ୍ଣ ଗ୍ରହଣ କରିବା ସହ ଏହାର ସ୍ୱୀକୃତି ଏବଂ ଆମ ସ୍ୱାଧୀନତା, ପୂର୍ବବର୍ତ୍ତୀ ତଥା ସୂଚିତ ମତାମତକୁ ନିଶ୍ଚିତ କରିବାକୁ ହେବ। ଯେତେବେଳେ ନୂଆ ଚୁକ୍ତି ହେଉଛି ଏବଂ ପରିସଂସ୍ଥାଗୁଡ଼ିକର ସୁରକ୍ଷା ଓ ସଂରକ୍ଷଣ କାର୍ଯ୍ୟକ୍ରମ ସ୍ଥିର କରାଯାଉଛି ସେତେବେଳେ ଆଲୋଚନାରେ ଆମମାନଙ୍କର ପ୍ରତିନିଧିତ୍ୱ ରହିବା ଦରକାର। ପ୍ରକୃତି ସୁରକ୍ଷାର ଗୁରୁତ୍ୱପୂର୍ଣ୍ଣ ମିଶନକୁ କାର୍ଯ୍ୟକାରୀ କରିବାକୁ ଆମକୁ ପାଣ୍ଠି ମିଳିବା ଆବଶ୍ୟକ। କମ୍ୟୁନିଟି ଲ୍ୟାଣ୍ଡ ରାଇଟ୍ସ ଆଣ୍ଡ୍ କଞ୍ଜରଭେଶନ ଫାଇନାନ୍ସ ଇନିସିଏଟିଭ୍ (ସିଏଲ୍‌ଏଆର୍‌ଆଇଏଫ୍‌ଆଇ) ଭୂସମ୍ପତ୍ତି ଅଧିକାର ଏବଂ ଗୋଷ୍ଠୀ ନେତୃତ୍ୱ ସଂରକ୍ଷଣ ଉପରେ ସମ୍ପୂର୍ଣ୍ଣ ଧ୍ୟାନଦେବା ଏକ ଉତ୍ତମ ପଦକ୍ଷେପ। ଆଦିବାସୀ ଏବଂ ଗୋଷ୍ଠୀ ପ୍ରୋତ୍ସାହିତ ଯୋଜନାଗୁଡ଼ିକୁ ସିଧାସଳଖ ପାଣ୍ଠି ଯୋଗାଣକୁ ସିଏଲ୍‌ଏଆର୍‌ଆଇଏଫ୍‌ଆଇ ତ୍ୱରାନ୍ୱିତ କରି ଏକ ବଡ଼ ଅନ୍ତରକୁ ଦୂର କରିଛି। ୨୦୩୦ ସୁଦ୍ଧା ଏହା ୧୦ ବିଲିୟନ ଡଲାର ଯୋଗାଡ କରିବା ସହ ଆଇନଗତ ଭାବେ ସ୍ୱୀକୃତ ଆଦିବାସୀ ଅଞ୍ଚଳଗୁଡ଼ିକୁ ୪୦୦ ମିଲିୟନ ହେକ୍ଟରକୁ ସମ୍ପ୍ରସାରିତ କରିବାକୁ ଲକ୍ଷ୍ୟ ରଖିଛି। ଜଙ୍ଗଲ ଧ୍ୱଂସ, ଜଳବାୟୁ ପରିବର୍ତ୍ତନ ଏବଂ ଜୈବବିବିଧତାଜନିତ କ୍ଷତି ରୋକିବା ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସମସ୍ତ ଗ୍ରୀଷ୍ମମଣ୍ଡଳୀୟ ଜଙ୍ଗଲରେ ଏହି ଆଦିବାସୀ ଗୋଷ୍ଠୀଗୁଡ଼ିକର ବୈଧ ଭୂସମ୍ପତ୍ତି ମାଲିକାନାକୁ ଅତି କମ୍‌ରେ ୫୦% ଯାଏ ବୃଦ୍ଧି କରିବା ଲାଗି ଲକ୍ଷ୍ୟ ରଖାଯାଇଛି।

ପ୍ରକୃତି ସୁରକ୍ଷା ଓ ଆଦିବାସୀ ଲୋକଙ୍କ ଉପରେ ନିବେଶ କରିବା ଲାଗି ବିଶ୍ୱ ଯଦି ପ୍ରତିବଦ୍ଧତା ପ୍ରକାଶ କରେ ତେବେ ଆମେ କିଛି କରିବୁ ଓ ଆଗକୁ କ'ଣ କରିବାକୁ ହେବ ସେ ସମ୍ପର୍କରେ ନିଷ୍ପତ୍ତି ନେବୁ। କାଗଜରେ କି କଥାରେ ନୁହେଁ, ବାସ୍ତବରେ ପର୍ଯ୍ୟାପ୍ତ ପାଣ୍ଠି ଯୋଗାଇଦେଲେ ପ୍ରକୃତି ସୁରକ୍ଷା ଓ ବିଶ୍ୱ ଜୈବବିବିଧତା ସଂରକ୍ଷଣ କ୍ଷେତ୍ରରେ ଅନ୍ୟମାନଙ୍କ ଠାରୁ ଆମେ ଆହୁରି ଅଧିକ କିଛି କରିପାରିବୁ। ଜୈବବିବିଧତାର ବ୍ୟାପକ ଧ୍ୱଂସ ଧାରାକୁ ରୋକିବା ଲାଗି ଯଦିଓ ଗ୍ଲୋବାଲ ବାୟୋଡାଇଭର୍ସିଟି ଫ୍ରେମ୍‌ୱାର୍କକୁ ଚୂଡ଼ାନ୍ତ କରିବା ଗୁରୁତ୍ୱପୂର୍ଣ୍ଣ, ତଥାପି ପ୍ରମୁଖ ଭାଗୀଦାରିଙ୍କ ଦ୍ୱାରା ପ୍ରକାଶ ପାଇଥିବା ଅସହମତି ଓ ଅନିଚ୍ଛା ଯୋଗୁ ପ୍ରକ୍ରିୟାରେ ବିଳମ୍ବ ହୋଇଛି। ଏଭଳି ସ୍ଥିତିରେ ବିଶ୍ୱ ନେତାଗଣ ଚିରାଚରିତ ପ୍ରତିକ୍ରିୟାରୁ ଊର୍ଦ୍ଧ୍ୱକୁ ଉଠି ଆଦିବାସୀ ଲୋକ ଏବଂ ସ୍ଥାନୀୟ ସମୁଦାୟଙ୍କ ଅଧିକାର ଏବଂ ଅନନ୍ୟ ଯୋଗଦାନଗୁଡ଼ିକୁ ସ୍ୱୀକୃତି ଦେବା ଲାଗି ଏକ ବୁଝାମଣା ସୁରକ୍ଷିତ କରିବା ଦରକାର।

**ପ୍ରେସିଡେଣ୍ଟ, ଆସୋସିଏସନ ଫର୍ ଇଣ୍ଡିଜେନସ ଓମେନ୍ ଆଣ୍ଡ୍ ପିପୁଲ୍ସ ଅଫ୍ ଚାଦ୍**

## ଏଇ ଭାରତରେ

ଗରିବ ଓ ଅସହାୟ ପିଲାଙ୍କୁ ଛାତ୍ରବୃତ୍ତି ପାଇବାରେ କର୍ନାଟକର ଜଣେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପ୍ରୟାସ ଏକ ଉଦାହରଣ ସୃଷ୍ଟି କରିଛି। ଦକ୍ଷିଣ କନ୍ନଡ ଜିଲା କାର୍ପେ ଗାଁର ଶିକ୍ଷକ ନାରାୟଣ ନାୟକ ଏହି କାର୍ଯ୍ୟ ବିଗତ ୨୧ ବର୍ଷ ହେଲା କରିଆସୁଛନ୍ତି। ଏବେ ତାଙ୍କ ବୟସ ୮୦। ସକାଳ ୮ଟାରୁ ଘରୁ ବାହାରି ବିଭିନ୍ନ ସ୍କୁଲ, କଲେଜ, ସରକାରୀ ଅଫିସ ଓ ଘରୋଇ ପ୍ରତିଷ୍ଠାନଗୁଡ଼ିକୁ ଯାଉଛନ୍ତି। ଫେରୁଛନ୍ତି ସନ୍ଧ୍ୟା ୮ଟାରେ। ଏହି ସମୟରେ ଛାତ୍ରବୃତ୍ତି ପାଇବା ଲାଗି ଯୋଗ୍ୟ ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ଠାବ କରୁଛନ୍ତି। ସ୍କୁଲ, କଲେଜ ପିଲାମାନଙ୍କ ସହ କଥା ହୋଇ ସ୍କଲାରଶିପ ପ୍ରଦାନ କରୁଥିବା ବିଭିନ୍ନ ଏନ୍‌ଜିଓ ପ୍ରାୟୋଜକମାନଙ୍କ ସହ ସମ୍ପର୍କ କରାଇ ସେମାନଙ୍କୁ ସ୍କଲାରଶିପ ପାଇବାର ବନ୍ଦୋବସ୍ତ କରୁଛନ୍ତି। ଦୁଇ ଦଶନ୍ଧି ମଧ୍ୟରେ ତାଙ୍କ ମାଧ୍ୟମରେ ୧ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ସ୍କଲାରଶିପ୍ ପାଇଛନ୍ତି; ଯାହାର ପରିମାଣ ପାଖାପାଖି ୫ କୋଟି ଟଙ୍କା। ପିଲାମାନେ କିଭଳି ସ୍କଲାରଶିପ ପାଇବେ ସେଥିପାଇଁ ନାୟକ ଗତ ବର୍ଷ ୨୦୦ ସ୍କୁଲ ପରିଦର୍ଶନ କରିଛନ୍ତି। ଦୀର୍ଘ ୩୮ ବର୍ଷ ଶିକ୍ଷକତା କରିବା ପରେ ୨୦୦୧ରେ ସେ ଅବସର ନେଇ ଉକ୍ତ କାର୍ଯ୍ୟ କରିଆସୁଛନ୍ତି। ଅବସର ପରେ ନାୟକ ୪୦ହଜାର ଟଙ୍କା ପେନ୍‌ସନ ପାଉଛନ୍ତି ଓ ସେଥିରୁ ଅଧା ଗସ୍ତ ଖର୍ଚ୍ଚରେ ଯାଉଛି। ନାୟକ ଛାତ୍ର ଜୀବନରେ ପଢ଼ିବାରେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିବାରୁ ଏଭଳି ସ୍ଥିତି କାହା ଭାଗ୍ୟରେ ନ ଆସୁ ବୋଲି ଏହି ଅଭିଯାନ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ସେପ୍ଟେମ୍ବର ୧୯୯୭

- ବିଶାଖାପାଟଣାସ୍ଥିତ ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ଏଚ୍‌ପିସିଏଲ୍)ର ଏକ ବିଶୋଧନାଗାରରେ ନିଆଁ ଲାଗିଯିବାରୁ ୩୫ ଜଣଙ୍କ ମୃତ୍ୟୁ।
- ଆକାଶବାଣୀ ଏବଂ ଦୂରଦର୍ଶନକୁ ଅଧିକ ସ୍ୱୟଂଶାସନ କ୍ଷମତା ଦେବା ପାଇଁ ବହୁ ପ୍ରତୀକ୍ଷିତ ପ୍ରସାର ଭାରତୀ ଆଇନ ଲାଗୁ।
- ଅଞ୍ଜନା ମାମଲାରେ ଆଡଭୋକେଟ ଜେନେରାଲ ଇନ୍ଦ୍ରଜିତ୍ ରାୟଙ୍କ ପକ୍ଷରୁ ହୋଇଥିବା ଆଗୁଆ ଜାମିନ ଆବେଦନକୁ ହାଇକୋର୍ଟଙ୍କ ମଞ୍ଜୁରି ପ୍ରଦାନ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | | 6 | | | 3 |
| | | | | | | | 8 | |
| 2 | 4 | 6 | 9 | | | | | |
| 5 | 1 | | | | | 8 | 9 | 2 |
| | | | | 2 | | | | 6 |
| | | | 7 | | | | 5 | |
| | | | | | | | | |
| | | 9 | 2 | 5 | 4 | | | |
| | | 8 | | | | | 4 | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 1 | 3 | 9 | 5 | 8 | 6 | 7 | 4 |
| 8 | 7 | 9 | 4 | 3 | 6 | 1 | 2 | 5 |
| 6 | 4 | 5 | 1 | 2 | 7 | 3 | 8 | 9 |
| 7 | 2 | 6 | 8 | 4 | 3 | 9 | 5 | 1 |
| 4 | 5 | 1 | 2 | 6 | 9 | 7 | 3 | 8 |
| 3 | 9 | 8 | 5 | 7 | 1 | 4 | 6 | 2 |
| 5 | 3 | 2 | 7 | 1 | 4 | 8 | 9 | 6 |
| 9 | 6 | 4 | 3 | 8 | 2 | 5 | 1 | 7 |
| 1 | 8 | 7 | 6 | 9 | 5 | 2 | 4 | 3 |

ଗତକାଲିର ଉତ୍ତର

# କାନ୍ଦୁଛି ଗଜରାଜ



ବିମଳ ପ୍ରସନ୍ନ ଦାସ

ମନୁଷ୍ୟକୃତ ଏକାଧିକ କାରଣ ହେତୁ ଏବେ ହାତୀ ବଂଶ ବିଲୋପ ଅଭିମୁଖୀ। ହାତୀ ଓ ମଣିଷ ମଧ୍ୟରେ ଲଢ଼େଇ ଜାରି ରହିଥିବାବେଳେ ଉଭୟଙ୍କ ଜୀବନ ଯାଉଛି। କେତେ ଗାଁ ଗଣ୍ଡାର ଘରଦ୍ୱାର ହାତୀ ଭାଙ୍ଗୁଛି ତ, ମଣିଷ ମଧ୍ୟ ହାତୀମାନଙ୍କର ପଥରୋଧ କରିବା ସହିତ ତାକୁ ଶିକାର କରି ତାରି ଦାନ୍ତକାଟି ନେଇ ବେପାର କରୁଥିବାର କାହାଣୀ ଗଣମାଧ୍ୟମରେ ପ୍ରାୟ ନିତିଦିନର ଖବର। ଅତି ନିର୍ମମ ଭାବରେ ରେଳ ରାସ୍ତାରେ ହାତୀପଲ ମୃତ୍ୟୁବରଣ କରୁଛନ୍ତି। ଏ ପରିପ୍ରେକ୍ଷୀରେ ହାତୀ ସୁରକ୍ଷା ଏକ ଜରୁରୀ ଆହ୍ୱାନ ହୋଇଛି।

ହାତୀକୁ ଐତିହ୍ୟ ପ୍ରାଣୀଭାବରେ ଘୋଷଣା କରାଯାଇଛି। ସୁତରାଂ ଏମାନଙ୍କ ସୁରକ୍ଷା ଉପରେ ସରକାର ଗୁରୁତ୍ୱ ଦେବା ସ୍ୱାଭାବିକ। ହାତୀ କରିଡର ପୁନରୁଦ୍ଧାର ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ତଥାପି ଅନେକ କ୍ଷେତ୍ରରେ ହାତୀ ତଥା ମଣିଷଙ୍କ ମୃତ୍ୟୁ ହେଉଛି। ଆମ ରାଜ୍ୟରେ ହାତୀ ସଂରକ୍ଷଣ କେବଳ ସଭାସମିତିରେ ଭାଷଣରେ ସୀମିତ ରହୁଛି। ଏଥିପାଇଁ ସାମାଜିକ ଗଣମାଧ୍ୟମରେ ସମାଲୋଚନାର ଶିକାର ହେଉଛନ୍ତି ସରକାର ଓ ରାଜ୍ୟ। ବନ୍ୟପ୍ରାଣୀ ସୁରକ୍ଷାକର୍ମୀ ଓ ପରିବେଶବିତ୍‌ମାନେ ଗଭୀର ଅସନ୍ତୋଷ କରି ସରକାରଙ୍କୁ କଠୋର ସମାଲୋଚନା କରୁଛନ୍ତି। ହାତୀକୁ ଲୁହାକଡ଼ିରେ ବାନ୍ଧି ରଖାଯାଉଛି କାରଣ ସେ ମଣିଷ ମାରିଛି। ୨୦୨୧ରେ ଚନ୍ଦକାରେ 'ନନ୍ଦନ', 'ଯଶୋଦା' ଓ 'ଶଙ୍କର', କପିଳାସରେ 'ରାଜେଶ' ଓ ଶିମିଳିପାଳରେ 'ମହେନ୍ଦ୍ର' ଓ 'ଶୋଭା' ବନ୍ଦୀ ଜୀବନ କଟାଉଛନ୍ତି। ଅବଶ୍ୟ ବର୍ତ୍ତମାନ ଏମାନଙ୍କ ମଧ୍ୟରୁ 'ଯଶୋଦା' ଓ 'ଶୋଭା' ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଦନ୍ତାହାତୀ 'ନନ୍ଦନ'କୁ ୧୦(ଦଶ) ବର୍ଷକାଳ ନନ୍ଦନକାନନରେ ବନ୍ଧା ହୋଇ ରଖାଯାଇଥିଲା। ଦୀର୍ଘବର୍ଷ ଧରି ବନ୍ଧା ହୋଇ ରହିବାରୁ ହାତୀମାନଙ୍କର ସ୍ୱାସ୍ଥ୍ୟରେ ଅବନତି ଘଟିବା ସ୍ୱାଭାବିକ। କପିଳାସରେ ଲୁହାତାରବାଡ଼ ମଧ୍ୟରେ ହାତୀ ବନ୍ଦୀ ଜୀବନ କଟାଉଛି। ଏହିପରି ବନ୍ଦୀଜୀବନ କଟାଉଥିବା ହାତୀ ଆବଶ୍ୟକ ପରିମାଣ ଖାଦ୍ୟ ପାଏନା। ଯେହେତୁ ତା'ର ଦେହରୁ ଝାଳ ବାହାରେ ନାହିଁ, ତେଣୁ ସେ ପାଣିରେ ବୁଡ଼ିକରି ଗାଧାଏ। ମାତ୍ର ପାଇପ ପାଣି ଛିଞ୍ଚି ଦେଇ ତାକୁ ଗାଧୋଇ ଦେଲେ ତାହା ତା'ର ସୁସ୍ଥତା ପ୍ରତି ବିପଦର ଆଶଙ୍କା ସୃଷ୍ଟି କରିବା ଅନିବାର୍ଯ୍ୟ। ଏପରି ବିରକ୍ତି ଭିତରେ ହାତୀ ମଧ୍ୟ ତା'ର ମାହୁନ୍ତକୁ ଆକ୍ରମଣ କରିଥିବାର ଘଟଣା ଗଣମାଧ୍ୟମରେ ଦେଖିବାକୁ ମିଳେ। ଏ ସବୁର ସମାଧାନ ପାଇଁ ଚନ୍ଦକା ଅଭୟାରଣ୍ୟରେ ଦଶ ଏକର ଅଞ୍ଚଳକୁ ତାରବାଡ଼ରେ ଆବଦ୍ଧ କରି ଏହିପରି ହାତୀମାନଙ୍କୁ ଛାଡ଼ିବା ପାଇଁ କୁହାଯାଇଥିଲେ ମଧ୍ୟ ଏଯାବତ କୌଣସି ପଦକ୍ଷେପ ନିଆଯାଇନାହିଁ। ପରିତାପର ବିଷୟ ଏଣେ ହାତୀମୃତ୍ୟୁ ଅବାରିତ। ୫ବର୍ଷରେ ମଲେଣି ୪୦୯ ହାତୀ ବୋଲି ଦୁଇ କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ ବନ୍ୟପ୍ରାଣୀ ବିଶେଷଜ୍ଞ। ହାତୀ ମୃତ୍ୟୁ ରୋକିବା ପାଇଁ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଦାବି କରିଥିଲେ।



ଗୋଟିଏ ଛୋଟ ପ୍ରବନ୍ଧର କଳେବର ମଧ୍ୟରେ କେତେ ବା ତଥ୍ୟ ଦେଇହେବ। ନିକଟ ଅତୀତରେ ଆଠଗଡ ବନଖଣ୍ଡ ଅଧୀନ ବଡ଼ମ୍ବା ବନାଞ୍ଚଳରେ ଚଳିତ ବର୍ଷ ଜୁନ ପ୍ରଥମ ସପ୍ତାହରେ ଖାରଡ ଓ ଜେନାପାଳ ଗ୍ରାମ ନିକଟରେ ଦୁଇ ହାତୀଙ୍କର ଗଳିତ ମୃତଦେହକୁ କ୍ରାଇମବ୍ରାଞ୍ଚ ଏସ.ଟି.ଏଫ୍. ମାଟିତଳୁ ଉଦ୍ଧାର କରିଥିଲେ। ସେହିପରି ଗତ ଅଗଷ୍ଟ ପ୍ରଥମ ସପ୍ତାହରେ ଏସ.ଟି.ଏଫ୍. ନରସିଂହପୁର ପଶ୍ଚିମପଟ ବନାଞ୍ଚଳରୁ ଦନ୍ତାହାତୀର ଗଳିତ ମୃତଦେହ ଉଦ୍ଧାର କରିଥିଲା। ଏହି ହାତୀମାନଙ୍କୁ ଶିକାରୀମାନେ ମାରି ତାଙ୍କ ଦାନ୍ତ କାଟି ନେଇଥିବା ଜଣାପଡ଼ିଛି। ବିଡ଼ମ୍ବନା ଯେ ଆଠଗଡ଼ ଡି.ଏଫ.ଓ.ଙ୍କ ନିକଟରେ କୌଣସି ଖବର ନ ଥିଲା। ବିନା ପୋଷ୍ଟମର୍ଟମରେ ବନ କର୍ମଚାରୀମାନେ ଏହି ହାତୀଗୁଡ଼ିକୁ ପୋତି ଦେଇଥିଲେ। ସେହିପରି ନରସିଂହପୁର ପୂର୍ବ ବନାଞ୍ଚଳ ଜୟପୁର ସେକ୍ସନରେ ଏକ ଗୁଳିବିଦ୍ଧ ଦନ୍ତାହାତୀ ୧୦ଦିନ ଛଟପଟ ହୋଇ ମୃତ୍ୟୁବରଣ କଲା। ହାତୀ ସୁରକ୍ଷା ପାଇଁ ପ୍ରାୟ ବର୍ଷକୁ ଦେଢ଼କୋଟି ଟଙ୍କା ଖର୍ଚ୍ଚ ହେଉଛି। ପାଟ୍ରୋଲିଂ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏଥିପାଇଁ ସ୍ୱତନ୍ତ୍ର ବନ କର୍ମଚାରୀ ନିୟୋଜିତ ଅଛନ୍ତି। ହାତୀ କରିଡର ଚିହ୍ନିତ ହୋଇଛି। ଏତେ ସବୁ ବ୍ୟବସ୍ଥା ସତ୍ତ୍ୱେ ବନବିଭାଗ ହାତୀମୃତ୍ୟୁ ରୋକିବାକୁ ବିଫଳ ହୋଇଛି କାହିଁକି ତାହା ହିଁ ଆଜିର ପ୍ରଶ୍ନ। ଏଥିରୁ ସ୍ପଷ୍ଟ ହୁଏ ଯେ ବନ କର୍ମଚାରୀ ଓ ଶିକାରୀମାନଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ନିର୍ବିବାଦରେ ଚାଲିଛି। ହାତୀ ଶିକାରକୁ ପ୍ରତିହତ କରିବା ପାଇଁ ସରକାର ୨୦୦୮ରୁ ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସ ଗଠନ କରିଥିଲେ। ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ନ ଥିବା ଅତ୍ୟନ୍ତ ଦୁଃଖଦ ବିଡ଼ମ୍ବନା। ଇତି ମଧ୍ୟରେ ସୁକିନ୍ଦା ଜଙ୍ଗଲରେ ଗୋଟିଏ ମାଈ ହାତୀର ଗଳିତ ଶବ ଠାବ କରାଯାଇଛି।

ରାଜ୍ୟରେ ଗତ ୫ (ପାଞ୍ଚବର୍ଷ) ହେଲା ହାତୀ ଗଣନା ହୋଇନାହିଁ। ବର୍ତ୍ତମାନ କେତେ ହାତୀ ଜୀବିତ ଓ କେତେ ମୃତ, ଏ ତଥ୍ୟ ସରକାରଙ୍କ ପାଖରେ ହୁଏତ ନ ଥିବ। ଖାଦ୍ୟ ଅନ୍ୱେଷଣରେ ହାତୀମାନେ ମଧ୍ୟ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ବନାଞ୍ଚଳକୁ ଚାଲି ଯାଉଥିବାରୁ ରାଜ୍ୟରେ ହାତୀ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଇ ଚାଲିଛି। ବିଭିନ୍ନ ଉଦ୍ଦେଶ୍ୟରେ ଜଙ୍ଗଲ କଟା ଯାଉଥିବାରୁ ହାତୀମାନେ ଗ୍ରାମାଭିମୁଖୀ – ଏପରି କି ସହରାଭିମୁଖୀ ହେବାକୁ ବାଧ୍ୟ ହେଉଛନ୍ତି। ଗତ ଦୁଇ ତିନି ବର୍ଷ ଧରି ଚନ୍ଦକା ଅଭୟାରଣ୍ୟରୁ ହାତୀ ରାଜଧାନୀ ଭିତରେ ଏପରି କି ଇନ୍ଦ୍ରଧନୁ ମାର୍କେଟରେ ଆସି ରାତିରେ ବୁଲୁଥିବାର ଦେଖାଯାଉଛି। ସରକାରଙ୍କ ବନ ସଂରକ୍ଷଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କେବଳ ବିଫଳ ହେଉଛି। ଏପରି ସଙ୍ଗିନ ପରିସ୍ଥିତିରେ କୌଣସି ଉଚ୍ଚପଦସ୍ଥ ଜଙ୍ଗଲ କର୍ମଚାରୀ ଦଣ୍ଡିତ ହେବାର ନଜିର ନାହିଁ। ନିଲମ୍ବିତ ହେଉଛନ୍ତି ଫରେଷ୍ଟର ଓ ଫରେଷ୍ଟ ଗାର୍ଡ। ସୁତରାଂ ସେମାନେ ମଧ୍ୟ ଚାକିରି ବଞ୍ଚାଇବା ପାଇଁ ହାତୀମୃତ୍ୟୁ ଘଟଣା ଗୁପ୍ତ ରଖୁଛନ୍ତି। ଏ ପରିସ୍ଥିତି ଲାଗି ରହିଲେ ହୁଏତ ଓଡ଼ିଶା ହାତୀଶୂନ୍ୟ ହୋଇଯିବ।

ସ୍ନାନ ପୂର୍ଣ୍ଣିମାଠାରୁ ରଥଯାତ୍ରା ଓ ବାହୁଡ଼ା ଯାତ୍ରା ବିଶ୍ୱବିଦିତ। ଏଥିରେ ଗଜପତିଙ୍କ ଭୂମିକା (ଛେରା ପହଁରା) ଏକ ଉଚ୍ଚ ପରମ୍ପରା, ମାତ୍ର ଆଜି ଗଜପତିଙ୍କ ରାଜ୍ୟ ଗଜଶୂନ୍ୟ ହେବାକୁ ଯାଉଛି। ପ୍ରଭୁ ଶ୍ରୀଜଗନ୍ନାଥ ହିଁ ଭରସା। ସେ ହିଁ ତାଙ୍କ ମହିମାରକ୍ଷା କରନ୍ତୁ। ସୁତରାଂ ହେ ନୀଳଶଇଳ ତୁମର ସେ ଗଜରାଜ କାନ୍ଦୁଛି। ତାକୁ ସଂକଟରୁ ଉଦ୍ଧାର କରି ବିଲୁପ୍ତମୁଖୀ ହସ୍ତୀବଂଶକୁ ରକ୍ଷା କର ହେ ମହାବାହୁ!

**ମୋ :୯୪୩୮୧୮୬୨୨୬**

## ପାଠକ ଶ୍ରେଷ୍ଠ ବିଚାରକ

### ପୁଷ୍ଟିହୀନ ପୁଷ୍ଟିସାଧନ, ଶକ୍ତିହୀନ ଶକ୍ତି ମିଶନ

ମହାଶୟ,

ଉଭୟ କେନ୍ଦ୍ର ଓ ରାଜ୍ୟ ସହଭାଗିତାରେ ଅନେକଗୁଡ଼ିଏ ଜନ କଲ୍ୟାଣ ତଥା ଆର୍ଥିକ ଉନ୍ନତିକଳ୍ପେ ଯୋଜନା କାର୍ଯ୍ୟକାରୀ ବହୁ ଦଶନ୍ଧି ଧରି ଚାଲିଆସୁଛି। କିନ୍ତୁ ଯୋଜନାଗୁଡ଼ିକ ଆନ୍ତରିକତାର ସହ ନ ହୋଇ ସ୍ୱେଚ୍ଛାଚାର ମନୋଭାବରେ ଯେନତେନ ପ୍ରକାର ହେବା ଦ୍ୱାରା ସୁଫଳ ମିଳିପାରୁ ନାହିଁ। ଅଢ଼େଇବର୍ଷର କରୋନା କାଳରେ ଅନ୍ୟ ରାଜ୍ୟମାନଙ୍କରେ ଅଧିକାଂଶ ସମୟରେ ନିୟମିତ ପ୍ରତ୍ୟହ ଅଙ୍ଗନୱାଡ଼ି ଖୋଲା ରହି ଛୋଟପିଲାଙ୍କୁ ରନ୍ଧାଖାଦ୍ୟ ଓ ଶିକ୍ଷାଦାନ କରାଯାଉଥିବାବେଳେ ଆମ ରାଜ୍ୟରେ ଏକରୁ ଦୁଇ ମାସରେ ଅଣ୍ଡା, ଛତୁଆ ଗୋଟିଏ ଦିନରେ ବାଣ୍ଟିଦେଲେ କିପରି ଶିଶୁ ଓ ଗର୍ଭବତୀଙ୍କର ସ୍ୱାସ୍ଥ୍ୟସେବା ଠିକ୍ ଭାବେ ପ୍ରଦାନ କରାଯାଉଥିବ ତାହା କାହାକୁ ଅଛପା ନାହିଁ। ଉପାନ୍ତ ଅଞ୍ଚଳ ସହ ନଗଡ଼ାର ଚିତ୍ର ଆଜି ଅପରିବର୍ତ୍ତିତ ରହିଛି। ପ୍ରାୟ ସତୁରି ଲକ୍ଷ ସ୍ୱୟଂସହାୟକଙ୍କ ଆର୍ଥିକ ଉନ୍ନତି କରିବା କଥା କେବଳ କାଗଜକଲମରେ ଚାଲିଛି। ବାସ୍ତବ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ। ବିନା ତାଲିମ, ତଦାରଖ ଓ ତାଗିଦାରେ ଯଦି ଆହୁରି ଅର୍ଦ୍ଧଶତାବ୍ଦୀଯାଏ ଋଣ ଯୋଗାଇ ଦିଆଯାଏ ତଥାପି ସୁଫଳ ମିଳିବନି। କାରଣ ବ୍ୟାଙ୍କରେ ମିଥ୍ୟା ପ୍ରୋଜେକ୍ଟ ଉପସ୍ଥାପନ କରି ଋଣ ଆଣି ପାରିବାରିକ ଖର୍ଚ୍ଚ ତୁଲାଇଲେ ଏପରି ହେବା ସ୍ୱାଭାବିକ। କେବଳ ଯାହା ସରକାରୀ କଳର ଭୋଟ ଶତାଂଶ ବୃଦ୍ଧି ପାଇଛି।

**– ଶୁଭଶ୍ରୀ ନାୟକ, ରାଜକନିକା, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସାହିତ୍ୟର ପ୍ରଭାବ ବନାମ ପ୍ରଚାର



ଡ. ମନୋରଞ୍ଜନ ବିଷୋୟୀ

ଆମର ଅନେକ ବର୍ଷର ଅନେକ ଭାଷା, ଅନେକ ସାହିତ୍ୟ ଥିଲେ ହେଁ ଉତ୍ସ ପ୍ରାୟ ସମାନ । ଏବେ ଆଧୁନିକ ସାହିତ୍ୟ ପାଶ୍ଚାତ୍ୟ ସାହିତ୍ୟ ଭୂମିରୁ ଉତ୍ସାହ ଖୋଜିଛି, କିନ୍ତୁ ପରମ୍ପରାରୁ କେବେ କେଉଁଠି ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇନାହିଁ। କାରଣ ଆଧୁନିକତା ପରମ୍ପରାହୀନ, ଏକ ପରମ୍ପରା ନୁହେଁ ବରଂ ପରମ୍ପରା ପ୍ରତି ଏକ ସଚେତନ ପୁନଃ ମୂଲ୍ୟାୟନ ଏବଂ ପୁନଃ ଅନୁଧ୍ୟାନର କ୍ଷେତ୍ର ହେଉଛି ଆଧୁନିକତା । ସଂକ୍ଷେପରେ କହିଲେ– ପରମ୍ପରାର ଏକ ବିକଶିତ, ମୋହମୁକ୍ତ, ପ୍ରାମାଣିକ ତଥା ମୁକ୍ତ ଅନ୍ୱେଷାର କ୍ଷେତ୍ର ହେଉଛି ଆଧୁନିକତା।

ବସ୍ତୁତଃ ପରମ୍ପରା ଓ ଆଧୁନିକତାର ଏ ଆଲୋଚନା ପ୍ରସଙ୍ଗରେ ମାଟି, ମଣିଷ ଓ ସମୟ– ଏହି ତ୍ରିବିଧ ଧାରାର ସମନ୍ୱୟକୁ ଅନୁଧ୍ୟାନ କରାଯାଇପାରେ । ପ୍ରତ୍ୟେକ ମଣିଷ ମାଟିର ମୋହରେ, ସମୟର ଆହ୍ୱାନରେ ବ୍ୟାକୁଳିତ ହେବା ସ୍ୱାଭାବିକ । ସମୟର ଆହ୍ୱାନରେ ସଭ୍ୟତାର ପଥ ପ୍ରଶସ୍ତ ହୁଏ । ଅବରୁଦ୍ଧ ପରିସରକୁ ଅତିକ୍ରମ କରି ବ୍ୟକ୍ତି ମୁକ୍ତି ପଥର ଅଭିଯାତ୍ରୀ ସାଜେ । କିନ୍ତୁ ଅତୀତ ପ୍ରତି ପ୍ରତିକୂଳ ନୁହେଁ ବରଂ ଅତୀତର ସମ୍ମୋହନ ଆକର୍ଷଣ ପ୍ରଗତିର ପଥକୁ କରେ ପ୍ରସାରିତ । ପ୍ରତ୍ୟେକ ଜାତି– ସ୍ମୃତି, ସଂକେତ, ଇତିହାସ, ପୁରାଣ, କଥା, ଉପକଥା, ଅତିକଥା ଭିତରେ ପରିପୁଷ୍ଟ ହୋଇଛି । ଯୁଗଯୁଗ ଧରି ଗଢ଼ି ଆସୁଥିବା ଏହି ପ୍ରାଣଶକ୍ତିର ଉତ୍ସକୁ ଅଭିନବ ଭାବରେ ବ୍ୟାଖ୍ୟାୟିତ କରି ନୂତନ ହୁଏ ସମୁଜ୍ଜ୍ୱଳ । ବସ୍ତୁତଃ କହିବାକୁ ଗଲେ ପରମ୍ପରାର ଜୀବିତାଂଶକୁ ଗ୍ରହଣ କରି ନୂତନ ଭାବରେ ପ୍ରାଣ ପ୍ରବାହକୁ ଦର୍ଶାଇବା ହେଉଛି ଆଧୁନିକ ସାହିତ୍ୟର ଲକ୍ଷ୍ୟ।

ଏଠାରେ ପ୍ରଶ୍ନ ଉଠେ ସଂପ୍ରତି ଆମ ସାହିତ୍ୟର ସ୍ରଷ୍ଟା ଏ ଦିଗରେ କେତେ ସଚେତନ ? କାରଣ ପ୍ରତ୍ୟେକ ସୃଷ୍ଟିର ଉଦ୍ଦେଶ୍ୟ– ବ୍ୟକ୍ତିଗତ ଆବେଗ ମାଧ୍ୟମରେ ସାମୂହିକ ଆବେଗ ଦିଗକୁ ଯାତ୍ରା ଏବଂ ନାନ୍ଦନିକ ଆବେଗ ସୃଷ୍ଟି ଦିଗରେ ଏକନିଷ୍ଠ ଉଦ୍ୟମ । ତତ୍ ସଙ୍ଗେ ସଙ୍ଗେ ଅତୀତ ସହ ବ୍ୟକ୍ତିକୁ ସଂଯୁକ୍ତ କରିବା ଏବଂ ଗତିଶୀଳ ପୃଥିବୀର ଅବିଚ୍ଛିନ୍ନ ଅଂଶ ଭାବରେ ଉପସ୍ଥାପିତ କରିବା । ଏ ଦିଗରେ ଆଧୁନିକ ସ୍ରଷ୍ଟା ବେଶ୍ ସଚେତନ ଥିଲେ ହେଁ କିଛି ଅସାହିତ୍ୟିକଙ୍କ ସାହିତ୍ୟ ମଧ୍ୟକୁ ଅନୁପ୍ରବେଶ ; ସାହିତ୍ୟର ଲକ୍ଷ୍ୟପଥକୁ ଅବରୋଧ କରି ରଖିଅଛି ।

ସଂପ୍ରତି ଏଭଳି କିଛି ସ୍ରଷ୍ଟା ଅଛନ୍ତି ଯେଉଁମାନେ କି ଏକଚାଟିଆ ଭାବେ ସାହିତ୍ୟ ଚାଷ କରୁଛନ୍ତି । ସେମାନେ ସାହିତ୍ୟ ବେକରେ ପଘା ଲଗାଇ ସେମାନଙ୍କ ମନ ଯୁଆଡ଼େ ସିଆଡ଼େ ସାହିତ୍ୟକୁ ଟାଣି ନେଉଛନ୍ତି । ଫଳତଃ ସାହିତ୍ୟ ତା'ର ଲକ୍ଷ୍ୟପଥରୁ କ୍ରମଶଃ ଦୂରେଇ ଯିବାଭଳି ମନେ ହେଉଛି । ଏମାନେ ସାହିତ୍ୟ ରୂପକ ସିଂହାସନ ଉପରେ ବସି କଳେବଳେ କୌଶଳେ ନିଜ ମସ୍ତକରେ ପୁରସ୍କାର ମୁକୁଟ ପିନ୍ଧିବା ଲାଗି ଆପ୍ରାଣ ଚେଷ୍ଟା କରନ୍ତି । ତେଣୁ ତ ସଭା ଉପର ମଞ୍ଚରେ ବସିଥିବା ବ୍ୟକ୍ତିବିଶେଷଙ୍କୁ ପ୍ରଚୁର ଦାନଦକ୍ଷିଣା ଦେବାରେ ମଧ୍ୟ ତିଳେମାତ୍ର କାର୍ପଣ୍ୟ କରନ୍ତି ନାହିଁ । ଏଇମାନେ ସାହିତ୍ୟକୁ ଏକ କିଣାବିକାର ସାମଗ୍ରୀ କରି ପକାଇଲେଣି । ପ୍ରଭାବ ଅପେକ୍ଷା ପ୍ରଚାର ଯୁଗଧର୍ମ ବୋଲି ସେମାନେ ମତ ପ୍ରକାଶ କରନ୍ତି । ତେଣୁ ତ କାହା ନାମରେ କେତେ ଲେଖା ଛପାଗଲା, କିଏ କେତେ ପୁରସ୍କାର ପାଇଲା ତାକୁ ସାହିତ୍ୟିକ ମାନଦଣ୍ଡ ଭାବେ ଗ୍ରହଣ କରାଗଲାଣି। ଯାହାଫଳରେ ସମ୍ବର୍ଦ୍ଧନା ପତ୍ର ପାଇବା ଓ ବାଣ୍ଟିବାକୁ ନେଇ ଘୋଡ଼ାବେପାର ବୃଦ୍ଧି ପାଇଲାଣି । ସେଥିପାଇଁ ସେମାନେ ସ୍ୱୀକୃତିର ସଚିବାଳୟ ଭିତରେ ନସରପସର ହୋଇ ଧାଁ ଧପଡ଼ କରନ୍ତି । ଏସବୁକୁ ସାହିତ୍ୟ ସେବା ବୋଲି ଡିଣ୍ଡିମ ପିଟନ୍ତି । ହେଲେ ଖ୍ୟାତି ଭାଗଟିକୁ ସବା ଆଗରେ ଆବୋରି ବସିଥିବା ଏଇ ସାହିତ୍ୟିକମାନେ ଅନ୍ତଃସ୍ୱୀକୃତି ହିଁ ସାହିତ୍ୟର ମୂଳଭିତ୍ତି ବୋଲି ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି।

ତେଣୁ ଆଜି ସାହିତ୍ୟର ଗୁଣାତ୍ମକ ଦିଗ ପ୍ରତି ଦୃଷ୍ଟି ନ ଦେଇ କାହା ନାମରେ କେତେ ଲେଖା ଛପାଗଲା, କିଏ କେତେ ଏ ଯୁଗରେ ବଡ଼ପଣ୍ଡାଠାରୁ ପ୍ରଶଂସାପତ୍ର ପାଇଲା ସେ ସବୁର ବିଚାର କରିବାରେ ଲାଗିଛନ୍ତି । ଫଳରେ ସାହିତ୍ୟ ଆଜି ଗଣର ନ ହୋଇ ଜଣର ହୋଇଛି । ଶନିବାରସୀୟ, ରବିବାରସୀୟ ସାହିତ୍ୟ ଉତ୍ସବମାନ ଛତୁ ଫୁଟିଲା ଭଳି ଗଢ଼ି ଉଠୁଛି । ସେଠାରେ ନିଜ ବନ୍ଦନା ନିଜେ ପଢ଼ି ନିଜକୁ ଅଧିକ ଭାଗ୍ୟବାନ ମନେ କରୁଛନ୍ତି। ଫଳସ୍ୱରୂପ ସେମାନେ ସାହିତ୍ୟର ପ୍ରକୃତ ଲକ୍ଷ୍ୟ କ'ଣ ? ସେହି ପଥରୁ ଦୂରେଇ ଯାଇଛନ୍ତି।

ବର୍ତ୍ତମାନ ସମୟ ଆସିଛି ଏହି ସମସ୍ୟାର ସୂତ୍ର ଏକକ ସତ୍ତା ଭାବରେ ନୁହେଁ ବରଂ ସମୂହର ଅଂଶ ଭାବରେ ସମ୍ମୁଖୀନ ହେବାର । ସାହିତ୍ୟ ସହ ସମ୍ପର୍କର ଅବିଚ୍ଛିନ୍ନ ସେତୁ ଭାବରେ ମାନବ ଆପଣା କର୍ତ୍ତବ୍ୟ ନିଷ୍ଠାର ସହ ସମ୍ପାଦନ କଲେ ଯାଇ ସାହିତ୍ୟ ଏହି ବଡ଼ପଣ୍ଡାମାନଙ୍କ କବଳରୁ ମୁକ୍ତି ପାଇ ଏକକ ସହ ସମୂହର ସମନ୍ୱିତ ରୂପକୁ ପରିପ୍ରକାଶ କରିପାରିବ ଏବଂ ଆକାଂକ୍ଷା, ସ୍ୱପ୍ନ, ସମ୍ଭାବନାର କେନ୍ଦ୍ରବିନ୍ଦୁରେ ରହି ଆଗାମୀ ସମୟକୁ ବାର୍ତ୍ତା ପ୍ରଦାନ କରିବ ।

**ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ମୋ: ୮୮୯୫୧୪୧୭୨୭**

## ଚିରନ୍ତନୀ

ଭୁଲି ଜରା ଯଉବନ
ସପନ ବା ଜାଗରଣ
ଅତୀତର ଶତ ସୁଖ ଯାତନା
ଆଗାମୀର ନବ ଆଶା ବାସନା।

–(ଶରତ–ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ସଡ଼କ ଦୁର୍ଘଟଣାː ୧ମୃତ**

ଟେନ୍‌ସା (ଡ଼ି.ଏନ.ଏ.): ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ କେ.ବଲାଙ୍ଗ ଥାନା ୫୨୦ ଜାତୀୟ ରାଜପଥର ଚୁନା ଘାଟିଠାରେ ସଡ଼କ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଛି। କୁନ୍ଦୂରବୁରୁ ଗ୍ରାମର ସାମୁଏଲ ମୁଣ୍ଡା କୋଇଡା ଯାଉଥିବା ବେଳେ ପଛ ପଟରୁ ଏକ ଟ୍ରକ ଧକ୍କା ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରି ବଣାଇ ଉପଖଣ୍ଡ ଡାକ୍ତରଖାନାକୁ ନେଇଯାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ୮୦ କୋଟିର ସେଚପ୍ରକଳ୍ପ, ୮୦ ହେକ୍ଟରକୁ ମାଡୁନି ପାଣି

**ବଡ଼ଗାଁ, ୧୫।୯(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳର ୭୦ ପ୍ରତିଶତ ପରିବାର ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରନ୍ତି। ବ୍ଲକ ଅଞ୍ଚଳରେ ଥିବା ୧୦ ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପାଣିରେ ପ୍ରାୟ ୮ ଶହ ଏକର ଜମି ଜଳସେଚିତ ହୋଇଥାଏ। ବାକି ସମସ୍ତ ଜମିରେ ବର୍ଷା ଜଳ ଉପରେ ନିର୍ଭର କରି ଚାଷ ହୋଇଥାଏ। ଖରିଫ୍ ଧାନ ଚାଷ ଉପରେ ସମସ୍ତ ଚାଷୀ ନିର୍ଭର କରୁଥିବାରୁ ସ୍ୱଳ୍ପ କିମ୍ବା ଅନିୟମିତ ବର୍ଷା ହେଲେ ଚାଷ ନଷ୍ଟ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ସରକାର ସଫେଇ ନଦୀରେ ମେଗା ଜଳସେଚନ ପ୍ରକଳ୍ପ ନିର୍ମାଣ ୨୦୧୮ରେ ଆରମ୍ଭ କରିଥିଲେ। ୮୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପର ଫଳକକୁ ୨୦୨୦ ଫେବୃଆରୀ ୨ ତାରିଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ସେଠାରେ ପ୍ରଦର୍ଶିତ ଭିଡିଓରେ ଚାଷୀ ହସୁଥିବାର ଦେଖାଇଥିଲେ। ବର୍ତ୍ତମାନ ଚାଷୀ ପ୍ରକଳ୍ପକୁ ଭାଙ୍ଗି ଦେବେ ବୋଲି ଚେତାବନୀ ଦେଇଥିବାରୁ ସରକାରଙ୍କ ମିଥ୍ୟା ପ୍ରଚାର ପଦାରେ ପଡ଼ିଛି। ଏହି ପ୍ରକଳ୍ପ ଚାଷୀଙ୍କ ଆବଶ୍ୟକତାକୁ ପୂରଣ କରିପାରୁନାହିଁ। ପ୍ରକଳ୍ପ ନିର୍ମାଣ ହେଲେ ୩୮ ଶହ ହେକ୍ଟର ଜମି ଜଳସେଚିତ ହେବ କୁହାଯାଇଥିଲା। କିନ୍ତୁ ୮୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ୮୦ ହେକ୍ଟର ଜମିକୁ ପାଣି ଯାଉନାହିଁ। ମେଗା ପ୍ରକଳ୍ପ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ନଦୀ ଚିରସ୍ରୋତା ହୋଇ ନ ଥିବାରୁ ଚେକ୍‌ଡେମ ନିର୍ମାଣ ନ କଲେ ଜମିକୁ ଜଳସେଚିତ କରିବା ସମ୍ଭବ ନୁହେଁ ବୋଲି ଦାବିକରି ଚାଷୀମାନେ ମୁଖ୍ୟମନ୍ତ୍ରୀ, ଜିଲାପାଳ, ବିଭାଗୀୟ ଯନ୍ତ୍ରୀଙ୍କୁ ଜଣାଇ ନିରାଶ ହୋଇଛନ୍ତି। ନଦୀରେ ବାଲିବନ୍ଧ ପାଇଁ ଚାଷୀମାନେ ଦାବି କରିଥିଲେ ମଧ୍ୟ ପ୍ରକଳ୍ପର କର୍ମଚାରୀମାନେ ଠିକ ସ୍ଥାନରେ ବନ୍ଧ ତିଆରି ନ କରିବାରୁ ଗୁରୁବାର ଚାଷୀମାନେ ନିଜ ପ୍ରଚେଷ୍ଟାରେ ବନ୍ଧ ବାନ୍ଧିଛନ୍ତି। ବାରମ୍ବାର ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ହତାଶ ହୋଇଥିବା ଚାଷୀମାନେ ସରକାର୍ ଅଣଦେଖା କରୁଥିବା ଅଭିଯୋଗ କରିଛନ୍ତି।



ଚାଷୀମାନେ ନିଜ ପ୍ରଚେଷ୍ଟାରେ ବନ୍ଧ ବାନ୍ଧୁଛନ୍ତି।

# ଯୁବତୀଙ୍କୁ ହତ୍ୟାକରି ବିଷ ପିଇଲେ ଯୁବକ

**ଲହୁଣୀପଡ଼ା, ୧୫।୯(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ଗୁରୁଣ୍ଡିଆ ବ୍ଲକ ଅନ୍ତର୍ଗତ ବାଙ୍କି ନିକଟସ୍ଥ ଭାଲତା ଗ୍ରାମରେ ଗୁରୁବାର ଜଣେ ଯୁବତୀଙ୍କୁ ହତ୍ୟାକରି ଜଣେ ଯୁବକ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ମୃତ ଯୁବତୀ ହେଲେ ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଦର୍ଜାଂ ପଞ୍ଚାୟତ ମଧୁପୁର ଅଞ୍ଚଳର ଶାନ୍ତି ଓରାମ (୨୨)। ଯୁବକ ହେଲେ ରାଉରକେଲା ବନ୍ଧମୁଣ୍ଡା ଅଞ୍ଚଳର ଶୁକ୍ରା ଓରାମ(୨୫)। ଶୁକ୍ରାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ରାଉରକେଲାରେ କଡ଼ା ସୁରକ୍ଷାରେ ଚିକିତ୍ସା କରାଯାଉଛି।

ଘଟଣାରୁ ପ୍ରକାଶ ଯେ, ଶାନ୍ତିଙ୍କ ମା'ବାପା ମୃତ୍ୟୁବରଣ କଲା ପରେ ଭାଲତା ଗ୍ରାମରେ ତାଙ୍କ ଭିଣୋଇ ଘରେ ରହୁଥିଲେ। ଶୁକ୍ରା ଭାଲୁତା ଆସି ନିଜ ମାଉସୀ ଘରେ ରହୁଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା ବୋଲି କୁହାଯାଉଛି। ଗୁରୁବାର ପୂର୍ବାହ୍ଣ ପ୍ରାୟ ସାଢେ ୧୦ଟାବେଳେ ଶାନ୍ତି ଏକୁଟିଆ ଥିବାବେଳେ ତାଙ୍କ ନିକଟରେ ଶୁକ୍ରା ପହଞ୍ଚିଥିଲେ। ସାଙ୍ଗରେ ନେଇଥିବା କୀଟନାଶକ ଶାନ୍ତିଙ୍କୁ ପିଇବା ପାଇଁ ବାଧ୍ୟ କରିଥିଲେ। ଶାନ୍ତି ବିରୋଧ କରି ସେ ଜାଗାରୁ ଉଠି ଦୌଡ଼ି ପଳାଇବାକୁ ଉଦ୍ୟମ କରୁଥିବାବେଳେ ଶୁକ୍ରା କାବୁକରି ନେଇଥିଲେ। ଘର ଅଗଣାରେ ଏକ ଧାରୁଆ ଅସ୍ତ୍ରରେ ଶାନ୍ତିଙ୍କ ଗଳାକାଟି ହତ୍ୟା କରିଥିଲେ। ପରେ ନିଜେ ଆଣିଥିବା କୀଟନାଶକକୁ ପିଇଦେଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ବିଷକ୍ରିୟାରେ ଛଟପଟ ହେଉଥିବାବେଳେ ପରିବାର ଲୋକ ଦେଖି ଶୁକ୍ରାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବରପାଇ ଚାନ୍ଦିପୋଷ ପୋଲିସ ଫରେନ୍‌ସିକ ଦଳ ସହିତ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି।

## WALK IN INTERVIEW

LEPRA Society is looking for qualified candidates for the following positions. Interested candidates are invited to come for the Walk in Interview with all relevant documents and original certificates. Details as per bellow

| Position | Qualification | No. of Post Vacancy | Date & Place of Interview |
|---|---|---|---|
| Receptionist | Graduation | 1 | 21st Sept. 2022 at MNC, Birmaharajpur, Dist-Sonepur, Odisha, 767018 |
| Tr. Vision Technician | +2 | 2 | |
| Tr. Clinical Assistant | 10th | 2 | |
| Patient Attendant | 10th | 1 | |

Women candidates are encouraged to apply.

**LEPRA Society is an equal opportunity employer**
**Registration after 11 am not to be entertained.**

## OFFICE OF THE PRINCIPAL
**GOVT. (SSD) HIGHER SECONDARY SCHOOL,TUDALAGA**
**SUNDARGARH, ODISHA**
CHSE Code: PA83, SAMS Code:30126101
Email:gghss.tudalaga@gmail.com, Mobile No.9777909097
Letter No.188 Date:14.09.2022

### WALK-IN-INTERVIEW

A walk-in-interview is scheduled to be held on 29.09.2022 (10.00 AM onwards) at Govt. (SSD) Higher Secondary School, Tudalaga under Sundargarh District for selection of candidates to be engaged as guest faculties against the existing vacant posts of PGTs in different subjects. The interested candidates may attend the walk-in-interview om the office of the Principal, (School time) on the above mentioned date and time along with their CV and the certificates of educational qualification. For more details please visit Sundargarh district NIC website www.sundergarh.nic.in.

**Sd./- Principal**

# ନୃତ୍ୟରେ ପରିବେଶ ସୁରକ୍ଷାର ବାର୍ତ୍ତା




ଲୋକନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ନୃତ୍ୟଦଳ ସହ ଅତିଥି।

**କୁତ୍ରା, ୧୫।୯(ଡି.ଏନ.ଏ)**

**ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା**

ସୁନ୍ଦରଗଡ଼ ଜିଲା କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ମନୋରମ ପରିବେଶରେ ଗୁରୁବାର ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ଶାରଙ୍ଗଧର ବରିହା, ଆଦିବାସୀ ବିଭାଗ ସଂଯୋଜକ ସର୍ବଶିକ୍ଷା ଅଭିଯାନ ଡ.ଦିପକ ଦାସ, ଜିଲା ବିଜ୍ଞାନ ନିରୀକ୍ଷକ ସରୋଜ ଚୌଧୁରୀ, କୁତ୍ରା ବିଇଓ ଗୁରୁଚରଣ ସାହୁ, କୁତ୍ରା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ ପ୍ରମୁଖ ଦୀପ ପ୍ରଜ୍ୱଳନ କରିବା ସହିତ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅର୍ପଣ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରେ ସୁନ୍ଦରଗଡ଼ ଜିଲାର ୧୦ଟି ବ୍ଲକର ବିଭିନ୍ନ ଲୋକନୃତ୍ୟ ଦଳ ଯୋଗଦେଇ ତାଙ୍କର ନୃତ୍ୟ ପରିବେଷଣ କରିଥିଲେ। ତାଙ୍କ ନୃତ୍ୟ ମାଧ୍ୟମରେ ଗଛ ଲଗାଇବା, ଗଛ କାଟିବା ନାହିଁ ସହିତ ପରିବେଶ ସୁରକ୍ଷା ବିଷୟରେ ବାର୍ତ୍ତା ଦେଇଥିଲେ। ଏଥିରେ ବିଚାରକ ଭାବେ ମଞ୍ଚ କଳାକାର ପ୍ରଶାନ୍ତ ସାହୁ, ରବୀନ୍ଦ୍ର ପଣ୍ଡାଙ୍କ ସମେତ ନୃତ୍ୟଶିଳ୍ପୀ ପ୍ରିୟଦର୍ଶିନୀ ମହାପାତ୍ର ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ପରେ ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ଦଳକୁ ପୁରସ୍କୃତ କରିଥିଲେ। ଏଥିରେ କୁତ୍ରା ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ଦଳ ପ୍ରଥମ, ସୁନ୍ଦରଗଡ ସଦର ଦ୍ୱିତୀୟ ଓ ସବ୍‌ଡେଗା ଦଳ ତୃତୀୟ ସ୍ଥାନ ପାଇ ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ବିଭୀଷଣ ବାରିକ ପରିଚାଳନା କରିଥିବାବେଳେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଦୀପିକା କେର୍କେଟା, ଜସ୍ମିନ ମିଞ୍ଜ, ଧୃତିସୁନ୍ଦର ସାହୁ, ଅବିନାଶ କର, ଦିଲୀପ ବେହେରାଙ୍କ ସମେତ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

# ୨ ମହିଳାଙ୍କୁ ବଳାତ୍କାର ଚେତାବନୀ

**ବଡ଼ଗାଁ, ୧୫।୯(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସିଆମାଲ ଗ୍ରାମରେ ଜଣେ ଯୁବକ ୨ ଜଣ ବିବାହିତା ମହିଳାଙ୍କ ବାଟ ଓଗାଳି ଅଶ୍ରାବ୍ୟ ଗାଳି ଦେବା ସହିତ ସମ୍ପୂର୍ଣ୍ଣ ଲଙ୍ଗଳା ହୋଇ ବଳାତ୍କାର ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ମହିଳା ଦ୍ୱୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସୋମବାର ପୂର୍ବାହ୍ଣ ସାଢ଼େ ଦଶଟା ବେଳେ ମହିଳା ୨ଜଣ ଦୋକାନରୁ ଘରକୁ ଫେରୁଥିବାବେଳେ ସଞ୍ଜୀବ ସେଲମା ବାଟ ଓଗାଳି ଗାଳିଗୁଲଜ କରିଥିଲେ। ଏହାପରେ ଲଙ୍ଗଳା ହୋଇ ବଳାତ୍କାର ଚେତାବନୀ ଦେବା ସହିତ ଆପତ୍ତିଜନକ ଟିପ୍ପଣୀ ଦେଇଥିଲେ।

## ODISHA PUBLIC SERVICE COMMISSION CUTTACK

### NOTICE

**No.8453/PSC, Dt.15.9.22**
**(2PE-11-22/23) (DR-I)**

**No.D-161:** It is for information of all concerned that, pursuant to Advt. No. 09 of 2021-22. 290 (Two Hundred and Ninety) candidates bearing following PPSAN have been allowed to appear in the interview to determine their eligibility for recruitment to the post of Assistant Professor, Teacher Education (Educational Studies). The Interview in respect of the following candidates will be held in the office of the Commission at 19, Dr. P.K. Parija Road, Cuttack-753001 on 10.10.2022, 11.10.2022,12.10.2022,13.10.2022,14.10.2022 & 15.10.2022 as per the Programme mentioned below.

**PROGRAMME OF INTERVIEW**

| Date | Time of Interview | PPSAN of Candidates | Board |
|---|---|---|---|
| 10.10.2022 | 10.30 A.M. | 00086727,00077479,00081809,00085583,00089480,00091437,00092811,00097379, 00096238 & 00111508 **=10 candidates** | Board-I |
| | 10.30 A.M. | 00076713, 00077544, 00079438, 00080693, 00089318,00089962,00093045,00095699,00109322 & 00096964 = **10 Candidates** | Board-II |
| | 10.30 A.M. | 00112181,00089279,00096516,00091005,00087096, 00110390, 00095690,00087768, 00092092 & 00097387 **=10 candidates** | Board-III |
| | 02.45 P.M. | 00087543,00088728,00094434,00077575,00112337, 00090091 & 00097216 = **07 candidates** | Board-I |
| | 02.45 P.M. | 00031599,00093473,00087422,00112051,00112238, 00089194 & 00091850 = **07 candidates** | Board-II |
| | 02.45 P.M. | 00092004,00095358,00112737,00077586,00088770, 00093361 & 00092050 = **07 candidates** | Board-III |
| 11.10.2022 | 10.30 A.M. | 00094550,00092066,00112226,00069113,00112087, 00091516, 00094605,00112072,00112772 & 00092199 **=10 candidates** | Board-I |
| | 10.30 A.M. | 00079467,00094518,00020803,00111361, 00092559, 00079699, 00112683,00112558, 00112055 & 00081442 **=10 candidates** | Board-II |
| | 10.30 A.M. | 00094306,00085884,00085125,00090690,00109654, 00111266, 00112542,00112746, 00095847, & 00100886 **=10 candidates** | Board-III |
| | 02.45 P.M. | 00112295 00048546, 00063995, 00090044, 00094803, 00095908 & 00097145 **=07 candidates** | Board-I |
| | 02.45 P.M. | 00097812,00100472, 00112503, 00097087, 00111043, 00065187 & 00091136 **=07 candidates** | Board-II |
| | 02.45 P.M. | 00079897, 00089332, 00091987, 00095652, 00100522, 00112354 & 00078991 **=07 candidates** | Board-III |
| 12.10.2022 | 10.30 A.M. | 00090095,00111059,00096540,00111703,00112254, 00094483, 00085061,00089333, 00089725 & 00095415 = **10 Candidates** | Board-I |
| | 10.30 A.M. | 00111336,00112182,00112727,00093845,00112486, 00094897, 00091486, 00112508, 00094482 & 00089642 **= 10 Candidates** | Board-II |
| | 10.30 A.M. | 00080207,00090059,00112425,00112471,00016759, 00111940, 00111648, 00050492, 00095397 & 00089677 **= 10 Candidates** | Board-III |
| | 02.45 P.M. | 00096232,00102370,00067186,00112287,00088165, 00096826 & 00092894 **= 07 Candidates** | Board-I |
| | 02.45 P.M. | 00094891, 00095098, 00112185, 00018116, 00058143, 00070369 & 00093719 **= 07 Candidates** | Board-II |
| | 02.45 P.M. | 00094421, 00112602, 00076766, 00089641, 00092984, 00093237 & 00091624 **= 07 Candidates** | Board-III |
| 13.10.2022 | 10.30 A.M. | 00023209,00111641,00094527,00079806,00097304, 00087355, 00089016, 00055016, 00093252 & 00097636 **= 10 Candidates** | Board-I |
| | 10.30 A.M. | 00089990,00112039,00086428,00044278,00094958, 00085921, 00083142, 00111656, 00112099 & 00090617 **= 10 Candidates** | Board-II |
| | 10.30 A.M. | 00095525,00112663,00101140,00097471,00109034, 00110160, 00093540, 00101531, 00091621 & 00093693 **= 10 Candidates** | Board-III |
| | 02.45 P.M. | 00111620,00094095,00089682,00112581,00090844, 00092723 & 00028518 **= 07 Candidates** | Board-I |
| | 02.45 P.M. | 00086146, 00088940, 00089238, 00095419, 00097874, 00099584 & 00111115 **= 07 Candidates** | Board-II |
| | 02.45 P.M. | 00112373, 00112514, 00112630, 00092419, 00093528, 00112474 & 00095169 **= 07 Candidates** | Board-III |
| 14.10.2022 | 10.30 A.M. | 00082935,00091123,00112648,00028594,00082357, 00094850, 00112605, 00112836, 00087978, & 00051241 **= 10 Candidates** | Board-I |
| | 10.30 A.M. | 00098159, 00057903, 00088944, 00111182, 00112607, 00112841, 00103439, 00041478, 00096061 & 00111659 = **10 Candidates** | Board-II |
| | 10.30 A.M. | 00093318,00112544,00094203,00027017,00087567, 00091302, 00089643, 00090171, 00094073 & 00097869 **= 10 Candidates** | Board-III |
| | 02.45 P.M. | 00093585, 00017788, 00065932, 00066553, 00073324, 00078517 & 00085143 **= 07 Candidates** | Board-I |
| | 02.45 P.M. | 00085933, 00093608, 00094959, 00112623, 00112289, 00086432 & 00042777 **= 07 Candidates** | Board-II |
| | 02.45 P.M. | 00015387, 00040147, 00061041, 00088242, 00095988, 00111801 & 00112793 **= 07 Candidates** | Board-III |
| 15.10.2022 | 10.30 A.M. | 00087170,00092059,00089698,00097713,00046260, 00019685, 00053133,00097385,00076522,00112732,00093182 & 00110985 **= 12 Candidates** | Board-I |
| | 10.30 A.M. | 00112783,00090347,00098091,00097018,00111386, 00096145, 00048910, 00086308, 00097146, 00059174, 00059442 & 00078183 **= 12 Candidates** | Board-II |
| | 10.30 A.M. | 00088774, 00040051, 00058692, 00077962, 00112677, 00019609, 00037528, 00040657, 00087060, 00111684 & 00112008 **= 11 Candidates** | Board-III |

Note: - It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.

The candidates are advised to report in the office of the Commission half an hour before the commencement of interview on the scheduled date & time as mentioned above.

THE CANDIDATES ARE FURTHER ADVISED TO BRING THREE SETS OF XEROX COPIES OF PUBLISHED RESEARCH PAPERS AS EARLIER PRODUCED DURING VERIFICATION.

**NOTE:- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

**OIPR-12002/11/0158/2223** **Sd./- Secretary**

## The Odisha State Co-operative Milk Producers' Federation Limited

omfed
www.omfed.com
D-2, Sahidnagar, Bhubaneswar - 751007
Ph. No. 0674-2546030, 2540273, 2540417
Fax No. 0674-2540974, Email ID: omfed@yahoo.com

**TENDER CALL NOTICE FOR FIREFIGHTING EQUIPMENTS**

No. CAD-1833: OMFED invites sealed techno-commercial offers from experienced contractor of the firefighting system for **"Design, Supply, installation, testing and commissioning of Fire Hydrant System including Hydrant Pumping and Distribution System for the Dairy Plant at Kalapthar, Sonepur Dist.: Sonepur"**. Tender documents will be available from **16.09.2022 to 07.10.2022 up to 1.00 P.M.** at the above mentioned address & can also be downloaded from website & submit their offers in the aforesaid address on or before **07.10.2022 at 2.00 P.M.** The Technical offers shall be opened on **Dtd. 07.10.2022 at 3.00 P.M.** The corrigendum / amendment to this notice if any shall be published only in the OMFED website **www.omfed.com**. Management reserves the right to accept or reject any or all the bid documents or part thereof without assigning any reason. For details please visit our website **www.omfed.com**.

**OIPR-06019/11/0014/2223** **Sd./- Managing Director**

## Office of the Chief CSO/ CSO-cum-District Manager Odisha State Civil Supplies Corporation Ltd., Sundargarh District

**Mob. No.- 9438200060, District Website: www.sundergarh.nic.in**
**Tender No.: 2883/ 2884/ 2885/ 2886/ 2887/ 2888/ 2889/ 2890/ 2891/ 2892/ 2893/ 2894/ 2895/ 2896/ 2897/ 2898/ 2899 Dt.09.09.2022**

No.CAD- 1816:- District Manager, Odisha State Civil Supplies Corporation Ltd., Sundargarh invites Block wise tenders as mentioned below through **ONLINE MODE ONLY** on e-procurement portal i.e. www.tendersodisha.gov.in for the works below:

| | | |
|---|---|---|
| 1 | Name of the work | Selection and appointment of **Transport Contractors for Transportation of Paddy from Mandi to Mill point** within district or outside the district within the state of Odisha for the KMS: 2022-23 |
| 2 | Availability of bid document in the portal | **On Dt.13.09.2022 at 10.00 A.M.** |
| 3 | Last date / time for receipt of bids in the portal | **Upto 05.30 P.M. on Dt.07.10.2022** |
| 4 | Date, time & venue for opening of technical bid | **On Dt.11.10.2022 at 10.30 A.M. onwards at Office Chamber of Collector, Sundargarh for:** Balisankara, Bargaon, Hemgir, Kutra, Lephripara, Rajgangpur, Subdega, Tangarpali, Bisra, Koira, Kuarmunda, Lathikata, Nuagaon, Lahunipara, Bonai, Gurundia and Sadar Block |

Tender documents & other details can be seen from the e-procurement portal www.tendersodisha.gov.in along with district website. Amendments/ corrigendum / cancellation / retenders etc. if any shall be published only in above websites.

**Sd./- Chief CSO/ CSO-cum-District Manager**
**OSCSC Ltd., Sundargarh**
OIPR-07017/11/0002/2223

## GOVERNMENT OF ODISHA GENERAL ADMINISTRATION AND PUBLIC GRIEVANCE DEPARTMENT

**TENDER NOTICE**

Tender No. 25997/Gen., Dated 15.09.2022

No.T-152:- Sealed tenders are invited under two-bid system from reputed and experienced Manpower Service Provider having valid GSTIN for providing the services of 01 (One) Driver for a period of one year from the date of engagement on contract basis for driving the vehicles of G.A. & P.G. Department with maximum monthly consolidated remuneration of Rs.11,100/- excluding EPF, ESI and other taxes and charges as fixed vide Finance Department Circular No. 11835/F dated 31.03.2018 and Circular No. 30722/F dated 06.11.2021.

The details of the tender process are as follows:

| Sl. No. | Tender Schedule | Deadline |
|---|---|---|
| 1 | Date of issue of tender | 16.09.2022 |
| 2 | Last date and time for submission of tender | 06.10.2022 (2.00 P.M.) |
| 3 | Opening of technical bid | 18.10.2022 (4.00 P.M.) |
| 4 | Opening of financial bid of eligible bidder in technical bid | 18.10.2022 (5.00 P.M.) |

Bidders are required to submit the technical and financial bids separately. The bids in Sealed Cover-I containing and superscribed "Technical Bid" and Sealed Cover-II containing and superscribed "Financial Bid" should be placed in a third sealed cover superscribed "Bid for Outsourcing Service of 1(One) Driver" must reach the undersigned on or before Dt.06.10.2022 (2.00 P.M.) by Speed Post / Registered Post/ Courier only.

The tender documents containing eligibility criteria, scope of the work, terms and conditions of the tender and draft agreement can be downloaded from website https://gad.odisha.gov.in.

The G.A. & P.G. Department reserves the right, without any obligation or liability to accept or reject any or all the proposals at any stage or the process to cancel or modify the process or any part thereof or to vary any or the term and condition at any time without assigning any reason whatsoever.

**Complete Address for submission of Tender**
**Additional Secretary to Government**
**General Administration & Public Grievance (OE-I) Department**
**Lokaseva Bhawan**
**Bhubaneswar**

**Sd./-Additional Secretary to Government**
OIPR-09014/11/0029/2223

See Career Appointment on every Wednesday & Saturday

## TPCODL
**TP CENTRAL ODISHA DISTRIBUTION LIMITED**
(A Tata Power and Odisha Govt. Joint Venture)
2nd Floor, IDCO Tower, Janpath Bhubaneshwar, Odisha 751022

**NOTICE INVITING TENDER**
**NIT No: TPCODL/P&S/NIT/22-23/010**

**TP Central Odisha Distribution Limited invites open tender from eligible Bidders for the following:**

| Sl No | Tender Description | Tender Enquiry No. | Tender Fee incl of GST (Rs)* | EMD (Rs. Lakh)** | Last date & time of payment of Tender Fee |
|---|---|---|---|---|---|
| 1 | Rate Contract for SITC of Three Phase Meter Test Bench | TPCODL/P&S/ 1000000283/2022-23 | 5,000/- | 0.5 | 22/09/2022, 17.00 Hrs |
| 2 | Construction of Technology Centre at Bhubaneswar. | TPCODL/P&S/ 1000000285/ 2022-23 | 5,000/- | 14.0 | 23/09/2022, 17.00 Hrs |
| 3 | Rate Contract for supply of Rebar Lacing Pole (RLP) | TPCODL/P&S/ 1000000284/ 2022-23 | 5,000/- | 2.0 | 22/09/2022, 17.00 Hrs |
| 4 | SITC of Storage & San Switches at DRC | TPCODL/P&S/ 1000000287/2022-23 | 5,000/- | 2.0 | 23/09/2022, 17.00 Hrs |
| 5 | Rate contract for supply of LTCT meter box for Smart Meter | TPCODL/P&S/ 1000000279/2022-23 | 5,000/- | 9.0 | 22/09/2022, 17.00 Hrs |
| 6 | Rate contract for supply of Thermal Paper Roll | TPCODL/P&S/ 1000000286/2022-23 | 5,000/- | 0.5 | 22/09/2022, 17.00 Hrs |
| 7 | Supply of Online Route Tracer, Murray Loop, Reflectometer, Ultrasound PD Detector | TPCODL/P&S/ 1000000289/2022-23 | 5,000/- | 0.5 | 24/09/2022, 17.00 Hrs |
| 8 | Rate contract for Replacement of Different PTR Upto Rating 12.5MVA | TPCODL/P&S/ 1000000288/2022-23 | 5,000/- | 0.5 | 24/09/2022, 17.00 Hrs |

*MSMEs registered in the state of Odisha shall pay tender fees Rs.1000/- including GST.
** EMD is exempted for MSMEs registered in the state of Odisha.

For further details of Tenders, please visit Vendor Zone/Tender Section on TPCODL website https://tpcentralodisha.com. Future communication/corrigendum to tender documents, if any, shall be available on website.

## GOVERNMENT OF ODISHA OFFICE OF THE EXECUTIVE ENGINEER, RURAL WORKS DIVISION,BHANJANAGAR

No.3732/RWDBNJ/Dated 12.09.2022

**1st CORRIGENDUM TO TENDER CALL NOTICE**

**IDENTIFICATION NO.09/RWDBNJ/2022-2023 T.O.LETTER NO. 3365 DATED 30.08.2022**

**No.O-984:** The following modifications to the Online Tender/09/EERWBNJ/2022-2023 are made under unavoidable circumstances.

| Procurement Officer | Bid Identification No. | Availability of Tender online for bidding | | Last date & Time of seeking tender clarification | Date of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| | | **As per TENDER CALL NOTICE** | | | |
| Executive Engineer, Rural Works Division, Bhanjanagar | Online Tender/ 09/RWDBNJ/ 2022-2023 | 09.09.2022 10.00 A.M. | 19.09.2022 to 3.00 P.M. | 18.09.2022 upto 3.00 P.M. | 20.09.2022 at 12.00 Noon |
| | | **As per 1st Corrigendum** | | | |
| | | 16.09.2022 10.00 AM | 27.09.2022 to 3.00 PM | 26.09.2022 upto 3.00 PM | 28.09.2022 at 12.00 Noon |

**All other terms and conditions of the said tender call notice shall remain unchanged.**

**OIPR-25174/11/0019/2223** **Sd./- Executive Engineer, Rural Works Division**

## ଆନ୍ତଃ ହାଇସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟ

**ସମ୍ବଲପୁର(ବ୍ୟୁରୋ):** ସମ୍ବଲପୁର ଜିଲା ମାଷ୍ଟର ଆଥ୍‌ଲେଟିକ ଆସୋସିଏଶନ ଆୟୋଜିତ ସୈରେନ୍ଦ୍ରୀ ନାୟକ ସ୍ମାରକୀ ଆନ୍ତଃ ହାଇସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟ ହାୱା ମଇଦାନଠାରେ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ମ୍ୟାଚରେ ସେଭେନ ହିଲ୍ସ ଓ ବିକାଶ ସ୍କୁଲ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ପ୍ରଥମ ମ୍ୟାଚରେ ସେଭେନ ହିଲ୍ସ ୫-୧ ଗୋଲରେ ଟାଉନ ହାଇସ୍କୁଲକୁ ପରାସ୍ତ କରିଥିଲା । ସେହିପରି ଦ୍ୱିତୀୟ ମ୍ୟାଚରେ ବିକାଶ ପବ୍ଲିକ ସ୍କୁଲ ୧-୦ ଗୋଲରେ ଇଣ୍ଡିଆନ ପବ୍ଲିକ ସ୍କୁଲକୁ ହରାଇ ବିଜୟୀ ହୋଇଥିଲା। ମ୍ୟାଚକୁ ମଥୁରା ଓରାମ, କିଶୋର ପଣ୍ଡା ପରିଚାଳନା କରିଥିଲେ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ଔଷଧବିହୀନ ଦରଦ ହିଲିଂ କ୍ୟାମ୍ପ, ବସ୍ତି ଧର୍ମଶାଳା ଗଳି, ପୂର୍ବାହ୍ନ ୯ଟା ।
- ରକ୍ତଦାନ ଓ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର, ବଡ଼ବଜାର ଅଗ୍ରସେନ ଭବନ, ସାଢ଼େ ୯ଟା
- ପଶ୍ଚିମାଞ୍ଚଳ ଏକତା ମଞ୍ଚର ବିକ୍ଷୋଭ, ଅଇଁଠାପାଲି ଟିପିଡବ୍ଲ୍ୟୁଓଡିଏଲ୍ ଅଫିସ, ପୂର୍ବାହ୍ନ ୧୧ଟା
- ୟୁଥ୍ ଫର ଆକ୍ସନ ପକ୍ଷରୁ ବିକ୍ଷୋଭ, ଆର୍‌ଡିସି କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା
- ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସିଂହପାଲି ଖେଳପଡ଼ିଆ, ଅପରାହ୍ନ ୨ଟା ।

# ପଥରରେ ଛେଚି ମା', ସ୍ତ୍ରୀଙ୍କୁ ହତ୍ୟା

### ପାରିବାରିକ କଳହ କାରଣ, ଅଭିଯୁକ୍ତ ପୁଅ ଅଟକ

**ଝାରସୁଗୁଡ଼ା ଅଫିସ,୧୫।୯**

ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା କତରବଗା ଗ୍ରାମର ଜଡାମୁଣ୍ଡାରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହରୁ ପୁଅ ପଥରରେ ଛେଚି ବୃଦ୍ଧା ମା' ଓ ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ ମା' ଝିମ ଖଡିଆ(୮୦) ଓ ସ୍ତ୍ରୀ ସାଇବେଣୀ ଖଡିଆ(୫୪)। ରେଙ୍ଗାଲି ଥାନା ଆଇଆଇସି କ୍ରେସନିଆ ସାମରିଆ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛନ୍ତି। ହତ୍ୟାକାରୀ ପୁଅ କୁଥୁଲ ଖଡିଆ(୫୮)ଙ୍କୁ ପୋଲିସ ଥାନାରେ ଅଟକରଖି ପଚରାଉଚରା ଚଳାଇଛି।

ସୂଚନା ଅନୁଯାୟୀ କୁଥୁଲଙ୍କ ଘରେ ସ୍ତ୍ରୀ ଓ ବୃଦ୍ଧା ମା' ରୁହନ୍ତି। ପୂର୍ବାହ୍ନରେ କୁଥୁଲ ଓ ତାଙ୍କ ସ୍ତ୍ରୀ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ପିଡିଏସ୍ ଚାଉଳ ଧରି ଘରକୁ ଫେରିଥିଲେ। ଉଭୟ କୁଆଡେ ମଦପିଇ ଘରକୁ ଫେରିଥିବା କୁହାଯାଉଛି। ଘରେ ପହଞ୍ଚିବା ପରେ କୌଣସି କାରଣକୁ ନେଇ ପରିବାର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ କୁଥୁଲ ଏକ ପଥରରେ ମା' ଓ ସ୍ତ୍ରୀଙ୍କ ମୁଣ୍ଡକୁ ଛେଚି ହତ୍ୟା କରିଥିଲେ। ପରେ ଅଭିଯୁକ୍ତ କୁଥୁଲ ପଡାରେ ରହୁଥିବା ନିଜ ଝିଅ ଓ ଜ୍ୱାଇଁଙ୍କ ଘରକୁ ଯାଇ ହତ୍ୟାକାଣ୍ଡ ସମ୍ପର୍କରେ କହିଥିଲେ। ଝିଅ ଓ ଜ୍ୱାଇଁ ଘରେ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଭୟଙ୍କ ମୃତଦେହ ପଡିଥିବା ଦେଖିଥିଲେ। ଏ ସମ୍ପର୍କରେ ଝିଅ, ଜ୍ୱାଇଁ ପଡାରେ ଜଣାଇବା ସହ ରେଙ୍ଗାଲି ପୋଲିସକୁ ଖବର ଦେଇଥିଲେ। ସନ୍ଧ୍ୟାରେ ପୋଲିସ ପଡାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କୁଥୁଲଙ୍କ ଏକମାତ୍ର ପୁଅ ଦିଲୀପ କୁଶମେଲ ଗ୍ରାମରେ ପରିବାର ନେଇ ରହୁଥିବାବେଳେ ଘଟଣା ସମ୍ପର୍କରେ ଖବରପାଇ ସନ୍ଧ୍ୟାରେ ନିଜ ଗ୍ରାମ ଜଡାମୁଣ୍ଡାରେ ପହଞ୍ଚିଛନ୍ତି।

# ଏଡିଏମ୍ ଅଫିସ୍ ଆଗରେ ବିକ୍ଷୋଭ




ଫେଡେରେଶନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ରାଉରକେଲା ଅଫିସ,୧୫।୯**

ଉଦିତନଗର ସ୍ଥିତ ରାଉରକେଲା ଅତିରିକ୍ତ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେଶନ ପକ୍ଷରୁ ଜିଲା ସଭାପତି ରାଜକିଶୋର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ ଫେଡେରେଶନର ବହୁ କର୍ମକର୍ତ୍ତା ଉପସ୍ଥିତ ରହି ସରକାରୀ କାର୍ଯ୍ୟାଳୟରେ ଖାଲି ପଡିଥିବା ପଦବୀରେ ଶିକ୍ଷିତ ବେକାର ଯୁବତୀଯୁବକଙ୍କୁ ତୁରନ୍ତ ନିଯୁକ୍ତି ପ୍ରଦାନ, ବିଭିନ୍ନ କଳାକାରଖାନାରେ ବେକାରୀଙ୍କୁ କର୍ମସଂସ୍ଥାନ ଓ ବିଭିନ୍ନ ଖାଦ୍ୟ ସାମଗ୍ରୀ ଉପରୁ ଜିଏସ୍‌ଟି ପ୍ରତ୍ୟାହାର ଦାବି କରିଥିଲେ। ପରେ ଫେଡେରେଶନ ପକ୍ଷରୁ ରାଉରକେଲା ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ବିକ୍ଷୋଭରେ ଫେଡେରଶନର ଜିଲା ସମ୍ପାଦକ ଶେଖର ଶର୍ମା, ଚନ୍ଦ୍ରଭାନୁ ଦାସ, ସତ୍ୟମ ତନ୍ତି, କବି ପ୍ରଧାନ, ବିଶ୍ୱଜିତ ମାଝୀ, ପ୍ରଭାତ ମହାନ୍ତ. ଲକ୍ଷ୍ମୀଧର ନାୟକ, ଶ୍ରୀମନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପୁତୁରା ଟାଙ୍ଗିଆ ଚୋଟରେ କାକା ଗୁରୁତର

**ରେଢ଼ାଖୋଲ,୧୫।୯(ଡି.ଏନ.ଏ.):** ରେଢ଼ାଖୋଲ ଥାନା ଘୋଷରାମାଳ ଗ୍ରାମରେ ପୁତୁରା ଟାଙ୍ଗିଆ ଚୋଟରେ କାକା ଗୁରୁତର ହୋଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଆଇପିସି ଦଫା ୩୦୨ରେ ମାମଲା (ନଂ.୧୦୨/୨୨) ରୁଜୁ କରିଛି। ତଦନ୍ତ ପରେ ପୋଲିସ ଅଭିଯୁକ୍ତ ପୁତୁରା ସୁରଥ ସାହୁଙ୍କୁ ଥାନାରେ ଅଟକ ରଖି ପଚରା ଉଚୁରା କରୁଥିବା ଏସ୍‌ଆଇ ସଞ୍ଜୟ କୁଲୁ କହିଛନ୍ତି। ଗୁରୁତର ଆହତ କାକା ତରଣିସେନ ସାହୁଙ୍କୁ ରେଢ଼ାଖୋଲ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଜମିବାଡି ଭାଗବଣ୍ଟାକୁ ନେଇ କାକା ପୁତୁରା ମଧରେ ଗଣ୍ଡଗୋଳ ହୋଇ ଏପରି ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡିଥିବା କହିଛି।

### ପ୍ରତିଶ୍ରୁତି ପରେ ହଟିଲା ରାସ୍ତାରୋକୋ

**ପଡିଆବାହାଲ, ୧୫।୯(ଡି.ଏନ.ଏ.):** ଭାରିଯାନ ଚଳାଚଳ ଯୋଗୁ ଯୁଯୁମୁରା ବ୍ଲକର ବାସୁପାଲିଠାରୁ ଟାମ୍ପରଗଡ ରାସ୍ତା ଶୋଚନୀୟ ହୋଇପଡିଛି। ଏହାର ମରାମତି ଦାବିକରି ଗ୍ରାମବାସୀ ମେଘପାଳ ପଞ୍ଚାୟତ ପାନପୋଷିଠାରେ ୮ଟି ହାଇୱା ଅଟକାଇ ରାସ୍ତାରୋକୋ କରିଥିଲେ। ଗୁରୁବାର ପଞ୍ଚାୟତ ପ୍ରତିନିଧି, ଯୁଯୁମୁରା ବ୍ଲକ ବରିଷ୍ଠ ଯନ୍ତ୍ରୀ ଓ ଯୁଯୁମୁରା ପୋଲିସ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। କ୍ଷତିଗ୍ରସ୍ତ ରାସ୍ତା ସ୍ଥାୟୀ ମରାମତି କରିବାକୁ ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀ ଆନ୍ଦୋଳନ ପ୍ରତ୍ୟାହାର କରଥିଲେ।

### ଜମିକୁ ଜଳ ଯୋଗାଣ ପାଇଁ ଉପଜିଲାପାଳଙ୍କୁ ଦାବିପତ୍ର

**କୁଚିଣ୍ଡା,୧୫।୯(ଡି.ଏନ.ଏ.):** ଜମନକିରା ବ୍ଲକ ଗୁଣ୍ଡୁରୁଚୁଆଁ ପଞ୍ଚାୟତର ବାଙ୍କସାଲ କ୍ଷୁଦ୍ର ଜଳସେଚନ ପ୍ରକଳ୍ପରୁ ବୁଦେଲକାନି ଓ ଖମାରବାହାଲ ଗ୍ରାମକୁ ଜଳ ଯୋଗାଣ ହେଉ ନ ଥିବା ନେଇ ଗୁରୁବାର ଗ୍ରାମବାସୀ କୁଚିଣ୍ଡା ଉପଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। କୁଚିଣ୍ଡା କ୍ଷୁଦ୍ର ଜଳସେଚନ ବିଭାଗର ପ୍ରତ୍ୟକ୍ଷ ନିୟନ୍ତ୍ରଣରେ ଥିବା ବାଙ୍କସାଲ ପ୍ରକଳ୍ପରୁ ଏହି ଦୁଇ ଗ୍ରାମକୁ ଜଳଯୋଗାଣ ପାଇଁ କେନାଲ ରହିଛି। ହେଲେ ଚଳିତ ବର୍ଷ ମରାମତି ଅଭାବରୁ ଆଦୌ ପାଣି ଯାଉ ନ ଥିବାରୁ ଖରିଫ ଧାନ ଫସଲ ନଷ୍ଟ ହେବାକୁ ବସିଛି। ଜଳସେଚନ ପାଇଁ ଖଜଣା ଦେଉଥିବା ଚାଷୀମାନେ ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଗୁହାରି କରିଥିଲେ ବି ସୁଫଳ ନ ମିଳିବାରୁ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଗ୍ରାମବାସୀ କହିଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ଉଲ୍ଲେଖ କରିଛନ୍ତି। ଏ ବାବଦରେ ଏମ୍‌ଆଇ ଏସ୍‌ଡିଓ ସୌଦାମିନୀ କିଷାନଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର କେନାଲ ମରାମତି କରି ଚାଷଜମିକୁ ପାଣି ଯୋଗାଇବାକୁ କହିଛନ୍ତି।

### ଜୟପୁରଗଡ଼ରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

**କୁଚିଣ୍ଡା,୧୫।୯(ଡି.ଏନ.ଏ.):** କୁଚିଣ୍ଡା ବ୍ଲକ ଅର୍ଡାବାହାଲ ପଞ୍ଚାୟତର ଜୟପୁରଗଡ ଗ୍ରାମରେ ଜୟ ଜଗନ୍ନାଥ ଯୁବକ ସଂଘ ପକ୍ଷରୁ ବୁଧବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ଜଗନ୍ନାଥ ମନ୍ଦିରରେ ହୋଇଥିବା ସଚେତନତା ସଭାରେ ସ୍ୱେଚ୍ଛାସେବୀ ପ୍ରବୀର ବେହେରା ସଭାପତିତ୍ୱ କରିଥିଲେ। ଏଥିରେ ଅର୍ଡାବାହାଲ ସରପଞ୍ଚ ଶୁଳେଶ୍ୱରୀ ମାଝି ମୁଖ୍ୟଅତିଥି, ଅଧାପକ ଫକିର ମୋହନ ଦଣ୍ଡିଆ ମୁଖ୍ୟ ବକ୍ତା, ବାଉରିଗୋଡା ସରପଞ୍ଚ ଗୋବର୍ଦ୍ଧନ ବାଘ, ଅର୍ଡାବାହାଲ ସମିତିସଭ୍ୟା ଚମ୍ପାବତୀ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାମାଜିକ କର୍ମୀ ସରୋଜ ମେହେର ସଭା ପରିଚାଳନା କରିଥିଲେ। ପରେ ଅତିଥି ଓ ଗ୍ରାମବାସୀ ଅଙ୍ଗନୱାଡି କେନ୍ଦ୍ର ଓ ଗ୍ରାମ୍ୟ ରାସ୍ତାପାର୍ଶ୍ୱରେ ବୃକ୍ଷ ରୋପଣ କରିଥିଲେ।

# ୱାଇଏଫ୍‌ଏର ଆର୍‌ଡିସି ଅଫିସ ଘେରାଉ ଆଜି




ଖବରଦାତା ସମ୍ମିଳନୀରେ ୱାଇଏଫ୍‌ଏ କର୍ମକର୍ତ୍ତା ସୂଚନା ଦେଉଛନ୍ତି ।

**ସମ୍ବଲପୁର,୧୫।୯(ବ୍ୟୁରୋ)**

ରାଜ୍ୟ ସରକାର ଓ ଶିଳ୍ପାନୁଷ୍ଠାନ ମଧରେ ହୋଇଥିବା ଚୁକ୍ତିନାମାକୁ କୌଣସି କମ୍ପାନୀ ମାନୁନାହାନ୍ତି। ଚୁକ୍ତିନାମା ସତ୍ତ୍ୱେ ଓଡ଼ିଆ ପିଲାଙ୍କୁ ନିଯୁକ୍ତି ଦିଆଯାଉନାହିଁ। ଫଳରେ ରାଜ୍ୟରେ ବେକାରୀ ସମସ୍ୟା ଦେଖାଦେଉଛି। ଗୁରୁବାର ସମ୍ବଲପୁର ଭିଏସ୍‌ଏସ୍ ମାର୍ଗର ଏକ ହୋଟେଲ ସଭାକକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ୟୁଥ୍ ଫର ଆକ୍ସନ (ୱାଇଏଫ୍‌ଏ) ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁଜିତ ସିଂ ଏହା କହିଛନ୍ତି। ସେ ଆହୁରି କହିଥିଲେ ଯେ, ସ୍ଥାନୀୟ ନିଯୁକ୍ତି ଦାବିରେ ଶୁକ୍ରବାର ଉତ୍ତରାଞ୍ଚଳ ରାଜସ୍ୱ କାର୍ଯ୍ୟାଳୟ ଘେରାଉ କରାଯିବ। ଖବରଦାତା ସମ୍ମିଳନୀରେ ୱାଇଏଫ୍‌ଏ ପଶ୍ଚିମ ଓଡ଼ିଶା ଜୋନ ସଭାପତି ମାନସ ରଥ, ଉପସଭାପତି ମଣ୍ଟୁ ଅଗ୍ରୱାଲ, ସମ୍ବଲପୁର ଜିଲା ଉପସଭାପତି ଦସରଥ ବନଛୋର, ଧନକଉଡ଼ା ବ୍ଲକ ସଭାପତି ମାନସ ରଞ୍ଜନ ଦାଶ ଓ ରାଜ୍ୟ ଉପସଭାପତି ଅମ୍ଳାନ ଷଡ଼ଙ୍ଗୀ ସ୍ଥାନୀୟ ନିଯୁକ୍ତି ବିଷୟରେ ସୂଚିତ କରିଥିଲେ।

# ମହିଳା କଲେଜରେ ଆନ୍ତର୍ଜାତିକ ଗଣତନ୍ତ୍ର ଦିବସ

**ସମ୍ବଲପୁର,୧୫।୯(ବ୍ୟୁରୋ)**

ସମ୍ବଲପୁର ସରକାରୀ ମହିଳା କଲେଜ ସଭାକକ୍ଷରେ ଗୁରୁବାର ଆନ୍ତର୍ଜାତିକ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଜିଲାପାଳ ଅନନ୍ୟା ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଗଣତନ୍ତ୍ରର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଗଣତନ୍ତ୍ର ହେଉଛି ସର୍ବୋତ୍କୃଷ୍ଟ। ଏଥିରେ ବ୍ୟକ୍ତି ସ୍ୱାତନ୍ତ୍ର ଓ ବ୍ୟକ୍ତି ମର୍ଯ୍ୟାଦାକୁ ଗୁରୁତ୍ୱ ଦିଆଯାଏ। ଏହାର ପ୍ରତିପାଳନ, ସୁରକ୍ଷା, ସ୍ଥାୟୀତ୍ୱ ପାଇଁ ଯୁବସମାଜ ଅକ୍ଳାନ୍ତ ପରିଶ୍ରମ କରିବା ଜରୁରୀ। ବିଶେଷ କରି ଛାତ୍ରୀଙ୍କ ଅଂଶଗ୍ରହଣ ଗଣତନ୍ତ୍ରର ଭିତ୍ତିକୁ ଆହୁରି ସୁଦୃଢ଼ କରିବ। ସମାଜର ଶିକ୍ଷିତବର୍ଗର ଅଂଶଗ୍ରହଣ ଓ ସହଭାଗିତାରେ ଏହାର ଭବିଷ୍ୟତ ଅତ୍ୟନ୍ତ ଉଜ୍ଜ୍ୱଳ ବୋଲି ଜିଲାପାଳ କହିଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ଅଧକ୍ଷତା କରି ଗଣତନ୍ତ୍ର ସୁରକ୍ଷାରେ ଖବରକାଗଜର ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଉମାଶଙ୍କର ଦାଶ ଅତିଥି ପରିଚୟ ଓ ସହକାରୀ ପ୍ରଫେସର ଯୋଗେସ ଚନ୍ଦ୍ର ଭୋଇ ଧନ୍ୟବାଦ ଦେଇଥିଲେ।

# ଫୁଟବଲ ଟୁର୍ନାମେଣ୍ଟ: ସଇଡା ଚାମ୍ପିୟନ



ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।

**କୁଚିଣ୍ଡା,୧୫।୯(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ ପାରୁଆଭାଡି ପଞ୍ଚାୟତର ସାହାଜବାହାଲ ଖେଳପଡିଆରେ ଚାଲିଥିବା ଦ୍ୱିଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ସାହାଜବାହାଲ ଆଦିବାସୀ କ୍ଲବ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟରେ ମୋଟ ୧୬ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ସଇଡା ଓ ସନ୍ୟାସିପାଲି ମଧରେ ଫାଇନାଲ ମ୍ୟାଚ ହୋଇଥିଲା। ପେନାଲ୍ଟି ଶୁଟ୍‌ଆଉଟରେ ସଇଡା ଚାମ୍ପିୟନ ହୋଇଥିଲା। ଖେଳକୁ ରେଫରି ଭାବେ ଜୀବନ ବୁଦୁଲା, ବାପି ବାଘ ଓ ଶତାବ୍ଦୀ ଜୟପୁରିଆ ପରିଚାଳନା କରିଥିଲେ। କ୍ଲବ ସଭାପତି ସୁଶାନ୍ତ ମାଝିଙ୍କ ପରିଚାଳନାରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବରେ ବାଉରିଗୋଡା ସରପଞ୍ଚ ଗୋବର୍ଦ୍ଧନ ବାଘ, ପୂର୍ବତନ ସରପଞ୍ଚ ରାଧେଶ୍ୟାମ ଧାନ, ବିନୋଦ ବାଘ, ଜେନାମଣୀ ପୃଷେଠ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ୧୪,୯୯୯ଟଙ୍କା ଓ ରନର୍ସଅପ ଦଳକୁ ୧୧,୧୧୧ଟଙ୍କା ଅର୍ଥରାଶି ସହ ପୁରସ୍କୃତ କରିଥିଲେ। କ୍ଲବ ସମ୍ପାଦକ ପ୍ରଦୀପ ବାଘ, ସଭ୍ୟ ଅନିଳ ମାଝି, ବିଜୟ ବାଘ, ପ୍ରେମାନନ୍ଦ ଛତ୍ରିଆ, ଦିଲୁ ଛତ୍ରିଆଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ଜୋନ୍‌ସ୍ତରୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଦିବସ

**ଝାରସୁଗୁଡ଼ା ଅଫିସ,୧୫।୯**

ଝାରସୁଗୁଡା ହଂସାମୁରା କଣ୍ଟାପାଲିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଜୋନ୍‌ସ୍ତରୀୟ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ, ଝାରସୁଗୁଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଚିତ୍ରାଣୀ ପଟେଲ, ପୌରାଧ୍ୟକ୍ଷା ରାନୀ ହାତୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସ୍ଥାନୀୟ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷା ସୁଜାତା ବାରିକ ବିବରଣୀ ପାଠ ଏବଂ ଅଭିନାଶ ଚନ୍ଦ୍ର ପାଣିଗ୍ରାହୀ ଓ କ୍ରିଷ୍ଣା ସୁନା ମଞ୍ଚ ପରିଚାଳନା କରିଥିଲେ। ଏଥିରେ ୫ ଜିଲାର ବିଭିନ୍ନ ଆଦର୍ଶ ବିଦ୍ୟାଳୟରୁ ୪୫ ବାଳକ,୧୩୪ ବାଳିକା ଓ ୩୫ଜଣ ଗାଇଡ୍ ଶିକ୍ଷକ ଯୋଗଦାନ କରିଥିଲେ। ସିନିୟର ଓ ଜୁନିୟର ବିଭାଗରେ ବକ୍ତୃତା, ଚିତ୍ରାଙ୍କନ, ସଙ୍ଗୀତ, ପ୍ରବନ୍ଧ ଲିଖନ, ସାଧାରଣ ଜ୍ଞାନ ଓ ତର୍କ ପ୍ରତିଯୋଗିତା କରାଯାଇଥିଲା। ବିଚାରକ ଭାବେ ଗିରିଧାରୀ ପଟେଲ, ସଚିନ୍ଦ୍ର କୁମାର ପଟେଲ, ଜୟଶଙ୍କର ନାଗ, ପ୍ରମୋଦ ଚନ୍ଦ୍ର ପାଢୀ, ସାରିକା ତ୍ରିପାଠୀ, କ୍ରିଷ୍ଣା ପ୍ରଧାନ, ନିର୍ମଳା ଚାନ୍ଦ, ସୁଶାନ୍ତ କୁମାର ପଣ୍ଡା ଦାୟିତ୍ୱ ତୁଲାଇଥିଲେ। ଜିଲା ଅତିରିକ୍ତ ଶିକ୍ଷାଧିକାରୀ ପ୍ରଦୀପ୍ତ ସା, ସୁଶାନ୍ତ କୁମାର ଘୁଟା, ଜିଲା ଶାରୀରିକ ଶିକ୍ଷାଧିକାରୀ ଉମ୍ବରୁଧର ପୂଜାରୀ ବିଭିନ୍ନ କାର୍ଯ୍ୟ ତଦାରଖ କରିଥିଲେ। ଶିକ୍ଷକ ନିଗମାନନ୍ଦ ମହାପାତ୍ର ଧନ୍ୟବାଦ ଦେଇଥିଲେ ।




ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

# ସାରଦାଙ୍କୁ ଗାଳି ଘଟଣା: ଜଣେ ଗିରଫ

**ରାଉରକେଲା ଅଫିସ,୧୫।୯**

ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କ ଫଟୋରେ ଅସଭ୍ୟ ଭାଷାରେ ଗାଳିଗୁଲଜ ଦେଇ ସୋସିଆଲ ମିଡିଆରେ ଭାଇରାଲ ଅଭିଯୋଗରେ ଉଦିତନଗର ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଧର୍ମେନ୍ଦ୍ର ମହାପାତ୍ର(୪୯)। ତାଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୪୨।୨୨) ରୁଜୁ କରିଛି। ସୂଚନାଯୋଗ୍ୟ, ଛେଣ୍ଡ ଅଞ୍ଚଳର ଧର୍ମେନ୍ଦ୍ର ଗତ କିଛି ଦିନ ତଳେ ତାଙ୍କ ଫେସ୍‌ବୁକ ସୋସିଆଲ ମିଡିଆରେ ବିଧାୟକ ସାରଦା ନାୟକଙ୍କ ଫଟୋକୁ ଭାଇରାଲ କରି ସେଥିରେ ଅସଭ୍ୟ ଭାଷା ଲେଖି ଅପପ୍ରଚାର କରିଥିଲେ। ଗତ ବୁଧବାର ପୂର୍ବତନ ବିଜେଡି କାଉନସିଲର ସୁବାସ ସ୍ୱାଇଁ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏହାର ତଦନ୍ତ କରି ଧର୍ମେନ୍ଦ୍ରଙ୍କୁ ଗିରଫ କରିଥିଲା।

# ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ

**ଜମନକିରା,୧୫।୯(ଡି.ଏନ.ଏ.)**

ଜମନକିରା ବ୍ଲକର ଧୁଡିପାଲି, ଗୁଣ୍ଡୁରୁଚୁଆଁ ଓ ଡିମିରିମୁଣ୍ଡାଠାରେ ପଞ୍ଚାୟତ ସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଧୁଡିପାଲି ସରପଞ୍ଚ ଅରୁଣ ନାଏକ ଅଧକ୍ଷତା କରିଥିବାବେଳେ ଆଇସିଡିଏସ୍ କ୍ଷେତ୍ର ପରିଚାଳିକା ମିନୁ ନାୟକ ସଭା ପରିଚାଳନା କରିଥିଲେ। ଚାଇଲ୍ଡଲାଇନ କର୍ମୀ ନାମାନି ହେମ୍ବ୍ରମ କାର୍ଯ୍ୟକ୍ରମ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରିଥିଲେ। ଶିଶୁ ଅଧିକାର ସୁରକ୍ଷା ଭିତ୍ତିକ ସରକାରୀ ଯୋଜନା, ଆଶୀର୍ବାଦ ଯୋଜନା, ଶିଶୁ ବିକାଶ ଯୋଜନାରେ ଥିବା ଯତ୍ନ, ୧୬ରୁ ୧୮ ବର୍ଷ ବୟସର ପୁଅ ଓ ଝିଅମାନଙ୍କୁ ବିଭିନ୍ନ ଧନ୍ଦାମୂଳକ ତାଲିମରେ ଅନ୍ତର୍ଭୁକ୍ତ କରିବା ସମ୍ପର୍କରେ ବୁଝାଇଥିଲେ। ଗୁଣ୍ଡୁରୁଚୁଆଁରେ ସରପଞ୍ଚ ସୁରେଖା ମୁଣ୍ଡା ଓ ଡିମିରିମୁଣ୍ଡାରେ ସରପଞ୍ଚ ପ୍ରହଲ୍ଲାଦ ଧୁରୁଆ ଅଧକ୍ଷତା କରିଥିବାବେଳେ କ୍ଷେତ୍ର ପରିଚାଳିକା ମିନା ନାୟକ ସଭା ପରିଚାଳନା କରିଥିଲେ। ଧୁଡିପାଲି ପଞ୍ଚାୟତରେ ଜିଲା ପରିଷଦ ସଦସ୍ୟା ତନୟା ଧୁରୁଆ, କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାନନ୍ଦ ବାଗ, ବିଦ୍ୟାଳୟ ଶିକ୍ଷକ ଦୋଳଗୋବିନ୍ଦ ସାହୁ ଏବଂ ଗୁଣ୍ଡୁରୁଚୁଆଁଠାରେ ନାଏବ ସରପଞ୍ଚ ସୁମତି ମାଝି, ଆଶା କର୍ମୀ ପ୍ରେମକାନ୍ତି ଜୟପୁରିଆ ଓ ଡିମିରିମୁଣ୍ଡାଠାରେ ଆଶା କର୍ମୀ ଜ୍ୟୋତି ମହାକୁଡ, ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ।

# ୨ ଟ୍ରେଲରର ମୁହାଁମୁହିଁ, ଚାଳକ ମୃତ

**ଝାରସୁଗୁଡ଼ା ଅଫିସ,୧୫।୯**

ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ୪୯ନଂ ଜାତୀୟ ରାଜପଥ ମାହାସିଂହ ଛକ ବୁଲାଣିରେ ଗୁରୁବାର ୨ ଟ୍ରେଲର ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ଚାଳକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଚାଳକ ଆହତ ହୋଇଛନ୍ତି। ମୃତକ ହେଲେ ବିହାର ରାଜ୍ୟର। ସେ କଲ୍ୟାଣୀ ଟ୍ରାନ୍ସପୋର୍ଟରରେ ଟ୍ରେଲର ଚାଳକ ଭାବେ କାର୍ଯ୍ୟ କରୁଥିଲେ। ପୋଲିସ୍ ମୃତଦେହ ଜବତକରି ପରିବାର ଲୋକଙ୍କୁ ଖବର ଦେଇଛି। ପରିବାର ଲୋକେ ପହଞ୍ଚିବା ପରେ ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ହେବବୋଲି ପୋଲିସ୍ ଅଧିକାରୀ ନରୋତ୍ତମ ସା କହିଛନ୍ତି। ଦୁର୍ଘଟଣା ଗ୍ରସ୍ତ ଓଡି୨୩ଏମ୍-୭୭୭୨ ଓ ଓଡି୧୬କେ-୦୬୯୯ନଂ. ଟ୍ରେଲରକୁ ପୋଲିସ ଜବତ କରିଛି। ଦୁର୍ଘଟଣା ପରେ ଦୀର୍ଘ ସମୟ ପର୍ଯ୍ୟନ୍ତ ରାସ୍ତା ଅବରୋଧ ହୋଇ ରହିଥିଲା। ପୋଲିସ୍‌ରେ ଉଦ୍ୟମରେ ରାସ୍ତାରଟ୍ରେଲର ହଟିଥିଲା ।

# ସରସ୍ୱତୀ ଶିଶୁ ମନ୍ଦିରରେ ଅଭିଭାବକ ସମ୍ମିଳନୀ



ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

**ନାକଟିଦେଉଳ,୧୫।୯(ଡ଼ି.ଏନ.ଏ.)**

ନାକଟିଦେଉଳ ବ୍ଲକ ଜଗନ୍ନାଥପ୍ରସାଦ ସରସ୍ୱତୀ ଶିଶୁମନ୍ଦିରରେ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଶିଶୁମନ୍ଦିର ପରିଚାଳନା କମିଟି ସଭାପତି ବିରଞ୍ଚି ଶଙ୍କର ସାହୁ, ଉପସଭାପତି ହରେକୃଷ୍ଣ ମେହେର, ସମ୍ପାଦକ ଅରୁଣ କୁମାର ବିଶ୍ୱାଳ, କୋଷାଧକ୍ଷ ସଞ୍ଜୟ କୁମାର ପ୍ରଧାନ, ନାକଟିଦେଉଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧାପକ ଡ଼. ପ୍ରଶାନ୍ତ କୁମାର ଦାଶ, ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆଲୋଚନାରେ ଭାଗନେଇ ଅଭିଭାବକମାନେ ନିଜ ଶିଶୁଙ୍କ ଶୈକ୍ଷିକ ଗୁଣବତ୍ତାର ବିକାଶ, ସଂସ୍କାର ଓ ବିଦ୍ୟାଳୟର ସୁବିଧା ଅସୁବିଧା ସମ୍ପର୍କରେ ମତାମତ ରଖିଥିଲେ। ଆଚାର୍ଯ୍ୟ ସୁଭାଷ ଚନ୍ଦ୍ର ଅତିଥି ପରିଚୟ ଓ ଆଚାର୍ଯ୍ୟା ମଧୁସ୍ମିତା ମହାପାତ୍ର ଧନ୍ୟବାଦ ଦେଇଥିଲେ। ସମ୍ମିଳନୀରେ ଶିଶୁମନ୍ଦିରର ଗୁରୁଜୀ, ଗୁରୁମାଙ୍କ ସମେତ ୧୮୦ଜଣ ଅଭିଭାବକ/ଅଭିଭାବିକା ଯୋଗଦେଇଥିଲେ।

# ତଲାବିରା କୋଇଲା ଖଣିରୁ ମିଳିମିଶି ଲୁଟୁଛନ୍ତି

**ସମ୍ବଲପୁର,୧୫।୯(ବ୍ୟୁରୋ)**




ପୋଲିସ ଅଟକ ରଖିଥିବା ଟ୍ରକ୍‌ରେ କୋଇଲା ଚାଲାଣ ପାଇଁ ଥିବା ଟ୍ରାନ୍‌ଜିଟ ପାସ୍ ।

- ପ୍ରତି ମାସରେ ୩ ଶହ ଟ୍ରକ୍‌ରେ ଚୋରା ଚାଲାଣ
- ଜାଲିଆତି ଚାଲାଣ ନେଇ ରାସ୍ତାରେ ଯାଉଛି ଟ୍ରକ୍

ସମ୍ବଲପୁର ଜିଲା ଶାସନ ଥାନା ପ୍ରଧାନପାଲି ନିକଟରେ ବୁଧବାର ଏକ କୋଇଲା ବୋଝେଇ ଟ୍ରକ୍‌କୁ ଚୋରା ଚାଲାଣ ସନ୍ଦେହରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ପୋଲିସ ଧରିଥିଲା। ଏହି ଘଟଣା ପରେ ଜିଲାରେ ଥିବା ଖଣିଖାଦାନରୁ ମିଳିମିଶି ଲୁଟ୍ କରାଯାଉଛି ବୋଲି ଚର୍ଚ୍ଚା ହେଉଛି। ଏଥିରେ କୋଇଲା କିଣୁଥିବା କମ୍ପାନୀ, ଟ୍ରାନ୍ସପୋର୍ଟର, ନେତା, ମନ୍ତ୍ରୀ, ପ୍ରଶାସନର ସମ୍ପୃକ୍ତି ରହୁଥିବା ଅଭିଯୋଗ ହେଉଛି। ବୁଧବାର ଟ୍ରକ୍ ଧରାପଡିବା ପରେ ଘଟଣାସ୍ଥଳରେ ପରିବହନ ସଂସ୍ଥା ପହଞ୍ଚି ଏକ ଟ୍ରାନ୍‌ଜିଟ ପାସ୍ ଦେଖାଇ ଟ୍ରକ୍‌କୁ ଛଡାଇ ନେଇଥିଲା। ପୋଲିସ ମଧ୍ୟ ନିରୁପାୟ ହୋଇଯାଇଥିଲା। ମାସିକ ପ୍ରାୟ ୩ ଶହ ଟ୍ରକ୍‌ରେ ଏଭଳି କୋଇଲା ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି। ଏହା ଦ୍ୱାରା ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ ହାନି ହେଉଛି।

ଜବତ ହୋଇଥିବା ଟ୍ରକ୍(ନଂ.ଓଡି୧୬ଏ-୬୦୧୧)ର ଚାଲାଣରେ ତ୍ରୁଟି ଥିବା ସନ୍ଦେହ ହୋଇଛି। ଉକ୍ତ ଟ୍ରାନ୍‌ଜିଟ ପାସ୍ ଆକାର ଇଞ୍ଜିନିୟର୍ସ ଆଣ୍ଡ କଣ୍ଟ୍ରାକ୍ଟର୍ସ ନାମରେ ରହିଛି। ତଲାବିରା କୋଇଲା ଖଣିରୁ ଏସିବି ସାଇଡିଂ କୁଡ୍‌କି ଯିବାକୁ ଉଲ୍ଲେଖ ରହିଛି। ଏହା ପ୍ରଥମେ ସୁନ୍ଦରଗଡ କନିକା ରେଲୱେ ସାଇଡିଂ ଯାଇ ପରେ କର୍ଣ୍ଣାଟକ କୁଡ୍‌କି (ଏନଟିପିସି) କମ୍ପାନୀକୁ ଯିବାର ଥିଲା। ଏଥିରେ ୩୧.୭୭୦ ଟନ୍ କୋଇଲା ଲୋଡ୍ ହୋଇଥିଲା। ଗାଡି ମାଲିକ ବାଦଲ ସିଂ ରହିଥିବାବେଳେ ଏଥିରେ ତାଙ୍କର ଫୋନ ନମ୍ବର ୬୨୦୪୧୧୫୦୨୦ ଦିଆଯାଇଛି। ଏହି ନମ୍ବରରେ ଫୋନ କଲେ ବିହାରର ମନୋଜ ସାହା ନାମକ ବ୍ୟକ୍ତି ଫୋନ ଉଠାଇ ତାଙ୍କର ଏକ ଜଳଖିଆ ଦୋକାନ ରହିଛି, ଟ୍ରକ୍ କିଣିବା ପାଇଁ ସାମର୍ଥ୍ୟ ନାହିଁ, ବୁଧବାରଠାରୁ ଏଭଳି ଅନେକ ଫୋନ ଆସିଥିବା କହିଛନ୍ତି। ଉକ୍ତ ଟ୍ରାନ୍‌ଜିଟ ପାସ୍‌ରେ ଗାଡି ମାଲିକଙ୍କ ନାମ ଓ ଫୋନ ନମ୍ବରରେ ତାଳମେଳ ରହୁନାହିଁ। ଏହାକୁ ପୋଲିସ, ଏନ୍‌ଟିପିସି କମ୍ପାନୀ ଠିକ୍ ଭାବେ ଯାଞ୍ଚ କଲେ ଘଟଣାର ସତ୍ୟତା ସମାନାକୁ ଆସିବ ବୋଲି ସାଧାରଣରେ ଆଲୋଚନା ହେଉଛି। କୋଇଲା ସରକାରୀ ସମ୍ପତ୍ତି। ଏହାକୁ ସୁରକ୍ଷା ଦେବା ପୋଲିସ, ଏନ୍‌ଏଲ୍‌ସି କମ୍ପାନୀ, ଏନ୍‌ଟିପିସି କମ୍ପାନୀର ଦାୟିତ୍ୱ। ମିଳିତ ଚଢାଉ କରି ଯାଞ୍ଚ କଲେ ଚୋରା ଚାଲାଣ ରୋକାଯାଇ ପାରିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଏନ୍‌ଏଲ୍‌ସି କମ୍ପାନୀ ଖଣି ପରିଚାଳନା ମ୍ୟାନେଜର ଭଗତ୍ ସିଂ କହିଛନ୍ତି, ଏନ୍‌ଏଲ୍‌ସି ପକ୍ଷରୁ କୋଇଲା ଦିଆଯାଉଛି। ଏନ୍‌ଟିପିସି, ବେଦାନ୍ତ ଭଳି ଅନେକ କମ୍ପାନୀ ଓ ଉଦ୍ୟୋଗ କୋଇଲା କିଣନ୍ତି। ଆମ ଖଣିର ମୁଖ୍ୟ ଗେଟ୍‌ରୁ କୋଇଲା ଟ୍ରକ୍ ବାହାରକୁ ଚାଲିଯିବା ପରେ ଆମର ଆଉ କର୍ତ୍ତୃତ୍ୱ ନ ଥାଏ। ପରବର୍ତ୍ତୀ ଦାୟିତ୍ୱ ଟ୍ରାନ୍ସପୋର୍ଟର ଓ କୋଇଲା କିଣୁଥିବା ସଂସ୍ଥାର। ଯଦି ଚୋରି ହେବ କୋଇଲା କିଣୁଥିବା ସଂସ୍ଥାର ହେବ ବୋଲି କହିଥିଲେ। ସେହିପରି ଥାନା ଅଧିକାରୀ ଲୋକନାଥ ସାହୁ କହିଛନ୍ତି, ବୁଧବାର କାଗଜପତ୍ର ଦେଖିବା ପରେ ଟ୍ରକ୍‌କୁ ଛାଡି ଦିଆଯାଇଥିଲା। ଟ୍ରକ୍‌ରେ ଥିବା କୋଇଲା ସୁନ୍ଦରଗଡ ସାଇଡିଂରେ ଅନ୍‌ଲୋଡ ହୋଇଥିବା ସୂଚନା ମିଳିଛି। ଟ୍ରାନ୍ସପୋର୍ଟରକୁ ଡକାଯାଇ ପୁଣି କାଗଜପତ୍ର ଯାଞ୍ଚ କରାଯିବ ବୋଲି କହିଥିଲେ।



ପଡ଼ୋଶୀ ଗୁଜରାଟକୁ ବେଦାନ୍ତ-ଫକ୍ସକନ୍ ପ୍ରୋଜେକ୍ଟ ଚାଲିଯିବା ପରେ ଶିବସେନାର ଉଦ୍ଧବ ଠାକ୍‌ରେ ଗୋଷ୍ଠୀ ସମର୍ଥକ ମହାରାଷ୍ଟ୍ର ସରକାରଙ୍କ ବିରୋଧରେ ଗୁରୁବାର ନଭି ମୁମ୍ବାଇରେ ବିକ୍ଷୋଭ କରୁଛନ୍ତି।

## ବିରୋଧୀ କ୍ଷମତାକୁ ଆସିଲେ ସବୁ ପଛୁଆ ରାଜ୍ୟକୁ ସ୍ୱତନ୍ତ୍ର ମାନ୍ୟତା

### ୨୦୨୪ ନିର୍ବାଚନ ପାଇଁ ନୀତୀଶଙ୍କ ବଡ଼ ପ୍ରତିଶ୍ରୁତି

ପାଟନା, ୧୫।୯

୨୦୨୪ ସାଧାରଣ ନିର୍ବାଚନରେ କେନ୍ଦ୍ରରେ ଯଦି ଅଣଭାଜପା ଦଳଗୁଡ଼ିକ ସରକାର ଗଢ଼ନ୍ତି, ତେବେ ଦେଶର ସମସ୍ତ ପଛୁଆ ରାଜ୍ୟକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରାଯିବ ବୋଲି ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ନେତା ନୀତୀଶ କୁମାର ଗୁରୁବାର ଘୋଷଣା କରିଛନ୍ତି। ସେ କେବଳ ବିହାର ପାଇଁ କହୁନାହାନ୍ତି, ପଛରେ ପଡ଼ିଥିବା ସମସ୍ତ ରାଜ୍ୟ ସ୍ୱତନ୍ତ୍ର ମାନ୍ୟତା ପାଇବା ଆବଶ୍ୟକ ବୋଲି ଏକ ପ୍ରଶ୍ନର ଉତ୍ତରରେ ନୀତୀଶ ଗଣମାଧ୍ୟମକୁ କହିଛନ୍ତି।

କେନ୍ଦ୍ରରେ ଭାଜପାକୁ ପରାଜିତ କରିବା ଲାଗି ବିରୋଧୀଙ୍କୁ ଏକାଠି କରିବା ନିମନ୍ତେ ଅଣ୍ଟା ଭିଡ଼ିଥିବା କେତେଜଣ ନେତାଙ୍କ ମଧ୍ୟରୁ ନୀତୀଶ ଅନ୍ୟତମ। ଗତ ମାସରେ ସେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏରୁ ବାହାରିଯାଇ


ନୀତୀଶ କୁମାର

ବିହାରରେ ମହାଗଠବନ୍ଧନ ସରକାର ଗଢ଼ିବା ପରେ କେନ୍ଦ୍ର ଉପରେ ନଜର ପକାଇଛନ୍ତି। ନିକଟରେ ସେ ଦିଲ୍ଲୀ ଯାଇ ଏକାଧିକ ବିରୋଧୀ ଦଳର ନେତାଙ୍କୁ ଭେଟି ଭାଜପା ବିରୋଧରେ ଏକାଠି ହେବା ଲାଗି କହିଥିଲେ। ସୂଚନାଯୋଗ୍ୟ, ୨୦୦୭ରୁ ନୀତୀଶ ବିହାରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନ ଲାଗି ଦାବି କରିଆସୁଛନ୍ତି। ନିର୍ବାଚନ ପୂର୍ବରୁ ଏବଂ ଅନ୍ୟ କେତେକ ସମୟରେ ସହଯୋଗୀ ଭାଜପା ଉପରେ ଚାପ ପକାଇ ରାଜନୈତିକ ଫାଇଦା ହାସଲ ଲାଗି ଜେଡିୟୁ ନେତା ଏହି ଦାବି ଉଠାଇଥାନ୍ତି। ଗୋଟିଏ ରାଜ୍ୟକୁ ସ୍ୱତନ୍ତ୍ର ମାନ୍ୟତା ମିଳିଲେ ସମସ୍ତ କେନ୍ଦ୍ରୀୟ ଯୋଜନାରେ କେନ୍ଦ୍ର-ରାଜ୍ୟ ପାଣ୍ଠି ଅନୁପାତ ୯୦:୧୦ ହେବ, ଅର୍ଥାତ ଯୋଜନା କାର୍ଯ୍ୟକାରିତାରେ କେନ୍ଦ୍ର ସରକାରଙ୍କ ଅନୁଦାନ ୯୦ ପ୍ରତିଶତ ରହିଲେ ରାଜ୍ୟ ଭାଗ ମାତ୍ର ୧୦ ପ୍ରତିଶତ ରହିବ। ଜମ୍ମୁ-କଶ୍ମୀର, ଅରୁଣାଚଳପ୍ରଦେଶ, ଆସାମ, ହିମାଚଳପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ସିକ୍କିମ, ତ୍ରିପୁରା ଏବଂ ଉତ୍ତରାଖଣ୍ଡ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପାଇଛନ୍ତି।

## ଆଉ ଏକ ଷ୍ଟିଙ୍ଗ୍ ଚଳାଇଛି ଭାଜପା

### ମୋତେ ଗିରଫ କରା ନ ଗଲେ ପ୍ରଧାନମନ୍ତ୍ରୀ କ୍ଷମା ମାଗନ୍ତୁ: ସିସୋଡିଆ

ନୂଆଦିଲ୍ଲୀ, ୧୫।୯

ଭାଜପା ଗୁରୁବାର ଆମ୍ ଆଦ୍‌ମୀ ପାର୍ଟି (ଏଏପି) ବିରୋଧରେ ଆଉ ଏକ ଷ୍ଟିଙ୍ଗ୍ ଅପରେଶନର ଭିଡିଓ ଜାରି କରିଛି। ନିର୍ଦ୍ଦିଷ୍ଟ କେତେଜଣଙ୍କୁ ଲାଭାନ୍ୱିତ କରାଇବା ଲାଗି ନୂଆ ଅବକାରୀ ନୀତି ଅଣାଯାଇଥିଲା ବୋଲି ଜଣେ ଅଭିଯୁକ୍ତ କହିଥିବା ଭାଜପା ଅଭିଯୋଗ କରିଛି। ଏହାର ଜବାବରେ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ କହିଛନ୍ତି, ସିବିଆଇ ତାଙ୍କ ଘର ଉପରେ ଚଢ଼ାଉ କରି ଓ ଲକର


ମନୀଷ ସିସୋଡିଆ

ଯାଞ୍ଚ କରି କିଛି ପାଇଲା ନାହିଁ। ଏବେ ଭାଜପା ଷ୍ଟିଙ୍ଗ୍ ଅପରେଶନ ଚଳାଇଛି। ସିବିଆଇ ଏବଂ ଇଡି ଏହାର ତଦନ୍ତ କରନ୍ତୁ। ଯଦି ଅଭିଯୋଗ ସତ ହୋଇଥାଏ ତେବେ ତାଙ୍କୁ ସୋମବାର ସୁଦ୍ଧା ଗିରଫ କରାଯାଉ। ସତ ହୋଇ ନ ଥିଲେ ମିଥ୍ୟା ଷ୍ଟିଙ୍ଗ୍ ଅପରେଶନ ପାଇଁ ପ୍ରଧାନମନ୍ତ୍ରୀ ତାଙ୍କୁ କ୍ଷମା ମାଗନ୍ତୁ ବୋଲି ସିସୋଡିଆ କହିଛନ୍ତି। ସିସୋଡିଆଙ୍କ ଚ୍ୟାଲେଞ୍ଜ ଉପରେ ପ୍ରତିକ୍ରିୟା ପ୍ରକାଶ କରି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି, ଜଣେ ସଚ୍ଚୋଟ ଓ ସାହସୀ ବ୍ୟକ୍ତି ଏଭଳି ଚ୍ୟାଲେଞ୍ଜ ଦେଇପାରେ। ଭାଜପା ତାଙ୍କ ଚ୍ୟାଲେଞ୍ଜକୁ ନିଶ୍ଚୟ ଗ୍ରହଣ କରିବ ବୋଲି କେଜ୍‌ରିୱାଲ କହିଛନ୍ତି।

## କଂଗ୍ରେସ ଯୋଗୁ ମୋଦି ଦୁଇ ଥର ପ୍ରଧାନମନ୍ତ୍ରୀ ହୋଇଛନ୍ତି : ଓୱାଇସି

**ଜୟପୁର, ୧୫।୯:** ରାଜସ୍ଥାନ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଏଆଇଏମ୍‌ଆଇଏମ୍ ମୁଖ୍ୟ ଅସଦୁଦ୍ଦିନ ଓୱାଇସି ଘୋଷଣା କରିଛନ୍ତି। ଗୁରୁବାର ରାଜସ୍ଥାନର ଝୁଞ୍ଝୁନୁରେ ପହଞ୍ଚି ସେ ଅଭିଯୋଗ କରି କହିଥିଲେ କଂଗ୍ରେସ ଯୋଗୁ ନରେନ୍ଦ୍ର ମୋଦି ଦୁଇଥର ଦେଶର ପ୍ରଧାନମନ୍ତ୍ରୀ ହୋଇଛନ୍ତି। ଏଥିସହ ସେ କହିଛନ୍ତି, ରାଜସ୍ଥାନରେ କଂଗ୍ରେସ ସରକାର ଲୋକଙ୍କୁ ପ୍ରତାରଣା କରୁଛି। କରୌଲିରେ ଦଙ୍ଗା ହୋଇଥିଲା, କିନ୍ତୁ ରାଜ୍ୟର ମୁଖ୍ୟମନ୍ତ୍ରୀ ସେଠାକୁ ଯାଇ ନ ଥିଲେ। ରାଜ୍ୟରେ ଭାଜପା ଏବଂ କଂଗ୍ରେସ ମଧ୍ୟରେ କବାଡ଼ି ମ୍ୟାଚ ଚାଲିଛି। ପାଞ୍ଚ ବର୍ଷ ତୁମେ, ପାଞ୍ଚ ବର୍ଷ ଆମେ। ଯଦି ଭାଜପା ଆଗକୁ ବଢୁଛି, ଏଥିପାଇଁ କଂଗ୍ରେସର ସମର୍ଥନ ରହିଛି। ଏଣୁ ଆମକୁ ତୃତୀୟ ଶକ୍ତି ଖୋଜିବାକୁ ପଡ଼ିବ ବୋଲି ଓୱାଇସି କହିଛନ୍ତି।

## 'ପଞ୍ଚାୟତ ସ୍ତରରୁ ହେବ ଲଢ଼େଇ'

### ଭାଜପା ପ୍ରାଦେଶିକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ


ବୈଠକରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ବିଶ୍ୱେଶ୍ୱର ଟୁଡୁଙ୍କ ସମେତ ଭାଜପା ନେତୃବୃନ୍ଦ।

ପୁରୀ ଅଫିସ, ୧୫।୯

ବୁଥ୍ ଓ ପଞ୍ଚାୟତସ୍ତରରୁ ରାଜ୍ୟ ସରକାରଙ୍କ ବିରୋଧରେ ଭାରତୀୟ ଜନତା ପାର୍ଟି (ଭାଜପା) ରଣନୀତି ପ୍ରସ୍ତୁତ କରିବ। ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ଲୋକଲୋଚନକୁ ଆଣି ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଗୁରୁବାର ପୁରୀ ବଳିଆପଣ୍ଡାସ୍ଥିତ ଏକ ହୋଟେଲରେ ଭାଜପା ପକ୍ଷରୁ ଆୟୋଜିତ ତିନିଦିନିଆ ପ୍ରାଦେଶିକ ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ ଦିବସରେ ମତ ପ୍ରକାଶ ପାଇଛି। ଏହି ଶିବିରରେ ଆଗାମୀ ୨୦୨୪ ନିର୍ବାଚନ ଲାଗି ମାନସ ମନ୍ଥନ ହେବା ସହ ରଣକୌଶଳ ପ୍ରସ୍ତୁତ କରାଯାଇଛି। ଆଗାମୀ ନିର୍ବାଚନରେ ଓଡ଼ିଶାରେ ଶାସନ କ୍ଷମତାକୁ ଭାଜପା ଆସିବ। ଏଥିପାଇଁ ଖସଡ଼ା ପ୍ରସ୍ତୁତ ସହ କାର୍ଯ୍ୟକର୍ତ୍ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମୋଦି ସରକାରଙ୍କ ସମସ୍ତ ଜନକଲ୍ୟାଣକାରୀ ଯୋଜନାର ସୁଫଳକୁ ଲୋକଙ୍କ ପାଖରେ ପହଞ୍ଚାଯିବ। ବୁଥ୍‌ସ୍ତରରେ ସଙ୍ଗଠନକୁ ଅଧିକ ସଶକ୍ତ କରି ଆଗାମୀ ନିର୍ବାଚନ ଲାଗି ଭାଜପାର ରୋଡମ୍ୟାପ ପ୍ରସ୍ତୁତ କରାଯାଇଛି ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି।

ଉଦ୍‌ଯାପନୀ ଦିବସର ପ୍ରଥମ ଅଧିବେଶନରେ ରାଜ୍ୟ ସଭାପତି ସମୀର ମହାନ୍ତି ରୋଡ୍‌ମ୍ୟାପ ଏବଂ ଆଗାମୀ ଦିନର କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ। ମୋଦି ସରକାରଙ୍କ ପରିଣାମଦାୟୀ ନୀତି ପ୍ରସଙ୍ଗରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କୃଷି ଓ କୃଷକ କଲ୍ୟାଣ ନୀତି ସମ୍ପର୍କରେ ପୂର୍ବତନ କେନ୍ଦ୍ର କୃଷିମନ୍ତ୍ରୀ ରାଧାମୋହନ ସିଂହ ଆଲୋଚନା କରିଥିଲେ। ଉଦ୍‌ଯାପନ ଅଧିବେଶନରେ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ (ସାଙ୍ଗଠନିକ) ବି.ଏଲ୍. ସନ୍ତୋଷ ଯୋଗଦେଇ ତୃଣମୂଳସ୍ତରରୁ ଦଳକୁ ସୁଦୃଢ଼ କରିବା ପାଇଁ ଗୁରୁମନ୍ତ୍ର ଦେଇଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ମହାପାତ୍ର କହିଥିଲେ, ୨୦୧୪ ବିଧାନସଭା ନିର୍ବାଚନରେ ୧୮% ଭୋଟ ପାଇଥିବା ଭାଜପାର ଭୋଟ୍‌ହାର ବୃଦ୍ଧି ପାଇ ୨୦୧୯ରେ ୩୨% ହୋଇଛି। ସେହିପରି ୨୦୧୪ ବିଧାନସଭା ନିର୍ବାଚନରେ ଭାଜପା ୧୪% ଅଧିକ ଭୋଟ୍ ପାଇଥିବାବେଳେ ବିଜେଡି ପାଇଛି ମାତ୍ର ୨% ଅଧିକ। ୨୦୧୪ ଲୋକସଭା ନିର୍ବାଚନରେ ଭାଜପା ୨୧.୫% ଭୋଟ ପାଇଥିବାବେଳେ ୨୦୧୯ରେ ୪୨.୮୦% ଭୋଟ୍ ପାଇଛି। ଲୋକ ସଭା ନିର୍ବାଚନରେ ୨୦୧୪ ତୁଳନାରେ ୨୦୧୯ରେ ଭାଜପା ୧୬.୮ % ଭୋଟ ଅଧିକ ପାଇଛି। ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ୭୧ଲକ୍ଷ ଭୋଟ୍ ପାଇପାରିଛି। କ୍ରମାଗତ ଭାବେ ଭାଜପାର ଭୋଟ ବଢୁଥିବାବେଳେ ବିଜେଡିର କମୁଛି। ଭାଜପାର ଲୋକପ୍ରିୟତା ବୃଦ୍ଧିରେ ହତୋତ୍ସାହ ହୋଇପଡ଼ିଥିବା ଶାସକ ବିଜେଡିର ନେତା ଓ ମନ୍ତ୍ରୀମାନେ ବିଭିନ୍ନ ଦୁର୍ନୀତି, ଅପରାଧ, ମହିଳା ହିଂସାରେ ସଂପୃକ୍ତ ଥିବା ଅନେକ ସମୟରେ ପ୍ରମାଣିତ ହୋଇଛି। ମୂଳ ଦାୟିତ୍ୱରୁ ଓହରି ବିଜେଡିର ମୁଖିଆ ପୁରସ୍କାର ଆଳରେ ନିଜକୁ ନିଜେ ସମ୍ବର୍ଦ୍ଧିତ କରୁଛନ୍ତି ଓ ରାଜ୍ୟବାସୀଙ୍କୁ ବିଭ୍ରାନ୍ତ କରୁଛନ୍ତି। ଏହା ଲଜ୍ଜାଜନକ। କେନ୍ଦ୍ରୀୟ ଯୋଜନାର ବାଟମାରଣା ହେଉଥିବାବେଳେ ମହିଳା ସଶକ୍ତୀକରଣ ବାହୁସ୍ଫୋଟରେ ପରିଣତ ହୋଇଛି। ମୋଦିଙ୍କ ଲୋକପ୍ରିୟତା ୯୨% ଥିବାବେଳେ ସମ୍ପ୍ରତି ରାଜ୍ୟରେ 'ଭାଜପା ବନାମ ଅନ୍ୟ ଦଳ' ଲଢ଼େଇ ହେଉଛି ବୋଲି ମହାପାତ୍ର କହିଛନ୍ତି। ଉଦ୍‌ଯାପନୀ ଅବସରରେ ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଭଞ୍ଜନ ମହାପାତ୍ରଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ଚେତାବନୀ



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ।

- ଖବରଦାତାଙ୍କୁ ଏଏସ୍‌ପିଙ୍କ ମାଡ଼ ଘଟଣା
- ଖବରଦାତା ସମ୍ମିଳନୀ କରି ଚେତାବନୀ ଦେଲେ କଂଗ୍ରେସ, ଭାଜପା

ନବରଙ୍ଗପୁର, ୧୫।୯ (ବି.ପ୍ର.)

ନବରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ(ଏଏସ୍‌ପି) ଜୟକୃଷ୍ଣ ବେହେରା ବୁଧବାର ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରିବା ସହ ଠେଲାପେଲା କରିବା ମାଆ ଏବଂ ମାତୃ ଜାତି ପାଇଁ ଏକ ଅସମ୍ମାନର ବିଷୟ ବୋଲି କଂଗ୍ରେସ ଜିଲା ସଭାପତି ମୁନା ତ୍ରିପାଠୀ କହିଛନ୍ତି। ଗୁରୁବାର ନବରଙ୍ଗପୁର ଜିଲା କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଏହି ଘଟଣାର ନିନ୍ଦା କରିଛନ୍ତି। ୭ଦିନ ମଧ୍ୟରେ ଯଦି ଏଏସ୍‌ପି ବେହେରାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ କାର୍ଯ୍ୟରୁ ବହିଷ୍କାର କରା ନ ଯାଏ ତା' ହେଲେ ଜିଲାର ସମସ୍ତ ଥାନା ଘେରାଉ କରାଯାଇ ଗଣ ଆନ୍ଦୋଳନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ ଉପ ସଭାପତି ଦିଲୀପ ବେହେରା, ନଗର ସଭାପତି ପ୍ରଦୀପ କୁମାର ସାହୁ, ଅଗ୍ନିପୁର ସରପଞ୍ଚ ଦିବାକର ପୂଜାରୀ, ବରିଷ୍ଠ କଂଗ୍ରେସ ନେତା ବୃନ୍ଦାବନ ତ୍ରିପାଠୀ, କଂଗ୍ରେସ ନେତା କୁଶିଆ ମାଝି, ନବରଙ୍ଗପୁର ବ୍ଲକ କଂଗ୍ରେସ ସଭାପତି ଅବଦୁଲ ଫିରୋଜ ପ୍ରମୁଖ ଉପସ୍ଥିତ ଥିଲେ।

ସେହିଭଳି ନବରଙ୍ଗପୁର ଚାମୁରିଆଗୁଡ଼ାସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟରେ ଦଳ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଛି। ଚତୁର୍ଥ ସ୍ତମ୍ଭ ଉପରେ ଏଏସ୍‌ପିଙ୍କ ଲାଠିମାଡ଼ ଏବଂ ଜଣେ ମହିଳାଙ୍କୁ ପୁରୁଷ ପୋଲିସ ଅଫିସର ଠେଲାପେଲା କରିବାକୁ ନିନ୍ଦା କରିଛନ୍ତି ଜିଲା ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ଶର୍ମିଷ୍ଠା ଦେଓ। କାର୍ଯ୍ୟରତ ଖବରଦାତାଙ୍କ ଉପରେ ଲାଠିମାଡ଼ ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ, ଠେଲାପେଲା ଘଟଣାକୁ ନିନ୍ଦା କରିବା ସହ ଏଏସ୍‌ପି ବେହେରାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଏବଂ ବହିଷ୍କାର ଦାବି କରିଛି ଭାଜପା। ଏପରି ନ ହେଲେ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି ନବରଙ୍ଗପୁର ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ। ଖବରଦାତା ସମ୍ମିଳନୀରେ ପୂର୍ବତନ ନଗର ସଭାପତି ସୁବ୍ରତ ମିଶ୍ର, ଜିଲା ମିଡିଆ ସଂଯୋଜକ ଦେବଦାସ ମହାକୁଡ଼, ଯୁବମୋର୍ଚ୍ଚା ସମ୍ପାଦକ ଶୁଭମ ଚୌଧୁରୀ, ନଗର ମୋର୍ଚ୍ଚା ସଭାପତି ପିଣ୍ଟୁ ମିଶ୍ର, ନଗର ମଣ୍ଡଳ ସମ୍ପାଦିକା ରେଣୁକା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


The Odisha Small Industries Corporation Ltd.
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1830 OSIC GST No. 21AAACO2101M1Z1

TENDER CALL NOTICE

Tender Notice No.4039/OSIC/MKT Dt.14.09.2022
The Odisha Small Industries Corporation Ltd., Cuttack invites sealed bids from experienced registered vendors duly empanelled with OSIC for execution of work of "**Analog to Digital conversion of Audio Visuals, Photographs & Documentaries**" for Govt. Departments as mentioned in the tender document. The detailed schedules, terms and conditions of the tender document along requirement of work can be downloaded from OSIC www.osicltd.in. Any corrigendum/changes/modifications will appear in OSIC Ltd. website: www.osicltd.in only and all the tenderers are to refer to above website.
By order of MD
Sd/-Manager(Mktg)
OIPR-14073/11/0080/2223



OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL
Letter No.3543 Dt.13.09.22

TENDER CALL NOTICE
FOR DRUGS & MEDICAL CONSUMABLES

**No.E-472:** Sealed tender is invited from the registered suppliers/farms/Distributors for supply of Drug & Medical Consumables for the year 2022-23 for the Dhenkanal District Health Institution .The last date for receiving the tender document to the office of the undersigned on or before 11/10/2022 up to 5 .00 P.M and will be opened on 12/10/2022 at 12.00.P.M .The detail terms & condition can be downloaded from the website www.dhenkanal.nic.in.
Sd/- CDM & PHO Cum
District Mission Director Dhenkanal
OIPR-10059/11/0011/2223



The Odisha Small Industries Corporation Ltd.
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1829 OSIC GST No. 21AAACO2101M1Z1

TENDER CALL NOTICE

Tender Notice No.4041/OSIC/MKT Dt.14.09.2022
The Odisha Small Industries Corporation Ltd., Cuttack invites sealed bids from experienced registered Distributors/ Dealers/Manufacturers for procurement and supply of Double seated Dual Desk, teachers class room Table & Chairs for Odisha Adarsha Vidyalays under different Blocks of Kalahandi District. The detailed schedules, terms and conditions of the tender document along with technical specification of items & quantity of requirement can be downloaded from OSIC www.osicltd.in. Any corrigendum/changes/modifications will appear in OSIC Ltd. website: www.osicltd.in only and all the tenderers are to refer to above website.
By order of MD
Sd/-Manager(Mktg)
OIPR-14073/11/0079/2223



GOVERNMENT OF ODISHA
OFFICE OF THE ENGINEER-IN-CHIEF (CIVIL), ODISHA, NIRMAN SOUDHA, BHUBANESWAR
File No-C-IIM-IFB-06/2019 (PT) No.34627, Dtd.12.09.2022

1st Corrigendum Bid Identification No. CE-DPI & R- 14/2022-23

**No.B-580:** The tender for the work invited vide Bid Identification No. CE-DPI & R-14/2022-23 dtd.08. 08.2022 have been modified as per Works Department, Government of Odisha O.M. No. 12586 dtd.09.09.2022-Amendment to Rule-3 of Appendix-VIII of O.P.W.D. Code Volume-I are as follows.

1.

| Sl. No. | Name of Work | Class of Bidder as per DTCN | Modification Class of bidder as per DTCN |
|---|---|---|---|
| 1 | Improvement such as widening and strengthening of Betnoti-Badasahi road (MDR-106) from 0/000 km to 12/350 km in the district of Mayurbhanj under State Plan | Super Class | 'A' Class Special Class |

2. The last date of bid submission has been extended upto 5.30 PM of 20.09.2022.3. Bids received online shall be opened at 11.30 Hours on 21.09.2022 in the office of the Engineer-in-Chief (Civil), Nirman Soudha, Unit-V, Bhubaneswar, Odisha. All other terms and conditions remain unchanged.
OIPR-34111/11/0032/2223 Sd./-Chief Engineer, DPI & Roads, Odisha



GOVERNMENT OF ODISHA
OFFICE OF THE ENGINEER-IN-CHIEF (CIVIL), ODISHA, BHUBANESWAR
INVITATION FOR BIDS (IFB)
File No-C-IIM-IFB-06/2019 (PT) No.34632, Dtd.12.09.2022

3rd Corrigendum Bid Identification No. CE-DPI & R- 06/2022-23

**No.B-582:** The following changes is made to the work invited vide Bid Identification No. CE-DPI & R-06/ 2022-23 vide letter No.24853 dtd.24.06.2022 as per Works Department, Government of Odisha O.M. No.12586 dtd.09.09.2022-Amendment to Rule-3 of Appendix- VIII of O.P.W.D. Code Volume-I.

| Sl. No. | Name of Work | Class of Bidder as per DTCN | Modification Class of bidder as per Corrigendum |
|---|---|---|---|
| 1 | Improvement such as widening and strengthening of Nudurpada-Kaliahata road from 0/00 km to 31/811 km in the district of Keonjhar under State Plan. | Super Class | Super Class Special Class |

All other terms and conditions remain unchaged.
OIPR-34111/11/0034/2223 Sd./- Chief Engineer, DPI & Roads, Odisha



OFFICE OF THE
ROURKELA MUNICIPAL CORPORATION
UDITNAGAR, ROURKELA, ODISHA - 769012
E-mail ID: rourkelamunicipality@gmail.com
Advt. No. 12114 Date: 15.09.2022

EOI for Empanelment of Agencies for Street Art, Wall Painting and Public Artwork under Rourkela Municipal Corporation

No. C-1220: Rourkela Municipal Corporation invites expression of Interest (EOI) for empanelment of Independent Artists, Art Educational Institutes and Non Governmental Organizations for undertaking Street Art, Wall Painting and Public Art Work for city beautification under Rourkela Municipal Corporation, Odisha. The details of EOI may be seen/download from **www.rmc.nic.in**. Any Changes, corrigendum etc. will be updated at the mentioned portal only. For further queries/comments, please contact to E-mail ID of **rourkelamunicipality@gmail.com**.
EOIs are to be submitted through sealed cover envelope containing two separate sealed envelopes for Technical and Financial Proposals. The interested Individuals/Agencies should submit the complete EOI in the sealed cover addressed to Commissioner, Rourkela Municipal Corporation, Uditnagar, Rourkela - 769012 (Odisha) superscribing as **"EOI for empanelment of Agencies for undertaking Street Art, Wall Painting and Public Art Work"** through Speed Post/Registered Post/Courier or By Hand on or before 27.09.2022 upto 1.00 P.M. The EOI will be opened on the same day at 4.30 P.M. in presence of the Applicants who wish to attend. If the last date of submission, opening of EOI and other schedule happens to be a holiday, the next working day will be treated as the schedule for the same. Authority reserves the right to accept/reject any or all the EOIs without assigning any reason thereof.
Sd./- Commissioner
Rourkela Municipal Corporation
OIPR-13131/11/0097/2223



The Odisha Small Industries Corporation Ltd.
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1828 OSIC GST No. 21AAACO2101M1Z1

NOTICE INVITING TENDER

Tender Notice No.4051/Comml/OSIC Dt.15.09.2022
**"Award of contract for Material handling at CSY, Mancheswar, Bhubaneswar, Branch Office, Rasulgarh and Branch office Cuttack".** The Odisha Small Industries Corporation Ltd. (OSIC), Industrial Estate, Madhupatna, Cuttack–753010 invites sealed tenders under two bid systems from reputed and experienced handling contractor for Material handling at CSY, Mancheswar, Bhubaneswar, Branch Office, Rasulgarh and Branch office Cuttack of OSIC. The detailed information and the tender document shall be uploaded in the website www.osicltd.in which can be downloaded and submitted along with the tender paper cost of **Rs. 5000 /-** (non-refundable) inclusive of Taxes. Any revisions, corrigendum, time extension etc. to the tender will be hoisted on OSIC website only. The last date and time for submission of Tender Document is **10.10.2022 by 2.00 PM**. The Technical Bid will be opened on **dt. 10.10.2022 at 3.00 PM**. OSIC reserves the right to accept or reject any or all the tender or cancel the entire tender without assigning any reason thereof. E.M.D. as described in the DTCN should be submitted along with the tender paper.
Sd/-
GENERAL MANAGER(O)
OIPR-14073/11/0078/2223

ଧରିତ୍ରୀ
DHARITRI
Friday, September 16/2022



**ସେନ୍‌ସେକ୍ସରେ ୪୧୩ ପଏଣ୍ଟ ହ୍ରାସ**

**ନୂଆଦିଲ୍ଲୀ:** କ୍ରମାଗତ ୨ ଦିନ ଲାଗି ଷ୍ଟକ ବଜାରର କାରବାର ହ୍ରାସ ପାଇଛି। ଫଳରେ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ଏପରିକି ଚଳିତ ସପ୍ତାହର ୪କାର୍ଯ୍ୟ ଦିବସର ଫଳାଫଳ ମଧ ନିବେଶକମାନଙ୍କୁ ନିରୁତ୍ସାହିତ କରିଛି। ବିଶେଷ କରି ଫାର୍ମା ୟୁନିଟ ଏବଂ ମେଟାଲ କ୍ଷେତ୍ର କାରବାର ଆରମ୍ଭରୁ ବଡ କ୍ଷତି ସହ କାରବାର କରିଥିଲା। ଗୁରୁବାର ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ପ୍ରାୟ ୧% କାରବାର ହ୍ରାସ ପାଇଥିଲା। ସେନ୍‌ସେକ୍ସ ୪୧୩ (୪୧୨.୯୬) ପଏଣ୍ଟ ଖସି ୫୯,୯୩୪.୦୧ ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍ଟି-୫୦ ରେ ମଧ ୧୨୬ (୧୨୬.୩୫) ପଏଣ୍ଟ ହ୍ରାସ ଘଟି ୧୭,୮୭୭.୪୦ ଅଙ୍କରେ ବଜାର ବନ୍ଦ ହୋଇଛି।

# ୫୦୦୦କୋଟିର ପୁଞ୍ଜିନିବେଶ କରିବ ଟାଟା ପାୱାର

ଭୁବନେଶ୍ୱର,୧୫।୯

ଓଡ଼ିଶାରେ ଉତ୍ତମ ବିଦ୍ୟୁତ୍ ସେବା ପ୍ରଦାନ କରିବା ଲକ୍ଷ୍ୟରେ ଓଡ଼ିଶା ସରକାର ଓ ଟାଟା ପାୱାର ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷର ହୋଇଛି। ଉକ୍ତ ରାଜିନାମା ଅନୁଯାୟୀ ଟାଟା ପାୱାର ଓଡ଼ିଶାର ଡିସ୍‌କମ୍‌ଗୁଡ଼ିକୁ ଅଧିଗ୍ରହଣ କରିବା ପରଠାରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଆସିଛି। ଏପରିକି ଗତ ୨ବର୍ଷ ମଧ୍ୟରେ କମ୍ପାନୀ ବିଦ୍ୟୁତ୍ ଯୋଗାଣର ଭରସାଯୋଗ୍ୟତାରେ ଉନ୍ନତି ଆଣିବା ପାଇଁ ବିଦ୍ୟୁତ୍ ବଣ୍ଟନର ବିଭିନ୍ନ ଦିଗରେ ଉଲ୍ଲେଖନୀୟ ସଫଳତା ହାସଲ ମଧ କରିଛି। ରାଜ୍ୟର ବିଦ୍ୟୁତ୍ ଯୋଗାଣ ନେଟ୍‌ୱର୍କର ଆମେ ସମ୍ପୂର୍ଣ୍ଣ ଅନୁଶୀଳନ କରିଛୁ ଏବଂ ପ୍ରମୁଖ ସମସ୍ୟା ଓ ଆବଶ୍ୟକ ହେଉଥିବା ଉନ୍ନତୀକରଣକୁ ଚିହ୍ନଟ କରିଛୁ, ଯାହା ରାଜ୍ୟରେ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣକୁ ନିଶ୍ଚିତ କରିବାରେ ସହାୟକ ହୋଇଛି। ଶିଳ୍ପ ଓ ବାଣିଜ୍ୟିକ ପ୍ରତିଷ୍ଠାନ ସମେତ ଆମର ଗ୍ରାହକମାନଙ୍କ ପାଇଁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣକୁ ସୁନିଶ୍ଚିତ କରିବା ଲାଗି ଆମେ ଆମର ପୁଞ୍ଜି ବ୍ୟୟ ନିବେଶକୁ ବଢ଼ାଇବା ପାଇଁ ପ୍ରସ୍ତୁତ ହେଉଛୁ ବୋଲି ଟାଟା ପାୱାରର ସଭାପତି (ଟି ଆଣ୍ଡ ଡି) ସଞ୍ଜୟ ବାଙ୍ଗା ମତବ୍ୟକ୍ତ କରିଛନ୍ତି।

ବିଶେଷକରି ଏହାର ନେଟ୍‌ୱର୍କ ଓ ଭିତ୍ତିଭୂମିରେ ଉନ୍ନତୀକରଣ ସାଙ୍ଗକୁ ବୃଦ୍ଧି, ବୈଷୟିକ ସମନ୍ୱୟ, ଗ୍ରାହକ ସେବା ଓ ସୁରକ୍ଷା ଆଦି କ୍ଷେତ୍ରରେ ଆସନ୍ତା ୫ବର୍ଷ ମଧ୍ୟରେ ପ୍ରାୟ ୫୦୦୦ କୋଟି ଟଙ୍କାର ପୁଞ୍ଜିନିବେଶ (ବ୍ୟୟ) କରିବାକୁ କମ୍ପାନୀ ପ୍ରତିବଦ୍ଧ ରହିଛି। ମେକ୍ ଇନ୍ ଓଡ଼ିଶା ଲକ୍ଷ୍ୟକୁ ଆଉ ଏକ ସୋପାନ ସୁଦୃଢ଼ କରି ଟାଟା ପାୱାର ଡିସ୍‌କମ୍‌ଗୁଡ଼ିକ ନେଟ୍‌ୱର୍କ ଉପଲବ୍ଧତା ଅନୁସାରେ ସପ୍ତାହରୁ ୧୦ଦିନ ଭିତରେ ନୂଆ ଶିଳ୍ପ ସଂସ୍ଥାକୁ ସଂଯୋଗ ପ୍ରଦାନ କରିବା ଲାଗି ଶୀଘ୍ର ପ୍ରସ୍ତୁତ ହେବେ। ଫଳରେ ରାଜ୍ୟରେ ସହଜରେ ବ୍ୟବସାୟ ପାଇଁ ତାହା ସହାୟକ ହେବ।


ସଞ୍ଜୟ ବାଙ୍ଗା

ଉପଭୋକ୍ତାଙ୍କୁ ସୁହାଇବା ଭଳି ସେବା ପ୍ରଦାନ କରାଯାଇପାରିବ ଏବଂ ଅଧିକ ବିଦ୍ୟୁତ୍ ଉପଯୋଗ କରୁଥିବା ଗ୍ରାହକ ବର୍ଗର ଶକ୍ତି କ୍ଷେତ୍ରରେ ଉନ୍ନତି ଅଣାଯାଇପାରିବ। ଏହି ସ୍ମାର୍ଟ ମିଟରଗୁଡ଼ିକ ଏନ୍‌ଏବିଏଲ୍ ସ୍ୱୀକୃତିପ୍ରାପ୍ତ ଓ ବିଆଇଏସ୍ ସାର୍ଟିଫାଏଡ୍ ଏବଂ ଦେଶର ଅଗ୍ରଣୀ ସ୍ମାର୍ଟ ମିଟର ନିର୍ମାତାମାନେ ତାହା ଯୋଗାଇ ଦେଉଛନ୍ତି। ଶେଷ ଟାରିଫ୍ ଅର୍ଡରରେ ଶିଳ୍ପ ଟାରିଫ୍‌କୁ କୋହଳ କରାଯାଇଥିବାରୁ ଡିସ୍‌କମ୍‌ଗୁଡ଼ିକ ଓଇଆର୍‌ସି ନିକଟରେ କୃତଜ୍ଞ। ଅଧିକ ଅକ୍ଷୟ ଶକ୍ତି କିଣା (ଆର୍‌ପିଓ) ନିୟମ ପାଳନ ଯୋଗୁ ଆଗାମୀ ବର୍ଷଗୁଡ଼ିକରେ ଶିଳ୍ପ ଟାରିଫ୍ ଆହୁରି ହ୍ରାସ ପାଇବ ବୋଲି ଏହି ଡିସ୍‌କମ୍‌ଗୁଡ଼ିକର ବିଶ୍ୱାସ ରହିଛି। ଫଳରେ ଅଗ୍ରଣୀ ସଂସ୍ଥାଙ୍କ ପାଇଁ ଓଡ଼ିଶା ଅନ୍ୟତମ ଆକର୍ଷଣୀୟ ସ୍ଥଳରେ ପରିଣତ ହୋଇପାରିବ। ବର୍ଦ୍ଧିତ ନେଟ୍‌ୱର୍କର ପରିଚାଳନା ଓ ଭରସାଯୋଗ୍ୟ ଗ୍ରାହକ ସେବାକୁ ସୁନିଶ୍ଚିତ କରିବା ଲାଗି ଟାଟା ପାୱାର ଡିସ୍‌କମ୍‌ଗୁଡ଼ିକ ପ୍ରତ୍ୟକ୍ଷ ଭାବେ ୨୦୦୦ରୁ ଅଧିକ ସ୍ଥାନୀୟ ଲୋକ ଓ ରକ୍ଷଣାବେକ୍ଷଣ, ପ୍ରକଳ୍ପ , ମିଟର ବଦଳାଇବା କାମ ପାଇଁ ୨୦,୦୦୦ ଶ୍ରମ ଶକ୍ତିଙ୍କୁ ପରୋକ୍ଷ ଭାବେ ନିଯୁକ୍ତି ଦେଇ ନିଜ ମୋଟ ଶ୍ରମ ଶକ୍ତିଙ୍କୁ ବୃଦ୍ଧି କରିଛନ୍ତି ଯାହା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅଧିକ ନିଯୁକ୍ତି ସୃଷ୍ଟି କରିଛି ବୋଲି ବାଙ୍ଗା କହିଛନ୍ତି।

## ସାମ୍‌କୋର 'ଟାଇମର୍ ଏସ୍‌ଟିପି' ପ୍ରଚଳନ

ଭୁବନେଶ୍ୱର,୧୫।୯

ଦେଶର ପ୍ରମୁଖ ପୁଞ୍ଜି ଲଗାଣକାରୀ କମ୍ପାନୀ ସାମକୋ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଷ୍ଟକ ବଜାରର ଆଧୁନିକ ସେବା ଓ ସୁବିଧା 'ଟାଇମର୍ ଏସଟିପି'ର ପ୍ରଚଳନ ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ କମ୍ପାନୀର ସିଆଇଓ ଉମେଶ କୁମାର ମେହତା କହିଛନ୍ତି, ସାଧାରଣତ ଶେୟାର ବଜାରରେ ନିବେଶର ପ୍ରକୃତ ସମୟ ଜାଣିବା ଅତ୍ୟନ୍ତ କଷ୍ଟକର ବ୍ୟାପାର ବୋଲି କୁହାଯାଏ। ସେହିଭଳି ନିବେଶ କରିବା ଲାଗି ପ୍ରକୃତ ସମୟ ସମ୍ପର୍କରେ ଏହା ବିସ୍ତୃତ ଭାବେ ଅବଗତ କରାଇବ ସହ ସାଧାରଣତଃ ବଜାରରେ ଉତ୍ସାହ ଥିବା ବେଳେ ନିବେଶକମାନେ ଇକ୍ୱିଟି ସେୟାର କିଣନ୍ତି ଏବଂ କୌଣସି ଷ୍ଟକର ମୂଲ୍ୟ ହ୍ରାସ ପାଇଲେ ତାହାକୁ ବିକ୍ରି କରିଥାନ୍ତି। ଏଭଳି କିଛି ଅସାଧାରଣ ତ୍ରୁଟି ଠାରୁ ନିବେଶକଙ୍କୁ ଦୂରେଇ ରଖିବାରେ ଟାଇମର୍ ଏସଟିପି ବେଶ ସହାୟକ ହେବ ବୋଲି ମେହତା ମତବ୍ୟକ୍ତ କରିଛନ୍ତି।

## ବ୍ୟବସାୟ ସମ୍ପ୍ରସାରଣ କରିବ ବେଦାନ୍ତ




ଭୁବନେଶ୍ୱର,୧୫।୯

ଦେଶର ପ୍ରମୁଖ ଘରୋଇ କମ୍ପାନୀ ବେଦାନ୍ତ ଆଲୁମିନିୟମ ଓଡ଼ିଶାରେ ଜାରି ରଖିଥିବା ବ୍ୟବସାୟିକ କାର୍ଯ୍ୟକଳାପଗୁଡ଼ିକର ସମ୍ପ୍ରସାରଣ କରିବ ବୋଲି ଜଣାପଡ଼ିଛି। ଏପରିକି ନିକଟରେ ଓଡ଼ିଶା ସରକାରଙ୍କ ଦ୍ୱାରା ମୁମ୍ବାଇଠାରେ ଆୟୋଜିତ ମେକ୍ ଇନ୍ ଓଡ଼ିଶା-୨୦୨୨ ରୋଡ୍‌ଶୋରେ ବେଦାନ୍ତ ରିସୋର୍ସେସ୍‌ର ଚେୟାରମ୍ୟାନ ଅନୀଲ ଅଗ୍ରୱାଲ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସାକ୍ଷାତ କରିଥିଲେ। ବେଦାନ୍ତ ଗ୍ରୁପ୍ ଆଜି ପର୍ଯ୍ୟନ୍ତ ଓଡ଼ିଶାରେ ବୃହତ୍ ପୁଞ୍ଜି ବିନିଯୋଗ କରି ଆସିଛି। ବିଶେଷକରି ଆଲୁମିନିୟମ ଉତ୍ପାଦନ କ୍ଷେତ୍ରରେ ମୂଲ୍ୟ ଶୃଙ୍ଖଳା, ଫେରୋକ୍ରମ, ଖଣି ଓ ମୂଲ୍ୟଯୋଗ କ୍ଷେତ୍ରରେ କମ୍ପାନୀ ପ୍ରାୟ ୮୦,୦୦୦ କୋଟି ଟଙ୍କାର ନିବେଶ କରିଛି। ସେହିଭଳି କମ୍ପାନୀ ମଧ ୫ଲକ୍ଷରୁ ଅଧିକ ଜୀବିକା ନିର୍ବାହ ସୁଯୋଗ ସୃଷ୍ଟି କରି ରାଜ୍ୟରେ ଶହ ଶହ ଏମ୍‌ଏସ୍‌ଏମ୍‌ଇ ଗଠନ କରିଛି। ଏ ସମ୍ପର୍କରେ ଅନୀଲ ଅଗ୍ରୱାଲ କହିଛନ୍ତି, ଆମେ ମେକ୍ ଇନ୍ ଓଡ଼ିଶାର ପଦକ୍ଷେପକୁ ସଫଳ କରିବାରେ ପ୍ରମାଣିତ କରିଛୁ। ଏହା ଭାରତରେ ସବୁଠାରୁ ଏକ ଅନୁକୂଳ ନିବେଶ ଲକ୍ଷ୍ୟସ୍ଥଳ ମଧ୍ୟରେ ରହିଛି। ଏହା ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ ପାଇଁ ସହଜରେ ବ୍ୟବସାୟ କରିବା ଲାଗି ସୁଯୋଗ ଆଣି ଦେଇଛି।

## ୟୁବିଆଇ ପକ୍ଷରୁ ହିନ୍ଦୀ ଦିବସ ପାଳିତ

ଭୁବନେଶ୍ୱର,୧୫।୯

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ)ର କ୍ଷେତ୍ରୀୟ କାର୍ଯ୍ୟାଳୟ ବାଲେଶ୍ୱର ପକ୍ଷରୁ ହିନ୍ଦୀ ଦିବସ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ମଧ ଚଳିତ ମାସ ୩୦ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ହିନ୍ଦୀ ପକ୍ଷର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ବ୍ୟାଙ୍କର ବାଲେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ନିରଞ୍ଜନ ବାରିକ ତଥା ଉପ କ୍ଷେତ୍ରୀୟ ମୁଖ୍ୟ ଗଜେନ୍ଦ୍ର ନାଥ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଷେତ୍ରୀୟ କାର୍ଯ୍ୟାଳୟର ସମସ୍ତ ମୁଖ୍ୟ ପ୍ରବନ୍ଧକ ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ। ସେହିଭଳି ବ୍ୟାଙ୍କର ବରିଷ୍ଠ ପ୍ରବନ୍ଧକ ମନମୋହନ ଝା କେନ୍ଦ୍ର ଗୃହମନ୍ତ୍ରୀଙ୍କ ସନ୍ଦେଶ ପାଠ କରିଥିଲେ ଏବଂ ସହାୟକ ପ୍ରବନ୍ଧକ ରିଷଭ କୁମାର ବର୍ମା କେନ୍ଦ୍ର ସରକାରଙ୍କ ମନ୍ତ୍ରିମଣ୍ଡଳ ସଚିବ ରାଜୀବ ଗୌବାଙ୍କ ସନ୍ଦେଶ ପାଠ କରିଥିଲେ। ସେହିପରି ରାଜଭାଷା ପ୍ରବନ୍ଧକ ରାଜୀବ ରଞ୍ଜନ କୁମାର କାର୍ଯ୍ୟକ୍ରମ ପରିଚାଳନା ସହ ପଖୱାଡା ଅବସରରେ ଆୟୋଜନ କରାଯିବାକୁ ଥିବା ବିଭିନ୍ନ ପ୍ରତିଯୋଗିତାର ବିସ୍ତୃତ ବିବରଣୀ ପ୍ରଦାନ କରିବା ସହ ସମସ୍ତ କର୍ମଚାରୀଙ୍କୁ ହିନ୍ଦୀ ଭାଷାରେ କାର୍ଯ୍ୟ କରିବାକୁ ଉତ୍ସାହିତ କରିଥିଲେ। ଏପରିକି ପଖୱାଡା କାର୍ଯ୍ୟକ୍ରମ ଅବସରରେ ହେବାକୁ ଥିବା ପ୍ରତିଯୋଗିତାରେ ଅଧିକରୁ ଅଧିକ ସଂଖ୍ୟାରେ ଅଂଶ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ରାଜଭାଷା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

Union Bank of India

## ସିଏସ୍‌ଆର୍ କାର୍ଯ୍ୟ ପରିସର ବୁଲିଲେ ବିମଳେନ୍ଦ୍ର

ଭୁବନେଶ୍ୱର,୧୫।୯

ଦେଶର ପ୍ରମୁଖ ଘରୋଇ କମ୍ପାନୀ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି)ର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଅଧୀନରେ ଜାରି ରହିଥିବା କାର୍ଯ୍ୟ ଓ ଯୋଜନାଗୁଡ଼ିକର ବାସ୍ତବ ସ୍ଥିତ ସମ୍ପର୍କରେ ଅବଗତ ନିମନ୍ତେ ଜେଏସ୍‌ପିର ପରିଚାଳନା ନିର୍ଦ୍ଦେଶକ ବିମଳେନ୍ଦ୍ର ଝା ନିକଟରେ ଏକ ସମୀକ୍ଷା ବୈଠକ ସହ କ୍ଷେତ୍ର ପରିଦର୍ଶନ କରିଥିଲେ। ବିଶେଷକରି ଝା ଜେଏସ୍‌ପି ଫାଉଣ୍ଡେଶନ ଦ୍ୱାରା ଅନୁଗୋଳ ଜିଲାରେ କାର୍ଯ୍ୟକାରୀ ହେଉଥିବା କମ୍ପାନୀର ବିଭିନ୍ନ ସିଏସ୍‌ଆର୍ କାର୍ଯ୍ୟ ପରିସର ଆଦି ବୁଲି ଦେଖିଥିଲେ। ସେହିଭଳି ଦିବ୍ୟାଙ୍ଗମାନଙ୍କ ନିମନ୍ତେ ଜେଏସ୍‌ପି ଫାଉଣ୍ଡେଶନ ଦ୍ୱାରା ପରିଚାଳିତ ଆଶା ଦି ହୋପ୍ କେନ୍ଦ୍ରକୁ ଝା ପ୍ରଥମେ ପରିଦର୍ଶନକରି କେନ୍ଦ୍ରର ୯୪ ଭିନ୍ନକ୍ଷମ ଶିଶୁ ଏବଂ ସେମାନଙ୍କ ପିତାମାତାଙ୍କ ସହ କଥାବାର୍ତ୍ତା କରିଥିଲେ।



ଏହା ପରେ ଡିଏଭି ସାବିତ୍ରୀ ଜିନ୍ଦଲ ବିଦ୍ୟାଳୟ ପରିଦର୍ଶନ କରି ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ରମାନଙ୍କ ସହିତ କଥାବାର୍ତ୍ତା କରିବା ସହ ଲାବ୍ ଆଧାରିତ ଶ୍ରେଣୀଗୃହ ବ୍ୟବସ୍ଥା କରିବା ପାଇଁ ଝା ପରାମର୍ଶ ଦେଇଥିଲେ। ସେହିପରି ଜିନ୍ଦଲ ଜନଜୀବିକା କେନ୍ଦ୍ରରେ ମହିଳାମାନଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ଔଦ୍ୟୋଗିକ କାର୍ଯ୍ୟଗୁଡିକୁ ମଧ ସେ ବୁଲି ଦେଖିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ପ୍ରସ୍ତୁତ କରୁଥିବା ବିଭିନ୍ନ ସାମଗ୍ରୀର ବଜାର ସଂଯୋଗକୁ ଅଧିକ ଦୃଢ଼ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଏହା ବ୍ୟତୀତ ବାସୁଦେବପୁର କମ୍ୟୁନିଟି ସେଣ୍ଟରରେ ସ୍ୱସ୍ତି ଏକ୍ସପ୍ରେସ୍ କାର୍ଯ୍ୟକ୍ରମର ସ୍ୱାସ୍ଥ୍ୟ ଶିବିରରେ ଡାକ୍ତରୀ ଦଳ ସହ କଥାବାର୍ତ୍ତା କରିଥିଲେ। ଜେଏସ୍‌ପି ଫାଉଣ୍ଡେଶନର କିଶୋରୀ ଏକ୍ସପ୍ରେସ୍‌ରେ ହିମୋଗ୍ଲୋବିନ ପରୀକ୍ଷା କରୁଥିବା କିଶୋରୀମାନଙ୍କ ସହ ମଧ ସେ କଥାବାର୍ତ୍ତା କରିଥିଲେ।

## ଆପୋଲୋରେ ବିରଳ ସଫଳତା

ଭୁବନେଶ୍ୱର,୧୫।୯

ରାଜ୍ୟର ପ୍ରମୁଖ ଘରୋଇ ମେଡିକାଲ ଭୁବନେଶ୍ୱର ଆପୋଲୋ ହସ୍ପିଟାଲରେ ନିକଟରେ ଏକ ବିରଳ ଅସ୍ତ୍ରୋପ୍ରଚାର ସଫଳତାର ସହ ଶେଷ କରାଯାଇଛି। ବିଶେଷକରି ଅଙ୍ଗ ପ୍ରତିରୋପଣ କ୍ଷେତ୍ରରେ ଆପୋଲୋ ଆଉ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ଏପରିକି ରାଜ୍ୟରେ ପ୍ରଥମଥର ପାଇଁ ଜଣେ ମୃତ ବାଳକର ୨କିଡ୍‌ନୀ ୨ଜଣ ରୋଗୀଙ୍କ ଶରୀରରେ ସଫଳତା ପୂର୍ବକ ପ୍ରତିରୋପଣ କରାଯାଇଛି। ଫଳରେ ଆପୋଲୋରେ ଚିକିତ୍ସିତ ହେଉଥିବା ୨୯ବର୍ଷୀୟ ପ୍ରୀତମ୍ ପ୍ରସାଦ ସ୍ୱାଇଁ ଏବଂ ୫୫ ବର୍ଷୀୟା ଉର୍ମିଳା ପଣ୍ଡାଙ୍କୁ ନୂଆ ଜୀବନ ମିଳିଛି ବୋଲି ଉଭୟ ରୋଗୀ ଓ ମେଡିକାଲ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଭୁବନେଶ୍ୱର ଆପୋଲୋ ହସ୍ପିଟାଲର ସିଓଓ ତଥା ଡିଏମ୍‌ଏସ୍ ଡା. ଆଲୋକ ଶ୍ରୀବାସ୍ତବ କହିଛନ୍ତି, ଏହି ବିରଳ ସଫଳ ଅସ୍ତ୍ରୋପଚାର ପାଇଁ ସେ ଡା. ଅଧିକାରୀ ଏବଂ ଡା. ମହାନ୍ତିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବିଶେଷକରି ଶେଷ ମୁହୂର୍ତ୍ତରେ ଖବର ପାଇଥିଲେ ମଧ ଆମର ପରାମର୍ଶଦାତା ଓ ବିଶେଷଜ୍ଞ ଡାକ୍ତରମାନେ ପରିସ୍ଥିତିକୁ ପରିଚାଳନା କରିଥିଲେ ଏବଂ ସଫଳତାର ସହ କିଡ୍‌ନୀ ପ୍ରତିରୋପଣ କରିଥିଲେ ବୋଲି ଶ୍ରୀବାସ୍ତବ କହିଛନ୍ତି। ଏପରିକି ଆପୋଲୋ ହସ୍ପିଟାଲ ସହ ଯୋଗାଯୋଗ କରିଥିବାରୁ ଶ୍ରୀବାସ୍ତବ ସୋଟୋକୁ ମଧ ଧନ୍ୟବାଦ ଜଣାଇଛନ୍ତି।

**ଫୁରସତ**


ରଣବୀର ସିଂ

## ନ୍ୟୁଡ୍ ଫଟୋର ଫୋରେନ୍ସିକ ଯାଞ୍ଚ ହେବ

**ମୁମ୍ବାଇ:** ନ୍ୟୁଡ୍ ଫଟୋ ଶୁଟ୍ ବିବାଦ ବଲିଉଡ୍ ଅଭିନେତା ରଣବୀର ସିଂଙ୍କ ପିଛା ଛାଡୁନି। ରଣବୀରଙ୍କ ଫଟୋ ଭାଇରାଲ ହେବା ପରେ ପ୍ରଶଂସକ ଓ ଅନ୍ୟମାନେ ଏହାକୁ ବିରୋଧ କରିବା ଫଳରେ ତାଙ୍କ ନାଁରେ ମାମଲା ହୋଇଛି। ପୋଲିସ ରଣବୀରଙ୍କୁ ଏ ବାବଦରେ ପଚରାଉଚରା ମଧ କରିଛି। ଏବେ ଏହି ପ୍ରସଙ୍ଗରେ ରଣବୀର ଚକିତ କଲାପରି ବୟାନ ଦେଇଛନ୍ତି। ସେ ଶୁଟ୍ କରିଥିବା ଫଟୋ ମଧ୍ୟରୁ ଗୋଟିଏକୁ କେହି ବିକୃତ କରି ସୋସିଆଲ ମିଡିଆରେ ଛାଡ଼ିଥିବା ସେ ମୁମ୍ବାଇ ପୋଲିସକୁ କହିଛନ୍ତି। ସେଥିରେ ସେ ଅଣ୍ଡରୱିୟର ପିନ୍ଧିଥିବାବେଳେ କେହି ତାହାକୁ ଏଡିଟ୍ କରି ଅନ୍ୟ କାହାର ପ୍ରାଇଭେଟ୍ ପାର୍ଟ ଦେଖାଇଥିବା ରଣବୀର ଦାବି କରିଛନ୍ତି। ପୋଲିସ ଗତ ଅଗଷ୍ଟ ୨୯ରେ ରଣବୀରଙ୍କୁ ପଚରାଉଚରା କରିବାବେଳେ ସେ ଏହି ବୟାନ ଦେଇଥିବା ଜଣପଡ଼ିଛି। ରଣବୀରଙ୍କ ବୟାନ ରେକର୍ଡ କରିବା ପରେ ଏବେ ପୋଲିସ ଏହାର ଯାଞ୍ଚ ଆରମ୍ଭ କରିଛି। ଫଟୋଗୁଡ଼ିକର ବାସ୍ତବତା ଜାଣିବା ପାଇଁ ତାହାକୁ ଫୋରେନ୍ସିକ୍ ଲାବୋରେଟୋରିକୁ ପଠାଯାଇଛି। ଅଧିକ ତଦନ୍ତ ପାଇଁ ତାଙ୍କୁ ପୁଣି ଡକାଯାଇପାରେ ବୋଲି ପୋଲିସ କହିଛି। ଉଲ୍ଲେଖଯୋଗ୍ୟ, ଲୋକପ୍ରିୟ ଫେସନ୍ ପତ୍ରିକା 'ପେପର୍' ମାଗାଜିନ୍ ପାଇଁ ରଣବୀର କିଛି ନଗ୍ନ ଫଟୋଶୁଟ୍ କରିଥିଲେ। ଜୁଲାଇ ୨୧ ତାରିଖରୁ ସୋସିଆଲ ମିଡିଆରେ ଏହି ଫଟୋ ଭାଇରାଲ ହେବାରେ ଲାଗିଥିଲା। ଏହି ଘଟଣାକୁ ତୀବ୍ର ବିରୋଧ ପରେ ଉକ୍ତ ମାମଲାରେ ରଣବୀର ଅଗଷ୍ଟରେ ମୁମ୍ବାଇର ଚେମ୍ବୁର ପୋଲିସ ଥାନାରେ ହାଜର ହୋଇଥିଲେ। ସେଠାରେ ପୋଲିସ ତାଙ୍କୁ ୨ ଘଣ୍ଟା ଜେରା କରି ବୟାନ ରେକର୍ଡ କରିଥିଲା।

## ୨୪ ହଜାର କୋଟିର କମ୍ପାନୀ ଦାନକଲେ ପରିବେଶପ୍ରେମୀ

ୱାଶିଂଟନ୍

ଜଳବାୟୁ ପରିବର୍ତ୍ତନ, ବିଶ୍ୱତାପନ, ପ୍ରାକୃତିକ ବିପର୍ଯ୍ୟୟ, ଯୁଦ୍ଧ ଆଦି ବିଭିନ୍ନ କାରଣରୁ ପୃଥିବୀ ବିନାଶ ମୁହାଁ ହେବାରେ ଲାଗିଛି। ଏଥିରେ ବ୍ୟଥିତ ହୋଇ ଜଣେ ଅରବପତି ତାଙ୍କ ୩ ବିଲିୟନ ଡଲାର (ପ୍ରାୟ ୨୪ ହଜାର କୋଟି ଟଙ୍କା)ମୂଲ୍ୟର କମ୍ପାନୀକୁ ଏକ ଅଣଲାଭକାରୀ ସଂସ୍ଥା (ଏନ୍‌ଜିଓ)କୁ ଦାନ କରିଛନ୍ତି। ସେ ହେଲେ ଆମେରିକୀୟ ବ୍ୟବସାୟୀ ୟୋଭନ୍ ଚୌଇନାର୍ଡ। ୮୩ ବର୍ଷୀୟ ପରିବେଶବିତ୍ ତଥା ଫିଲାନ୍ଥ୍ରୋପିଷ୍ଟ ତାଙ୍କ ଆଉଟ୍‌ଡୋର୍ କ୍ଲୋଥିଙ୍ଗ କମ୍ପାନୀ ପାଟାଗୋନିଆକୁ ଚାରିଟିକୁ ଦାନ କରିଥିବା ଏହାର ୱେବ୍‌ସାଇଟ୍‌ରେ ପୋଷ୍ଟ କରି ଘୋଷଣା କରିଛନ୍ତି।

ରିପୋର୍ଟ ଅନୁସାରେ, ଚୌଇନାର୍ଡ ୧୯୭୩ରେ ପାଟାଗୋନିଆ ପ୍ରତିଷ୍ଠା କରିଥିଲେ। ଏହାର ମୁଖ୍ୟାଳୟ କାଲିଫର୍ନିଆରେ ରହିଛି। ୧୦ ଦେଶରେ କମ୍ପାନୀର ଶତାଧିକ ଷ୍ଟୋର ରହିଛି। ୧୬ ଦେଶରେ ଏହାର ନିଜର ଫ୍ୟାକ୍ଟ୍ରି ଅଛି। ଚୌଇନାର୍ଡ ଜଣେ ପରିବେଶ ପ୍ରେମୀ ଭାବେ ଜଣା। ପରିବେଶ ସୁରକ୍ଷା ଦିଗରେ ତାଙ୍କର ଅନେକ କାର୍ଯ୍ୟ ପାଇଁ ସେ ଲୋକପ୍ରିୟତା ହାସଲ କରିଛନ୍ତି। ପାଟାଗୋନିଆର ୱେବ୍‌ସାଇଟ୍‌ରେ ସେ କମ୍ପାନୀ ଦାନ କରିବା ନେଇ ଲେଖିଛନ୍ତି, ପୃଥିବୀ ହିଁ ଆମର ଏକମାତ୍ର ଶେୟାରହୋଲ୍ଡର। ବିଶ୍ୱତାପନ, ଜୈବ ବିବିଧତା ନଷ୍ଟ ହେଉଥିବା ଆମେ ପାଖରୁ ଦେଖୁଛେ। ଏସବୁକୁ ରୋକିବା ପାଇଁ ଆମ ଅବଦାନ ଜରୁରୀ। ପାଟାଗୋନିଆ ଏହାର ଦାୟିତ୍ୱ ତୁଲାଇବ ବୋଲି ସେ କହିଛନ୍ତି। ଦାନ ପରେ କମ୍ପାନୀ ଏହାର ପୋଷାକ ତିଆରି ଜାରି ରଖିବ। ଏଥିରୁ ବାହାରିବାକୁ ଥିବା ସମସ୍ତ ଲାଭ ପରିବେଶ ସୁରକ୍ଷା ଦିଗରେ ଲାଗିବ।


ୟୋଭନ୍ ଚୌଇନାର୍ଡ

## ପୃଥିବୀର ସୁରକ୍ଷା ଚାଦର

**ବିଶ୍ୱ ଓଜୋନ ଦିବସ**

ସୂର୍ଯ୍ୟଙ୍କର କ୍ଷତିକାରକ ଅତିବାଇଗଣୀ ରଶ୍ମି (ଅଲ୍ଟ୍ରାଭାଓଲେଟ- ରେ)ରୁ ପୃଥିବୀକୁ ସୁରକ୍ଷିତ ରଖିବା ପାଇଁ ଓଜୋନସ୍ତର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହା ପୃଥିବୀ ଚାରିପଟେ ସୁରକ୍ଷା ଚାଦର ପରି ଘେରିରହିଛି। କ୍ଲୋରୋଫ୍ଲୋର କାର୍ବନର ମାତ୍ରା ବାୟୁମଣ୍ଡଳରେ ବଢ଼ିବା ଦ୍ୱାରା ଓଜୋନସ୍ତରର ସାନ୍ଦ୍ରତା କମିବାରେ ଲାଗିଥାଏ। କ୍ଲୋରୋଫ୍ଲୋର କାର୍ବନ ଓଜୋନ ପ୍ରତିକ୍ରିୟା କରି ଅକ୍ସିଜେନ୍ ଏବଂ କ୍ଲୋରୋଫ୍ଲୋର କାର୍ବନ ଅକ୍ସାଇଡ ସୃଷ୍ଟି ହୋଇଥାଏ। ଫଳରେ ଓଜୋନ ଅଣୁ ଭାଙ୍ଗି ଯାଇଥାଏ। ଓଜୋନ ଅଣୁ ଗଠନ ବଜ୍ରପାତ ସମୟରେ ପ୍ରାକୃତିକ ପ୍ରକ୍ରିୟାରେ ହୋଇଥାଏ। ଓଜୋନସ୍ତରର ସାନ୍ଦ୍ରତା କମିବା ନେଇ ବିଶ୍ୱସ୍ତରରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ୧୬ରେ ବିଶ୍ୱ ଓଜୋନ ଦିବସ ପାଳନ କରାଯାଇଥାଏ। ମିଳିତ ଜାତିସଂଘ ସାଧାରଣ ସଭା ଦ୍ୱାରା ଓଜୋନ ସ୍ତରର ସଂରକ୍ଷଣ ପାଇଁ ଏହି ଅନ୍ତର୍ଜାତୀୟ ଦିବସ ପାଳନ କରାଯାଇଥାଏ। ୧୯ ଡିସେମ୍ବର ୨୦୦୦ରେ ଏହି ନାମକରଣ କରାଯାଇଥିଲା। ୧୯୮୭ ମସିହାରେ ବିଭିନ୍ନ ରାଷ୍ଟ୍ର ଓଜୋନ ସ୍ତରକୁ ବିଲୋପ କରୁଥିବା ପଦାର୍ଥ ଉପରେ ରୋକ୍ ଲଗାଇବା ପାଇଁ ୧୬ ସେପ୍ଟେମ୍ବରରେ ମଣ୍ଟ୍ରିଲ ପ୍ରୋଟୋକଲ ସ୍ୱାକ୍ଷର କରିଥିଲେ। ୧୯୯୪ରେ ମିଳିତ ଜାତିସଂଘ ସାଧାରଣ ସଭା ୧୬ ସେପ୍ଟେମ୍ବରକୁ ଓଜୋନ ସ୍ତରର ସଂରକ୍ଷଣ ପାଇଁ ଅନ୍ତର୍ଜାତୀୟ ଦିବସ ଘୋଷଣା କରିଥିଲା। ଏହି ଦିବସ ଓଜୋନ ସ୍ତରକୁ ବିଲୋପ କରୁଥିବା ପଦାର୍ଥ ଉପରେ ମଣ୍ଟ୍ରିଲ ପ୍ରୋଟୋକଲ ସ୍ୱାକ୍ଷର ହେବାର ଦିନକୁ ସ୍ମରଣ କରିବା ଲାଗି ପାଳନ କରାଯାଇଛି।



୨୨ ମାର୍ଚ୍ଚ ୧୯୮୫ରେ ଓଜୋନ ସ୍ତରର ସୁରକ୍ଷା ପାଇଁ ଭିଏନା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ୨୮ଟି ଦେଶ ସ୍ୱାକ୍ଷର କରିଥିଲେ। ୧ ଜାନୁୟାରୀ, ୧୯୮୯ରେ ମଣ୍ଟ୍ରିଲ ପ୍ରୋଟୋକଲ କାର୍ଯ୍ୟକାରୀ କରାଯାଇଥିଲା।

## ୭୦୦ କୋଟିର 'ମହାଭାରତ'

**ମୁମ୍ବାଇ:** ମହାଭାରତ ସିରିୟଲ ପରେ ଏବେ ଏହା ଉପରେ ଚଳଚ୍ଚିତ୍ର ନିର୍ମାଣ ପାଇଁ ଯୋଜନା ଚାଲିଛି। ଏକ ରିପୋର୍ଟ ଅନୁଯାୟୀ, ଫିରୋଜ ନାଦିୟାଡ୍‌ୱାଲା ଏହି ଫିଲ୍ମରେ ନିର୍ଦ୍ଦେଶନା ଦେଉଛନ୍ତି। ଏହା ପୂର୍ବରୁ ସେ 'ହେରାଫେରି', 'ୱେଲକମ୍' ଭଳି କମେଡି ସିନେମା ଦର୍ଶକଙ୍କୁ ଭେଟି ଦେଇଛନ୍ତି। ମହାଭାରତର ୨.୦ ସଂସ୍କରଣ ପାଇଁ ନୂଆ ଟେକ୍‌ନିକ୍ ସହ ଫିଲ୍ମ ନିର୍ମାଣ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ଚଳଚ୍ଚିତ୍ରର ବଜେଟ୍ ୭୦୦ କୋଟି ବା ତା'ଠାରୁ ଅଧିକ ଟଙ୍କା ହେବ ବୋଲି ନିର୍ଦ୍ଦେଶକ ଅନୁମାନ କରିଛନ୍ତି। ଏପରି ହେଲେ ଭାରତୀୟ ସିନେମା ଶିଳ୍ପରେ ଏହା ସବୁଠୁ ଅଧିକ ବଜେଟ୍‌ର ଫିଲ୍ମ ହେବ। ସୂଚନାଯୋଗ୍ୟ ଯେ, ୧୯୬୫ରେ ନିର୍ମାତା ଏ.ଜି. ନାଦିୟାଡ୍‌ୱାଲା 'ମହାଭାରତ' ସିନେମା ନିର୍ମାଣ କରିଥିଲେ। ଏହା ବକ୍ସ ଅଫିସ୍‌ରେ ବଡ ସଫଳତା ହାସଲ କରିଥିଲା। ବର୍ତ୍ତମାନ ୪-୫ ବର୍ଷ ହେବ ସ୍କ୍ରିପ୍ଟ ଉପରେ କାମ ଚାଲିଥିବା କୁହାଯାଉଛି। ମୁଭିର ମୁଖ୍ୟ ଫଟୋଗ୍ରାଫି ୨୦୨୫ରେ ଆରମ୍ଭ ହେବ। ଏହାକୁ ପ୍ରଥମେ ହିନ୍ଦୀ ଭାଷାରେ ରିଲିଜ୍ କରାଯିବ। ପରେ ଅନ୍ୟ ଭାଷାରେ ମୁକ୍ତିଲାଭ କରାଯିବାର ଯୋଜନା ରହିଛି। ୩ ଘଣ୍ଟାର ଫିଲ୍ମରେ ମହାଭାରତର ସମସ୍ତ କାହାଣୀ ରହିବ। ଏହି ମୁଭିର ପ୍ରଡକ୍ସନ ହାଉସ ଅକ୍ଷୟ କୁମାର, ଅଜୟ ଦେବଗନ, ରଣବୀର ସିଂ, ନାନା ପାଟେକର, ପରେଶ ରାୱଲ ଓ ଅନିଲ କପୁରଙ୍କୁ ନେବାକୁ ଚିନ୍ତା କରୁଛି। ଏଥିସହ ଲୋକପ୍ରିୟ ଦକ୍ଷିଣ ଅଭିନେତ୍ରୀ ଅଭିନେତାଙ୍କୁ ସୁଯୋଗ ମିଳିପାରେ ବୋଲି ଆଲୋଚନା ହେଉଛି।



# ‘ମହିଳା ହକିର ଅଗ୍ରଗତିରେ ମୁଁ ଉଲ୍ଲସିତ’

ଭୁବନେଶ୍ୱର, ୧୫।୯ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର ଅନ୍ୟତମ ତାରକା ମହିଳା ହକି ଖେଳାଳି ନମିତା ଟପ୍ପୋ ଗୁରୁବାର ଅବସର ଘୋଷଣା କରିଛନ୍ତି। ଭାରତୀୟ ଦଳର ଜଣେ ଦକ୍ଷ ମିଡ୍‌ଫିଲ୍ଡରଭାବେ ପରିଚିତ ସୁନ୍ଦରଗଡ଼ର ନମିତା ଆଗାମୀ ଦିନରେ ହକି ସହିତ ଜଡ଼ିତ ହୋଇ ରହିବେ ବୋଲି ପ୍ରକାଶ କରିଛନ୍ତି।

‘‘ଗତ ୧୦ ବର୍ଷ ମୋ ଜୀବନର ଶ୍ରେଷ୍ଠ ସମୟ ଥିଲା। ଉଚ୍ଚସ୍ତରରେ ଦେଶ ପକ୍ଷରୁ ଖେଳିବା ପାଇଁ ମୋର ସ୍ୱପ୍ନ ଥିଲା। ତାହା ସାକାର ହୋଇଥିବାରୁ ମୁଁ ବହୁତ ଖୁସି। ଏହି ସମୟ ମଧ୍ୟରେ ବ୍ୟକ୍ତିଗତ ପ୍ରଦର୍ଶନ ଦ୍ୱାରା ମୁଁ ପ୍ରଭାବ ପକାଇ ପାରିଥିଲି ବୋଲି ଅନୁଭବ କରୁଛି। ଗତ ଏକ ଦଶନ୍ଧି ମଧ୍ୟରେ ଭାରତୀୟ ମହିଳା ହକି ଦଳ ଯେପରି ଅଗ୍ରଗତି କରିଛି ସେଥିରେ ମୁଁ ଅତ୍ୟନ୍ତ ଉଲ୍ଲସିତ। ମୁଁ ଜୀବନର ନୂଆ ଅଧ୍ୟାୟ ଆରମ୍ଭ କଲେ ମଧ୍ୟ ଭାରତୀୟ ଦଳକୁ ସମର୍ଥନ ଜାରି ରଖିବି ଏବଂ ଉତ୍ସାହିତ କରିବି। ସାଥି ଖେଳାଳି ଓ ଓଡ଼ିଶା ସରକାରଙ୍କ ସମର୍ଥନ ବିନା ମୁଁ କେବେହେଲେ ସଫଳତା ପାଇପାରି ନ ଥାନ୍ତି। ରାଜ୍ୟ ସରକାର ଆମର ପ୍ରତି ସଫଳତାକୁ ସ୍ୱୀକୃତି ଦେଇଛନ୍ତି। ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ରାଜ୍ୟ କ୍ରୀଡ଼ା ବିଭାଗକୁ ଧନ୍ୟବାଦ ଜଣାଇବାକୁ ଚାହିଁବି। ଏହା ବ୍ୟତୀତ ମହିଳା ହକିକୁ ଅଯାଚିତ ସମର୍ଥନ ଦେଇ ଆସିଥିବାରୁ ହକି ଇଣ୍ଡିଆ, ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ, କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଏବଂ ସମସ୍ତ କୋଚ୍‌ଙ୍କୁ ଧନ୍ୟବାଦ ଜଣାଉଛି’’ ବୋଲି ନମିତା କହିଛନ୍ତି।



ନମିତା ଟପ୍ପୋ

ପାଇଁ ରୋଲ ମଡେଲ ସାଜି ପାରିଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ସବୁ ଖେଳାଳି ଦେଶ ପକ୍ଷରୁ ୧୬୮ ମ୍ୟାଚ ଖେଳିବା ସୁଯୋଗ ପାଇ ନ ଥାନ୍ତି। ମାତ୍ର ନମିତା ତାହା କରି ଦେଖାଇଛନ୍ତି। ଶ୍ରେଷ୍ଠ ଖେଳାଳି ବ୍ୟତୀତ

### ସଂକ୍ଷେପରେ ନମିତା...

**ନାମ:** ନମିତା ଟପ୍ପୋ
**ଜନ୍ମ:** ୪ ଜୁନ, ୧୯୯୫, ଜଉରୁମଲ, ସୁନ୍ଦରଗଡ଼
**ପ୍ଲେଇଂ ପୋଜିଶନ:** ମିଡ୍ ଫିଲ୍ଡର
**କ୍ୟାରିୟର:** ୨୦୦୭ରେ ଜାତୀୟ ଓ ୨୦୧୨ରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ
**ଭାରତ ପକ୍ଷରୁ:** ୧୬୮ ମ୍ୟାଚ
ଅବସର: ୧୫ ସେପ୍ଟେମ୍ବର, ୨୦୨୨

**ସଫଳତା**
**ଏସିଆନ ଗେମ୍ସ:** ୨୦୧୮ ଜାକର୍ତ୍ତାରେ ରୌପ୍ୟ ଓ ୨୦୧୪ ଇଞ୍ଚିଅନରେ ବ୍ରୋଞ୍ଜ
**ଏସିଆ କପ୍:** ୨୦୧୭ ଗିଫୁରେ ସ୍ୱର୍ଣ୍ଣ, ୨୦୧୩ କୁଆଲାଲମ୍ପୁରରେ ବ୍ରୋଞ୍ଜ
**ଏସିଆନ ଚାମ୍ପିୟନ୍ସ ଟ୍ରଫି:** ୨୦୧୬ ସିଙ୍ଗାପୁରରେ ସ୍ୱର୍ଣ୍ଣ, ୨୦୧୩ କାକାମିଗାହରାରେ ରୌପ୍ୟ, ୨୦୧୮ ଡୋଙ୍ଗାଏରେ ରୌପ୍ୟ ପଦକ।
**ଜୁନିୟର ହକି ବିଶ୍ୱକପ:** ୨୦୧୩ ମନଚେନ୍‌ଗ୍ଲାଡ୍‌ବ୍ୟାକ୍‌ରେ ବ୍ରୋଞ୍ଜ ପଦକ।

## ଦରଦୀ ମଣିଷ

ଭାରତୀୟ ମହିଳା ହକି କୋଚ୍ ଜାନେକ ସ୍କୁପମାନ ମଧ୍ୟ ନମିତାଙ୍କ ଅବଦାନକୁ ମନେ ପକାଇଛନ୍ତି। ‘‘ଭାରତୀୟ ହକିକୁ ନମିତାଙ୍କ ଅବଦାନ ଅନେକ। ପଡ଼ିଆରେ ଶ୍ରେଷ୍ଠ ପ୍ରଦର୍ଶନ ସହ ସେ ଯୁବବର୍ଗଙ୍କ ନମିତା ଜଣେ ଦରଦୀ ମଣିଷ ବୋଲି ମୁଁ ଜାଣେ। ସେ ଜଣେ ବିଚାରବନ୍ତ ଏବଂ ସର୍ବଦା ଦଳକୁ ପ୍ରାଥମିକତା ଦେଇଥାନ୍ତି’’ ବୋଲି ସ୍କୁପମାନ କହିଛନ୍ତି। ହକି ଇଣ୍ଡିଆ ମଧ୍ୟ ନମିତାଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇଛି। ଭବିଷ୍ୟତ କାର୍ଯ୍ୟପନ୍ଥା ପାଇଁ ହକି ଇଣ୍ଡିଆ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# କ୍ୱାର୍ଟର ଫାଇନାଲରେ ଦିଲେଶ୍ୱର

ଭୁବନେଶ୍ୱର, ୧୫।୯ (କ୍ରୀଡ଼ା ପ୍ରତିନିଧି)

ଉଗାଣ୍ଡାର କାମ୍ପାଲାଠାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ଜି. ଦିଲେଶ୍ୱର ରାଓ। ଗୁରୁବାର ଅନୁଷ୍ଠିତ ମ୍ୟାଚରେ ସେ

**ଉଗାଣ୍ଡା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ**

ଉଗାଣ୍ଡାର ଡେଭିଡ ମୁକିସାଙ୍କୁ ୨୧-୬, ୨୧-୪ରେ ପରାସ୍ତ କରିଛନ୍ତି। ଦିଲେଶ୍ୱର ଡବଲ୍ସରେ ମଧ୍ୟ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ନବୀନ ଶିବକୁମାରଓ ଦିଲେଶ୍ୱର ଯୋଡ଼ି ଉଗାଣ୍ଡାର ଚାର୍ଲ୍ସ କାଲେଗା କାଜା ଓ ଜୁଲିଅସ ନାସେରେକାଙ୍କୁ ୨୧-୮, ୨୧-୪ରେ ହରାଇ ଦେଇଛନ୍ତି। ଅନ୍ୟତମ ଓଡ଼ିଆ ଖେଳାଳି ନୁରୁଲ ହୋସେନ ଖାଁ କିନ୍ତୁ ସିଙ୍ଗଲ୍ସର ଦ୍ୱିତୀୟ ଗ୍ରୁପ୍ ମ୍ୟାଚରେ ଜାପାନର ମାତ୍ସୁମୋତୋ ତାକୁମିଙ୍କଠାରୁ ୯-୨୧, ୪-୨୧ରେ ହାରି ଯାଇଛନ୍ତି। ତେବେ ସେ ପ୍ରଥମ ମ୍ୟାଚ ଜିତିଥିବାରୁ ନକ୍‌ଆଉଟରେ ପ୍ରବେଶ କରିଛନ୍ତି।




ଜି. ଦିଲେଶ୍ୱର ରାଓ

# ପୂର୍ବତନ ଅମ୍ପାୟର ଅସାଦ୍ ରୌଫ୍‌ଙ୍କ ପରଲୋକ

ନୂଆଦିଲ୍ଲୀ, ୧୫।୯ (ପି.ଟି.)

ପାକିସ୍ତାନର ପୂର୍ବତନ ଅମ୍ପାୟର ଅସାଦ ରୌଫ୍‌ଙ୍କର ଲାହୋର୍‌ରେ ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୬୬ ବର୍ଷ ବୟସ ହୋଇଥିଲା। ସେ ୨୦୦୦ରେ ପ୍ରଥମେ ଜଣେ ଅନ୍ତର୍ଜାତୀୟ ଅମ୍ପାୟର ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ସେ ୬୪ଟି ଟେଷ୍ଟ (୪୯ ଅନ୍ ଫିଲ୍ଡ ଅମ୍ପାୟର ଭାବେ ଓ ୧୫ ଟିଭି ଅମ୍ପାୟର ଭାବେ), ୧୩୯ ଅନ୍ତର୍ଜାତୀୟ ଦିନିକିଆ ଓ ୨୮ ଅନ୍ତର୍ଜାତୀୟ ଟି୨୦ରେ ମ୍ୟାଚ ପରିଚାଳନା କରିଥିଲେ। ରୌଫ ଜଣେ ପ୍ରଥମ ଶ୍ରେଣୀ ବ୍ୟାଟର ଥିଲେ। ପାକିସ୍ତାନ ଦଳ ସହିତ ଟୁର୍‌ରେ ସାମିଲ ହୋଇଥିଲେ ମଧ୍ୟ ଗୋଟିଏ ହେଲେ ଟେଷ୍ଟ କିମ୍ବା ଦିନିକିଆ ଖେଳିବାର ସୌଭାଗ୍ୟ ଲାଭ କରିପାରି ନାହାନ୍ତି। ଅମ୍ପାୟର ହେବା ପୂର୍ବରୁ ସେ ୧୧ଟି ମହିଳା ଟି୨୦ ଗେମ୍ ପରିଚାଳନା କରିଥିଲେ। ଅମ୍ପାୟରିଂ କ୍ୟାରିୟର ଆରମ୍ଭ କରିବା ପୂର୍ବରୁ ରୌଫ୍ ନ୍ୟାଶନାଲ ବ୍ୟାଙ୍କ୍ ଓ ରେଲୱେ ପାଇଁ ୭୧ ପ୍ରଥମଶ୍ରେଣୀ ମ୍ୟାଚ ଖେଳିଥିଲେ। ୨୦୦୬ରେ ସେ ଆଇସିସି ଏଲିଟ୍ ପ୍ୟାନେଲରେ ନିଯୁକ୍ତି ପାଇଥିଲେ। ରୌଫ୍‌ଙ୍କୁ ଏକଦା ପାକିସ୍ତାନର ଅଲିମ ଦର୍ଙ୍କ ସହ ଅନ୍ୟତମ ଶ୍ରେଷ୍ଠ ଅମ୍ପାୟର ଭାବେ ବିବେଚନା କରାଯାଉଥିଲା। ୨୦୧୬ରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଦୁର୍ନୀତି ଓ ଅସଦାଚରଣ ଅଭିଯୋଗରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦ୍ୱାରା ସେ ବାସନ୍ଦ ହୋଇଥିଲେ। ୨୦୧୩ ଆଇପିଏଲ୍ ସ୍ପଟ ଫିକ୍ସିଂ ସ୍କାଣ୍ଡାଲରେ ମୁମ୍ବାଇ ପୋଲିସ ରୌଫ୍‌ଙ୍କୁ ଅନ୍ୟତମ ଅଭିଯୁକ୍ତ ଭାବେ ବିବେଚନା କରିବାରୁ ସେ ସସ୍‌ପେଣ୍ଡ ହୋଇଥିଲେ। ମ୍ୟାଚ ଫିକ୍ସ କରିବା ଲାଗି ସେ ଉପହାର ଓ ଲାଞ୍ଚ ନେଇଥିବା ଅଭିଯୋଗ ହୋଇଥିଲା।



ଅସାଦ ରୌଫ୍

## ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ୨୩ରୁ

**ଭୁବନେଶ୍ୱର, ୧୫।୯ (ସ୍ପୋର୍ଟ୍ସ ବ୍ୟୁରୋ):** ଚଳିତ ମାସ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ୨୯ତମ ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ହେବ। ଏଥିରେ ସବ୍ ଜୁନିୟର, ଜୁନିୟର, ସିନିୟର ଓ ମାଷ୍ଟର୍ସ ବିଭାଗରେ ପ୍ରତିଯୋଗିତା ହେବ। ଏଥିରେ ରାଜ୍ୟରୁ ୧୮ଟି ଜିଲାରୁ ପ୍ରାୟ ୫୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଅନ୍ତର୍ଜାତୀୟ ଶକ୍ତି ଉତ୍ତୋଳନ ମହାସଂଘ (ଆଇପିଏଫ୍) ଦ୍ୱାରା ସ୍ୱୀକୃତିପ୍ରାପ୍ତ ପାୱାର ଲିଫ୍ଟିଂ ଅଫ୍ ଇଣ୍ଡିଆ (ପିଆଇ) ଅଧୀନରେ ଓଡ଼ିଶା ଶକ୍ତିଉତ୍ତୋଳନ ଆସୋସିଏଶନ ପ୍ରତିଯୋଗିତାର ଆୟୋଜନ କରିବାକୁ ଯାଉଛି। ଏଥିରୁ ଆଗାମୀ ଦିନରେ ହେବାକୁଥିବା ବିଭିନ୍ନ ଜାତୀୟ ପ୍ରତିଯୋଗିତା ପାଇଁ ଖେଳାଳି ମନୋନୟନ କରାଯିବ। ଏଥିରେ ଅଂଶଗ୍ରହଣ କରିବା ଲାଗି ଆଗ୍ରହୀ ଶକ୍ତି ଉତ୍ତୋଳକମାନେ ସେମାନଙ୍କ ଜିଲା ସଂଘ ଜରିଆରେ ନାମ ଦାଖଲ କରିପାରିବେ।

# ପ୍ରଥମ ଦିନରେ ଗାଏକ୍ୱାଡ୍‌ଙ୍କ ଶତକ

ବେଙ୍ଗାଲୁରୁ, ୧୫।୯ (ପି.ଟି.)

ଭାରତ ଏ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଉଥିବା ୪ ଦିନିଆ ମ୍ୟାଚର ପ୍ରଥମ ଦିନରେ ଭାରତ ୨୯୩ ରନରେ ଅଲଆଉଟ ହୋଇଛି। ଟସ୍ ଜିତି ଭାରତୀୟ ଅଧିନାୟକ ପ୍ରିୟଙ୍କ ପଞ୍ଚାଲ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଓପନର ଅଭିମନ୍ୟୁ ଈଶ୍ୱରନ(୩୮) ଦଳୀୟ ସ୍କୋର ୬୬ରେ ଆଉଟ ହୋଇଥିଲେ। ୧୧୧ ରନରେ ୪ ଉଇକେଟ ଯିବା ପରେ ଋତୁରାଜ ଗାଏକ୍ୱାଡ ଓ ଉପେନ୍ଦ୍ର ଯାଦବ ୧୩୪ ରନର ଭାଗୀଦାରି କରିଥିଲେ। ୧୨୭ ବଲ ଖେଳିଥିବା ଗାଏକ୍ୱାଡ ୧୨ ଚୌକା ଓ ୨ ଛକା ସହିତ ୧୦୮ ରନ କରିଥିଲେ। ୭୬ ରନର ଇନିଂସ ଖେଳିଥିବା ଉପେନ୍ଦ୍ର ଯାଦବ ୧୩୪ ବଲରୁ ୯ ଚୌକା ଓ ୨ ଛକା ମାରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ମାଥ୍ୟୁ ଫିଶର ସର୍ବାଧିକ ୪ଟି ଉଇକେଟ ନେଇଥିଲେ।



ଶତକୀୟ ଭାଗୀଦାରି ଅବସରରେ ଋତୁରାଜ ଗାଏକ୍ୱାଡ୍ ଓ ଉପେନ୍ଦ୍ର ଯାଦବ।

## ମୁମ୍ବାଇ ଫାଇନାଲ୍‌ରେ

**କୋଲକାତା, ୧୫।୯ (ପି.ଟି):** ଡୁରାଣ୍ଡ କପ୍ ଫାଇନାଲରେ ପ୍ରବେଶ କରିଛନ୍ତି ମୁମ୍ବାଇ ସିଟି ଏଫସି ଓ ବେଙ୍ଗାଲୁରୁ ଏଫ୍‌ସି। ଗୁରୁବାର ଦ୍ୱିତୀୟ ସେମି ଫାଇନାଲରେ ହାଇଦ୍ରାବାଦ ଏଫ୍‌ସିକୁ ପରାସ୍ତ କରି ଦ୍ୱିତୀୟ ଦଳ ଭାବରେ ଫାଇନାଲରେ ପ୍ରବେଶ କରିଛି ମୁମ୍ବାଇ। ବଲ ପଜେସନରୁ ଆରମ୍ଭ କରି ଆକ୍ରମଣରେ ହାଇଦ୍ରାବାଦ ଆଗୁଆ ରହିଥିଲେ ହେଁ ଆତ୍ମଘାତୀ ଗୋଲ କାରଣରୁ ଦଳ ପରାଜିତ ହୋଇଥିଲା। ମ୍ୟାଚର ୬୯ ତମ ମିନିଟରେ ବେଙ୍ଗାଲୁରୁ ପକ୍ଷରୁ ସ୍କୋରିଂ ସୁଯୋଗ ସୃଷ୍ଟି ହୋଇଥିଲା। ରୟ କ୍ରିଷ୍ଣାଙ୍କ ଶଟକୁ ହାଇଦ୍ରାବାଦ ମିଡଫିଲ୍ଡର ଓଡେଇ ଓ୍ୱାନଇଣ୍ଡିଆ ଜାବାଲା ଅଟକାଇବାକୁ ଚେଷ୍ଟା କରିଥିଲେ ହେଁ ଏହା ଗୋଲପୋଷ୍ଟରେ ପ୍ରବେଶ କରିବା ସହିତ ହାଇଦ୍ରାବାଦ ପରାସ୍ତ ହୋଇଥିଲା।

# ଟାଇଟଲ ବଜାୟ ରଖିଲା ଭାରତ

ନୂଆଦିଲ୍ଲୀ, ୧୫।୯ (ପି.ଟି.)

୧୭ ବର୍ଷରୁ କମ୍ ପୁରୁଷ ସାଫ୍ ଚାମ୍ପିୟନଶିପ୍‌ରେ ଟାଇଟଲ ବଜାୟ ରଖିଛି ଭାରତୀୟ ଦଳ। କଲମ୍ବୋରେ ଖେଳା ଯାଇଥିବା ଫାଇନାଲରେ ନେପାଳକୁ ୪-୦ରେ ପରାସ୍ତ କରି ଭାରତୀୟ ଦଳ ଚାମ୍ପିୟନ ହୋଇଛି। ଭାରତ ପକ୍ଷରୁ ବବି ସିଂ, କୋରୋଉ ସିଂ, ଅଧିନାୟକ ବନଲାଲପେକା ଗୁଇଟେ ଓ ଅମନ ପ୍ରତ୍ୟେକ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଗ୍ରୁପ ପର୍ଯ୍ୟାୟରେ ନେପାଳ ଭାରତକୁ ୩-୧ରେ ପରାସ୍ତ କରିଥିଲା। ଏହି ମ୍ୟାଚରେ ଭାରତ ଆକ୍ରମଣାତ୍ମକ ପ୍ରଦର୍ଶନ କରିବା ସହିତ ନେପାଳ ଠାରୁ ଲିଗ ମ୍ୟାଚ ପରାଜୟର ପ୍ରତିଶୋଧ ନେଇଥିଲା। ଭାରତର ଦୁଇ ଫରୱାର୍ଡ ଖେଳାଳି ରିକି ମେତେଇ ଓ ଗୁଇଟେଙ୍କ ମଧ୍ୟରେ ଚମତ୍କାର ତାଳମେଳ ଦେଖିବାକୁ ମିଳିଥିଲା। ମ୍ୟାଚର ୧୮ ତମ ମିନିଟରେ ଭାରତକୁ ମିଳିଥିଲା ପ୍ରଥମ ସଫଳତା। ଗୁଇଟେଙ୍କ ପାଶକୁ ଗୋଲରେ ପରିଣତ କରିଥିଲେ ବବି ସିଂ। ଏହାର ୧୨ ମିନିଟ ପରେ ଭାରତ ପକ୍ଷରୁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ କୋରୋଉ ସିଂ।

ମ୍ୟାଚର ୩୯ ତମ ମିନିଟରେ ନେପାଳ ଅଧିନାୟକ ପ୍ରଶାନ୍ତ ଲାକସମଙ୍କୁ ମିଳିଥିଲା ରେଡକାର୍ଡ। ଭାରତୀୟ ଡିଫେଣ୍ଡର ଡ୍ୟାନି ଲାଇଶରାମଙ୍କୁ କହୁଣୀ ମାରିବାକୁ ନେଇ ତାଙ୍କୁ ରେଡକାର୍ଡ ଜାରି କରାଯାଇଥିଲା। ୧୦ ଜଣିଆ ନେପାଳ ଦଳ ବିପକ୍ଷରେ ଭାରତୀୟମାନେ ଆହୁରି ପ୍ରଭାବୀ ପ୍ରଦର୍ଶନ କରିଥିଲେ। ୬୩ ତମ ମିନିଟରେ ଗୁଇଟେଙ୍କ ଗୋଲ ବଳରେ ଭାରତର ଅଗ୍ରଣୀ ୩-୦କୁ ବୃଦ୍ଧି ପାଇଥିଲା। ଦ୍ୱିତୀୟାର୍ଦ୍ଧରେ ନେପାଳର ବଦଳ ଖେଳାଳି ଧନ ସିଂ ଚମତ୍କାର ରକ୍ଷଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ।

CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance
45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Market Complex, B wing, Bangalore, Karnataka-400021
8901110759

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ୧୭ ବର୍ଷ ପରେ ପାକିସ୍ତାନରେ ଇଂଲଣ୍ଡ

**କରାଚୀ, ୧୫।୯:** ୧୭ ବର୍ଷ ପରେ ପାକିସ୍ତାନ ମାଟିରେ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାକୁ ପହଞ୍ଚିଛି ଇଂଲଣ୍ଡ କ୍ରିକେଟ ଦଳ। ଗୁରୁବାର ଜୋସ ବଟଲରଙ୍କ ନେତୃତ୍ୱାଧୀନ ଦଳ କରାଚୀ ବିମାନ ବନ୍ଦରରେ ଅବତରଣ କରିଛି। ସୁରକ୍ଷା କାରଣରୁ କୌଣସି ଦଳ ଆସିବାକୁ କୌଣସି ଦଳ ରାଜି ହେଉନଥିବା ବେଳେ ୨୦୦୫ରେ ଶେଷ ଥର ପାଇଁ ଇଂଲଣ୍ଡ ପାକିସ୍ତାନ ଗସ୍ତରେ ଆସିଥିଲା।

# ସେମିରେ ସେଲ୍, ରେଲୱେ, ସୁନ୍ଦରଗଡ଼, ଖୋର୍ଦ୍ଧା

ଭୁବନେଶ୍ୱର, ୧୫।୯ (କ୍ରୀଡ଼ା ପ୍ରତିନିଧି)

ହକି ଆସୋସିଏଶନ ଅଫ୍ ଓଡ଼ିଶା (ଏଚ୍‌ଏଓ) ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମ ଓ କିଟ୍ ହକି ଷ୍ଟାଡିୟମରେ ଚାଲିଥିବା ପ୍ରଥମ ସିନିୟର ପୁରୁଷ ହକି ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଗୁରୁବାର ଶେଷ ହୋଇଛି। ଏଥିରେ ବିଜୟୀ ହୋଇ ସେଲ୍, ଇଷ୍ଟକୋଷ୍ଟ ରେଲୱେ, ସୁନ୍ଦରଗଡ଼ ଓ ଖୋର୍ଦ୍ଧା ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମ କ୍ୱାର୍ଟର ଫାଇନାଲରେ ସେଲ୍ ୭-୩ ଗୋଲରେ ଓଡ଼ିଶା ପୋଲିସକୁ ପରାସ୍ତ କରିଥିଲା। ଦ୍ୱିତୀୟ କ୍ୱାର୍ଟରରେ ରେଲୱେ ଦଳ ୮-୧ ଗୋଲରେ ଦେବଗଡ଼କୁ ହରାଇଥିବାବେଳେ ତୃତୀୟ କ୍ୱାର୍ଟରରେ ସୁନ୍ଦରଗଡ଼ ୬-୦ ଗୋଲରେ ଜଗତ୍‌ସିଂହପୁରକୁ ପରାସ୍ତ କରିଛି। ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟର ଫାଇନାଲରେ ଖୋର୍ଦ୍ଧା ୩-୦ ଗୋଲରେ ଗଜପତିକୁ ହରାଇ ସେମିଫାଇନାଲ ଲାଇନ୍‌ଅପ୍ ଶେଷ କରିଛି। ବିଭିନ୍ନ ଜିଲା, ଏକାଡେମୀ ଓ ଅନୁଷ୍ଠାନରୁ ୫୦୦ରୁ ଊର୍ଦ୍ଧ୍ୱ ଖେଳାଳି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଶୁକ୍ରବାର ସେମିଫାଇନାଲ ମ୍ୟାଚ କିଟ୍ ବିଶ୍ୱବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହେବ। ‘‘ଟୁର୍ନାମେଣ୍ଟ ପ୍ରତି ଆଗ୍ରହ ଓ ହକିକୁ ଭଲପାଇବାକୁ ଦେଖି ମୁଁ ବହୁତ ଖୁସି। ପ୍ରଥମଥରପାଇଁ କୌଣସି ଏକ ରାଜ୍ୟ ଟୁର୍ନାମେଣ୍ଟରେ ଏତେ ସଂଖ୍ୟକ ଦଳ ଅଂଶଗ୍ରହଣ କରିଛନ୍ତି। ହକିର ଉନ୍ନତି ପାଇଁ ଏପରି ପ୍ରତିଯୋଗିତା ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଓଡ଼ିଶା ହକି ପ୍ରମୋଶନ କାଉନ୍‌ସିଲ ଅଧ୍ୟକ୍ଷ ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି। ଏହି ଅବସରରେ ଦିଲୀପ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ରୋହନ୍, ବିହାରୀଙ୍କ ଶତକ: କାର୍ତ୍ତିକେୟଙ୍କୁ ୫

ଚେନ୍ନାଇ, ୧୫।୯ (ପି.ଟି.)

ଦୁଲୀପ୍ ଟ୍ରଫି ସେମି ଫାଇନାଲ ଗୁରୁବାରଠାରୁ ଆରମ୍ଭ ହୋଇଥିବା ବେଳେ ପ୍ରଥମ ଦିନରେ ଶତକ ହାସଲ କରିଛନ୍ତି ରୋହନ କୁନ୍ନୁମଲ ଓ ହନୁମା ବିହାରି। ରଣଜୀ ଟ୍ରଫି ଫାଇନାଲରେ ୫ ଉଇକେଟ ସଫଳତା ହାସଲ କରିଥିବା କୁମାର କାର୍ତ୍ତିକେୟ ୫ ଉଇକେଟ ସଫଳତା ସହିତ ଷ୍ଟାଣ୍ଡଆଉଟ ଖେଳାଳି ରହିଛନ୍ତି। କୋଏମ୍ବାଟୁରରେ ପଶ୍ଚିମାଞ୍ଚଳ ଓ କେନ୍ଦ୍ରାଞ୍ଚଳ ସେମି ଫାଇନାଲ ଖେଳା ଯାଉଥିବା ବେଳେ ସାଲେମରେ ମୁହାଁମୁହିଁ ହୋଇଛନ୍ତି ଉତ୍ତରାଞ୍ଚଳ ଓ ଦକ୍ଷିଣାଞ୍ଚଳ।

ପଶ୍ଚିମାଞ୍ଚଳ ବନାମ କେନ୍ଦ୍ରାଞ୍ଚଳ: କୋଏମ୍ବାଟୁରର ଏସ୍‌ଏନ୍‌ଆର କଲେଜ ଗ୍ରାଉଣ୍ଡରେ ଖେଳା ଯାଇଛି ପଶ୍ଚିମାଞ୍ଚଳ ବନାମ କେନ୍ଦ୍ରାଞ୍ଚଳ ମ୍ୟାଚ୍। ଟସ୍ ଜିତି କେନ୍ଦ୍ରାଞ୍ଚଳ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ପ୍ରଥମ ମ୍ୟାଚର ଦୁଇ ଦ୍ୱିଶତକ ହାସଲକାରୀ ଯଶସ୍ୱୀ ଜୟସ୍ୱାଲ ଖାତାଖୋଲିବା ପୂର୍ବରୁ ଓ ରାହାନେ ମାତ୍ର ୮ ରନ୍ କରି ପ୍ୟାଭିଲିୟନ ଫେରିଥିଲେ। ପୃଥ୍ୱୀ ଶ(୬୦) ଓ ରାହୁଲ ତ୍ରିପାଠୀ (୬୪*) ଇନିଂସ ସମ୍ଭାଳିବାକୁ ପ୍ରୟାସ କରିଥିଲେ। ଦଳୀୟ ସ୍କୋର ୯୦ରେ ଶ ଆଉଟ ହେବା ସହିତ ପଶ୍ଚିମାଞ୍ଚଳ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଶେଷ ଯାଏ ରାହୁଲ ଅପରାଜିତ ରହିଥିଲେ ହେଁ ଦଳର ମଧ୍ୟକ୍ରମ ଫେଲ ମାରିଥିଲା। ଶେଷ ଆଡକୁ ତନୁଷ କୋଟିୟାନ(୩୬) ଓ ସାମ୍ସ ମୁଲାନୀ ୪୧ ରନ ସଂଗ୍ରହ କରିବାରୁ ପଶ୍ଚିମାଞ୍ଚଳ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ୯ ଉଇକେଟ ହରାଇ ୨୫୨ ରନ ସଂଗ୍ରହ କରିଛି। କେନ୍ଦ୍ରାଞ୍ଚଳ ପକ୍ଷରୁ କୁମାର କାର୍ତ୍ତିକେୟ ୬୬ ରନରେ ୫ଟି ଉଇକେଟ ନେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଙ୍କିତ ରାଜପୁତ, ଅନିକେତ ଚୌଧୁରୀ, ଗୌରବ ଯାଦବ ଓ କରନ ଶର୍ମା ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।



ରୋହନ କୁନ୍ନୁମଲ

**ଦୁଲୀପ୍ ଟ୍ରଫି ସେମି ଫାଇନାଲ**

ଉତ୍ତରାଞ୍ଚଳ ବନାମ ଦକ୍ଷିଣାଞ୍ଚଳ: ସାଲେମର ଏସସିଏଫ୍ ଗ୍ରାଉଣ୍ଡରେ ଖେଳା ଯାଇଥିବା ଏହି ସେମି ଫାଇନାଲ ମ୍ୟାଚର ପ୍ରଥମ ଦିନରେ ସ୍କୋର ହୋଇଛି ଦୁଇ ଶତକ। ଅଧିନାୟକ ହନୁମା ବିହାରୀ ଓ ଓପନର ରୋହନ କୁନ୍ନୁମାଲ ଶତକ ହାସଲ କରିଥିବା ବେଳେ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଦକ୍ଷିଣାଞ୍ଚଳ ସ୍କୋର କରିଛି ୨ ଉଇକେଟ ହରାଇ ୩୨୪ ରନ୍। ଦକ୍ଷିଣାଞ୍ଚଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲେ। ମୟଙ୍କ ଅଗ୍ରୱାଲ(୪୯) ଓ କୁନ୍ନୁମଲ ରୋହନ(୧୪୩) ପ୍ରଥମ ଉଇକେଟରେ ସଂଗ୍ରହ କରିଥିଲେ ୧୦୨ ରନ୍। ମୟଙ୍କ ଆଉଟ ହେବା ପରେ ବିହାରୀ(୧୦୭)ଙ୍କ ସହିତ ରୋହନ ଯୋଡିଥିଲେ ୧୬୭ ରନ୍। ୨୨୫ ବଲ୍ ଖେଳିଥିବା ରୋହନ ୧୬ ଚୌକା ଓ ୨ ଛକା ମାରିଥିଲେ। ଅନ୍ୟପକ୍ଷରେ ଷ୍ଟମ୍ପ ଅପସାରଣ ଯାଏଁ ଅପରାଜିତ ରହିଥିବା ବିହାରୀ ୨୨୦ ବଲର ସମ୍ମୁଖୀନ ହୋଇ ମାରିଥିଲେ ୭ ଚୌକା ଓ ୧ ଛକା। ଉତ୍ତରାଞ୍ଚଳ ପକ୍ଷରୁ ନବଦୀପ ସାଇନି ଓ ନିଶାନ୍ତ ସିନ୍ଧୁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ମନେ ପଡ଼ନ୍ତି

ଗାନ୍ଧୀ ମଣିଷ ଦୋଳଗୋବିନ୍ଦ

ଚତୁର୍ଥ ଶ୍ରାଦ୍ଧୋତ୍ସବରେ
ସଂଗ୍ରାମୀ ଦୋଳଗୋବିନ୍ଦ ସ୍ମୃତି ସମ୍ମାନ-୨୦୨୨
ପ୍ରାପ୍ତ ହେବେ
ଶ୍ରୀମତୀ ସରସ୍ୱତୀ ହେମ୍ବ୍ରମ, ଅବଦୁଲ କୁଦୁଶ, ଶ୍ରୀଯୁକ୍ତ ଅଶୋକ କୁମାର ସିଂହ, ଶ୍ରୀଯୁକ୍ତ ରାମପ୍ରସାଦ ଜୟସ୍ୱାଲ, ଶ୍ରୀଯୁକ୍ତ ବିଧାନ ଚନ୍ଦ୍ର ରାୟ, ଶ୍ରୀଯୁକ୍ତ ଜ୍ୟୋତିଷ କୁମାର ସାହୁ, ଶ୍ରୀଯୁକ୍ତ କରୁଣାକର କର, ଶ୍ରୀଯୁକ୍ତ ରାମକୃଷ୍ଣ ପରିଡ଼ା, ଶ୍ରୀଯୁକ୍ତ ରବିନ୍ଦ୍ର କୁମାର ରାଉତ, ଶ୍ରୀଯୁକ୍ତ ମୁନା ତ୍ରିପାଠୀ, ଶ୍ରୀଯୁକ୍ତ ସୀତାବଲ୍ଲଭ ମହାପାତ୍ର, ସୁଶ୍ରୀ ରଞ୍ଜିତା ମଲ୍ଲିକ, ଶ୍ରୀଯୁକ୍ତ କିଶୋର କାପୁର, ଶ୍ରୀଯୁକ୍ତ ବସନ୍ତ କୁମାର ସାମଲ, ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ପାଢ଼ୀ, ଶ୍ରୀଯୁକ୍ତ ରବିନ୍ଦ୍ର କୁମାର ସାବୁତ, ଶ୍ରୀଯୁକ୍ତ ମୁନୁ ସରାଫ, ଶ୍ରୀଯୁକ୍ତ ଲଳିତ କୁମାର ଡାକୁଆ, ଶ୍ରୀଯୁକ୍ତ ବିପିନ ନାୟକ, ଶ୍ରୀଯୁକ୍ତ ଜବାହର ଜେନା, ଶ୍ରୀଯୁକ୍ତ ଆଶିଷ କୁମାର ପତି
ତା: ୧୬.୦୯.୨୦୨୨ (ଶୁକ୍ରବାର)
ସ୍ଥାନ - କଂଗ୍ରେସ ଭବନ
ସମୟ : ପୂର୍ବାହ୍ନ ୧୧ ଘଟିକା
କଂଗ୍ରେସ ସେବାଦଳ, ଓଡ଼ିଶା
ଧ-୧୫୨୬

ସ୍ମୃତିରେ ...
ଗାନ୍ଧୀ ମଣିଷ ଦୋଳଗୋବିନ୍ଦ

ଚତୁର୍ଥ ଶ୍ରାଦ୍ଧବାର୍ଷିକୀ
ତା: ୧୬.୦୯.୨୦୨୨ (ଶୁକ୍ରବାର)
ଆପଣଙ୍କୁ ସ୍ମରଣ କରି କୃତଜ୍ଞତା ଜଣାଉଛୁ।
ଦେବରାଜ, ଅମ୍ବିକା, ପୁଷ୍କରାଜ, ପୁଷ୍ପାଞ୍ଜଳୀ, ପୃଥ୍ୱୀରାଜ, ସ୍ନିଗ୍ଧା, ପ୍ରଜ୍ଞରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହୈମବତୀ, ଅରିନ୍ଦମ୍, ନିବେଦିତା, ବିଜୟ, ସବିତା, ସଂଜୟ, ଟୁକୁନି
ଧ-୧୫୨୭

ଏକାଦଶାହ ଉପଲକ୍ଷେ ଆଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱ ଇଂ ଚିନ୍ମୟ ମହାପାତ୍ର
Manager, Axis Bank
HIG-95, ଧର୍ମବିହାର, ଜାଗମରା
ଆବିର୍ଭାବ : ୩୦.୦୯.୧୯୮୩
ତିରୋଧାନ : ୦୬.୦୯.୨୦୨୨
ଅକାଳରେ ବଜ୍ରପାତ ହେଲା ତୁ ଚାଲିଗଲୁ ଅଫେରା ରାଇଜକୁ ଏକଥା ବିଶ୍ୱାସ ହୁଏନା ବାବୁ। ସ୍ମୃତି ସବୁ ଅସ୍ତବ୍ୟସ୍ତ କରେ ତୋ ବିଚ୍ଛେଦରେ। ଯେଉଁଠି ଅଛୁ ଭଲରେ ଥାଆ ତୋ ଦୁନିଆରେ।
ଶୋକସନ୍ତପ୍ତ
ବନ୍ଧୁ ଓ ଶୁଭେଚ୍ଛୁମାନେ
ଧ-୭୧୬୫୪



ଅଶୋକ ମହାନ୍ତି



ଅଲିମ୍ପିକ୍ସରେ ବ୍ରୋଞ୍ଜ ବିଜୟୀ ଭାରତୀୟ ହକି ଦଳ

ଭାରତୀୟ କ୍ରୀଡ଼ା

# ୨୫ ବର୍ଷ ପାଇଁ ଆଶା ଓ ଲକ୍ଷ୍ୟ

**ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟ କ୍ରୀଡ଼ାବିତ୍ଙ୍କ ସଫଳତା ନିଶ୍ଚିତ ଭାବେ ଭବିଷ୍ୟତ ପାଇଁ ଶୁଭ ସଙ୍କେତ ମାତ୍ର ଭାରତ ଦ୍ୱିତୀୟ ସର୍ବାଧିକ ଜନସଂଖ୍ୟାର ଦେଶ ହୋଇଥିଲେ ହେଁ ଆମର କ୍ରୀଡ଼ା ପାରଦର୍ଶିତା ବିଶ୍ୱର ଅନ୍ୟ ବିକାଶଶୀଳ ଦେଶଗୁଡ଼ିକ ତୁଳନାରେ ଉତ୍ସାହଜନକ ମନେହୁଏ ନାହିଁ...**

ଇଂଲଣ୍ଡର ବର୍ମିଂହାମ୍‌ରେ ଜୁଲାଇ ୨୨ରୁ ଅଗଷ୍ଟ ୮ ମଧ୍ୟରେ ଅନୁଷ୍ଠିତ ୨୨ତମ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ଭାରତର ସଫଳତା ଉତ୍ସାହଜନକ ରହିଥିଲା। ଅନେକ ଆଥଲେଟ୍ ବିଶ୍ୱସ୍ତରୀୟ ପ୍ରଦର୍ଶନ କରି ଆଗାମୀ ଅଲିମ୍ପିକ୍ସରେ ପଦକ ଦାବିଦାର ହେବାର ସମ୍ଭାବନା ଜାଗ୍ରତ କରିଛନ୍ତି। କ୍ରୀଡ଼ାବିତ୍‌ଙ୍କ ଐତିହାସିକ ସଫଳତା ଭାରତ ପାଇଁ ଶୁଭସଙ୍କେତ ବହନ କରୁଥିଲେ ହେଁ ଯେଉଁ ପ୍ରଶ୍ନ ଆମ ଭଳି ଅସଂଖ୍ୟ କ୍ରୀଡ଼ାପ୍ରେମୀଙ୍କ ମନକୁ ଆନ୍ଦୋଳିତ କରୁଛି ତା' ହେଲା ବିଶ୍ୱର ଦ୍ୱିତୀୟ ସର୍ବାଧିକ ଜନସଂଖ୍ୟାର ଦେଶ ଏବଂ ତୀବ୍ର ଗତିରେ ବୃଦ୍ଧି ପାଇଥିବା ଅର୍ଥନୀତି ସତ୍ତ୍ୱେ ଆମର କ୍ରୀଡ଼ା ପାରଦର୍ଶିତା ବିଶ୍ୱର ଅନ୍ୟ ବିକାଶଶୀଳ ଦେଶଗୁଡ଼ିକ ତୁଳନାରେ ଉତ୍ସାହଜନକ ମନେହୁଏ ନାହିଁ। ଏପରିକି ବିଶ୍ୱର ଅନେକ ଛୋଟ ଛୋଟ ଦେଶ ଲୋକସଂଖ୍ୟା ଦୃଷ୍ଟିରୁ ଏବଂ ଆର୍ଥିକ ସ୍ଥିତିରେ ଆମଠାରୁ ବହୁ ପଛରେ ରହିଥିବା ସତ୍ତ୍ୱେ ସଫଳତାରେ ଢେର ଆଗରେ। ଟୋକିଓ ଅଲିମ୍ପିକ୍ସ କ୍ରୀଡ଼ା (୨୦୨୧)ରେ ସେପରି କିଛି ଦେଶର କ୍ରୀଡ଼ା ପ୍ରଦର୍ଶନର ଏକ ତୁଳନାତ୍ମକ ଚିତ୍ର ଏଥିରେ ପ୍ରକାଶିତ।

ପରିସଂଖ୍ୟାନ ଉପସ୍ଥାପନା କରିବାର ଉଦ୍ଦେଶ୍ୟ ହେଉଛି ଯେ, ବୋଧହୁଏ ଆମ ଦେଶରେ ବିଶାଳ ମାନବ ସମ୍ବଳର କ୍ରୀଡ଼ା କ୍ଷେତ୍ରରେ ଉପଯୁକ୍ତ ପ୍ରୟୋଗ ହୋଇପାରୁ ନାହିଁ ଏବଂ କ୍ରୀଡ଼ାଭିତ୍ତିକ କାର୍ଯ୍ୟକ୍ରମକୁ ଅଗ୍ରାଧିକାର କ୍ଷେତ୍ରରେ ସାମିଲ କରିବାରେ ଆଶାଜନକ ସଫଳତା ମିଳି ପାରି ନାହିଁ। ବିଶ୍ୱସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ନିଶ୍ଚିତ ଭାବରେ ଏକ ଦୀର୍ଘସୂତ୍ରୀ ଯୋଜନା ପ୍ରସ୍ତୁତ କରି କାର୍ଯ୍ୟକାରୀ କରିବାର ଆବଶ୍ୟକତା ରହିଛି। ଏହି ପୃଷ୍ଠଭୂମିରେ ଦୁଇଟି ଦେଶର ଉଦାହରଣ ଦେବା ପ୍ରାସଙ୍ଗିକ ହେବ।

ପ୍ରଥମ ଉଦାହରଣ ରୂପେ ସୋଭିଏଟ ୟୁନିୟନ୍‌କୁ ନିଆଯାଇପାରେ। ୧୯୧୭ ରୁଷ ବିପ୍ଳବ ଏବଂ ୧୯୨୨ ପର୍ଯ୍ୟନ୍ତ ଚାଲିଥିବା ଗୃହଯୁଦ୍ଧ ସମାପ୍ତି ପରେ ସୋଭିଏଟ ୟୁନିୟନ (ୟୁଏସ୍‌ଏସ୍‌ଆର୍) ଦୀର୍ଘ ୩ ଦଶକରୁ ଅଧିକ ସମୟ ଧରି ଦେଶର କ୍ରୀଡ଼ାବିତ୍‌ମାନଙ୍କୁ ବିଭିନ୍ନ ଦୀର୍ଘସୂତ୍ରୀ ଯୋଜନା ମାଧ୍ୟମରେ ପ୍ରସ୍ତୁତ କରିଥିଲା। ଏହାପରେ ସୋଭିଏଟ ଆଥଲେଟ୍‌ମାନେ ୧୯୫୨ ହେଲେସିଙ୍କି କ୍ରୀଡ଼ାରେ ଭାଗ ନେଇଥିଲେ ଏବଂ ମେଡାଲ ତାଲିକାରେ ଆମେରିକା ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ୧୯୯୧ରେ ସୋଭିଏଟ ୟୁନିୟନର ବିଭାଜନ ପର୍ଯ୍ୟନ୍ତ ପ୍ରତ୍ୟେକ ଅଲିମ୍ପିକ୍ସରେ ପ୍ରଥମ ବା ଦ୍ୱିତୀୟ ରହିବାରେ ସଫଳ ହୋଇଥିଲା।

ଅନ୍ୟ ଦେଶଟି ହେଲା ଆମ ପଡ଼ୋଶୀ ଚାଇନା। କମ୍ୟୁନିଷ୍ଟ ବିପ୍ଳବ ପରେ ୧୯୪୯ରେ ପିପୁଲ୍ସ ରିପବ୍ଲିକ୍ ଚାଇନା ଏକ କମ୍ୟୁନିଷ୍ଟ ଦେଶ ଭାବେ ପ୍ରତିଷ୍ଠା ହୋଇଥିଲା। ୧୯୫୨ ହେଲେସିଙ୍କି ଅଲିମ୍ପିକ୍ସରେ ଚାଇନାର କିଛି ଆଥଲେଟ୍ ଭାଗ ନେଇଥିଲେ ମଧ୍ୟ ରାଜନୈତିକ କାରଣରୁ ପରବର୍ତ୍ତୀ ୭ଟି ଅଲିମ୍ପିକ କ୍ରୀଡ଼ାରେ ଭାଗ ନେବାରୁ ଚାଇନା ନିବୃତ୍ତ ରହିଥିଲା। ଏହି ସମୟ ମଧ୍ୟରେ ଚାଇନା ତା'ର କ୍ରୀଡ଼ା ବ୍ୟବସ୍ଥାରେ ଏକ ସୁଦୃଢ଼ ଭିତ୍ତିଭୂମି ପ୍ରସ୍ତୁତ କରିବାରେ ସଫଳ ହୋଇଥିଲା। କମ୍ୟୁନିଷ୍ଟ ସରକାର କ୍ରୀଡ଼ାକୁ ଅଗ୍ରାଧିକାର ଦେଇ ବିଭିନ୍ନ ସ୍ତରରେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଥିଲେ ଏବଂ ୩୨ ବର୍ଷ ପରେ ୧୯୮୪ ଲସ୍ ଏଞ୍ଜେଲସ ଅଲିମ୍ପିକ୍ସରେ ଭାଗନେଇ ବିଶ୍ୱ କ୍ରୀଡ଼ାରେ ଅନ୍ୟତମ ସୁପର ପାୱାର ଆଗମନର ସୂଚନା ଦେଇଥିଲେ। ୨୦୦୮ରେ ବେଜିଂ ଅଲିମ୍ପିକ୍ସ ଆୟୋଜନ କରି ପ୍ରଥମ ଥର ପାଇଁ ପଦକ ତାଲିକାରେ ଶୀର୍ଷ ସ୍ଥାନ ହାସଲ କରିଥିଲା ଚାଇନା। ଏହି ଦୁଇ ଦେଶର ସଫଳତାର କାହାଣୀ ସହିତ ଅନ୍ୟ ଛୋଟ ଛୋଟ ଦେଶଗୁଡ଼ିକର ଅଲିମ୍ପିକ୍ସରେ ଉତ୍ତମ ପ୍ରଦର୍ଶନ ପ୍ରମାଣିତ କରେ ଯେ ଉନ୍ନତ ଯୋଜନା ପ୍ରସ୍ତୁତି ଏବଂ ତା'ର ସଫଳ ରୂପାୟନ କରିପାରିଲେ ଆମ କ୍ରୀଡ଼ାବିତମାନେ ମଧ୍ୟ ବିଶ୍ୱସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରିପାରିବେ।

ବିଗତ କିଛିବର୍ଷ ଧରି ଭାରତ ସରକାରଙ୍କ କ୍ରୀଡ଼ା ମନ୍ତ୍ରଣାଳୟ ଏକାଧିକ ଯୋଜନା ମାଧ୍ୟମରେ କ୍ରୀଡ଼ା କାର୍ଯ୍ୟକ୍ରମଗୁଡ଼ିକୁ ତ୍ୱରାନ୍ୱିତ କରିଛନ୍ତି। ''ଖେଲୋ ଇଣ୍ଡିଆ' କାର୍ଯ୍ୟକ୍ରମ ଅଧୀନରେ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ପ୍ରତିଯୋଗିତା, ପ୍ରତିଭା ଚୟନ, କ୍ରୀଡ଼ା ବୃତ୍ତି ପ୍ରଦାନର ବ୍ୟବସ୍ଥା କରାଯାଉଛି। ଟାର୍ଗେଟ୍ ଅଲିମ୍ପିକ୍ ପୋଡିୟମ (ଟପ୍) ଯୋଜନା ମାଧ୍ୟମରେ ଏଲିଟ୍ ଆଥଲେଟ୍‌ମାନଙ୍କୁ ଚୟନ କରି ଆର୍ଥିକ ପ୍ରୋତ୍ସାହନ, ବିଦେଶରେ ପ୍ରଶିକ୍ଷଣ ବ୍ୟବସ୍ଥା, ଅନ୍ତର୍ଜାତୀୟ ସ୍ତରର ଭିତ୍ତିଭୂମି, ପୂର୍ବତନ ଅଲିମ୍ପିଆନ୍ସମାନଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ଅଲିମ୍ପିକ୍ସ ଗୋଲ୍ଡକ୍ୱେଷ୍ଟ, ଗନ୍ ଫର୍ ଗ୍ଲୋରି, ଗୋପିଚାନ୍ଦ ଏକାଡେମୀ ପ୍ରଭୃତି କ୍ରୀଡ଼ା ପ୍ରକଳ୍ପ ବା କାର୍ଯ୍ୟକ୍ରମରେ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ଏବଂ ଆନୁଷଙ୍ଗିକ ସୁବିଧା ସୁଯୋଗର ଉପଲବ୍ଧ ଆମର ପ୍ରଚଳିତ ବ୍ୟବସ୍ଥାକୁ ନିଶ୍ଚିତ ଭାବେ ସୁଦୃଢ଼ କରିଛି।

## ଟୋକିଓ ଅଲିମ୍ପିକ୍ସ ପଦକ

| ଦେଶ | ଜନସଂଖ୍ୟା | ସ୍ୱର୍ଣ୍ଣ | ରୌପ୍ୟ | କାଂସ୍ୟ | ମୋଟ |
|---|---|---|---|---|---|
| ଜାମାଇକା | ୨୭ଲକ୍ଷ | ୪ | ୧ | ୪ | ୯ |
| ସାନମାରିନୋ | ୩୯,୦୦୦ | ... | ୧ | ୨ | ୩ |
| ଫିଜି | ୮,୮୪,୦୦୦ | ୧ | ... | ୧ | ୨ |
| ବାହାମାସ | ୩,୫୧,୦୦୦ | ୮ | ୨ | ୬ | ୧୬ |
| ବରମୁଡ଼ା | ୬୨,୫୦୦ | ୧ | ୦ | ୦ | ୧ |
| କାତାର | ୨୮.୮ ଲକ୍ଷ | ୨ | ୦ | ୦ | ୨ |
| ହଙ୍ଗେରି | ୧କୋଟି | ୬ | ୭ | ୭ | ୨୦ |
| କୋସଭ | ୧୯ଲକ୍ଷ | ୨ | ୦ | ୦ | ୨ |
| ନେଦରଲାଣ୍ଡ | ୧.୮ କୋଟି | ୧୦ | ୧୨ | ୧୪ | ୩୬ |
| ଭାରତ | ୧୩୯କୋଟି | ୧ | ୨ | ୪ | ୭ |

(ଅଲିମ୍ପିକ୍ କ୍ରୀଡ଼ାରେ ଏ ପର୍ଯ୍ୟନ୍ତ ଭାରତ ୧୦ସ୍ୱର୍ଣ୍ଣ ସହ ମୋଟ ୩୫ଟି ପଦକ ଜିତିଛି)

### ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ାରେ ଓଡ଼ିଶା

ସ୍ୱାଧୀନତା ପରବର୍ତ୍ତୀ ଏସୀୟ କ୍ରୀଡ଼ା (୧୯୫୧)ଠାରୁ ୨୦୨୧ ମଧ୍ୟରେ ଆମ ରାଜ୍ୟର ୧୧ ଜଣ କ୍ରୀଡ଼ାବିତ ଅର୍ଜୁନ ପୁରସ୍କାର, ୩ଜଣ ପଦ୍ମଶ୍ରୀ, ଦୁଇଜଣ ଦ୍ରୋଣାଚାର୍ଯ୍ୟ ଏବଂ ଜଣେ ଧ୍ୟାନଚାନ୍ଦ ଖେଳରତ୍ନ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ପୁରୁଷ ହକିରେ ୪ ଜଣ, ମହିଳା ହକିରେ ୨ ଜଣ ଏବଂ ମହିଳା ଫୁଟବଲରେ ୨ ଜଣ ଓଡ଼ିଆ ଖେଳାଳି ଭାରତୀୟ ଦଳର ଅଧିନାୟକ ହେବାର ଗୌରବ ହାସଲ କରିଛନ୍ତି। ଏତଦ୍‌ବ୍ୟତୀତ ୬୦ ଜଣରୁ ଅଧିକ ଓଡ଼ିଆ କ୍ରୀଡ଼ାବିତ୍ ଏସୀୟ କ୍ରୀଡ଼ା, ରାଜ୍ୟ ଗୋଷ୍ଠୀ କ୍ରୀଡ଼ା ଏବଂ ଅଲିମ୍ପିକ୍ସରେ ଦେଶକୁ ପ୍ରତିନିଧିତ୍ୱ କରିଛନ୍ତି।

କିଛିବର୍ଷ ଧରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରୀଡ଼ାକୁ ପ୍ରାଧାନ୍ୟ ଦେଇ ଆସୁଛନ୍ତି। ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ପ୍ରସ୍ତୁତ କରିବା ସହିତ ଏକାଧିକ ଅନ୍ତର୍ଜାତୀୟ କ୍ରୀଡ଼ା ସମାରୋହର ସଫଳ ଆୟୋଜନ, ବିଭିନ୍ନ କ୍ରୀଡ଼ା ଶୃଙ୍ଖଳାରେ ପ୍ରତିଷ୍ଠିତ ଶିଳ୍ପାନୁଷ୍ଠାନଗୁଡ଼ିକ ସହଭାଗିତାରେ ଉଚ୍ଚ ଗୁଣବତ୍ତା କ୍ରୀଡ଼ା କେନ୍ଦ୍ର ପ୍ରତିଷ୍ଠା, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସଫଳ କ୍ରୀଡ଼ାବିତ୍‌ମାନଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ ପ୍ରଭୃତି ଯୋଜନା କାର୍ଯ୍ୟକ୍ଷମ କରି ଦେଶର ପ୍ରମୁଖ କ୍ରୀଡ଼ା ହବ୍ ପାଲଟିବା ପଥରେ ରହିଛି। ବିଶେଷ ଭାବେ ଦୀର୍ଘ ୪୧ ବର୍ଷ ପରେ ଭାରତୀୟ ହକି ଦଳର ଟୋକିଓ ଅଲିମ୍ପିକ କ୍ରୀଡ଼ାରେ କାଂସ୍ୟ ପଦକ ଏବଂ ମହିଳା ହକି ଦଳର ୪ର୍ଥ ସ୍ଥାନ ହାସଲ କରିବା ପଛରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅବଦାନ ଅତୁଳନୀୟ। ଭାରତୀୟ ହକିର ମୁଖ୍ୟ ପୃଷ୍ଠପୋଷକ ଭାବେ ରାଜ୍ୟ ସରକାରଙ୍କ ସହଯୋଗିତା ଓ ସହାୟତା ଭାରତୀୟ ପୁରୁଷ ଓ ମହିଳା ହକି ଦଳର ଶ୍ରେଷ୍ଠ ପ୍ରଦର୍ଶନ ଦେବା ପାଇଁ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା। ମୁଖ୍ୟମନ୍ତ୍ରୀଙ୍କ ଭାଷାରେ Investment in sports is investment in youth and investment in youth is investment in future.

ସ୍ୱାଧୀନତା ପରବର୍ତ୍ତୀ କ୍ରୀଡ଼ା କ୍ଷେତ୍ରରେ ବିଗତ ୭୫ ବର୍ଷର ଅଭିଜ୍ଞତା ଦ୍ୱାରା ଆମର ସଫଳତା ଓ ବିଫଳତାକୁ ଆକଳନ କରି ଆସନ୍ତା ୨୫ ବର୍ଷରେ (୨୦୪୭- ସ୍ୱାଧୀନତାର ୧୦୦ ବର୍ଷ ପୂରଣ) ଆମ ଦେଶ ତଥା ରାଜ୍ୟକୁ ଏକ କ୍ରୀଡ଼ା ଶକ୍ତି ଭାବେ ଗଢ଼ିତୋଳିବା ପାଇଁ ଆମର ଆନ୍ତରିକତା, ଆଭିମୁଖ୍ୟ, ପ୍ରତିବଦ୍ଧତା, ଦୀର୍ଘସୂତ୍ରୀ ଯୋଜନା ଏବଂ ଏହାର ସଫଳ ରୂପାୟନ ନିତାନ୍ତ ଆବଶ୍ୟକ।

-ସମଗ୍ର ଦେଶରେ ଏକ କ୍ରୀଡ଼ା ସଂସ୍କୃତିର ଅଭ୍ୟୁଦୟ ଜରୁରୀ।

-ଉଚ୍ଚ ବିଦ୍ୟାଳୟ ସ୍ତରରେ କ୍ରୀଡ଼ାକୁ ବାଧ୍ୟତାମୂଳକ ବିଷୟ ଭାବେ ସାମିଲ କରିବା ଆବଶ୍ୟକ।

- କ୍ରୀଡ଼ା ସମ୍ବନ୍ଧୀୟ ବୈଷୟିକ ଜ୍ଞାନର ଅଭିବୃଦ୍ଧି
- କ୍ରୀଡ଼ା ପ୍ରଶିକ୍ଷକ, ଟ୍ରେନର, ଫିଜିଓ, କ୍ରୀଡ଼ା ବୈଜ୍ଞାନିକ ଓ ବିଶେଷଜ୍ଞମାନଙ୍କ ପାଇଁ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା
- ଏଲିଟ୍ କ୍ରୀଡ଼ାବିତ୍‌ମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ମାଧ୍ୟମରେ ବିଶ୍ୱର ଶ୍ରେଷ୍ଠ ପ୍ରଶିକ୍ଷକଙ୍କ ଦ୍ୱାରା ତାଲିମ ବ୍ୟବସ୍ଥା
- ଉଭୟ ସହର ଏବଂ ଗ୍ରାମାଞ୍ଚଳରେ ପର୍ଯ୍ୟାପ୍ତ ପରିମାଣରେ କ୍ରୀଡ଼ାଙ୍ଗନ, ଷ୍ଟାଡିୟମ, ଇନ୍‌ଡୋର ଷ୍ଟାଡିୟମ, ସିନ୍ଥେଟିକ୍ ପଡ଼ିଆ, ସନ୍ତରଣାଗାର, ଜିମ୍‌ନାସିୟମ ପ୍ରଭୃତିର ଉପଲବ୍ଧ
- କ୍ରୀଡ଼ା ପରିଚାଳନା ପାଇଁ ବିଭିନ୍ନ ସ୍ତରରେ 'କ୍ରୀଡ଼ା କ୍ଲବ' ପ୍ରତିଷ୍ଠା ଏବଂ ତାକୁ କ୍ରିୟାଶୀଳ କରିବା
- ରାଜ୍ୟ ଏବଂ ଜାତୀୟ କ୍ରୀଡ଼ା ସଂଘମାନଙ୍କୁ ଆର୍ଥିକ ଓ ଆନୁଷଙ୍ଗିକ ଜ୍ଞାନକୌଶଳ ସହାୟତା ମାଧ୍ୟମରେ ସୁଦୃଢ଼ କରିବା
- ବିଭିନ୍ନ ବୟସ ବର୍ଗ (୮ବର୍ଷର ଉର୍ଦ୍ଧ୍ୱ)ରେ ନିୟମିତ ପ୍ରତିଯୋଗିତା ଆୟୋଜନ
- ଅଲିମ୍ପିକ୍ସ ଏବଂ ବିଶ୍ୱ ଚାମ୍ପିୟନଶିପ୍‌ରେ ପଦକ ଜିତିବା ପାଇଁ 'ମଲ୍‌ଟି ମେଡାଲ ଇଭେଣ୍ଟସ୍' ଯଥା ସନ୍ତରଣ, ଡାଇଭିଂ (ଆକ୍ୱାଟିକ୍ସ), ଜିମ୍‌ନାଷ୍ଟିକ୍ସକୁ ଅଗ୍ରାଧିକାର ଦିଆଯିବା ଆବଶ୍ୟକତା
- ସହରାଞ୍ଚଳରେ ପର୍ଯ୍ୟାପ୍ତ 'କମ୍ୟୁନିଟି ରିକ୍ରିଏଶନ କେନ୍ଦ୍ର' ଏବଂ ଗ୍ରାମାଞ୍ଚଳରେ 'ଗ୍ରାସ୍‌ରୁଟ୍ କ୍ରୀଡ଼ା କେନ୍ଦ୍ର' ପ୍ରତିଷ୍ଠା
- ଆସନ୍ତା ୨୫ ବର୍ଷ ପାଇଁ 'ସମସ୍ତଙ୍କ ପାଇଁ କ୍ରୀଡ଼ା'ର ପରିକଳ୍ପନାକୁ ତ୍ୱରାନ୍ୱିତ କରି ତୃଣମୂଳ ସ୍ତରରୁ ଶୀର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରିପାରିଲେ ଆମେ ବିଶ୍ୱ କ୍ରୀଡ଼ାର ଏକ ଦୃଶ୍ୟମାନ ଶକ୍ତି ଭାବେ ଉଭା ହୋଇପାରିବା।



ନିର୍ମଳ କୁମାର ମିଶ୍ର

# ଟିମ୍ ଇଣ୍ଡିଆ ପାଇଁ କଡ଼ା ପରୀକ୍ଷା

**ଅକ୍ଟୋବରରେ ଟି୨୦ ବିଶ୍ୱକପ ଖେଳିବାପାଇଁ ଭାରତୀୟ କ୍ରିକେଟ ଦଳ ଘୋଷଣା ହୋଇସାରିଛି। ଏହା ପୂର୍ବରୁ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୩ ମ୍ୟାଚବିଶିଷ୍ଟ ଟି୨୦ ସିରିଜ ଖେଳିବ ଟିମ୍ ଇଣ୍ଡିଆ। ତେଣୁ ଏସିଆ କପ୍‌ର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିବା ଭାରତୀୟ ଦଳ ନିଶ୍ଚିତ କଡ଼ା ପରୀକ୍ଷାର ସମ୍ମୁଖୀନ ହେବ...**

ଅନେକ ଦୃଷ୍ଟିକୋଣରୁ ଏସିଆ କପ୍‌ର ୧୫ତମ ସଂସ୍କରଣ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ଏସିଆ ମହାଦେଶର କ୍ରିକେଟ ଖେଳୁଥିବା ଦେଶ ସେମାନଙ୍କର ଶ୍ରେଷ୍ଠ ଖେଳାଳିଙ୍କୁ ନେଇ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କାରଣ ଆଗକୁ ରହିଛି ଆଇସିସି ଟି୨୦ ବିଶ୍ୱକପ। ସର୍ବାଧିକ ୭ଥର ଚାମ୍ପିୟନ ଭାରତ ପୂର୍ଣ୍ଣ ଶକ୍ତିସମ୍ପନ୍ନ ଦଳସହ ପଡ଼ିଆକୁ ଓହ୍ଲାଇଥିଲା। ଅନ୍ୟପକ୍ଷରେ ୫ ଥର ଟାଇଟଲ ହାତେଇଥିବା ଶ୍ରୀଲଙ୍କା ଏଥର ଯୁବ ଖେଳାଳିଙ୍କୁ ନେଇ ଖେଳିଥିଲା। ୨ଥର ଚାମ୍ପିୟନ ପାକିସ୍ତାନ ମଧ୍ୟ ଅନ୍ୟତମ ଟାଇଟଲ ଦାବିଦାର ବିବେଚିତ ହୋଇଥିଲା। ଟୁର୍ନାମେଣ୍ଟ ପୂର୍ବରୁ ଅନେକ କ୍ରିକେଟପ୍ରେମୀ ଓ ସମୀକ୍ଷକ ଏଥର ପୁଣି ଭାରତ ଓ ପାକିସ୍ତାନ ମଧ୍ୟରେ ଫାଇନାଲ ହେବ ବୋଲି ପୂର୍ବାନୁମାନ କରିଥିଲେ। ମାତ୍ର ଶ୍ରୀଲଙ୍କା ଯୁବ ଦଳ ସବୁ ଅଙ୍କ ଭୁଲ୍ ପ୍ରମାଣିତ କରି ପାକିସ୍ତାନକୁ ହରାଇ ଚାମ୍ପିୟନ ହେଲା। ଭାରତର ଶ୍ରେଷ୍ଠ ବ୍ୟାଟର ବିରାଟ କୋହଲି ଫର୍ମକୁ ଫେରିବା ସତ୍ତ୍ୱେ ଭାରତ ସୁପର ଫୋର ପର୍ଯ୍ୟାୟରୁ ବିଦାୟ ନେବା କ୍ରିକେଟ ପ୍ରେମୀଙ୍କୁ ନିରାଶ କରିଥିଲା। ଚାମ୍ପିୟନ ଶ୍ରୀଲଙ୍କାକୁ ୧ କୋଟି ୨୦ଲକ୍ଷ ଓ ପାକିସ୍ତାନକୁ ୬୦ ଲକ୍ଷ ଟଙ୍କା ପୁରସ୍କାର ରାଶି ମିଳିଥିଲା।

ଟି୨୦ ବିଶ୍ୱକପ ନିକଟତର ହୋଇଥିବାରୁ ଏସିଆ କପ୍‌ରେ ଖରାପ ପ୍ରଦର୍ଶନ ଭାରତ ପାଇଁ ଚାଲେଞ୍ଜ ସୃଷ୍ଟି କରିଛି। କୋହଲି ଫର୍ମକୁ ଫେରିବା ଭାରତୀୟ ଦର୍ଶକଙ୍କ ପାଇଁ ଖୁସି ଖବର ହୋଇଥିବାବେଳେ ଆଗାମୀ ବିଶ୍ୱକପ ପୂର୍ବରୁ ଟିମ୍ ମ୍ୟାନେଜମେଣ୍ଟକୁ ଅନେକ କିଛି ସମସ୍ୟାର ସମାଧାନ କରିବାକୁ ପଡ଼ିବ। ରିଷଭ ପନ୍ତ ଓ ଦୀନେଶ କାର୍ତ୍ତିକଙ୍କ ମଧ୍ୟରୁ ଚୂଡ଼ାନ୍ତ ବିଶ୍ୱକପ ଦଳରେ କିଏ ସାମିଲ ହେବେ, ଭୁବନେଶ୍ୱର କୁମାର ବୋଲିଂରେ ସଫଳ ହୋଇଥିଲେ ହେଁ ବୋଲିଂ ଲାଇନ୍‌ଅପ୍ କିପରି ରହିବ ଆଦି ଅନେକ ପ୍ରଶ୍ନ ରହିଛି। ଏସିଆ କପ୍‌ରେ ଭୁବନେଶ୍ୱର ଯଦିଓ ସର୍ବାଧିକ ଉଇକେଟ ହାସଲ କରିଥିଲେ ତେବେ ଡେଥ୍ ଓଭରରେ ତାଙ୍କ ପ୍ରଦର୍ଶନରେ ସ୍ଥିରତା ରହିନାହିଁ। ଏହା ସତ୍ୟ ଯେ ୟୁଏଇ ପିଚ୍ ଓ ପରିବେଶଠାରୁ ଅଷ୍ଟ୍ରେଲିଆ ସମ୍ପୂର୍ଣ୍ଣ ଭିନ୍ନ ରହିବ।

ଚଳିତ ମାସରେ ଦୁଇ ଶକ୍ତିଶାଳୀ ଦଳ ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ ଏବଂ ଅପରାଜେୟ ଦକ୍ଷିଣ ଆଫ୍ରିକା ସହିତ ଟିମ୍ ଇଣ୍ଡିଆର ୨ଟି ଗୁରୁତ୍ୱପୂର୍ଣ୍ଣ ସିରିଜ ଖେଳାଯିବାକୁ ରହିଛି। ଏସିଆ କପ୍ ପ୍ରଦର୍ଶନ ଟିମ୍ ଇଣ୍ଡିଆର ମନୋବଳ କମାଇଥିବାବେଳେ ଏହି ଦୁଇଟି ସିରିଜରେ ରୋହିତ ଶର୍ମାଙ୍କ ଦଳକୁ ଏସିଡ୍ ଟେଷ୍ଟ ଦେବାକୁ ହେବ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି ଏବଂ ୨ଟି ଯାକ ସିରିଜ ପାଇଁ ଦଳ ମଧ୍ୟ ଘୋଷଣା ହୋଇସାରିଛି। ଟି୨୦ ବିଶ୍ୱକପ ଦଳରେ ସ୍ଥାନ ପାଇଥିବା ଅଧିକାଂଶ ଖେଳାଳି ଏହି ଦୁଇ ସିରିଜରେ ଖେଳିବେ। ତେଣୁ ଶେଷଥରପାଇଁ ନିଜର ପ୍ରଦର୍ଶନକୁ ମାର୍ଜିତ କରିବାକୁ ଖେଳାଳିମାନେ ସୁଯୋଗ ପାଇବେ। ମୋଟାମୋଟି ସିରିଜ ବିଜୟ ଭାରତୀୟ ଦଳର ମୁଖ୍ୟ ଲକ୍ଷ୍ୟ ରହିବ। ଏସିଆ କପ୍‌ରେ ପେସ୍ ବୋଲରଙ୍କ ବିଫଳତା ସମସ୍ୟା ସୃଷ୍ଟି କରିଥିବାରୁ ଆଗାମୀ ସିରିଜ ପାଇଁ ଟିମ୍ ଇଣ୍ଡିଆକୁ କଠିନ ପରିଶ୍ରମ କରିବାକୁ ପଡ଼ିବ।

ଟି୨୦ ବିଶ୍ୱକପ ପାଇଁ ଘୋଷିତ ଦଳକୁ ଷ୍ଟ୍ରାଇକ ବୋଲର ଯଶପ୍ରୀତ୍ ବୁମ୍ରା ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହା ନିଶ୍ଚିତ ଭାରତୀୟ ପେସ୍ ବୋଲିଂ ଆକ୍ରମଣକୁ ବେଶ୍ ଶାଣିତ କରିବ। ଦୁଇଟି ଯାକ ଘରୋଇ ସିରିଜ ବେଶ୍ ସଂଘର୍ଷପୂର୍ଣ୍ଣ ଏବଂ ରୋମାଞ୍ଚକର ହେବା ସମ୍ଭାବନା ରହିଛି। ଭାରତୀୟ ଦଳର ସମସ୍ତ ପ୍ରମୁଖ ଖେଳାଳି ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ ସିରିଜ ପାଇଁ ଉପଲବ୍ଧ ରହିବେ। ଏସିଆ କପ୍‌ର ପ୍ରଦର୍ଶନକୁ ଭୁଲିଯାଇ ଆଗାମୀ ସିରିଜ ଜିତିପାରିଲେ ନିଶ୍ଚିତ ରୂପେ ଟିମ୍‌ଇଣ୍ଡିଆର ମନୋବଳ ବଢ଼ିବ। ଭାରତୀୟ ଦଳ ପ୍ରଥମେ ଅଷ୍ଟ୍ରେଲିଆ ବିପକ୍ଷରେ ସେପ୍ଟେମ୍ବର ୨୦ରେ ମୋହାଲିଠାରେ ପ୍ରଥମ, ସେପ୍ଟେମ୍ବର ୨୩ରେ ନାଗପୁରଠାରେ ଦ୍ୱିତୀୟ ଏବଂ ସେପ୍ଟେମ୍ବର ୨୫ରେ ହାଇଦ୍ରାବାଦଠାରେ ୩ୟ ଟି୨୦ ମ୍ୟାଚ ଖେଳିବ। ଏହାପରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ସେପ୍ଟେମ୍ବର ୨୮ରେ ଥିରୁଭାନନ୍ତପୁରମଠାରେ ପ୍ରଥମ ଟି୨୦ ଖେଳି ଅଭିଯାନ ଆରମ୍ଭ କରିବ। ଅକ୍ଟୋବର ୨ରେ ଗୁଆହାଟୀ ଏବଂ ୪ରେ ଇନ୍ଦୋରଠାରେ ଯଥାକ୍ରମେ ୨ୟ ଏବଂ ୩ୟ ଟି୨୦ ମ୍ୟାଚ ଖେଳିବ। ଆଇସିସି ଟି୨୦ ବିଶ୍ୱକପ ଅକ୍ଟୋବର ୧୬ରୁ ଅଷ୍ଟ୍ରେଲିଆଠାରେ ଆରମ୍ଭ ହେବ। ଭାରତ ଏହାର ପ୍ରଥମ ମ୍ୟାଚ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ଅକ୍ଟୋବର ୨୩ରେ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଖେଳିବ। ଟି୨୦ ବିଶ୍ୱକପକୁ ଦୃଷ୍ଟିରେ ରଖି ଉଭୟ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ଆଗାମୀ ୨ ସିରିଜକୁ ଗୁରୁତ୍ୱର ସହ ନେବା ସ୍ୱାଭାବିକ।

ଅଷ୍ଟ୍ରେଲିଆ ଏବଂ ଭାରତ ମଧ୍ୟରେ ଏପର୍ଯ୍ୟନ୍ତ ୨୩ଟି ଟି୨୦ ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରୁ ଭାରତ ୧୩ଟି ମ୍ୟାଚରେ ବିଜୟୀ ହୋଇଥିବା ବେଳେ ଅଷ୍ଟ୍ରେଲିଆ ୯ଟି ଜିତିଛି ଏବଂ ଗୋଟିଏ ମ୍ୟାଚରୁ ଫଳାଫଳ ମିଳିନାହିଁ। ଟିମ୍ ଇଣ୍ଡିଆ ୪ଟି ମ୍ୟାଚ ଘରୋଇ ସିରିଜରେ ବିଜୟୀ ହୋଇଥିବା ବେଳେ ୭ଟି ମ୍ୟାଚ ବିଦେଶ ମାଟିରେ ଜିତିଛି। ଅନ୍ୟ ୨ଟି ମ୍ୟାଚ ନିରପେକ୍ଷ ଭେନ୍ୟୁରେ ବିଜୟୀ ହୋଇଛି। ସେହିପରି ଦକ୍ଷିଣ ଆଫ୍ରିକା ଓ ଭାରତ ମଧ୍ୟରେ ମୋଟ ୨୦ଟି ଟି୨୦ ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରୁ ଟିମ୍‌ଇଣ୍ଡିଆ ୧୧ଟି ମ୍ୟାଚ ଜିତିଥିବା ବେଳେ ଦକ୍ଷିଣ ଆଫ୍ରିକା ୮ଟିରେ ବିଜୟୀ ହୋଇଛି ଏବଂ ଗୋଟିଏ ମ୍ୟାଚରୁ ଫଳାଫଳ ମି ଳି ନା ହିଁ।



ରୋହିତ ଶର୍ମା ଓ ବିରାଟ କୋହଲି

## ଫିଫା

ଫୁଟ୍‌ବଲ କ୍ଲବ ରିଅଲ ମାଡ୍ରିଡ୍
ବର୍ଷଯାକ ଖର୍ଚ୍ଚ କାଟି
ଚଳିତ ଆର୍ଥିକ ସିଜନରେ ଲାଭ
ମୋଟ ଶହେ ତିନି କୋଟି
ଅନୁଷ୍ଠାନ ଚିଫ୍ ପାର୍ଟି
ନିଜ ଅଧବସାୟ ବଳରେ ଉଠିଛି
ବଢ଼ାଇଛି ସଂଘ ପାଣ୍ଠି।

ବାଜିଲା ବିଗୁଲ କିକ୍ ଅଫ୍ ଡ୍ରିମ୍
ଫୁଟବଲ କାର୍ନିଭାଲ




ଗୋଆ, ନଭିମୁମ୍ବାଇ ସହ ମୋ ସହର
ଭୁବନେଶ୍ୱରକୁ ଚାଲ
ଚିଲି, ସ୍ପେନ, ବ୍ରାଜିଲ
ଅଣ୍ଡର ସେଭେଣ୍ଟିନ ଲେଡି ଫିଫା ୱାର୍ଲ୍ଡ କପ୍
କିଏ ହେବ ମାଲେ ମାଲ।

ଫିଫା ମେନ୍ ୱାର୍ଲ୍ଡ ର୍‌ୟାଙ୍କିଙ୍ଗ୍ ଚିଠାରେ
ସିରିଏଲ ଶହେ ଚାରି
ସେଠି ସତାବନ ସ୍ଥାନରେ ମହିଳା
ବ୍ୟାଟ୍ ବଲ୍ ଦେଲାସାରି
କ୍ରିକେଟକୁ ଘୋରି ଘୋରି
ଫିଫା ପୂରା ନାମ କହିଲେ କୁହନ୍ତି
ନୋ ଥ୍ୟାଙ୍କ୍ସ ଉଇ ସରି।

-ସୁବାସ ଚନ୍ଦ୍ର ପ୍ରଧାନ





# ଫେଡରରଙ୍କ ଅବସର ସୂଚନା

**ଲଣ୍ଡନ, ୧୫।୯ (ଏପି)**

ସୁଇସ୍ ଷ୍ଟାର ଖେଳାଳି ୪୧ ବର୍ଷୀୟ ରୋଜର ଫେଡରର ପ୍ରଫେସନାଲ ଟେନିସ୍‌ରୁ ଅବସର ନେଉଥିବା ସମ୍ପର୍କରେ ସୂଚନା ଦେଇଛନ୍ତି। ଲଣ୍ଡନରେ ଆସନ୍ତା ସପ୍ତାହରେ ହେବାକୁଥିବା ଲାଭର କପ୍ ତାଙ୍କ ଫେୟାରୱେଲ୍ ଇଭେଣ୍ଟ ହେବ ବୋଲି ସେ ଟୁଇଟର ଜରିଆରେ ଜଣାଇଛନ୍ତି। ଲାଭର କପ୍ ହେଉଛି ଏକ ଟିମ୍ ଇଭେଣ୍ଟ। ଫେଡରରଙ୍କ ମ୍ୟାନେଜମେଣ୍ଟ କମ୍ପାନୀ ଦ୍ୱାରା ଏହା ପରିଚାଳିତ ହୋଇଥାଏ। ୨୦ ଗ୍ରାଣ୍ଡସ୍ଲାମ ଟାଇଟଲ ବିଜୟୀ ଫେଡରରଙ୍କ ଆଣ୍ଠୁରେ ଏକାଧିକ ଥର ଅସ୍ତ୍ରୋପଚାର ହୋଇଛି। ୨୦୨୧ ଜୁଲାଇରେ ୱିମ୍ବଲଡନ ପରଠାରୁ ସେ ଗୋଟିଏ ହେଲେ ଟୁର୍ନାମେଣ୍ଟରେ ଭାଗ ନେଇ ନାହାନ୍ତି। ଜୁଲାଇରେ ଅଲ୍ ଇଂଲଣ୍ଡ କ୍ଲବଠାରେ ସେଣ୍ଟର କୋର୍ଟର ଶତବାର୍ଷିକୀ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ପୁଣି ଥରେ ଏଠାକୁ ଖେଳିବାକୁ ଆସିବେ ବୋଲି କହିଥିଲେ। ସେ ଆହୁରି ମଧ୍ୟ ଅକ୍ଟୋବରରେ ସୁଇସ୍ ଇନ୍‌ଡୋରରେ ପ୍ରତିଯୋଗିତାମୂଳକ ଟୁର୍ନାମେଣ୍ଟକୁ ପ୍ରତ୍ୟାବର୍ତ୍ତନ କରିବେ



ରୋଜର ଫେଡରର

**ଲାଭର କପ୍ ହେବ ବିଦାୟୀ ଇଭେଣ୍ଟ**

ବୋଲି ସୂଚନା ଦେଇଥିଲେ। ଫେଡରର ତାଙ୍କ ଶେଷ ମ୍ୟାଚ ୨୦୨୧ ଜୁଲାଇ ୭ରେ ଖେଳିଥିଲେ। ସେଣ୍ଟର କୋର୍ଟରେ ୱିମ୍ବଲଡନର ଏକ କ୍ୱାର୍ଟରଫାଇନାଲ ମ୍ୟାଚରେ ସେ ହୁବର୍ଟ ହୁର୍କାଜଙ୍କଠାରୁ ୬-୩, ୭-୬ (୪),୬-୦ରେ ପରାଜିତ ହୋଇଥିଲେ। ଦେଢବର୍ଷରେ ଫେଡରରଙ୍କର ଆଣ୍ଠୁରେ ୩ଥର ଅସ୍ତ୍ରୋପଚାର ହୋଇଛି। ସୂଚନାଯୋଗ୍ୟ ୨୩ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ସେରେନା ୱିଲିୟମ୍ସଙ୍କ କ୍ୟାରିୟରର ଅନ୍ତିମ ଟୁର୍ନାମେଣ୍ଟ ୟୁଏସ୍ ଓପନ ହେବ ବୋଲି ଆଶା କରାଯାଉଥିଲା ତାହାହିଁ ମଧ୍ୟ ଘଟିଥିଲା। ଏହାର କିଛି ଦିନ ପରେ ଫେଡରର ତାଙ୍କ ଅବସର ନିଷ୍ପତ୍ତି ନେଇଛନ୍ତି। ଫେଡରର ବିବାହିତ। ତାଙ୍କ ସ୍ତ୍ରୀ ମିର୍କା ମଧ୍ୟ ହେଉଛନ୍ତି ଜଣେ ଟେନିସ ଖେଳାଳି। ସୁଇସ୍ ଷ୍ଟାର ଖେଳାଳି ତାଙ୍କ କ୍ୟାରିୟରରେ ମୋଟ ୧୦୩ ଟୁର୍ ଲେଭଲ ଟାଇଟଲ ଜିତିଛନ୍ତି ଏବଂ ୧,୨୫୧ ସିଙ୍ଗଲ୍ସ ମ୍ୟାଚ୍‌ରେ ବିଜୟ ଲାଭ କରିଛନ୍ତି। ୧୯୬୮ରେ ଓପନ ଯୁଗ ଆରମ୍ଭ ହେବାପରଠାରୁ ଏହି ଦୁଇଟି କ୍ଷେତ୍ରରେ ଜିମି କନର୍ସଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଫେଡରର ସବୁଠାରୁ ବୟସ୍କ ଖେଳାଳି ଭାବେ ଏଟିପି ର‌୍ୟାଙ୍କିଙ୍ଗରେ ନମ୍ବର ୱାନ ହୋଇ ଇତିହାସ ସୃଷ୍ଟି କରିଛନ୍ତି। ୨୦୧୮ରେ ୩୬ ବର୍ଷ ବୟସରେ ସେ ଏହି ସଫଳତା ହାସଲ କରିଥିଲେ। ଫେଡରର ତାଙ୍କ ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ୨୦୦୩ରେ ୱିମ୍ବଲଡନଠାରେ ହାସଲ କରିଥିଲେ। ସେ ତାଙ୍କ ୨୦ ଗ୍ରାଣ୍ଡସ୍ଲାମ ଟାଇଟଲ ମଧ୍ୟରେ ୮ଥର ୱିମ୍ବଲଡନ, ୬ଥର ଅଷ୍ଟ୍ରେଲିଆନ ଓପନ, ୫ଥର ୟୁଏସ୍ ଓପନ ଏବଂ ଥରେ ୨୦୦୯ରେ ଫ୍ରେଞ୍ଚ ଓପନ ଜିତିପାରିଛନ୍ତି।

# ଭାରତ-ପାକ୍ ମ୍ୟାଚ୍ ଟିକେଟ ବିକ୍ରି ଶେଷ

**ଦୁବାଇ, ୧୫।୯ (ପି.ଟି.):** ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁଥିବା ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍ ମ୍ୟାଚର ସମସ୍ତ ଟିକେଟ ଆଗୁଆ ବିକ୍ରି ସରିଛି। ଏହି ମେଗା ଇଭେଣ୍ଟ ଅକ୍ଟୋବର ୧୬ରୁ ଆରମ୍ଭ ହେବ। ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ମଧ୍ୟରେ ମ୍ୟାଚ ଅକ୍ଟୋବର ୨୩ରେ ଖେଳାଯିବ। ଷ୍ଟାଡିୟମର ସମସ୍ତ ଆସନ ଅଗ୍ରିମ ବୁକିଂ ସରିଛି। ଏଥିଲାଗି ଅତିରିକ୍ତ ଷ୍ଟାଣ୍ଡିଂ ରୁମ୍ ଟିକେଟ ମାତ୍ର କେଇ ମିନିଟ୍‌ରେ ଶେଷ ହୋଇଯାଇଥିଲା। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) କହିବା ଅନୁସାରେ ବିଶ୍ୱର ଶ୍ରେଷ୍ଠ ୧୬ଟି କ୍ରିକେଟ ଦଳକୁ ନେଇ ହେବାକୁଥିବା ଟୁର୍ନାମେଣ୍ଟ ଲାଗି ୮୨ଟି ବିଭିନ୍ନ ଦେଶର ଖେଳପ୍ରେମୀ ଟିକେଟ କ୍ରୟ କରିଛନ୍ତି।


RCEM
since 1993
Established as premier B-School providing **only Management Education** in the heart of the city Bhubaneswar.
Admission Opens For
MBA — 2 Years Full Time, Intake 240
&
MBA(I) Integrated — 5 Years Full Time, Intake 60
Approved by AICTE, Govt. of India, New Delhi, Affiliated to BPUT,Odisha,Rourkela
Excellent Training & Placements facilities
Contact:09861152922,09338087530
Plot No.-18,Sec-A,Zone-B,Mancheswar IE, Bhubaneswar


# ଫାଓ-ଖେଲୋ ଇଣ୍ଡିଆ ବାଳିକା ଫୁଟବଲ ଲିଗ୍

**ଭୁବନେଶ୍ୱର, ୧୫।୯ (କ୍ରୀଡ଼ା ପ୍ରତିନିଧି):** ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ୧୭ ବର୍ଷରୁ କମ୍ ଫାଓ-ଖେଲୋ ଇଣ୍ଡିଆ ବାଳିକା ଫୁଟବଲ ଲିଗ୍ ଚଳିତ ମାସ ୨୫ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏହି ପ୍ରତିଯୋଗିତାରେ ୨୦୦୭ ଜାନୁୟାରୀ ୧ରୁ ୨୦୦୯ ଡିସେମ୍ବର ୩୧ ମଧ୍ୟରେ ଜନ୍ମଗ୍ରହଣ କରିଥିବା ଖେଳାଳିମାନେ ଅଂଶଗ୍ରହଣ କରିପାରିବେ। ଏଥିରେ ଭୁବନେଶ୍ୱର ଦଳ ଭାଗନେବ ଏବଂ ଏଥିପାଇଁ ଆସନ୍ତା ୧୮ ତାରିଖରେ ୟୁନିଟ-୬ ହାଇସ୍କୁଲ ଖେଳ ପଡ଼ିଆରେ ଖେଳାଳି ଚୟନ କରାଯିବ ବୋଲି ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟ ରଞ୍ଜନ ପରିଜା ପ୍ରକାଶ କରିଛନ୍ତି। ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ଆଗ୍ରହୀ ବାଳିକାମାନେ ଆଧାର କାର୍ଡ, ସ୍କୁଲ ପରିଚୟ ପତ୍ର ଏବଂ ଜନ୍ମ ପ୍ରମାଣପତ୍ର ଆଣିବା ବାଧ୍ୟତାମୂଳକ। ଅଧିକ ବିବରଣୀ ପାଇଁ ଆସୋସିଏଶନର ଫୁଟବଲ ସମ୍ପାଦକ ଦିଲୀପ କୁମାର ଦାସଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି।








Exchange any make, any model:

- Free doorstep evaluation
- Best price for your existing car
- Attractive exchange benefits
- Availability of finance options

HYUNDAI

FOR INFORMATION CONTACT: TOLL FREE: 1800114645; BALANGIR: BINOD HYUNDAI, PH: 8117067272; BHUBANESWAR: UTKAL HYUNDAI, PAHAL, PH: 6371750223; RASULGARH, PH: 8093066006; PATIA, PH: 9861455661; ADITYA HYUNDAI, TAMANDO, PH: 7873999645, NAYAGARH, PH: 7873999331; SACHIVALAYA MARG, UNIT IV, PH: 7873999988, LEWIS ROAD, PH: 7873999523; BERHAMPUR: UTKAL HYUNDAI, PH: 9437964843; BALASORE: PREMIER HYUNDAI, PH: 9938449803; BHADRAK, PH: 9938449812; BARIPADA: PREMIER HYUNDAI, PH: 9938449811; CUTTACK: OSL HYUNDAI, PH: 9338104597; PARADEEP, PH: 7077736600; JAGATSINGHPUR, PH: 7077736590; UTKAL HYUNDAI, PH: 9437063221; KEONJHAR, PH: 9937117471, JAJPUR, PH: 7077719045; ROURKELA: KOSHALA HYUNDAI, PH: 7440022333; RAJGANGPUR, PH: 8093598037; BARGARH: SAKAMBARI HYUNDAI, PH: 6370101797; JHARSUGUDA: INFINITY HYUNDAI, PH: 7077011114; SUNDERGARH, PH: 7606003303; JEYPORE: HSPL HYUNDAI, PH: 8480330001; SIMILIGUDA, PH: 8480330001; RAYAGADA, PH: 8480330001; BHAWANIPATNA, PH: 8480330040; UTTARA: ADITYA HYUNDAI, PH: 7873999545, PURI, PH: 7873999980;

Hyundai Promise
Certified Pre-Owned Car

To know more, WhatsApp us on 8447228019

*Terms and Condition apply. Visit your nearest Hyundai dealership for more details. Features and specifications as shown may not be part of fitment and are subject to change without prior notice. Car shown here is for representation purpose only. Hyundai urges you to follow traffic rules – these are meant to keep you safe on roads.



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ପଞ୍ଚାୟତ ସଫେଇ କଲେ ସରପଞ୍ଚ

ତୁଣ୍ଡଲା,(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସିର୍ଜାପାଲି ପଞ୍ଚାୟତ ପରିସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ପ୍ରମୋଦ କୁମାର ଦାଶଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ନାଏବ ସରପଞ୍ଚ, ୱାର୍ଡମେମ୍ବର ଏବଂ ଗାଁର ଯୁବ ଗୋଷ୍ଠୀ ଏକତ୍ରିତ ହୋଇ ସଫେଇ କରିଥିଲେ। ଏଥିରେ ପଞ୍ଚାୟତ ପରିସର ସବୁ ସଫେଇ କରି ଆସନ୍ତା ୨୦ ତାରିଖରେ ପଞ୍ଚାୟତର ସବୁ ଗାଁଗୁଡ଼ିକୁ ସଫେଇ କରିବା ସହ କେସିଙ୍ଗା ପୋଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ପ୍ରମୋଦ କୁମାର ଦାଶ ମତ ଦେଇଛନ୍ତି।

## ସଂକ୍ଷେପରେ

### ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କଣ୍ଟାବାଞ୍ଜି,୧୫।୯(ଡି.ଏନ.ଏ.): ବଲାଙ୍ଗୀର ଜିଲ ତୁରେକେଲା ବ୍ଲକସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବ୍ଲକ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ତୁରେକେଲା ବ୍ଲକର ୧୯ଟି ପଞ୍ଚାୟତ ଏବଂ କଣ୍ଟାବାଞ୍ଜି ଏନଏସି ଅଞ୍ଚଳର ଭିନ୍ନକ୍ଷମଙ୍କ ପରୀକ୍ଷା ସହ ଚିହ୍ନଟ ହୋଇଛି। ବିଧାୟକ ସନ୍ତୋଷ ସିଂ ସାଲୁଜା ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ପୂଜା ବେହେରା, ଜିଲା ପରିଷଦ ସଭ୍ୟ କୌଶିକ ମେହେର, ସମା ପରବିନ, ଜିଲା ସାମାଜିକ ଅଧିକାରୀ ନବ ସାହୁ, ବିଡିଓ ଦେବାଶିଷ ସାମଲ, ତୁରେକେଲା ସରପଞ୍ଚ ଜଳନ୍ଧର ମହାକୁଡ ଅତିଥିଭାବେ ମଞ୍ଚାସୀନ ଥିଲେ। ଶିବିରରେ ୧୬୩ ଶାରୀରିକ ଭିନ୍ନକ୍ଷମ, ୧୦୭ ଶ୍ରବଣ ବାଧିତ, ୮୨ ଦୃଷ୍ଟି ବାଧିତ, ୨୫ ମାନସିକ ବିକାରଗ୍ରସ୍ତ, ୨୩ ମେଡସିନ, ୩୩ ମୋବାଇଲ ମେଡିସିନ, ୧୨୦ ଏଲିନକୋ ରୋଗୀଙ୍କ ପରୀକ୍ଷା କରାଯାଇଥିଲା।

### ବିଡିଓଙ୍କୁ ଏଏପିର ଦାବିପତ୍ର

ଦେଓଗାଁ,୧୫।୯(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ବିଭିନ୍ନ ସମସ୍ୟା ନେଇ ଗୁରୁବାର ଆମ ଆଦମୀ ପାର୍ଟି (ଏଏପି)ତରଫରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ଆବାହକ ଆଶିଷ କୁମାର ପାଣ୍ଡେଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ବ୍ଲକ ମୁଖ୍ୟଗେଟ ସମ୍ମୁଖରେ ଏକତ୍ରିତ ହୋଇ ବିଭିନ୍ନ ନାରାଦେଇଥିଲେ। ବିଡିଓ ରାମଦତ୍ତ ଭୋଇଙ୍କୁ ଭେଟି ସମସ୍ୟାଗୁଡିକର ତ୍ୱରିତ ସମାଧାନ କରିବାକୁ ଅନୁରୋଧ କରିଥିଲେ। ଦାବିଗୁଡିକ ମଧ୍ୟରେ ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରି ପ୍ରଧାନମନ୍ତ୍ରୀ ଆବାସ ଗୃହ ପ୍ରଦାନ, ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ଭତ୍ତା ଯୋଗାଣ, ଭତ୍ତା ଟଙ୍କା ବ୍ୟାଙ୍କ ମାଧ୍ୟମରେ ନ ଦେଇ ବୃଦ୍ଧାବୃଦ୍ଧଙ୍କୁ ହାତପାହାନ୍ତାରେ ପ୍ରଦାନ, ବିଭିନ୍ନ ଗାଁରେ ରହିଥିବା ପାନୀୟଜଳ ଯୋଗାଣକୁ ବ୍ୟବସ୍ଥିତ କରିବା ଆଦି ଦାବି କରିଥିଲେ। ସମସ୍ୟାଗୁଡିକର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ବିଡିଓ ଭୋଇ ପ୍ରତିଶ୍ରୁତି ଦେଇଥିବା ଆବାହକ ପାଣ୍ଡେ ସୂଚନା ଦେଇଛନ୍ତି। ଯୁବନେତା ଅମନ ମହାପାତ୍ର, ଛାଲ ଷଣ୍ଡ, ରାଧେଶ୍ୟାମ ସାହୁ, ବିର୍ବଲ ସା ଉପସ୍ଥିତ ଥିଲେ।

### ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

ଲାଞ୍ଜିଗଡ,୧୫।୯(ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡ ଥାନା ଅଞ୍ଚଳର ଏକ ଗଛରେ ଝୁଲନ୍ତା ଅବସ୍ଥାରେ ଜଣେ ଯୁବତୀଙ୍କ ମୃତଦେହ ଜବତ କରିଛି। ମୃତ ଯୁବତୀ ଜଣଙ୍କ ହେଲେ ହରିହରପୁର ଗାଁର ଦେବକି କୌଶଲ୍ୟା। ପୋଲିସ ସୂଚନା ଅନୁସାରେ ହରିହରପୁର ଦେବକି ବୁଧବାର ସନ୍ଧ୍ୟାଠାରୁ ଘରୁ ବାହାରି ଫେରି ନ ଥିଲେ। ଦେବକିଙ୍କ ବାପା ଖୋଜାଖୋଜି କରି ମଧ ପାଇ ନ ଥିଲେ। ଗୁରୁବାର ସକାଳେ ଗାଁ ନିକଟ ଏକ ଗଛରେ ଝୁଲନ୍ତା ଅବସ୍ଥାରେ ମୃତଦେହ ଦେଖିବାକୁ ପାଇଥିଲେ। ଖବର ପାଇ ଲାଞ୍ଜିଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଏହା ଆତ୍ମହତ୍ୟା କି ହତ୍ୟା ତାହା ସ୍ପଷ୍ଟ ହୋଇନାହିଁ। ଏ ନେଇ ଥାନାରେ ଏକ ମାମଲା (ନଂ.୬/୨୨) ରୁଜୁ ହୋଇଛି। ତଦନ୍ତ ପରେ ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ଲାଞ୍ଜିଗଡ ଥାନାଧିକାରୀ ସତ୍ୟାନନ୍ଦ ପାତ୍ର ପ୍ରକାଶ କରିଛନ୍ତି।

# ଭୂତଳ ପାଇପ ଜଳସେଚନ ପାଇଁ ଚୁକ୍ତିନାମା

## ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ

ବଲାଙ୍ଗୀର ଅଫିସ, ୧୫।୯



ଅଧିକାରୀମାନେ ଲୋୟର ସୁକତେଲ ପ୍ରକଳ୍ପ ଭୂତଳ ପାଇପ ନେଟୱର୍କ ଚୁକ୍ତିନାମା ସ୍ୱାକ୍ଷର କରୁଛନ୍ତି।

ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ କାର୍ଯ୍ୟାଳୟ ସମ୍ମିଳନୀ ପ୍ରକୋଷ୍ଠରେ ପ୍ରକଳ୍ପର ଦକ୍ଷିଣପାର୍ଶ୍ୱ କମାଣ୍ଡ କ୍ଷେତ୍ର ନିମନ୍ତେ ଭୂତଳ ପାଇପ ଜଳସେଚନ ନେଟୱର୍କ ପ୍ରଣାଳୀ ପାଇଁ ଗୁରୁବାର ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତିନାମା ସୁକତେଲ ଜଳସେଚନ ପ୍ରକଳ୍ପ କେନାଲ ଡିଭିଜନ ନମ୍ବର ୧ର ଅଧୀକ୍ଷଣ ଯନ୍ତ୍ରୀ ଶିବ ପ୍ରସାଦ ପାଣିଗ୍ରାହୀ ଓ ଏଲଆଣ୍ଡଟି ଲିମିଟେଡ ଚେନ୍ନାଇର ଅଧିକାରୀ ଏସ. ଦକ୍ଷିଣାମୂର୍ତ୍ତିଙ୍କ ମଧ୍ୟରେ ସ୍ୱକ୍ଷାରିତ ହୋଇଥିଲା। ଚୁକ୍ତିନାମା ସ୍ୱାକ୍ଷରିତ ସମୟରେ ଅତିରିକ୍ତ ଜିଲାପାଳ ତଥା ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ପୁନର୍ବାସ ଓ ଥଇଥାନ ପ୍ରକଳ୍ପ ନିର୍ଦ୍ଦେଶକ ମହେନ୍ଦ୍ର କୁମାର ମହାପାତ୍ର, ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ନିରଞ୍ଜନ ରାଉତ, ବଲାଙ୍ଗୀର ଉପଜିଲାପାଳ ତଥା ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପର ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କୁମାର ନାଗଭୂଷଣ, ପ୍ରକଳ୍ପ ଅର୍ଥ ପରାମର୍ଶଦାତା ତଥା ମୁଖ୍ୟ ହିସାବ ଅଧିକାରୀ, ପ୍ରକଳ୍ପର ସମସ୍ତ ଅଧୀକ୍ଷଣ ଯନ୍ତ୍ରୀ ଓ ଅଧିକାରୀ ଏବଂ ଏଲଆଣ୍ଡଟି ଲିମିଟେଡର ଅଧିକାରୀମାନେ ଉପସ୍ଥିତ ଥିଲେ। ଚୁକ୍ତିନାମା ପରେ ଏହି କାର୍ଯ୍ୟର ନିର୍ମାଣ ନିମନ୍ତେ ୯୯୮. ୦୦ କୋଟି ଟଙ୍କା ଏବଂ ପରିଚାଳନା ଓ ରକ୍ଷଣାବେକ୍ଷଣ ସକାଶେ ୮.୯୨ କୋଟି ଟଙ୍କାର କାର୍ଯ୍ୟାଦେଶ ଏଲଆଣ୍ଡଟି ଲିମିଟେଡକୁ ପ୍ରଦାନ କରାଯାଇଥିଲା। ଏହାର ନିର୍ମାଣ କାର୍ଯ୍ୟ ଏଲଆଣ୍ଡଟି ଲିମିଟେଡ ପକ୍ଷରୁ ତା୧୫।୯।୨୦୨୨ରିଖରୁ ଆରମ୍ଭ ହୋଇ ତା୧୪।୩ ।୨୦୨୫ରିଖ ସୁଦ୍ଧା ସମ୍ପୂର୍ଣ୍ଣ ହେବ। ପରିଚାଳନା ଓ ରକ୍ଷଣାବେକ୍ଷଣ ତା୧୫।୩।୨୦୨୫ରୁ ଆରମ୍ଭ ହେବ ଓ ତା୧୪।୩।୨୦୩୦ରିଖରେ ସମ୍ପୂର୍ଣ୍ଣ ହେବ ବୋଲି ଚୁକ୍ତିନାମା ହୋଇଛି। ପ୍ରକଳ୍ପର ଦକ୍ଷିଣପାର୍ଶ୍ୱ କମାଣ୍ଡ କ୍ଷେତ୍ରର ୨୭୦୦୦ ହେକ୍ଟର କ୍ଷେତ୍ରରେ ଜଳସେଚନ ହୋଇପାରିବ ଏବଂ ଜଳସେଚନ ବିତରଣ ପ୍ରଣାଳୀ ପାଇଁ ପ୍ରଯୁକ୍ତି ବିଦ୍ୟା, ସଂଗ୍ରହ, ନିର୍ମାଣ (ତତ୍କ୍ଷଣାତ ବ୍ୟବହାର ଯୋଗ୍ୟ) ଚୁକ୍ତି ଦ୍ୱାରା ୧ ହେକ୍ଟର ଉପଚକ, ମାଇକ୍ରୋ ଜଳସେଚନ, ଶକ୍ତି ସଂଯୋଗ ପଦ୍ଧତି, ବୈଦ୍ୟୁତିକ ଯାନ୍ତ୍ରିକ ଉପାଦାନ, ଭାଗିଦାରୀ ପରିଚାଳନା ସୁବିଧା ତଥା ୫ବର୍ଷ ପର୍ଯ୍ୟନ୍ତ ପରିଚାଳନା ଓ ରକ୍ଷଣାବେକ୍ଷଣ ସମ୍ପର୍କରେ ଚୁକ୍ତିନାମା ହୋଇଛି।

## ସେବାପକ୍ଷ ପାଳନ ପାଇଁ ପ୍ରସ୍ତୁତି

ଖପ୍ରାଖୋଲ, ୧୫।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହୁରୁଣ୍ଡିଠାରେ ଭାଜପା ତରଫରୁ ସେବା ସପ୍ତାହ ପାଳନ ପାଇଁ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏମ୍‌ପି ପ୍ରତିନିଧି ପ୍ରବୀଣ ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପାଟଣାଗଡ଼ ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଶ୍ରୀବସ୍ତ ବେହେରା, ସମ୍ମାନିତ ଅତିଥି ଜୋନ ସଭାପତି ଶଶୀ ପୂଝାରୀ, ଦେବକାନ୍ତ ପାଣିଗ୍ରାହୀ ଯୋଗଦେଇ ଆଗାମୀ ୧୭ରୁ ଅକ୍ଟୋବର ୨ଯାଏ ହେବାକୁ ଥିବା ସେବାପକ୍ଷ ପାଳନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ରକ୍ତଦାନ ଶିବିର, ଅଗ୍ରଲେଖ, ବୁଦ୍ଧିଜୀବୀ ସମ୍ମିଳନୀ, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ଚାରାରୋପଣ, ସ୍ୱଚ୍ଛତା ଅଭିଯାନ, ଜଳ ସଂରକ୍ଷଣ, କୃତ୍ରିମ ଅଙ୍ଗ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ପାଳନ ଉପରେ ଆଲୋଚନା ହୋଇଥିଲା। ବୈଠକରେ ଉପେନ୍ଦ୍ର ଭୋଇ, ଉମାକାନ୍ତ ପଧାନ, ସୁଦାମ ପଧାନ, ଦେବାନନ୍ଦ ଭୋଇ, କାଶୀନାଥ ମେହେର, କର୍ଣ୍ଣସିଂ ଠାକୁର, ସତ୍ୟାନନ୍ଦ ସେହ୍ନିଆ ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ଉପଜିଲାପାଳଙ୍କୁ ଫେରାଦ ହେଲା ପାଚିକା ସଂଘ



ପାଚିକାମାନେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଟିଟିଲାଗଡ଼, ୧୫।୯ (ଡି.ଏନ.ଏ.)

ଅଲ ଓଡିଶା ପାଚିକା ମହାସଂଘ ଟିଟିଲାଗଡ ଶାଖା ପକ୍ଷରୁ ୧୦ଦଫା ଦାବି ନେଇ ଗୁରୁବାର ଟିଟିଲାଗଡ ଉପଜିଲାପାଳ ଏବଂ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ଅଭିଯୋଗ କରିଛି ଯେ ମାତ୍ର ୧୪୦୦ ଟଙ୍କା ମାସିକ ଦରମା ସେମାନଙ୍କୁ ମିଳୁଛି। ହେଲେ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ସହ ସ୍କୁଲ ପରିସର ସଫା ଏବଂ ବଗିଚାରେ ସେମାନେ ପାଣି ଦେଉଛନ୍ତି। ପୂର୍ବାହ୍ନ ୧୦.୩୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଦ୍ୟାଳୟରେ ରହିବାକୁ ପଡୁଛି। ହେଲେ ସେହି ୧୪୦୦ ଟଙ୍କା ମଧ ନିୟମିତ ଭାବରେ ମିଳୁନାହିଁ। ତେଣୁ ପାଚିକାଙ୍କୁ ସ୍କୁଲ ପରିସର ସଫା କିମ୍ବା ବଗିଚାରେ ପାଣି ଦେବା କାର୍ଯ୍ୟରୁ ନିବୃତ୍ତ କରାଯାଉ। ନିୟମିତ ଦରମା, ଗତ ତିନି ମାସର ବକେୟା ପାଉଣା ପ୍ରଦାନ, ସର୍ବନିମ୍ନ ମଜୁରି, ପରିଚୟ ପତ୍ର, ସରକାରୀ ମାନ୍ୟତା, ଅବସରକାଳୀନ ଭତ୍ତା ପ୍ରଦାନ କରିବାକୁ ଦାବି କରାଯାଇଛି। ପାଚିକାଙ୍କୁ ବହିଷ୍କାର ଧମକ ବନ୍ଦ ସହ ଘରୋଇକରଣ ବନ୍ଦ କରାଯିବାକୁ ଦାବି ହୋଇଛି। ସଂଘ ପକ୍ଷରୁ ପଦ୍ମିନୀ ସାହୁ, କସ୍ତୁରି ଦୀପ, କେ.ଲକ୍ଷ୍ମୀ ରାଓ, ଗୌରୀ ବଗର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଉପଜିଲାପାଳ ମନୋଜ ସତ୍ୟୱାନ ମହାଜନ ଦାବିପତ୍ର ଗ୍ରହଣ କରିଥଇଲେ। ଏନେଇ ଯାହା ଏଠାରେ ସମ୍ଭବ ତାହା ପୂରଣ କରାଯିବ ବୋଲି ସେ ପ୍ରତିଶ୍ରୁତି ପ୍ରତିଶ୍ରୁତି ଦେଇଥିଲେ।

## ହକ୍ ଲାଗି ସଂଗଠିତ ହୁଅ

### ବ୍ଲକ ଆଶା ସଂଘର ବୈଠକ

ଲୋଇସିଂହା,୧୫।୯(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବାବାମଠଠାରେ ନିଖିଳ ଓଡିଶା ବ୍ଲକ ଆଶା ସଂଘର ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଂଘର ବ୍ଲକ ସଭାନେତ୍ରୀ ମାଧବୀ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲା ସଭାପତି ତୀର୍ଥ ପଧାନ ମୁଖ୍ୟ ଅତିଥି, ସମ୍ପାଦିକା ଓମି ଗୁପ୍ତା ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ସର୍ବନିମ୍ନ ମଜୁରି ଏବଂ ହକ୍ ଲାଗି ଆଶାକର୍ମୀମାନେ ସଂଗଠିତ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଆବଶ୍ୟକ ସ୍ଥଳରେ ରାଲି, ବିକ୍ଷୋଭ ପ୍ରଦର୍ଶନ କରି ଦାବି ପୂରଣ ପାଇଁ ସରକାରଙ୍କୁ ଚାପ ପକାଇବାକୁ ଆହ୍ୱାନ ଦିଆଯାଇଥିଲା। ଉପଦେଷ୍ଟା ସାଏବୁ ନନ୍ଦ ବ୍ଲକସ୍ତରରୁ ସଂଗଠନକୁ ସଶକ୍ତ କରି ନିଜର ଅଧିକାର ପାଇଁ ଲଢେଇ କରିବାକୁ ପଡିବ ବୋଲି କହିଥିଲେ। ଅପରପକ୍ଷେ କଲ୍ୟାଣୀ ସାହୁ, ମୁକ୍ତା ଉଦ୍ଦୁରୁକୁଲିଆ, ଆଶା ଦୀପ, ସୁନନ୍ଦା ସାହୁ, ପୁଷ୍ପାଞ୍ଜଳି ରଣା, ସୁବର୍ଣ୍ଣ ଦୀପ, ଉପାସନୀ ପଧାନ, ଗୋଗୀତା ନାଏକ, ଜାମିନୀ ଦଣ୍ଡସେନା,ସୁବାସିନୀ ସାହୁ, ମନୋରମା ରାଉତ, ସ୍ୱରୂପା ସୁନା, ଜୟନ୍ତୀ ସ୍ୱାଇଁ ପ୍ରମୁଖ ଆଶାକର୍ମୀ ଅଭିଯୋଗ କରିଥିଲେ ଯେ, କୋଭିଡ ସମୟରେ ଜୀବନକୁ ବାଜି ଲଗାଇ ସେମାନେ କାମ କରିଥିଲେ। ହେଲେ କାମ ଅନୁଯାୟୀ ପ୍ରାପ୍ୟ ମିଳି ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଶେଷରେ ବିଳାସିନୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟ ସଭା ସାଂସଦଙ୍କ ନୋମିନୀ ନିଯୁକ୍ତ

ଟିଟିଲାଗଡ଼, ୧୫।୯(ଡି.ଏନ.ଏ.)

ବିଜେଡି ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି ଟିଟିଲାଗଡ ପାଇଁ ରମେଶ ଅଗ୍ରୱାଲଙ୍କୁ ତାଙ୍କ ପ୍ରତିନିଧି ନିଯୁକ୍ତ କରିଛନ୍ତି। ଅଗ୍ରୱାଲ ଟିଟିଲାଗଡରେ ବିଭିନ୍ନ ସରକାରୀ ଅଫିସ ସହ ବିଦ୍ୟୁତ୍ ବିଭାଗ(ଟାଟା ପାୱାର), ପୌର ପରିଷଦ, ଆରଡବ୍ଲ୍ୟୁଏସଏସ ଓ ପିଡ଼ବ୍ଲ୍ୟୁଡି ଆଦି ବିଭାଗରେ ପ୍ରତିନିଧିଭାବେ କାର୍ଯ୍ୟ କରିବେ। ଅଞ୍ଚଳର ବିକାଶ ପାଇଁ ଉପରୋକ୍ତ ବିଭାଗ ଗୁଡିକରେ ସାଂସଦ ପାଣ୍ଠିର ସୁବିନିଯୋଗ କରାଯିବା ଉପରେ ସେ ଗୁରୁତ୍ୱ ଦେବ ବୋଲି କହିଛନ୍ତି।

## ସୁଭାଷ ଚିନ୍ତନ ପତ୍ରିକା ଉନ୍ମୋଚିତ



ବୁଦ୍ଧିଜୀବୀଙ୍କ ଗହଣରେ ସମଲେଶ୍ୱରୀ ମନ୍ଦିରରେ ପତ୍ରିକା ଉନ୍ମୋଚନ କରାଯାଉଛି।

ବଲାଙ୍ଗୀର ଅଫିସ, ୧୫।୯

ସାମାଜିକ ଅନୁଷ୍ଠାନ ନେତାଜୀ ସଂଗ୍ରାମୀ ପରିଷଦ ମୁଖପତ୍ର ସୁଭାଷ ଚିନ୍ତନର ତୃତୀୟ ସଂସ୍କରଣ ସ୍ଥାନୀୟ ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଉନ୍ମୋଚିତ ହୋଇଛି। ଏହି ଅବସରରେ ଦେବୀ ସମଲେଶ୍ୱରୀଙ୍କ ପୀଠରେ ଧୂପଦୀପ ନୈବେଦ୍ୟ ସହ ପୁସ୍ତକର ତୃତୀୟ ସଂଖ୍ୟା ସମର୍ପିତ କରାଯାଇଥିଲା। ପରିଷଦ ଆବାହକ ବୀରେନ୍ଦ୍ର କୁମାର ବନଛୋରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପତ୍ରିକାର ବିଭିନ୍ନ ଆଲେଖ୍ୟ ବିଷୟରେ ଆଲୋକପାତ କରାଯାଇଥିଲା। ଆଇନଜୀବୀ ଜୟକୃଷ୍ଣ ସାହୁ, ପ୍ରିୟରଞ୍ଜନ ବହିଦାର, ଓମ୍‌କାର ନାୟକ, ନିମାଇଁ ଚରଣ ପାଣିଗ୍ରାହୀ, ରାଜକିଶୋର ଦାଶ, ପଦ୍ମଚରଣ ଆଚାର୍ଯ୍ୟ, ଗୋପାଳଜୀ ପାଣିଗ୍ରାହୀ, କୁନୁ ପଣ୍ଡା, ଶଶୀଭୂଷଣ ପୁରୋହିତ, ଗୋପାଳ ହୋତା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପତ୍ରିକା ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜୀବ ଷଡଙ୍ଗୀ, ମୁରଲିଧାରୀ ପତି, ସତ୍ୟଜିତ ବାବୁ, ପ୍ରଦୀପ ଭୋଇ, ମୋହନ ପଣ୍ଡା, ରଘୁ ନନ୍ଦନ ସିଂହ, ସୟେଦ ଅଫତାବ ହୁସେନ, ଐଶ୍ୱର୍ଯ୍ୟା ଦାଶ, ନରେନ୍ଦ୍ର ଆଚାର୍ଯ୍ୟ, ଅସୀମ ଭୋଇ, ରାଜୀବ ବେହେରା, କମଳ ଚକ୍ରବର୍ତ୍ତୀ, ସଞ୍ଜୟ ଭୋଇ, ବ୍ରଜବନ୍ଧୁ ସାଏ, ସମଲେଶ୍ୱରୀ ପ୍ରିଣ୍ଟରସ୍‌ର ସତ୍ତ୍ୱାଧିକାରୀ ମନୋଜ କେଜ୍ରିୱାଲ, ତାଙ୍କ ଧର୍ମପତ୍ନୀ ରେଣୁ କେଜ୍ରିୱାଲ, ସମଲେଶ୍ୱରୀ ମନ୍ଦିରର ପୂଜକ ଅକ୍ଷୟ ଦିଶ୍ରୀ ଓ ସାହିତ୍ୟପ୍ରେମୀ ଉପସ୍ଥିତ ଥିଲେ।

# ସଡ଼କ ଦୁର୍ଘଟଣାରେ ଜଣେ ମୃତ, ଦୁଇ ଆହତ

କର୍ଲାମୁଣ୍ଡା/ମଦନପୁର, ୧୫।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଋଷି ରାମପୁର ରାସ୍ତା ପରମାନନ୍ଦପୁର ନିକଟରେ ବୁଧବାର ରାତିରେ ଏକ ସଡ଼କ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଆହତ ହୋଇଥିବା ଜଣାପଡିଛି। ମୃତକ ହେଲେ କ୍ଷମା ବାଗ (୪୦)। ଆହତ ୨ଜଣ ହେଲେ ଶତ୍ରୁଘନ ଭୋଇ (୩୮), ସଦାଶିବ ଭୋଇ (୪୫)। ସୂଚନା ମତେ ରାଉରକେଲାରୁ ଲୁହାରଡ଼ ବୋଝେଇ ଟ୍ରକ୍ (ଓଡି୧୪ଡି–୮୩୭୦) ରାୟଗଡ଼ା ଜିଲା ମୁନିଗୁଡ଼ା ଅଭିମୁଖେ ଯାଉଥିଲା। ବିପରୀତ ଦିଗରୁ ଏକ ନୂଆ ବାଇକ୍‌ରେ ୩ଜଣ ଆସୁଥିବା ସମୟରେ ସାମନାସାମନି ଧକ୍କା ହେବାରୁ ବାଇକ୍ ଚାଳକ କ୍ଷମାଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ଅନ୍ୟ ୨ଜଣ ଶତ୍ରୁଘନ (ମଦନପୁର) ଗୁରୁତର ଅବସ୍ଥାରେ ଅଛନ୍ତି। ସଦାଶିବ (ବାଲିଗୁଡା) ସାମାନ୍ୟ ଆହତ ହୋଇଛନ୍ତି। ଦୁହେଁ ଚିକିତ୍ସିତ ହେଉଥିବା ପୋଲିସ ସୂତ୍ରରୁ ପ୍ରକାଶ। ଖବର ପାଇ ମ. ରାମପୁର ଏସଆଇ ଜୟଦେବ ତାରିଣୀ ଘଟଣାସ୍ଥଳରେ ପହଞ୍ଚି ଶବ ପଞ୍ଚନମା କରି ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରିଛନ୍ତି। ଏ ନେଇ ଥାନାରେ ଏକ ମାମଲା (ନଂ. ୨୩୩/୨୨) ରୁଜୁ ହୋଇଛି।

# ବିରକେଲରେ ନୂଆଁଖାଇ ଭେଟ୍‌ଘାଟ

ଲୋଇସିଂହା,୧୫।୯(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ବିରକେଲ ଗ୍ରାମରେ ଗୁରୁବାର ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଟଙ୍କଧର ଗଡତ୍ୟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭେଟ୍‌ଘାଟ୍‌ରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ ବିଧାୟକ ନରସିଂହ ମିଶ୍ର ନୂଆଁଖାଇର ବିଶେଷତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ବରିକେଲ ଗ୍ରାମ ସହ ଏହି ଅଞ୍ଚଳର ବିଭିନ୍ନ ସମସ୍ୟା ସମାଧାନ ଦିଗରେ ସେ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଗ୍ରାମବାସୀଙ୍କ ସହ ସେ ଜୁହାର ଭେଟ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ଶତାଧିକ ଲୋକେ ସାମିଲ ହୋଇଥିଲେ।



ଭେଟ୍‌ଘାଟ ଅବସରରେ ବିଧାୟକ ନରସିଂହ ମିଶ୍ର ଲୋକଙ୍କ ସମସ୍ୟା ଶୁଣୁଛନ୍ତି।

# ଦାବିପୂରଣ ନ ହେବାଯାଏ ଆନ୍ଦୋଳନ

ବଲାଙ୍ଗୀର ଅଫିସ,୧୫।୯




ସାମୂହିକ ବୈଠକରେ ଉପସ୍ଥିତ ଚାଷୀ ନେତାମାନେ।

### ■ଜିଲା କୃଷକ ମହାସଂଘ ପକ୍ଷରୁ ଆନ୍ଦୋଳନ ପାଇଁ ସଜବାଜ

ବଲାଙ୍ଗୀର ଶାନ୍ତିପଡା କଲ୍ୟାଣ ମଣ୍ଡପଠାରେ ଜିଲା କୃଷକ ମହାସଂଘର ଜିଲାସ୍ତରୀୟ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲାର ଚାଷୀମାନଙ୍କ ବିଭିନ୍ନ ସମସ୍ୟା ଏବଂ ଆଗାମୀ ଆନ୍ଦୋଳନ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଶେଷକରି କୃଷି ବୀମା କ୍ଷତିପୂରଣ ପ୍ରଦାନ କରିବା ଦିଗରେ ସରକାରଙ୍କ ଟାଳଟୁଳ ନୀତି, ବୀମା କମ୍ପାନୀର ଶୋଷଣ ମନୋବୃତ୍ତି ଉପରେ ଆଲୋଚନା ହୋଇଥିଲା।

୨୦୨୧ ମସିହାରେ ବଲାଙ୍ଗୀର ଜିଲାରେ ଭୟାବହ ମରୁଡି ହୋଇଥିଲା। ଜିଲାର ୩୧୭ ପଞ୍ଚାୟତରେ ସହସ୍ରାଧିକ ଚାଷୀ ଏଆଇସି କମ୍ପାନୀ ଜରିଆରେ କୃଷିବୀମା କରିଥିଲେ। କିନ୍ତୁ ବର୍ତ୍ତମାନ ୨୦୨୨ ଖରିଫ ଶେଷ ହୋଇଥିଲେ ମଧ ମରୁଡିଗ୍ରସ୍ତ ଅନେକ ପଞ୍ଚାୟତର ଚାଷୀଙ୍କୁ ସମ୍ପୂର୍ଣ୍ଣ କୃଷିବୀମା କ୍ଷତିପୂରଣ ରାଶି ଦିଆଯାଇନାହିଁ। ବର୍ତ୍ତମାନ ସୁଦ୍ଧା ଜିଲାର ୮୫ଟି ଗ୍ରାମ ପଞ୍ଚାୟତକୁ କମ୍ପାନୀ ପକ୍ଷରୁ ଆପତ୍ତି ଦର୍ଶାଯାଇ ବୀମା କ୍ଷତିପୂରଣ ରାଶି ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରାଯାଇଛି। କମ୍ପାନୀର ଏଭଳି ନୀତି ବିରୋଧରେ ମହାସଂଘ ପକ୍ଷରୁ ଗତ ଜୁନ୍ ୮ରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଥିଲା। ଏହାସତ୍ତ୍ୱେ ବୀମାରାଶି ନ ମିଳିବାରୁ ଗତ ୨୬ ଅଗଷ୍ଟରେ ଭୁବନେଶ୍ୱରସ୍ଥିତ ଏଆଇସି ଆରଏମ୍ ଅଫିସକୁ ମହାସଂଘର ଶତଧିକ ଚାଷୀ ଘେରାଉ କରିଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା। ଏହାର ପ୍ରତିବାଦରେ ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ଫସଲ ବୀମା ସମ୍ପୂର୍ଣ୍ଣ ବୀମାରାଶି ନ ପାଇବା ଯାଏ ଆନ୍ଦୋଳନକୁ ଜାରି ରଖିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ୨୦୨୧ମସିହାରୁ ଜିଲାକୁ ମରୁଡି ଘୋଷଣା କରାଯାଇନାହିଁ। ଏଣୁ ଯଥାଶୀଘ୍ର ସମ୍ପୂର୍ଣ୍ଣ ମରୁଡି ଘୋଷଣା, ସାର କମ୍ପାନୀ, ହୋଲସେଲରଙ୍କ ମନମୁଖୀ କଳାବଜାର ବନ୍ଦ କରିବାକୁ ଦାବି କରାଯାଇଛି। ଜିଲାରେ ଜଳସେଚନର ବ୍ୟାପକ ଅବହେଳା, ଧାନ ପଞ୍ଜୀକରଣ ବ୍ୟବସ୍ଥାରେ ମାଲମାମୁଲି ଓ ଆଟ ଜମିକୁ ପଞ୍ଜୀକରଣରେ ସାମିଲ କରିବା, ବିଜୟାନନ୍ଦ ଚିନିକଳକୁ କାର୍ଯ୍ୟକ୍ଷମ କରିବା, ବଲାଙ୍ଗୀର ଜିଲାରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ, ଏକର ପ୍ରତି ଧାନକିଣା ବିକାରେ ୧୩ବଦଳରେ ୨୨ କୁଇଣ୍ଟାଲ କରାଯାଉ ବୋଲି ଦାବି କରାଯାଇଥିଲା। ଆସନ୍ତା ୨୬ ସେପ୍ଟେମ୍ବର ସକାଳ ୮ରେ ବଲାଙ୍ଗୀର–ଟିଟିଲାଗଡ ଓ ହରିଶଙ୍କର ରୋଡ (ଲାଠୋର) ଅନିର୍ଦ୍ଦିଷ୍ଟ କାଳ ପାଇଁ ରେଳରୋକୋ କରାଯିବାକୁ ସଂଘ ତରଫରୁ ନିଷ୍ପତ୍ତି ନିଆଯାଇଛି। ସଂଘ ସଭାପତି ଯତି ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପସଭାପତି ସୌମେନ୍ଦ୍ର ପରିଚ୍ଛା, ସହସମ୍ପାଦକ ବିଶ୍ୱଜିତ ନାଥ, ପ୍ରାଣକୃଷ୍ଣ ସାହୁ, ସଂଯୋଜକ ମଧୁସୂଦନ କ୍ଷେତି, ବ୍ଲକ ସଭାପତି ଯୋଗେଶ୍ୱର ଜେନା, କନ୍ଦର୍ପ ଦନ୍ତା, କୃଷ୍ଣଚନ୍ଦ୍ର ବନଛୋର, ଇନ୍ଦ୍ରମଣି ସାହୁ, ମଦନ ମୋହନ କୁମ୍ଭାର, କୈଳାସ ପଧାନ, ରବି ସାହୁଙ୍କ ସମେତ ଜିଲା ୫୦୦ରୁ ଊର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ହତ୍ୟା, ସ୍ୱାମୀ ଗିରଫ

ଅତାବିରା,୧୫।୯(ଡି.ଏନ.ଏ): ବରଗଡ଼ ଜିଲା ଭେଡ଼େନ ଥାନା ରୁଷୁଡ଼ା ଫାଣ୍ଡି ଅଧୀନ ବଘିଆପାଲି ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ଏକ ହତ୍ୟାକାଣ୍ଡ ଘଟିଛି। ଗ୍ରାମର ରମେଶ ବାଗ(୩୭) ତାଙ୍କ ସ୍ତ୍ରୀ ମିନାକ୍ଷୀ(୩୦)ଙ୍କୁ ଏକ ଧାରୁଆ ଅସ୍ତ୍ରରେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ରମେଶ ଦେବୀ ପୂଜା କରିଆସୁଥିବାରୁ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଦେବୀଙ୍କ ପାଇଁ ସ୍ତ୍ରୀଙ୍କୁ ବଳି ଦେଇଥିବା ସାଧାରଣରେ ଆଲୋଚନା ହେଉଛି। ହତ୍ୟାକାଣ୍ଡ ପରେ ଫେରାର ଅଭିଯୁକ୍ତ ରମେଶଙ୍କୁ ଗୁରାଣ୍ଡିପାଲି ଗ୍ରାମରୁ ପୋଲିସ ଗିରଫ କରିଥିବା ସୂଚନା ମିଳିଛି। ମହିଳାଙ୍କ ମୃତଦେହକୁ ଜବତ କରି ଅଧିକ ତଦନ୍ତ ଚାଲିଥିବା ରୁଷୁଡ଼ା ଫାଣ୍ଡି ଅଧିକାରୀ ଅରୂପ କୁମାର ବରାଇ କହିଛନ୍ତି।

### ଜହ୍ନାପଡ଼ାରେ ଯୋଗ ଶିବିର

ଜାମଟିକ୍ରା, ୧୫।୯(ଡି.ଏନ.ଏ.): ଅତାବିରା ବ୍ଲକ ଜହ୍ନାପଡା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଗୁରୁବାର ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଯୋଗ ସାଧକ ବନିତା ସେଠ, ଦେବକୀ ସେଠ, ସୁଷମା କୁଆଡେ, ଗୋଲାପୀ ସେଠ, ଆଦର୍ଶ ବିଶି, ସୀତା ଦଲେଇ, ଲିଲି ପୋଢ, ଉର୍ମି ପ୍ରଧାନ, ଜାହ୍ନବୀ ବାଗ ପ୍ରମୁଖ ଯୋଗ ଦେଇଥିଲେ। ପଶ୍ଚିମ ଓଡିଶାର ବରିଷ୍ଠ ଯୋଗ ପ୍ରଶିକ୍ଷକ ଚିନ୍ମୟ ଗଡତିଆ ଯୋଗଦେଇ ବିଭିନ୍ନ ପ୍ରକାରର ଯୋଗ ଶିକ୍ଷା ଦେଇଥିଲେ। ଏହାସହ ବର୍ତ୍ତମାନ ପରିସ୍ଥିତିରେ ଯୋଗର ଆବଶ୍ୟକତା ସମ୍ପର୍କରେ ସେ ଲୋକମାନଙ୍କୁ ବୁଝାଇଥିଲେ।

### ମାଗଣା ଚକ୍ଷୁ ପରୀକ୍ଷା ଶିବିର

ବିନିକା,୧୫।୯(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲାର ବିନିକା, ଗୁଲାପଡାରେ ଭୀମଭୋଇ ସେବା ଫାଉଣ୍ଡେସନ ବିନିକା ଓ ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡାପାଲି ମିଳିତ ଆନୁକୂଲ୍ୟରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବିନିକା ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମେହେର ଫିତା କାଟି ଶିବିର ଉଦ୍‌ଘାଟନ କରିଥିଲେ। ଉକ୍ତ ଶିବିରରେ ଡା. ସୁଜିତ କୁମାର ଥପା, ଟେକନିସିଆନ ସରୋଜ କୁମାର ସିଂ, ଚନ୍ଦ୍ରଶେଖର ନନ୍ଦ, ମହେନ୍ଦ୍ର ମେହେର ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ୧୧୬ ଜଣ ଚକ୍ଷୁ ପରୀକ୍ଷା କରାଇଥିଲେ। ଏମାନଙ୍କ ମଧରୁ ୨୯ ଜଣଙ୍କୁ ଅସ୍ତ୍ରୋପ୍ରଚାର ପାଇଁ ପଣ୍ଡାପାଲି ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଭୀମଭୋଇ ସେବା ଫାଉଣ୍ଡେସନର ସଭାପତି ସୁନ୍ଦରମଣି ମେହେର, ସାମାଜିକ କର୍ମୀ ରାମଗୋପାଳ ବାଘ, ସଦସ୍ୟ ବିନୋଦ ପାତ୍ର, ବିଦୁର ପଧାନ, ଏନଏସି ଅଧକ୍ଷ ସୁବାସ ଚନ୍ଦ୍ର ଭୁଏ, ସଂଗଠକ ସନ୍ତୋଷ ସାହୁ, ଦିନ ମେହେର, କୋଷାଧକ୍ଷ ପୂର୍ଣ୍ଣଚନ୍ଦ୍ର ମେହେର, ଧୃବଳେଶ୍ୱର ନାଗ, ମୋହନ ମହାନନ୍ଦ କାଉନସିଲର ବିଜୟ ବରାଇ, ବୈରାଗୀ ପଧାନ, ଜିତୁ ମଲ୍ଲିକ, ପ୍ରଦୀପ ବାଘ ପ୍ରମୁଖ ପରିଚାଳନା କରିଥିଲେ।

# ଟୋଲ୍ ପ୍ଲାଜାରେ ଆନ୍ଦୋଳନ

ବରଗଡ଼ ଅଫିସ୍,୧୫।୯

- ବେଆଇନ ଟୋଲ୍ ଆଦାୟର ପ୍ରତିବାଦ
- ଟୋଲ ପ୍ଲାଜାରେ ଉତ୍ତେଜନା, ଭଙ୍ଗାରୁଜା
- ଟୋଲ୍ ଆଦାୟମୁକ୍ତ କଲା ଓକିଲ ସଂଘ

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାରେ ଥିବା ଟୋଲ୍ ପ୍ଲାଜାରେ ପୁଣି ଆନ୍ଦୋଳନ ତେଜିଛି। ରାସ୍ତା ନିର୍ମାଣରେ ତ୍ରୁଟି ସୁଧାରିବା ବଦଳରେ ଟୋଲ୍ ପ୍ଲାଜା କର୍ତ୍ତୃପକ୍ଷ ବେଆଇନ ଭାବେ ଟୋଲ୍ ଆଦାୟ କରିଆସୁଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଗୁରୁବାରଠାରୁ ବରଗଡ଼ ଜିଲା ଓକିଲ ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ସଂଘର କର୍ମକର୍ତ୍ତା, ସଭ୍ୟମାନେ ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ଟୋଲ ପ୍ଲାଜାକୁ ଯାଇ ବେଆଇନ ଟୋଲଟ୍ୟାକ୍ସ ଅସୁଲିର ଦୃଢ଼ ପ୍ରତିବାଦ କରିଥିଲେ। ଫଳରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଟୋଲ ଅସୁଲିକୁ ବନ୍ଦ କରିଦେବା ସହିତ ଭଙ୍ଗାରୁଜା ହୋଇଥିଲା। ରାସ୍ତା ନିର୍ମାଣରେ ହୋଇଥିବା ତ୍ରୁଟି ନ ସୁଧାରିବା ପର୍ଯ୍ୟନ୍ତ ଟୋଲ୍ ଆଦାୟ କରିବାକୁ ଦିଆଯିବ ନାହିଁ ବୋଲି ଓକିଲମାନେ ଚେତାବନୀ ଦେଇଥିଲେ। ତେବେ ଟୋଲ୍ ପ୍ଲାଜା କର୍ତ୍ତୃପକ୍ଷ ଏବଂ ଓକିଲ ସଂଘ ମଧ୍ୟରେ ଆଲୋଚନା ବିଫଳ ହୋଇଛି। ଓକିଲ ସଂଘର ଆନ୍ଦୋଳନ ପରେ ଟୋଲ୍ ଆଦାୟ ବନ୍ଦ ରହିଛି। ଅନ୍ୟପଟେ ଆନ୍ଦୋଳନର ପରବର୍ତ୍ତୀ ରୂପରେଖ



ବରାହଗୋଡ଼ା ଟୋଲ୍ ପ୍ଲାଜାରେ ବରଗଡ଼ ଜିଲା ଓକିଲ ସଂଘର କର୍ମକର୍ତ୍ତା, ସଭ୍ୟବୃନ୍ଦ।

ପାଇଁ ସନ୍ଧ୍ୟାରେ ଜିଲା ଓକିଲ ସଂଘର ବୈଠକ ହୋଇଥିବା ସୂଚନା ମିଳିଛି।

ପ୍ରକାଶ ଯେ, ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥା (ଏନ୍‌ଏଚ୍‌ଏଆଇ) ଅଧୀନରେ ରାସ୍ତା ନିର୍ମାଣକାରୀ ସଂସ୍ଥା ଅଶୋକା ବିଲ୍ଡକନ୍ ୫୩ ନଂ. ଜାତୀୟ ରାଜପଥ ଉପରେ ବରଗଡ଼ ଜିଲା ସୋହେଲାର ଲୁହୁରାଚଟିଠାରୁ ସମ୍ବଲପୁର ଜିଲା ଅଇଁଠାପାଲି ପର୍ଯ୍ୟନ୍ତ ୮୮ କି.ମି ଫୋର୍‌ଲେନ୍ ରାସ୍ତା ନିର୍ମାଣ କରିଥିଲା। ତେବେ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ନ ହେଉଣୁ ଅର୍ଥାତ୍ ତ୍ରୁଟିପୂର୍ଣ୍ଣ ଭାବେ ନିର୍ମିତ ରାସ୍ତା ଉପରେ ଅଶୋକା ବିଲ୍ଡକନ ବରାହଗୋଡ଼ାଠାରେ ଟୋଲ୍ ଆଦାୟ ଆରମ୍ଭ କରିଥିଲା। ଏହାକୁ ନେଇ ଅସନ୍ତୋଷ ତେଜିଥିଲା ଏବଂ ଆନ୍ଦୋଳନ ପରେ ୨୦୧୫ରେ ଖଡ଼ଗପୁର ଆଇଆଇଟିର ଏକ ବିଶେଷଜ୍ଞ ଦଳ ଉକ୍ତ ରାସ୍ତା ପରିଦର୍ଶନ କରିଥିଲେ। ପରିଦର୍ଶନରେ ରାସ୍ତା ନିର୍ମାଣରେ ବହୁ ତ୍ରୁଟି ବିଚ୍ୟୁତି ରହିଥିବା ବିଶେଷଜ୍ଞ ଦଳ ନିରୀକ୍ଷଣ କରିଥିଲେ ଏବଂ ସେଥିରେ ସୁଧାର ଆଣିବା ପାଇଁ ଏନ୍‌ଏଚ୍‌ଏଆଇ ଏବଂ ଅଶୋକା ବିଲ୍ଡକନ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ଏହି କ୍ରମରେ ରାଜପଥ ଉପରେ ଜିଲାର ୪ଟି ସ୍ଥାନରେ ଅଣ୍ଡରପାସ୍ ନିର୍ମାଣ, ହଳଦୀପାଲି, ବିକାଶ ଛକରେ ବିପଦଶଙ୍କୁଳ ଭାବେ ରହିଥିବା ରାସ୍ତାର ପ୍ରତିକାର ରହିଥିଲା। ମାତ୍ର ୭ ବର୍ଷ ପରେ ସେଥିରେ କିଛି ସୁଧାର ଆସି ନ ଥିବାବେଳେ ଦିନକୁ ଦିନ ରାଜପଥ ଆହୁରି ବିପଦଶଙ୍କୁଳ ହୋଇ ପଡ଼ିଛି।

ଫୋରଲେନ୍ ରାସ୍ତା ନିର୍ମାଣରେ ଜିଲାର ବାଲି, ମାଟି ଆଦି ବ୍ୟବହାର ହେବା ସହିତ ଲୋକେ ଜମି ହରାଇଛନ୍ତି। ସେହିପରି ରାସ୍ତା ପାର୍ଶ୍ୱ ବହୁସଂଖ୍ୟକ ଗଛକୁ କାଟି ଦିଆଯାଇଥିବା ବେଳେ ନିୟମ ମୁତାବକ ଗଛ ଲଗାଯାଇନାହିଁ। ସେହିପରି ବରଗଡ଼ ଜିଲାବାସୀଙ୍କୁ ଟୋଲ ଦେୟମୁକ୍ତ କରିବାକୁ ପୂର୍ବରୁ ଦାବି ହୋଇଥିଲା ଏବଂ ଅଶୋକା ବିଲ୍ଡକନ୍ ଏହି ଦାବିକୁ ମାନିଥିଲା। ମାତ୍ର ପରବର୍ତ୍ତୀ ସମୟରେ ଜିଲାର ଗାଡ଼ି ଗୁଡ଼ିକଠାରୁ ଟୋଲ ଆଦାୟ ସହିତ ପ୍ଲାଜାର ଅନତିଦୂରରେ ଥିବା ଆରଡ଼ି ରାସ୍ତାରୁ ମଧ୍ୟ ଫାଷ୍ଟାଗ୍ ଲଗାଇ ଟୋଲ୍ ଅସୁଲି କରିଥିବା ଅଭିଯୋଗ ହୋଇଥିଲା। ଟୋଲପ୍ଲାଜା କର୍ତ୍ତୃପକ୍ଷଙ୍କ ଏଭଳି ସ୍ୱେଚ୍ଛାଚାରିତାକୁ ନେଇ ଜିଲା ଓକିଲ ସଂଘ ତାତି ଉଠିଛି। ଏହି କ୍ରମରେ ସଂଘ ସଭାପତି ଚନ୍ଦ୍ରଧ୍ୱଜ ଜାଲ, ସମ୍ପାଦକ ହରିହର ପ୍ରଧାନ ଏବଂ ଅନ୍ୟ କର୍ମକର୍ତ୍ତାଙ୍କ ନେତୃତ୍ୱରେ ସମସ୍ତ ସଭ୍ୟ ଆନ୍ଦୋଳନକୁ ଓହ୍ଲାଇଛନ୍ତି।

## ହିନ୍ଦୀ ଦିବସରେ ବର୍ଷୀୟାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ବରଗଡ଼ ଅଫିସ୍,୧୫।୯

ବରଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବୁଧବାର ହିନ୍ଦୀ ଦିବସ ପାଳିତ ହୋଇଛି। ଭଗବାନ ମିଶ୍ର ସ୍ମୃତି ସମିତି ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସମିତିର ସଭାପତି ପ୍ରୀତମ ସିଂହ ଅଧ୍ୟକ୍ଷତା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲା ସଂସ୍କୃତି ଅଧିକାରୀ ସନ୍ନ୍ୟାସ ନାରାୟଣ ପଣ୍ଡା ମୁଖ୍ୟ ଅତିଥି, ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲର ଶିକ୍ଷୟିତ୍ରୀ ରେଣୁ ଅଗ୍ରୱାଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ହିନ୍ଦୀ ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସମାରୋହରେ ସମିତିର ଅଧ୍ୟକ୍ଷ ପ୍ରଫେସର ଅମରେନ୍ଦ୍ର ନାରାୟଣ ଯାଦବ ପରିଚୟ ପ୍ରଦାନ ଏବଂ ସହ ସମ୍ପାଦକ ବିନୋଦ ସାହୁ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବର୍ଷୀୟାନ ହିନ୍ଦୀ ଶିକ୍ଷକ କିଶୋରୀଲାଲ ବଘେଲଙ୍କୁ ହିନ୍ଦୀ ଭାଷା ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସମିତିର ଅନ୍ୟତମ ସହ ସମ୍ପାଦକ ଅରବିନ୍ଦ ଗୁପ୍ତା ମାନପତ୍ର ପାଠ କରିଥିବାବେଳେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। କଣ୍ଠଶିଳ୍ପୀ ମୁଗ୍ଧା ଦାଶ ହିନ୍ଦୀ ଭଜନ ଗାନ କରିଥିଲେ। ହିନ୍ଦୀ ଶିକ୍ଷକ ସଦାଶିବ କର, ପ୍ରାଧ୍ୟାପକ ସନ୍ତୋଷ ପଣ୍ଡା, ନବକୃଷ୍ଣ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ସର୍ବସାଧାରଣ ସ୍ଥାନରେ ନିଶାସେବନ

ସୋନପୁର,୧୫।୯(ନି.ପ୍ର.)

- ଖେଳପଡିଆ, ରିଂରୋଡ୍‌ରେ ପଡ଼ିଛି ମଦ ବୋତଲ
- ଅବକାରୀ ବିଭାଗ ନୀରବଦ୍ରଷ୍ଟା
- ପୋଲିସ ପାଟ୍ରୋଲିଂ ନାଁକୁ

ସୁବର୍ଣ୍ଣପୁର ସହରରେ ଏବେ ବିଦେଶୀ, ଦେଶୀ ମଦ ଏବଂ କଫ୍ ସିରପ୍ କାରବାର ବୃଦ୍ଧି ପାଇଛି। ରାସ୍ତାପାର୍ଶ୍ୱରେ ଖୁଲମଖୁଲା ମଦ ବିକ୍ରି କରାଯାଉଛି। ଲୋକେ ସଙ୍କୋଚ ନ କରି ବେଆଇନଭାବେ ସର୍ବସାଧାରଣ ସ୍ଥାନରେ ନିଶା ସେବନ କରୁଛନ୍ତି। ମଦ୍ୟପଙ୍କ ଉତ୍ପାତ ବୃଦ୍ଧି ପାଇବାରେ ଲାଗିଛି। ପୋଲିସ ଓ ଅବକାରୀ ବିଭାଗ ସବୁ ଜାଣି ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି।

ସହରର ବ୍ଲକ ଛକ ସ୍ଥିତ ରୟାଲ ପଡିଆ, ମହାନଦୀର ଦଶମତି ଘାଟ, ରିଂରୋଡରେ ମଦ୍ୟପଙ୍କ ରାଜ୍ ଚାଲିଛି। ରିଂରୋଡ ଓ ଦଶମତି ଘାଟରେ ସବୁ ସମୟରେ ଏବଂ ରୟାଲ ପଡିଆରେ ସନ୍ଧ୍ୟା ପରେ ସେମାନଙ୍କ ଆସର ଜମୁଛି। ନଦୀକୁ ଗାଧୋଇବା ପାଇଁ ଯିବାକୁ ଲୋକେ ଭୟ କରୁଛନ୍ତି। ପଡିଆ, ରିଂ ରୋଡକୁ ସାନ୍ଧ୍ୟ ଭ୍ରମଣରେ ଯାଉଥିବା



ରୟାଲ ପଡିଆରେ ମଦ ବୋତଲ ପଡିରହିଛି।

ମହିଳା, ପୁରୁଷ ଓ ବରିଷ୍ଠ ନାଗରିକ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଚାଖନା ସାଙ୍ଗକୁ ସବୁଠି ମଦ ବୋତଲ, କଫ୍ ସିରପ ବୋତଲ ଓ ଦେଶୀ ମଦ ପାଉଚ ଜରି ପଡିଥିବା ଦେଖିବାକୁ ମିଳୁଛି। ବୁଦ୍ଧିଜୀବୀ ଏ ସବୁକୁ ସୋସିଆଲ ମିଡିଆରେ ପୋଷ୍ଟ କରୁଥିଲେ ହେଁ ତାହା ପୋଲିସ ଓ ଅବକାରୀ ବିଭାଗର ଦୃଷ୍ଟିକୁ ଆସୁନି। ଏ ସମ୍ପର୍କରେ ବରିଷ୍ଠ ଆଇନଜୀବୀ ବଳଦେବ ପ୍ରସାଦ ବେଦ୍‌ବାକ କୁହନ୍ତି, ସନ୍ଧ୍ୟା ହେବା ମାତ୍ରେ ରୟାଲ ପଡିଆ ବାର୍ ପାଲଟି ଯାଉଛି। ଲୋକେ ପଡିଆକୁ ଯିବାକୁ ଭୟ କରୁଛନ୍ତି। କ୍ରୀଡାବିତ୍‌ମାନେ ସେଠାରେ କ୍ରୀଡା ଅଭ୍ୟାସ କରିବାରେ ଅସୁବିଧା ଭୋଗୁଛନ୍ତି। ପଡିଆରେ କାଚ ବୋତଲ ପଡି ରହୁଛି। ସେହିପରି ଦଶମତିଘାଟ ପାର୍ଶ୍ୱରେ ମଦ୍ୟପଙ୍କ ଆଡ୍ଡା ଜମୁ ଥିବାରୁ ମଝିପଡାର ମହିଳା ଓ ପୁରୁଷମାନେ ମହାନଦୀକୁ ଗାଧୋଇବାକୁ ଯାଇ ପାରୁନାହାନ୍ତି। ରିଂ ରୋଡରେ ବସି ନିଶାସକ୍ତମାନେ ମଦ୍ୟପାନ କରୁଥିବାରୁ ବଡବଜାର, ନୂଆପଡା ଓ ଭଗବତୀପ୍ଲଟ ଅଞ୍ଚଳର ଲୋକେ ସାନ୍ଧ୍ୟ ଭ୍ରମଣ କରିପାରୁ ନାହାନ୍ତି। ଜରୁରୀ ସହାୟତା ଯାନ ସହରରେ ପାଟ୍ରୋଲିଂ କରୁଥିବା ବେଳେ ତାହା ଏ ସବୁ ଅଞ୍ଚଳକୁ ଯାଉ ନ ଥିବା ସହରବାସୀ ଅଭିଯୋଗ କରିଛନ୍ତି। ଏସ୍‌ପି ଅମରେଶ କୁମାର ପଣ୍ଡାଙ୍କୁ ଏ ସମ୍ପର୍କରେ ପଚାରିବାରୁ ପୋଲିସ ପାଟ୍ରୋଲିଂକୁ କଡାକଡି କରାଯିବ ଓ ସୋନପୁର ଆଇଆଇସିଙ୍କୁ ଏସବୁ ବନ୍ଦ ପାଇଁ ନିର୍ଦ୍ଦେଶ ଦେବେ ବୋଲି କହିଥିଲେ।

## ସୁଷମ ଖାଦ୍ୟ ଉପରେ ସଚେତନତା

ବରଗଡ଼ ଅଫିସ୍,୧୫।୯

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ସମସ୍ତ ବିଦ୍ୟାଳୟରେ ବୁଧବାର ପୋଷଣ ମାସ ପାଳିତ ହୋଇଯାଇଛି। ଭଟଲି ଶାନ୍ତି ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ କେନ୍ଦ୍ର ସଂଯୋଜକ ଲୋକନାଥ ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀ ତଥା ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ କୁପୋଷଣରୁ ମୁକ୍ତି ପାଇବା ପାଇଁ ସର୍ବଦା ସୁଷମ ଖାଦ୍ୟ ଖାଇବା ଏବଂ ସ୍ୱାସ୍ଥ୍ୟକର ପରିବେଶରେ ରହିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ପୋଷଣ ମେଳା, ଚିତ୍ରାଙ୍କନ, ସାଧାରଣ ଜ୍ଞାନ ପ୍ରତିଯୋଗିତା ହୋଇଥିଲା। ସେହିପରି ପ୍ରକଳ୍ପ ମାଧ୍ୟମରେ ଛାତ୍ରୀମାନଙ୍କୁ ବୁଝାଇବା ପାଇଁ ଏକ ଭିଡ଼ିଓ ପ୍ରଦର୍ଶିତ ହୋଇଥିଲା। ଛାତ୍ରୀ ପ୍ରଜ୍ଞା ପରମିତା ଭୋଇଙ୍କୁ ପୋଷଣ ପରୀ ବେଶରେ ସଜ୍ଜିତ କରି ଗାଁ ପରିକ୍ରମା ସହିତ ସଚେତନତା ସୃଷ୍ଟି କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଶିବାନୀ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ ସାମିଲ ହୋଇଥିଲେ।



ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

## ୩୫ ୟୁନିଟ୍ ରକ୍ତ ସଂଗ୍ରହ

ବରଗଡ଼ ଅଫିସ୍,୧୫।୯

ବରଗଡ଼ ଜିଲା ଏସ୍. ଢୁମ୍ବେରପାଲି ପଞ୍ଚାୟତ ପିପିଲିପାଲି ଗ୍ରାମରେ ବୁଧବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ସରସରା ସମବାୟ ସମିତି ସଭାପତି ଜୟଦେବ ଗଡ଼ତିଆ, ସନ୍ତୋଷ ସା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଶିବିରରେ ୩୫ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସ୍ଥାନୀୟ ଗ୍ରାମବାସୀ ଶିବିର ପରିଚାଳନା କରିଥିଲେ।



ଅତିଥିବୃନ୍ଦ ରକ୍ତଦାନ ଶିବିର ପରିଦର୍ଶନ କରୁଛନ୍ତି।

## ଅତାବିରାରେ ଛାତ୍ର ଯୋଡୋ ଭାରତ ଯୋଡୋ କାର୍ଯ୍ୟକ୍ରମ

ଜାମଟିକ୍ରା, ୧୫।୯(ଡି.ଏନ.ଏ.)

ରାଜ୍ୟ ଛାତ୍ର କଂଗ୍ରେସ ରାଜ୍ୟ ସଭାପତି ୟାସିର ନୱାଜଙ୍କ ଆହ୍ୱାନ କ୍ରମେ ଗୁରୁବାର ବରଗଡ଼ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ଅତାବିରା ଏବଂ ଲରମ୍ବା କଲେଜ ଛାତ୍ରମାନଙ୍କୁ ନେଇ ଛାତ୍ର ଯୋଡୋ ଭାରତ ଯୋଡୋ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଉପ ସଭାପତି ନିକୁ ପ୍ରଧାନ ଏବଂ ସୋସିଆଲ ମିଡିଆ ଅଧକ୍ଷ ରୋହିତ ମେହେରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସହ ସମ୍ପର୍କ ସ୍ଥାପନ କରି କିପରି ଛାତ୍ର କଂଗ୍ରେସକୁ ମହାବିଦ୍ୟାଳୟ ସ୍ତରରେ ଆହୁରି ମଜବୁତ କରାଯାଇପାରିବ ସେ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଜିଲା ଛାତ୍ର କଂଗ୍ରେସ ସଭାପତି ଗୌରବ ପତି ଆଜାଦ ଉପସ୍ଥିତ ରହି ଛାତ୍ର କଂଗ୍ରେସ ର୍ବଦା ଛାତ୍ରଙ୍କ ହିତ ଉଦ୍ଦେଶ୍ୟରେ ଲଢେଇ ଜାରି ରଖିବ ବୋଲି ମତବ୍ୟକ୍ତ କରିଥିଲେ।

## ଉପଜିଲାପାଳ ଓ ତହସିଲଦାରଙ୍କ ଚାଷଜମି ପରିଦର୍ଶନ

ବିନିକା,୧୫।୯(ଡି.ଏନ.ଏ.)

ଚଳିତବର୍ଷ ଖରିଫ ଚାଷ କରୁଥିବା ଚାଷୀଙ୍କ ଜମି ଚିହ୍ନଟ ଓ ପ୍ରକୃତ ଚାଷୀ କିପରି ତାଙ୍କର କଷ୍ଟ ଉପାର୍ଜିତ ଅମଳ ଧାନ ବିକ୍ରି କରି ପାରିବେ ସେନେଇ ଗୁରୁବାର ସୋନପୁର ଉପ ଜିଲାପାଳ ଡ. ଇପସିତା ପ୍ରିୟଦର୍ଶିନୀ ମିଶ୍ର, ଓ ବିନିକା ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀ ସିନ୍ଦୂରପୁର ରାଜସ୍ୱ ଅଧୀନରେ ଚାଷ ହୋଇଥିବା ଜମିର କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏଥିସହ ଅମଳ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିବା ଚାଷୀଙ୍କୁ ଚିହ୍ନଟ କରିଥିଲେ। ଏହି ଅବସରରେ ସିନ୍ଧୁରପୁର ରାଜସ୍ୱ ବିଭାଗ କର୍ମଚାରୀ,ସେବା ସମବାୟ ସମିତି ସମ୍ପାଦକ ଉପସ୍ଥିତ ଥିଲେ।

## ବନବିଭାଗ ଦ୍ୱାରା ୩ ଅଟକ

ସୋନପୁର,୧୫।୯(ନି.ପ୍ର.)

### ବିଦ୍ୟୁତ୍ ଫାଶରେ ବାଘ ମୃତ୍ୟୁ ଘଟଣା

ସୁବର୍ଣ୍ଣପୁର ବନଖଣ୍ଡ ଉଲୁଣ୍ଡା ବନାଞ୍ଚଳ ଅନ୍ତର୍ଗତ ଚାନ୍ଦିଲି ସଂରକ୍ଷିତ ଜଙ୍ଗଲର ବାଘପାଲି ନିକଟରେ କଲରାପତରିଆ ବାଘର ଗଳିତ ମୃତଦେହ ଉଦ୍ଧାର ଘଟଣାରେ ବନବିଭାଗ ତିନି ଜଣଙ୍କୁ ଅଟକ ରଖିଛି। ବୁଧବାର ଦୁଇ ଜଣଙ୍କୁ ଓ ଗୁରୁବାର ଜଣେ ବ୍ୟକ୍ତିଙ୍କୁ ବନବିଭାଗ ଅଟକ ରଖି ପଚରାଉଚୁରା କରୁଛି। ଅଟକ ବ୍ୟକ୍ତିମାନେ ସ୍ଥାନୀୟ କୋଟସମଲେଇ ଓ ନାକଡେଇଁ ଗ୍ରାମର ବୋଲି ଜଣାପଡିଛି। ସେମାନେ ବାର୍‌ହା ଶିକାର ପାଇଁ ପାର୍ଶ୍ୱରେ ଯାଇଥିବା ବିଦ୍ୟୁତ୍ ତାରରୁ ହୁକ୍ ପକାଇ ଜଙ୍ଗଲରେ ଫାଶ ତିଆରି କରିଥିଲେ। ଫାଶରେ ପଡି ପ୍ରାପ୍ତ ବୟସ୍କ ମାଈ କଲରାପତରିଆ ବାଘର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଏହି ଘଟଣାରେ ଆହୁରି ଅଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବାରୁ ବନବିଭାଗ ସେମାନଙ୍କୁ ଧରିବା ପାଇଁ ଉଦ୍ୟମ କରୁଛି। ପ୍ରକାଶ ଯେ, ଜଙ୍ଗଲରେ ବାଘର ଗଳିତ ମୃତଦେହ ପଡିଥିବା ନେଇ ବନବିଭାଗ ମଙ୍ଗଳବାର ଖବର ପାଇ ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରିଥିଲା। ବାଘଟି ୪ ଦିନ ପୂର୍ବରୁ ମରିଥିବା ବେଳେ ତାର ଚାରୋଟି ଗୋଡକୁ ଶିକାରୀମାନେ କାଟି ନେଇଥିଲେ। ମୃତଦେହ ପଚି ଯାଇଥିବା ଯୋଗୁ ବ୍ୟବଚ୍ଛେଦରୁ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରିନି। ତେବେ ଶିକାରୀଙ୍କ ବିଦ୍ୟୁତ୍ ଫାଶ କାରଣରୁ ବାଘର ମୃତ୍ୟୁ ହୋଇଥିବା ସନ୍ଦେହ କରି ବନବିଭାଗ ତଦନ୍ତକୁ ଜୋରଦାର କରିଛି। ତଦନ୍ତରେ ବାଧା ସୃଷ୍ଟି ନ ହେବା ପାଇଁ ଅଭିଯୁକ୍ତଙ୍କ ନାମ ପ୍ରକାଶ କରା ଯାଉ ନ ଥିବା ସୁବର୍ଣ୍ଣପୁର ସହକାରୀ ବନ ସଂରକ୍ଷକ ପ୍ରଫୁଲ୍ଲ କୁମାର ଧରୁଆ କହିଛନ୍ତି।

# ଆଧାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗୁରୁତ୍ୱ



ବିଶ୍ୱକର୍ମା ପୂଜା ପାଇଁ ମେଢ ଓ ତୋରଣ।



### ବୀରମହାରାଜପୁର ଗାଡି ଚାଳକ ସଂଘ ବିଶ୍ୱକର୍ମା ପୂଜା କମିଟି

ଅମରପାଲି,୧୫।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଗାଡି ଚାଳକ ସଂଘ ତରଫରୁ ଚଳିତବର୍ଷ ବିଶ୍ୱକର୍ମା ପୂଜାକୁ ଆକର୍ଷଣୀୟ କରିବା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗାଡି ଚାଳକ ସଂଘରେ ପ୍ରାୟ ୩ ଶହରୁ ଊର୍ଦ୍ଧ୍ୱ ସଭ୍ୟ ଅଛନ୍ତି। ସମସ୍ତେ ପୂଜା ପାଇଁ ଲାଗି ପଡିଛନ୍ତି। ଚଳିତବର୍ଷ ୩ ଦିନ ଧରି ପୂଜା ପାଳନ ହେବ। ଏଥିପାଇଁ ମେଢ ପ୍ରସ୍ତୁତି ସହିତ ତୋରଣ କାମ ଆଗେଇ ଚାଲିଛି। ପ୍ରାୟ ୨ଲକ୍ଷ ଟଙ୍କାର ବଜେଟ ରହିଛି। ପାରମ୍ପରିକ ପୂଜା ସହିତ ଆଧାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇଛି। ଶାନ୍ତିଶୃଙ୍ଖଳାର ସହ ପୂଜା ପରିଚାଳନା ପାଇଁ ଏକ କମିଟି ମଧ୍ଯ ଗଠନ କରାଯାଇଛି। ପ୍ରତ୍ୟହ ସକାଳେ ପୂଜା ହେବା ସହିତ ପୁଷ୍ପାଞ୍ଜଳି ଦିଆଯିବ। ସନ୍ଧ୍ୟାବେଳେ ଶ୍ରଦ୍ଧାଳୁଙ୍କ ପାଇଁ ସାଧାରଣ ଦର୍ଶନର ବ୍ୟବସ୍ଥା ରହିବ। ଦିନବେଳା ସୁନ୍ଦରାକାଣ୍ଡ ପାରାୟଣ ହେବା ସହିତ ଭସାଣିରେ ପାରମ୍ପାରିକ ବାଜ୍ୟ ସହିତ ନୃତ୍ୟ ପରିବେଷଣ କରାଯିବ ବୋଲି ଜଣାଯାଇଛି।



" ଏବର୍ଷ ପୂଜା ପାଇଁ ପ୍ରାୟ ୨ ଲକ୍ଷ ଟଙ୍କାର ବଜେଟ ରହିଛି। ଏଥିପାଇଁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ପ୍ରତ୍ୟହ ସନ୍ଧ୍ୟାରେ ସନ୍ଧ୍ୟା ଆଳତି ବେଳେ ଭିଡ ହେବା ସମ୍ଭାବନା ଅଧିକ ରହିଛି। ଏହାକୁ ଦୃଷ୍ଟିରେ ରଖି ଶୃଙ୍ଖଳା ରକ୍ଷା ପାଇଁ ଆମେ ପ୍ରସ୍ତୁତ।

**ଗଙ୍ଗାଧର ପଧାନ, ସଭାପତି, ଗାଡିଚାଳକ ସଂଘ**



" ମେଢ,ତୋରଣ ଓ ରଙ୍ଗିନ ଆଲୋକ ସାଜସଜ୍ଜା କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଲୋକଙ୍କୁ ଆକୃଷ୍ଟ କରିବାକୁ ପ୍ରତ୍ୟହ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସବୁ କାର୍ଯ୍ୟକ୍ରମ ଶୃଙ୍ଖଳାରେ ହେବ ବୋଲି ଆଶା କରୁଛୁ।

**ସୁଶାନ୍ତ ସାହୁ, ସଭ୍ୟ,ପୂଜା କମିଟି**



" ତିନି ଦିନ ଧରି ପୂଜା ହେବ। ପାରମ୍ପରିକ ପୂଜା ସହିତ ଆଧାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଭସାଣିରେ ପାରମ୍ପରିକ ନାଚ, ଢୋଲ, ନିଶାଣ ସହିତ ମୃଦଙ୍ଗ,ମାଦଳ ବାଜା ଆଦି ଆୟୋଜନ କରାଯାଇଛି।

**ସୁନୁ ପୁରୋହିତ,ସଭ୍ୟ, ପୂଜା କମିଟି**



" କରୋନା ମହାମାରୀ ଯୋଗୁ ଦୁଇ ବର୍ଷ ଧରି ପୂଜା ଫିକା ପଡିଥିଲା। ଚଳିତବର୍ଷ ପରିସ୍ଥିତି ସ୍ୱାଭାବିକ ହେବା ପରେ କଟକଣା ମୁକ୍ତ ବିଶ୍ୱକର୍ମା ପୂଜା ହେବ। ଏଣୁ ପୂଜାକୁ ଆକର୍ଷଣୀୟ ପାଇଁ ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛୁ।

**ରିଙ୍କୁ ସାହୁ, ସଭାପତି, ପୂଜା କମିଟି**

